# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଅଗଷ୍ଟ ୨୦/୨୦୧୮ (୧୬ ପୃଷ୍ଠା) | Balasore, Monday, August 20 / 2018 | ★★★★

୪୪ଶ ଭାଗ ୨୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**କେବିସି ଶୁଟିଂ ଆରମ୍ଭ କଲେ ଅମିତାଭ**

କୌନ ବନେଗା କରୋଡପତି (କେବିସି) ଶୁଟିଂ ଆରମ୍ଭ କରି ପୁରୁଣା ଦିନର କଥା ମନେପକାଇଛନ୍ତି ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନ । ୧୦

୧୪ **ପ୍ରଥମ ପଦକ ଜିତିଲେ ଅପୂର୍ବୀ-ରବିକୁମାର**

ଭାରତୀୟ ଶୁଟର ଅପୂର୍ବୀ ଚାଣ୍ଡିଲା ଓ ରବିକୁମାର ଏସିଆନ ଗେମ୍ସ ମିକ୍ସଡ ଟିମ୍ ରାଇଫଲ ଶୁଟିଂ ଇଭେଣ୍ଟରେ ବ୍ରୋଞ୍ଜ ସହ ଦେଶ ପାଇଁ ପ୍ରଥମ ପଦକ ଜିତିଛନ୍ତି ।








## ସଂକ୍ଷେପରେ

### ରାତି ୯ଟା ପରେ ଏଟିଏମ୍‌ରେ ଭର୍ତ୍ତି ହେବନି ଟଙ୍କା

**ନୂଆଦିଲ୍ଲୀ,୧୯।୮(ପି.ଟି.):** ରାତି ୯ଟା ପରେ ସହରାଞ୍ଚଳରେ ଥିବା ଅଟୋମେଟେଡ୍ ଟେଲର ମେଶିନ୍(ଏଟିଏମ୍)ଗୁଡିକରେ ଆଉ ଟଙ୍କା ଭର୍ତ୍ତି କରାଯିବ ନାହିଁ। ସେହିପରି ଗ୍ରାମାଞ୍ଚଳରେ ଥିବା ଏଟିଏମ୍‌ଗୁଡ଼ିକରେ ସନ୍ଧ୍ୟା ୬ଟା ଓ ମାଓବାଦୀ ପ୍ରବଣ ଅଞ୍ଚଳରେ ଥିବା ଏଟିଏମ୍‌ରେ ଅପରାହ୍ନ ୪ଟା ପୂର୍ବରୁ ଟଙ୍କା ଭର୍ତ୍ତି କରାଯିବ। ୨୦୧୯ ଫେବୃୟାରୀ ୮ରୁ ଏହି ନୂଆ ନିୟମ ଅନୁସାରେ କ୍ୟାଶ୍ ଟ୍ରାନ୍ସପୋର୍ଟ ଏଜେନ୍ସିଗୁଡିକ କାର୍ଯ୍ୟ କରିବେ। କ୍ୟାଶ୍‌ଭ୍ୟାନ୍ ଉପରେ ଆକ୍ରମଣ ଏବଂ ଟଙ୍କା ଚୋରି ଭଳି ବିପଦକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ଏକ ନିର୍ଦ୍ଦେଶନାମା ଜାରି କରି ଏହା ଦର୍ଶାଇଛନ୍ତି। (ସବିଶେଷ ରିପୋର୍ଟ: ବିଜ୍‌ନେସ୍ ପୃଷ୍ଠା)

**ଗଙ୍ଗାରେ ବିଲୀନ ଅଟଳଙ୍କ ଚିତାଭସ୍ମ** ........୧୦........

## ଆଜିର ସମ୍ପାଦକୀୟ

### ଜଳରେ ବୁଡ଼ିଛି କେରଳ

## ଆଜିର ମନ୍ତବ୍ୟ

"ଭାରତ ମହାସାଗର ଆମର କର୍ମଭୂମି ହେଲେ କେରଳ ଆମର ଜନ୍ମଭୂମି।

–ଆଡ୍‌ମିରାଲ୍ ସୁନିଲ୍ ଲାନ୍‌ବା, ନୌସେନା ମୁଖ୍ୟ

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରେ ୟୁରିଆ ଉତ୍ପାଦନ ୨୪.୦୨ ମିଲିୟନ ଟନ ଥିବାବେଳେ ୨୦୧୮-୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏଥିରେ ୧.୬% ବୃଦ୍ଧି ପାଇବା ନେଇ ସରକାର ଆଶା ରଖିଛନ୍ତି।

–ସାର ମନ୍ତ୍ରଣାଳୟ

# ବଜରଙ୍ଗ ଜିତିଲେ ପ୍ରଥମ ସ୍ୱର୍ଣ୍ଣ

**ଏସିଆନ୍ ଗେମ୍ସ**

ଜାକର୍ତ୍ତା,୧୯।୮(ପି.ଟି.)

ତାରକା ରେସଲର ବଜରଙ୍ଗ ପୁନିଆ ଏସିଆନ ଗେମ୍ସରେ ଭାରତ ଲାଗି ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶୁଟିଂରେ ଅପୂର୍ବୀ ଚାଣ୍ଡିଲା ଓ ରବି କୁମାର ବ୍ରୋଞ୍ଜ୍ ଜିତି ଭାରତ ପାଇଁ ଖାତା ଖୋଲିବା ପରେ ବଜରଙ୍ଗ ଏହି ସଫଳତା ଅର୍ଜନ କରିଛନ୍ତି। ଫଳରେ ଭାରତୀୟ ଶିବିରରେ ହସ ଖେଳିଯାଇଛି। ଜବରଦସ୍ତ ଫର୍ମରେ ଥିବା ବଜରଙ୍ଗ ଏଥିସହିତ ଏସିଆନ ଗେମ୍ସରେ କ୍ୟାରିୟର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରବିବାର ପ୍ରଥମ ଦିବସରେ ସେ ପୁରୁଷ ଫ୍ରିଷ୍ଟାଇଲ ୬୫ କେ.ଜି ବର୍ଗ ପ୍ରତିଯୋଗିତାର ଫାଇନାଲରେ ଜାପାନର ତାକାତାନୀ ଦାଇଚିଙ୍କୁ ୧୧-୮ରେ ହରାଇ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି।

ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବା ପୂର୍ବରୁ ବଜରଙ୍ଗ କ୍ରମାଗତ ୩ଟି ଟୁର୍ନାମେଣ୍ଟରେ ବିଜୟୀ ହୋଇଥିଲେ ଓ ଶ୍ରେଷ୍ଠ ଫର୍ମରେ ଥିବାର ସୂଚାନା ଦେଇଥିଲେ। ସେ ଏହି ପ୍ରତିଯୋଗିତାର ଫେଭରାଇଟ୍ ବିବେଚିତ ହେଉଥିଲେ ଓ ଶେଷରେ ସେ ଏହି ଅନୁମାନକୁ ସତରେ ପରିଣତ କରିଛନ୍ତି। ଏସିଆନ ଗେମ୍ସ ପୂର୍ବରୁ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଟିବିଲିସ ଗ୍ରାଣ୍ଡପ୍ରିକ୍ସ ଓ ୟାସାର ଡୋଗୁ ଆନ୍ତର୍ଜାତିକ ☞ପୃଷ୍ଠା-୪



ବଜରଙ୍ଗ ପୁନିଆ

# ବିପର୍ଯ୍ୟୟ ପରେ ମହାମାରୀ ଭୟ

ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ,୧୯।୮(ପି.ଟି.)

ବନ୍ୟାପ୍ଲାବିତ କେରଳରେ ରବିବାର ବର୍ଷା କମିଯାଇଛି। ରିଲିଫ୍ ଏବଂ ଉଦ୍ଧାରକାର୍ଯ୍ୟ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ହୋଇଥିଲେ ସୁଦ୍ଧା ଦେଖାଦେଇଛି ମହାମାରୀ ଭୟ। ମହାମାରୀ ଏବଂ ଅନ୍ୟାନ୍ୟ ରୋଗ ବ୍ୟାପିବା ଆଶଙ୍କାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟରେ ୩,୭୫୭ ମେଡିକାଲ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ଏହାସହ ସ୍ଥିତି ଉପରେ ପୂର୍ଣ୍ଣ ନଜର ରହିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର କେରଳ ରାଜ୍ୟପାଳ ପି. ସଥାଶିବମ୍ ଏବଂ ମୁଖ୍ୟମନ୍ତ୍ରୀ ବିଜୟନ୍‌ଙ୍କୁ ଫୋନ୍‌କରି ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଆଗାମୀ ୪ ଦିନ ବର୍ଷା ହେବ ନାହିଁ। ଫଳରେ ଉଭୟ ଉଦ୍ଧାରକାରୀ ଦଳ ଏବଂ ବିପନ୍ନଙ୍କ ମଧ୍ୟରେ ଆଶାର ସଂଚାର ହୋଇଛି। ବନ୍ୟା ଘେରରେ ଫସି ରହିଥିବା ୩୩,୦୦୦ ଲୋକଙ୍କୁ ବିଭିନ୍ନ ଉଦ୍ଧାରକାରୀ ଦଳ ଉଦ୍ଧାର କରିଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ସୂଚନା ଦେଇଛି। ଏଣୁ ରାଜ୍ୟରେ ଜାରି କରାଯାଇଥିବା ସତର୍କ ସୂଚନା ହଟାଇ ନିଆଯାଇଛି। ଇଡ୍ଡୁକି, କୋନ୍ନୁର ଏବଂ କୋଝିକୋଡ୍ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ଏହି ୩ ଜିଲାରେ ପୀତ ସତର୍କ ସୂଚନା (ୟେଲୋ ଆଲର୍ଟ) ଜାରି କରାଯାଇଛି।

ରାଜ୍ୟରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ରବିବାର ୩୭୦ରେ ପହଞ୍ଚିଛି। ରବିବାର ଆଉ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରାଜ୍ୟବ୍ୟାପୀ ୫,୬୪୫ ରିଲିଫ୍ କ୍ୟାମ୍ପରେ ୭,୨୪,୬୪୯ ଲୋକ ଆଶ୍ରୟ ନେଇଥିବା ରବିବାର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ସୂଚନା ଦେଇଛନ୍ତି। ବନ୍ୟାଘେରରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ଉପରେ ପ୍ରାଥମିକତା ଦିଆଯାଉଛି। ଏହା ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ବନ୍ୟାଜଳ କମିବା ପରେ କ୍ଷୟକ୍ଷତି ଆକଳନ ସାଙ୍ଗକୁ ବିପନ୍ନଙ୍କର ଥଇଥାନ ସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବନ୍ୟା ଯୋଗୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବା ଅଞ୍ଚଳରେ ଏବେ ବି ହଜାର ହଜାର ସଂଖ୍ୟାରେ ବିପନ୍ନ ଫସି ରହିଛନ୍ତି। ଖାଦ୍ୟପେୟ କିମ୍ବା ଅନ୍ୟାନ୍ୟ କୌଣସି ସହଯୋଗ ବିନା ଅତି ଚରମ ସ୍ଥିତିରେ ସେମାନେ ଫସି ରହିଥିବା କୁହାଯାଉଛି। ସେପଟେ ବନ୍ୟା ବିପର୍ଯ୍ୟୟକୁ ନେଇ ସୋସିଆଲ୍ ମିଡିଆରେ ପ୍ରସାରିତ ☞ପୃଷ୍ଠା-୪

**କେରଳ ବନ୍ୟା ବିଭୀଷିକା**

- ଏବେ ବି ଫସି ରହିଛନ୍ତି ଲକ୍ଷାଧିକ ଲୋକ
- ୩୭୦ରେ ପହଞ୍ଚିଲା ମୃତ୍ୟୁସଂଖ୍ୟା
- ୪ ଦିନଯାଏ ବର୍ଷା ନାହିଁ, ହଟିଲା ଆଲର୍ଟ
- ରିଲିଫ୍ କ୍ୟାମ୍ପରେ ୭,୨୪,୬୪୯ ବିପନ୍ନ
- ସ୍ଥିତି ସମୀକ୍ଷା କଲେ ରାଷ୍ଟ୍ରପତି
- ବିଦେଶରୁ ବଢ଼ିଲା ସହଯୋଗ

## ଅତିରିକ୍ତ ୫ କୋଟି ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୯।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେରଳ ବନ୍ୟାରେ କ୍ଷତିଗ୍ରସ୍ତଙ୍କ ସହାୟତା ବାବଦକୁ ଅତିରିକ୍ତ ୫ କୋଟି ଟଙ୍କା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ସନ୍ଧ୍ୟାରେ ଏହି ସୂଚନା ଦିଆଯାଇଛି। ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀ ୫ କୋଟିର ସହାୟତା ରାଶି ଘୋଷଣା କରିସାରିଛନ୍ତି। ଏଥିସହ ପ୍ରାୟ ୮ କୋଟି ଟଙ୍କା ମୂଲ୍ୟର ୫୦୦ ☞ପୃଷ୍ଠା-୪

# ୪୮ ଘଣ୍ଟା ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ରୂପ ନେଇଛି। ଏହାର ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ସମୟରେ ବଜ୍ରପାତ ହେବା ସହିତ ପବନ ବହିବ। ପବନର ବେଗ ଘଣ୍ଟା ପ୍ରତି ୩୫ରୁ ୪୫ କି.ମି. ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି।

ରବିବାର ରାତିରୁ ସୋମବାର ସକାଳ ସାଢେ ୮ଟା ମଧ୍ୟରେ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେସବୁ ଜିଲାଗୁଡିକ ହେଲା, ମାଲକାନଗିରି, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ରାୟଗଡା, ଗଞ୍ଜାମ, ଗଜପତି, ପୁରୀ, ନୂଆପଡା, ନବରଙ୍ଗପୁର, ସମ୍ବଲପୁର, ବାଲେଶ୍ୱର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ଜାଗାରେ ବର୍ଷା ହେବ। ଅପରପକ୍ଷରେ ମାଲକାନଗିରି, ରାୟଗଡା, ଗଞ୍ଜାମ ଏବଂ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତିରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଶେଷଜ୍ଞ ରମେଶ କୁମାର ନାୟକ କହିଛନ୍ତି। ଏହାର ପରବର୍ତ୍ତୀ ସମୟରେ ପଶ୍ଚିମ ଓଡ଼ିଶା ସହିତ ଉପକୂଳ ଓଡ଼ିଶାରେ ବର୍ଷା ହେବ। ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା, ଦେବଗଡ, ବଲାଙ୍ଗୀର, ନୂଆପଡା, ନବରଙ୍ଗପୁର, ଅନୁଗୋଳ, କେନ୍ଦୁଝର, ସୋନପୁର, ମାଲକାନଗିରି ଏବଂ ବରଗଡ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ସମ୍ବଲପୁର, ଦେବଗଡ ଏବଂ ସୋନପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତିରୁ ଅତି ପ୍ରବଳ ବର୍ଷିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି। ଏନେଇ ଏ ସମସ୍ତ ଜିଲାର ଜିଲାପାଳଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଆଗାମୀ ୪୮ ଘଣ୍ଟା ପରେ ବର୍ଷାର ମାତ୍ରା କମିଯିବ। କିନ୍ତୁ ଲଘୁଚାପ ପ୍ରଭାବରେ ରାଜ୍ୟରେ ୫ରୁ ୭ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ନାୟକ କହିଛନ୍ତି। ଅନ୍ୟପଟେ ରବିବାର ସନ୍ଧ୍ୟା ସୁଦ୍ଧା କୋରାପୁଟ ଜିଲାରେ ସର୍ବାଧିକ ୨୭ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ରେକର୍ଡ କରାଯାଇଛି। ବଲେଶ୍ୱରରେ ୧୨ମିମି, ପୁରୀରେ ୧୦ମିମି, ହୀରାକୁଦରେ ୧୦ମିମି, ବଲାଙ୍ଗୀରରେ ୮.୪ମିମି ଏବଂ ଅନୁଗୋଳରେ ୭ ମିମି ରେକର୍ଡ କରାଯାଇଛି।

# ବନ୍ଦ ହେବ ୨ ହଜାର ଶିଶୁ ଗୃହ

ନୂଆଦିଲ୍ଲୀ,୧୯।୮(ପି.ଟି.)

ଦେଶରେ ମୋଟ ୯,୭୦୦ ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ) ରହିଛି। ସେଥିମଧ୍ୟରୁ ୭,୦୦୦ଟି କେନ୍ଦ୍ରୀୟ ପୋଷ୍ୟଗ୍ରହଣ ସମ୍ବଳ କର୍ତ୍ତୃପକ୍ଷ (ସିଏଆର୍‌ଏ)ଙ୍କ ନିକଟରେ ପଞ୍ଜୀକୃତ। ଅବଶିଷ୍ଟ ପ୍ରାୟ ୨,୦୦୦ ଶିଶୁ ଗୃହ ବିନା ପଞ୍ଜୀକରଣରେ ଚାଲିଛି। ସେଗୁଡ଼ିକୁ ମାସକ ମଧ୍ୟରେ ପଞ୍ଜୀକରଣ କରିବା ପାଇଁ ନିକଟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ବାରମ୍ବାର ଚେତାବନୀ ସତ୍ତ୍ୱେ ଏଭଳି ସଂସ୍ଥାଗୁଡ଼ିକ ପଞ୍ଜୀକରଣ କରାଉନାହାନ୍ତି। ତେଣୁ ସେଗୁଡ଼ିକୁ ବନ୍ଦ କରିବା ପାଇଁ ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ସୂତ୍ରରୁ ଜଣାପଡ଼ିଛି।

ଝାଡ଼ଖଣ୍ଡରେ ମିସନାରିଗୁଡ଼ିକ ପକ୍ଷରୁ ବେଆଇନ ଭାବେ ପୋଷ୍ୟଗ୍ରହଣ ଚାଲିଥିବା ନେଇ କେତେକ ମାମଲା ନିକଟରେ ସାମ୍ନାକୁ ଆସିଥିଲା। ଗତମାସରେ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଏସମ୍ପର୍କରେ ଅବଗତ ହେବା ପରେ ଦେଶର ସର୍ବୋଚ୍ଚ ପୋଷ୍ୟଗ୍ରହଣ ସଂସ୍ଥା ସିଏଆର୍‌ଏରେ ସମସ୍ତ ସିସିଆଇର ପଞ୍ଜୀକରଣ ୩୦ ଦିନ ମଧ୍ୟରେ ସୁନିଶ୍ଚିତ କରିବା ପାଇଁ ସବୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉତ୍ତରପ୍ରଦେଶର ଦେଓରିଆସ୍ଥିତ ଏକ ଅଣପଞ୍ଜୀକୃତ ଶିଶୁ ଯତ୍ନ ଅନୁଷ୍ଠାନରେ ୨୪ ଝିଅଙ୍କୁ ଯୌନ ଉତ୍ପୀଡ଼ନ କରାଯାଇଥିବା ଗତ ୫ ତାରିଖରେ ଅଭିଯୋଗ ହୋଇଥିଲା। ଏହାପରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ସମସ୍ତ ସଂସ୍ଥାର ପଞ୍ଜୀକରଣ ନେଇ ସମୀକ୍ଷା କରାଯାଇଥିଲା। ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାନୁସାରେ, ଶିଶୁ ଗୃହ, ପର୍ଯ୍ୟବେକ୍ଷଣ ଗୃହ, ସ୍ୱତନ୍ତ୍ର ଗୃହ, ନିରାପତ୍ତାର ସ୍ଥାନ, ☞ପୃଷ୍ଠା-୪



- ଦେଶର ୯,୭୦୦ ସିସିଆଇରେ ୨,୩୨,୯୩୭ ଶିଶୁ
- ଅଣପଞ୍ଜୀକୃତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ
- ପଞ୍ଜୀକରଣ ପାଇଁ କେନ୍ଦ୍ର ଦେଇଛି ମାସେ ମହଲତ





NECC NATIONAL EGG CO-ORDINATION COMMITTEE | 19.08.2018 | Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers





ଉତ୍ତରପ୍ରଦେଶ ସୀତାପୁର ଜିଲାଠାରୁ ୭୦ କିଲୋମିଟର ଦୂରରେ ଥିବା ଅଟବା କୁରସଠ ଗାଁରେ ଏକ ମନ୍ଦିର ରହିଛି। ଏହି ମନ୍ଦିରରେ ମାଙ୍କଡ଼ମାନଙ୍କୁ ମଦ ପିଇବାକୁ ଦିଆଯିବା ପରମ୍ପରା ରହିଛି। ଏଠାରେ କୌଣସି ପୂଜାରୀ ନ ଥା'ନ୍ତି। ମନ୍ଦିରରେ କବାଟ ଝରକା ମଧ୍ୟ ନାହିଁ। ଏଠାକୁ ଆସୁଥିବା ଭକ୍ତମାନେ ଭଗବାନଙ୍କୁ ପ୍ରସନ୍ନ କରିବା ପାଇଁ ମନ୍ଦିରରେ ମଦ ଭୋଗ ଲଗାଇଥା'ନ୍ତି। ମନସ୍କାମନା ପୂରଣ ଲାଗି ଶିବଲିଙ୍ଗ ଉପରେ ମଦ ଅର୍ପଣ କରାଯାଏ। ଏହାକୁ ମାଙ୍କଡ଼ ପିଇଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ରହିଛି ବିଶ୍ୱାସ। ଏଠାରେ ମଦ ଓ ଲିଆ ଭୋଗ ଲାଗି କରାଯାଏ।

# ଥାନାକୁ ନିମନ୍ତ୍ରିତ ହେବେ ଛାତ୍ରୀଛାତ୍ର

କଟକ ଅଫିସ, ୧୯।୮

## ଆରମ୍ଭ ହେବ 'ନୋ ୟୋର ପୋଲିସ' କାର୍ଯ୍ୟକ୍ରମ

ନିକଟରେ ରାଜଧାନୀରେ ଟ୍ରାଫିକ ପୋଲିସ ଏବଂ ଜଣେ ମହିଳା ମୁହାଁମୁହିଁ ହେବା ଯୋଗୁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏଭଳି ପରିସ୍ଥିତି ରୋକିବା ପାଇଁ ତତ୍ପରତା ଦେଖାଇଛି କମିଶନରେଟ ପୋଲିସ। ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ କହିବା ଅନୁଯାୟୀ, ଟ୍ରାଫିକ ନିୟମ ନ ମାନି ଯୁକ୍ତିତର୍କ କରୁଥିବା ବ୍ୟକ୍ତିମାନଙ୍କ ସଂଖ୍ୟା ଖୁବ୍ କମ୍। କିନ୍ତୁ ଟ୍ରାଫିକ୍ ଓ ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ଭୂମିକା, କାର୍ଯ୍ୟ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ପୋଲିସ ପକ୍ଷରୁ ଅନେକ ସମୟରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଖୁବ୍‌ଶୀଘ୍ର ଆରମ୍ଭ ହେବ 'ନୋ ୟୋର ପୋଲିସ' କାର୍ଯ୍ୟକ୍ରମ। ରବିବାର କଟକରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କମିଶନର ମହାନ୍ତି ଏହି ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର କମିଶନରେଟ ପୋଲିସ ଅଧୀନ ସବୁ ଥାନାରେ ଆରମ୍ଭ ହେବ 'ନୋ ୟୋର ପୋଲିସ' କାର୍ଯ୍ୟକ୍ରମ। ଏହା କିଭଳି ଫଳପ୍ରଦ ହେବ ସେନେଇ ପ୍ରାଥମିକ ଭାବେ କଟକ, ଭୁବନେଶ୍ୱରର କେତେଜଣ ଥାନା ଅଧିକାରୀଙ୍କ ସହ ଆଲୋଚନା ହୋଇଛି। କାର୍ଯ୍ୟକ୍ରମର ଯୋଜନା ଅନୁଯାୟୀ ପ୍ରତି ଥାନା ଅଧିକାରୀ ତାଙ୍କ ଅଞ୍ଚଳର ସ୍କୁଲ ଏବଂ ଜୁନିୟର କଲେଜ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଦିନ ଥାନାକୁ ନିମନ୍ତ୍ରଣ କରିବେ। ଜଣେ ଶିକ୍ଷକ କିମ୍ବା ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ରମାନେ ଥାନା ବୁଲିବାକୁ ଆସିବେ। ଥାନାରେ ସେମାନଙ୍କ ଉପସ୍ଥିତିରେ ପୋଲିସ କିଭଳି ସମାଜରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କାମ କରୁଛି ତାହାର ଭିଡିଓ ଚିତ୍ର ପ୍ରଦର୍ଶିତ କରାଯିବ। ଥାନାରେ ଜଣେ ବ୍ୟକ୍ତି କିପରି ଅଭିଯୋଗ ଦିଏ ଏବଂ ତାହା କିଭଳି ପଞ୍ଜୀକୃତ ହୁଏ ସେନେଇ ପିଲାଙ୍କୁ ଜଣାଯିବ। ସେହିପରି ବିଭିନ୍ନ ଅପରାଧରୁ କିଭଳି ଦୂରେଇ ରହିବେ ଏବଂ କୌଣସି ଅପରାଧ ସମ୍ପର୍କରେ ନିଜ ଶିକ୍ଷକ କିମ୍ବା ନିକଟସ୍ଥ ଥାନାକୁ ଜଣାଇବେ ସେସବୁ ବିଷୟରେ କୁହାଯିବ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଉପହାର ମଧ୍ୟ ଦିଆଯିବାର ବ୍ୟବସ୍ଥା ହେବ।

ଏ ବିଷୟରେ ପୂର୍ବତନ ପୋଲିସ ଡିଜି ଗୋପାଳ ନନ୍ଦ କହିଛନ୍ତି, ବେଶ୍ ଭଲ ଯୋଜନା। ଛାତ୍ର ଜୀବନରୁ ହିଁ ଜଣେ ଜାଣିପାରିବ ସମାଜରେ ଆଇନଶୃଙ୍ଖଳା ରକ୍ଷା କରିବାକୁ ପୋଲିସ କିଭଳି କାମ କରୁଛି। ଏଥିସହ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କୁ ଅପରାଧପ୍ରବଣ ମାନସିକତାରୁ ବହୁମାତ୍ରାରେ ଦୂରେଇ ରଖିପାରିବ ଆଶା କରାଯାଇପାରିବ।

# ଆଗୁଆ ପ୍ରାର୍ଥୀ ଘୋଷଣା ପାଇଁ ତତ୍ପର



ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂହ।

ଭୁବନେଶ୍ୱର,୧୯।୮(ବ୍ୟୁରୋ)

- ୧୫ଦିନ ଭିତରେ ପ୍ରକାଶ ପାଇବ ୫୦ପ୍ରାର୍ଥୀ ତାଲିକା
- ପ୍ରସଙ୍ଗ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିପାରୁ ନାହିଁ ପିସିସି
- ବୈଠକରେ କାହ୍ନୁ କାଢିଲେ କେଁ
- ଖଣି ଦୁର୍ନୀତିର ନାଁ ଧରୁନାହାନ୍ତି ନେତୃବୃନ୍ଦ

ଆସନ୍ତା ୧୫ଦିନ ମଧ୍ୟରେ କଂଗ୍ରେସ ପକ୍ଷରୁ ୫୦ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ସୋମବାରରୁ ହେବାକୁ ଥିବା ଦୁଇଦିନିଆ ନିର୍ବାଚନୀ କମିଟି ବୈଠକରେ ଏନେଇ ଚୂଡାନ୍ତ ଆଲୋଚନା କରାଯିବ। ନବଗଠିତ ପିସିସି କମିଟି ପୁନର୍ଗଠନ ପରେ ବସିଥିବା ପ୍ରଥମ ବୈଠକରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂହ ଏହି ସୂଚନା ଦେଇଛନ୍ତି। ଅପରପକ୍ଷରେ ଉକ୍ତ ବୈଠକ ଦାମୀ ହୋଟେଲରେ ଆୟୋଜନ କରାଯିବାକୁ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା ପ୍ରଶ୍ନ ଉଠାଇଥିବା ଜଣାପଡିଛି। ଦଳୀୟ ପାଣ୍ଠି ଅଭାବ ସମୟରେ ଏଭଳି ଆୟୋଜନକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ନାପସନ୍ଦ କରିଛନ୍ତି। ଏପରି ଆୟୋଜନ କଂଗ୍ରେସର ପରମ୍ପରା ନୁହେଁ ବୋଲି କାହ୍ନୁ କହିଛନ୍ତି। ପରେ ଆଉ ଦୁଇ ସଦସ୍ୟ ବର୍ତ୍ତମାନର ଆବଶ୍ୟକତା ଏବଂ ରାଜଧାନୀ ଦିଲ୍ଲୀରେ ଭାଜପା କାର୍ଯ୍ୟାଳୟର ଉଦାହରଣ ଦେଇଥିଲେ। ଏଥିରେ ଲେଙ୍କା ନିଜ ମତ ଫେରାଇ ନେଇଥିଲେ ଏବଂ ଏନେଇ ଚାଲିଥିବା ଆଲୋଚନା ଥମି ଯାଇଥିଲା। ଅନ୍ୟପଟେ ଦଳ ପକ୍ଷରୁ ଆୟୋଜିତ ବୈଠକରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଥମଥର ରାଜ୍ୟରେ କେତେ କଂଗ୍ରେସ କର୍ମୀ ରହିଛନ୍ତି ସେମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯିବ। ରାଜ୍ୟରେ ଥିବା କଂଗ୍ରେସ କର୍ମୀମାନଙ୍କ ଭୋଟର୍ ନମ୍ବର ଏକ ନମ୍ବରକୁ ମେସେଜ୍ କରାଯିବ। ଯାହା ଫଳରେ ସେହି ବ୍ୟକ୍ତିର ସମ୍ପୂର୍ଣ୍ଣ ତଥ୍ୟ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ନିକଟରେ ରହିପାରିବ। ଦଳର ହାଇକମାଣ୍ଡ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ସିଧାସଳଖ କର୍ମୀଙ୍କ ସହ ଯୋଡିହେବା ପାଇଁ ଏହି ବ୍ୟବସ୍ଥା କରିଥିବା ଜଣାପଡିଛି। ଏହାସହ ରାଜସ୍ଥାନରୁ ଆସିଥିବା ଏକ ଟିମ୍ ପାୱାର ପଏଣ୍ଟ ପ୍ରଜେଣ୍ଟେସନ୍ ଜରିଆରେ ମୋ ବୁଥ୍ ମୋ ଗୌରବ କାର୍ଯ୍ୟକ୍ରମର ଏକ ଚିତ୍ର ପ୍ରଦର୍ଶନ କରିଥିଲେ। ଆଗକୁ ଏହି କାର୍ଯ୍ୟକ୍ରମକୁ ବୁଥ୍‌ସ୍ତରରେ ସକ୍ରିୟ କରିବାକୁ ନିଷ୍ପତ୍ତି ନିଆଯାଇଛି।

ନୂତନ ପିସିସି କାର୍ଯ୍ୟକର୍ତ୍ତା ଘୋଷଣା ପରେ ଦଳ କେଉଁ ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯିବ, ସେ ନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ରାଫେଲ ଦୁର୍ନୀତି ଏକ ଜାତୀୟ ପ୍ରସଙ୍ଗ। ହେଲେ ରାଜ୍ୟରେ ଏହି ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢିବା ଫଳପ୍ରଦ ହେବନାହିଁ ବୋଲି ଅନେକେ ମତ ରଖିଛନ୍ତି। ରାଫେଲ ଦୁର୍ନୀତି ପରି ରାଜ୍ୟରେ ଦୁଇ ଦଶନ୍ଧି ମଧ୍ୟରେ ଖଣି ଦୁର୍ନୀତିକୁ ପ୍ରମୁଖ ପ୍ରସଙ୍ଗ କରିବା ପାଇଁ ଅନେକେ ଚାହୁଁଛନ୍ତି। ହେଲେ ବର୍ତ୍ତମାନର ରାଜ୍ୟ ନେତୃତ୍ୱ ଏବଂ ପ୍ରଭାରୀ ଏଥିରେ ଅନ୍ତରାୟ ସାଜିଥିବା ଜନୈକ ପିସିସି ସମ୍ପାଦକ ନିଜ ନାମ ଗୋପନ ରଖି କହିଛନ୍ତି। ଖଣି ଦୁର୍ନୀତି କାରଣରୁ ରାଜ୍ୟ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇଛି। କିଛିବର୍ଷ ପୂର୍ବେ ଶାହ କମିଶନ ଏ ସଂକ୍ରାନ୍ତ ରିପୋର୍ଟ ମଧ୍ୟ ପ୍ରଦାନ କରିସାରିଛି। ମାତ୍ର ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ଏପରି ଏକ ପ୍ରମୁଖ ପ୍ରସଙ୍ଗରୁ ପିସିସି ନିଜକୁ ଦୂରେଇ ରଖିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦାୟିତ୍ୱ ନେବାର ସାଢେ ତିନିମାସ ପରେ ନୂତନ ପିସିସି କମିଟି ଘୋଷଣା କରାଯାଇଛି। କିଛିଦିନ ତଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଆଗମନ ନେଇ ଚର୍ଚ୍ଚା ହେଉଥିଲା। ମାତ୍ର ରବିବାର ବୈଠକରେ ରାହୁଲଙ୍କ ଗସ୍ତ ନେଇ ସେପରି କୌଣସି ସୂଚନା ମିଳିନାହିଁ। ତେଣୁ ନିଜ ଦଳର ସର୍ବୋଚ୍ଚ ନେତାଙ୍କ ଗସ୍ତକୁ ନେଇ ପ୍ରଦେଶ କଂଗ୍ରେସ ଦିଶାହୀନ ଥିବା ପରି ମନେହେଉଛି। ଅପରପକ୍ଷରେ ବିଗତ ନିର୍ବାଚନଗୁଡିକରେ ପ୍ରାୟ ୫୦ହଜାର ଭୋଟ ପାଇଥିବା ନେତାଙ୍କୁ ଦଳ ଟିକେଟ ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ସୋମବାର ପିଇସି(ପ୍ରଦେଶ ଇଲେକ୍ସନ୍ କମିଟି)ରେ ଏନେଇ ଆଲୋଚନା କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ପ୍ରଚାର କମିଟି ବୈଠକ ମଧ୍ୟ ହେବାକୁ ଥିବା ଜଣାପଡିଛି।

# ସୁପ୍ରିମ୍‌କୋର୍ଟରେ ପକ୍ଷ ରଖିଲେ ରାଜ୍ୟ ସରକାର

ଭୁବନେଶ୍ୱର,୧୯।୮(ବ୍ୟୁରୋ)

## ପୋଲାଭରମ୍ ପ୍ରକଳ୍ପ

- ସେପ୍ଟେମ୍ବର ୬ରେ ପରବର୍ତ୍ତୀ ଶୁଣାଣି
- ୧୪୨୭ ପୃଷ୍ଠା ସମ୍ବଳିତ ତଥ୍ୟ ଉପସ୍ଥାପନ

ଇନ୍ଦିରାସାଗର ପୋଲାଭରମ୍ ବହୁମୁଖୀ ଜଳସେଚନ ପ୍ରକଳ୍ପ ମାମଲାରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିଛନ୍ତି। ଅଗଷ୍ଟ ତୃତୀୟ ସପ୍ତାହରେ ପ୍ରକଳ୍ପ ସମ୍ବନ୍ଧୀୟ ୧୪୨୭ ପୃଷ୍ଠା ସମ୍ବଳିତ ୧୩୬ଟି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରାଜ୍ୟ ପକ୍ଷରୁ ରଖାଯାଇଥିବା ସୂତ୍ରରୁ ପ୍ରକାଶ। ଏହି ତଥ୍ୟ ମଧ୍ୟରେ ରାଜ୍ୟ ସରକାର ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟାଦେଶ, ଆନ୍ଧ୍ର-ଓଡ଼ିଶା ମଧ୍ୟରେ ହୋଇଥିବା ଚିଠି ପତ୍ର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କେନ୍ଦ୍ର ଏବଂ ବିଭାଗୀୟ ମନ୍ତ୍ରଣାଳୟକୁ ଲେଖାଯାଇଥିବା ଚିଠି ରହିଛି। ଆସନ୍ତା ସେପ୍ଟେମ୍ବର ୬ରେ ସର୍ବୋଚ୍ଚ ନ୍ୟାୟାଳୟରେ ଏହି ମାମଲାର ଶୁଣାଣି ପାଇଁ ଦିନଧାର୍ଯ୍ୟ କରାଯାଇଛି। ଗତ ୨ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରକଳ୍ପ ସମ୍ବନ୍ଧରେ ଓଡ଼ିଶାକୁ ଦୁଇ ସପ୍ତାହ ମଧ୍ୟରେ ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାକୁ ବାଦ୍ ଦେଲେ ଆନ୍ଧ୍ରପ୍ରଦେଶ, କର୍ନାଟକ, ଛତିଶଗଡ, ମହାରାଷ୍ଟ୍ର ଏବଂ ତେଲେଙ୍ଗାନାକୁ ମଧ୍ୟ ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ପ୍ରକାଶ ଯେ, ଓଡ଼ିଶା ଦ୍ୱାରା ଆନ୍ଧ୍ରପ୍ରଦେଶ ବିରୋଧରେ କରାଯାଇଥିବା ମୂଳ ମାମଲାକୁ ଭିତ୍ତିକରି ସୁପ୍ରିମକୋର୍ଟ ଜଷ୍ଟିସ୍ ଦୀପକ ଗୁପ୍ତା ଏବଂ ମଦନ ବି ଲୋକୁରଙ୍କୁ ନେଇ ଗଠିତ ଖଣ୍ଡପୀଠ ୧୩ ପ୍ରଶ୍ନ ପଚାରିଥିଲେ। ପ୍ରକଳ୍ପ ପୂର୍ବରୁ ଓଡ଼ିଶା, ଛତିଶଗଡ ଏବଂ ତେଲେଙ୍ଗାନାଙ୍କୁ ପକ୍ଷକୁ ନିଆଯାଇନାହିଁ। ସେ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଅନୁସନ୍ଧାନ କରୁଥିବା ଜଣାପଡିଛି। ଏମିତି ପ୍ରକଳ୍ପ ନିର୍ମାଣ ପୂର୍ବରୁ ପ୍ରଭାବିତ ଅଞ୍ଚଳରେ ଗ୍ରାମସଭା ଅଥବା ଜନଶୁଣାଣି କରାଯାଇଛି ନା ନାହିଁ, ସେ ସମ୍ପର୍କରେ ମଧ୍ୟ ସୁପ୍ରିମ୍‌କୋର୍ଟ ଅନୁଧ୍ୟାନ କରିବେ ବୋଲି ଜଣାପଡିଛି।



ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ୨୦ ଅଗଷ୍ଟ, ୨୦୧୮





ଜମ୍ମୁ-କଶ୍ମୀର ବାରମୁଲା ଜିଲାରେ ଏକ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହୋଇଛି। ଏଥିରେ ଜଣେ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ଉତ୍ତର କଶ୍ମୀର ଉରି ସେକ୍ଟର ନିୟନ୍ତ୍ରଣ ରେଖାଠାରେ ରବିବାର କିଛି ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ କରୁଥିଲେ। ତାଙ୍କୁ ସେନା ପକ୍ଷରୁ ସତର୍କ ସୂଚନା ଦିଆଯାଇଥିଲା। ମାତ୍ର ସେମାନେ ଗୁଳିଚାଳନା କରିଥିଲେ। ଏହାର ଜବାବରେ ଭାରତୀୟ ସେନା ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଅନ୍ୟ ଆତଙ୍କବାଦୀଙ୍କ ଲାଗି ସେନା ପକ୍ଷରୁ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଛି ବୋଲି ଭାରତୀୟ ପ୍ରତିରକ୍ଷା ମୁଖପାତ୍ର ସୂଚିତ କରିଛନ୍ତି।

■ ସିବିଏସ୍‌ଇର ନୂଆ ନିଷ୍ପତ୍ତି

# ବିଳମ୍ବରେ ପହଞ୍ଚିଲେ ପରୀକ୍ଷା ପାଇଁ ମିଳିବନି ଅନୁମତି

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ଏଣିକି ପରୀକ୍ଷା ହଲ୍‌ରେ ବିଳମ୍ବରେ ପହଞ୍ଚିଲେ କ୍ଷମା ନାହିଁ। ଧାର୍ଯ୍ୟ ସମୟ ପୂର୍ବରୁ ପରୀକ୍ଷା ହଲ୍‌ରେ ପହଞ୍ଚିବାକୁ ପଡ଼ିବ। ନଚେତ୍ ପରୀକ୍ଷା ପାଇଁ ଅନୁମତି ମିଳିବ ନାହିଁ। ଏପରି କଠୋର ନିଷ୍ପତ୍ତି ନେଇଛି ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ)। ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ଆଗାମୀ ୨୦୧୯ରୁ ଏହି ନୂଆ ନିୟମ କାର୍ଯ୍ୟକାରୀ ହେବ। ବର୍ତ୍ତମାନ ପ୍ରଚଳିତ ନିୟମ ଅନୁସାରେ, ୧୦ଟା ୧୫ରେ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ପଢ଼ିବା ପାଇଁ ଦିଆଯାଇଥାଏ। ୧୦ଟା ୩୦ରେ ପରୀକ୍ଷା ଆରମ୍ଭ ହୋଇଥାଏ। ୧୧ଟା ପର୍ଯ୍ୟନ୍ତ ଲେଟ୍ ଏଣ୍ଟ୍ରି ଓ ୧୧ଟା ୧୫ ପର୍ଯ୍ୟନ୍ତ ଏମରଜେନ୍ସି ଏଣ୍ଟ୍ରି ରହିଛି। କିନ୍ତୁ ଆଗାମୀ ବର୍ଷରୁ ଏହି ନିୟମ ପରିବର୍ତ୍ତନ ହେବ। ନୂଆ ନିଷ୍ପତ୍ତି ଅନୁସାରେ, ଜେଇଇ, ଏନ୍‌ଇଇଟି ଓ କ୍ୟାଟ୍ ଭଳି ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଲେଟ୍ ଏଣ୍ଟ୍ରିକୁ ଅନୁମତି ମିଳିବ ନାହିଁ। ସମସ୍ତ ପରୀକ୍ଷାର୍ଥି ସକାଳ ୧୦ଟା ୧୫ ପୂର୍ବରୁ ହଲ୍‌ରେ ପହଞ୍ଚିବା ଆବଶ୍ୟକ। ବିଳମ୍ବରେ ଆସିଲେ ପରୀକ୍ଷା ଦେଇପାରିବେ ନାହିଁ। ଏପରିକି ଟ୍ରାଫିକ୍‌ରେ ଫସିଥିବା କଥା ମଧ୍ୟ କର୍ଣ୍ଣପାତ କରାଯିବ ନାହିଁ ବୋଲି ସିବିଏସ୍‌ଇ କହିଛି।

# ଆଜିଠୁ ଏମ୍‌ବିବିଏସ୍, ବିଡିଏସ୍ ସିଟ୍ ପାଇଁ ସ୍ପଟ୍ ନାମଲେଖା

**ଭୁବନେଶ୍ୱର, ୧୯।୮(ବ୍ୟୁରୋ):** ଏମ୍‌ବିବିଏସ୍ ଏବଂ ବିଡିଏସ୍ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ସୋମବାରଠାରୁ ସ୍ପଟ୍ ନାମଲେଖା ଆରମ୍ଭ ହେଉଛି। ପୂର୍ବାହ୍ନ ସାଢେ ୧୦ଟାରୁ ଅପରାହ୍ନ ୫ଟା ଯାଏ ଓଜେଇଇ କାର୍ଯ୍ୟାଳୟରେ ଛାତ୍ରୀଛାତ୍ର ପହଞ୍ଚି ନାମଲେଖାଇବେ। ଏହି ନାମଲେଖା ପ୍ରକ୍ରିୟା ୩ଦିନ ଧରି ଚାଲିବ ବୋଲି ଓଜେଇଇ ପକ୍ଷରୁ ସୂଚନା ମିଳିଛି। ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରେ ମୋଟ ୨୩୨ ଏମବିବିଏସ୍ ଏବଂ ବିଡିଏସ୍ ସିଟ୍ ଖାଲି ପଡିଛି। କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଏମ୍‌ବିବିଏସ୍‌ରେ ୫ ସିଟ୍ ଖାଲି ପଡିଥିବାବେଳେ ଏସ୍‌ସିବି ଡେଣ୍ଟାଲ କଲେଜରେ ବିଡିଏସ୍‌ରେ ୧୨ ସିଟ୍ ଖାଲି ପଡିଛି। ସେହିପରି ଭିମ୍‌ସାର ବୁର୍ଲାରେ ଏମ୍‌ବିବିଏସ୍‌ରେ ୨୬ ସିଟ୍, ବ୍ରହ୍ମପୁର ଏମ୍‌କେସିଜିରେ ୨୭, ବାଲେଶ୍ୱର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ୬, ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୧, ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ୬, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୪, ଭୁବନେଶ୍ୱରସ୍ଥିତ ହାଇଟେକ ଘରୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ୩୫ ଏମ୍‌ବିବିଏସ୍ ଏବଂ ହାଇଟେକ୍ ଡେଣ୍ଟାଲ କଲେଜରେ ୯୦ ବିଡିଏସ୍ ସିଟ୍ ଖାଲି ପଡିଥିବା ଓଜେଇଇ ପକ୍ଷରୁ ସୂଚନା ମିଳିଛି।

# ଗଛରେ ପିଟି ହେଲା ବାଇକ୍, ୨ ଯୁବକ ମୃତ

**କାମାକ୍ଷାନଗର, ୧୯।୮(ଡି.ଏନ.ଏ.):** ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ମହୁଲି ଗ୍ରାମ ପଞ୍ଚସଖା ରାଇସ୍ ମିଲ୍ ନିକଟରେ ରବିବାର ପୂର୍ବାହ୍ନ ୧୧ଟାରେ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ଗଛରେ ପିଟି ହୋଇଯିବାରୁ ୨ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ନୂଆଆଳତୁମା ଗ୍ରାମର ଟୁଟୁ ପାତ୍ର (୩୦) ଏବଂ ଭୋଲୁ ପାତ୍ର ଓରଫ୍ ବୁଲୁ (୨୧)। ସଙ୍କଟାପନ୍ନ ଅବସ୍ଥାରେ କହ୍ନେଇ ବେହେରା (୨୩)ଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଟୁଟୁ, ବୁଲୁ ଏବଂ କହ୍ନେଇ ଏକ ବାଇକ୍ (ଓଡି ୦୬ ଏ ୭୮୦୨)ରେ କାମାକ୍ଷାନଗରରୁ ଢେଙ୍କାନାଳ ଆଡ଼କୁ ଦ୍ରୁତ ଗତିରେ ଯାଉଥିଲେ। ଭାରସାମ୍ୟ ହରାଇ ଗାଡ଼ିଟି ଏକ ଗଛରେ ପିଟିହୋଇ ପୋଖରୀକୁ ଛିଟିକି ପଡ଼ିଥିଲା। ଘଟଣାସ୍ଥଳରେ ଟୁଟୁ ଓ ବୁଲୁଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛି।

# ୨୫ରେ ଏମ୍ସ ସାଟେଲାଇଟ୍ ସେଣ୍ଟର ଗୃହ ଶିଳାନ୍ୟାସ

**ବାଲେଶ୍ୱର ଅଫିସ,୧୯।୮:** ବାଲେଶ୍ୱର ସହର ବାମପଦାସ୍ଥିତ ପଡ଼ିଆରେ ନିର୍ଦ୍ଧାରିତ ଏମ୍ସ ହସ୍‌ପିଟାଲ ନିର୍ମାଣ କାର୍ଯ୍ୟ ଲାଗି ଆସନ୍ତା ୨୫ ତାରିଖରେ ଶିଳାନ୍ୟାସ କରାଯିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଶିଳାନ୍ୟାସ କରିବେ। ଏ ସମ୍ପର୍କରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାଶ ସୂଚନା ଦେବା ପରେ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି। ଉଲ୍ଲେଖଥାଉକି, ବର୍ଷକ ପୂର୍ବରୁ ସେଣ୍ଟ୍ରାଲ ସ୍କୁଲ ଛକ ନିକଟ ପ୍ରୁଫ୍ କଲୋନୀରେ ପ୍ରତି ରବିବାର ଭୁବନେଶ୍ୱରସ୍ଥିତ ଏମ୍ସ ହସ୍‌ପିଟାଲରୁ ବିଭିନ୍ନ ବିଭାଗର ଡାକ୍ତରମାନେ ଆସି ଚିକିତ୍ସାସେବା ଯୋଗାଉଛନ୍ତି। ପ୍ରତି ରବିବାର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ରୋଗୀ ଉପକୃତ ହେଉଥିବା ଜଣାପଡିଛି।













## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ସୁଶ୍ରୀ
ପରିବାରବର୍ଗ


ରିହାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

real estate

## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Immediate ready for construction land at Rasulgarh near Hitech square (NH-5) @16,20,000/- 9437976031. D-63576

Bhubaneswar ପିତାପଲ୍ଲିଠାରେ NHରୁ 700 mtr. ଦୂରତାରେ boundary wall campus ମଧ୍ୟରେ 30' ରାସ୍ତା ଥାଇ demarcated sthitiban plot ବିକ୍ରିହେବ। 9337110700, 9692619663. D-63575

Gharabari Boundary Plot Infront Krapujal Engineering College, Bhubaneswar: 9090899281, 8908805482. D-63474

Gharabari plot Pahal (Gohalo) Benupur, Rangabazar low cost Sudhananda College. 8249994188. D-7933

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30ft road ଥାଇକି ଅଗ୍ରୀମ boundary wall electry , gharabari patta, Temple, ନାମଫଳକ ସହ sqft. 600/- ରେ ଦିଆଯାଉଅଛି। 7008045582, 9078967488. D-7910

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

## PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64887

astrology

ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଘଟଣା ଜାଣିବା ଏବଂ ସମସ୍ତ ସମସ୍ୟାର ସରଳ ସମାଧାନ ପାଇଁ ଯୋଗାଯୋଗ କରନ୍ତୁ। 9861040318, 9937354570. D-7912

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନର ଶୁଭେଚ୍ଛା



(ରିହାନ୍)
**ଅଲହାଜ୍ ଅଲ୍ଲୀ ଖାଁ**
କେରଙ୍ଗ, ଖୋର୍ଦ୍ଧା

ଦ୍ୱାଦଶତମ ଜନ୍ମବାର୍ଷିକ ଉତ୍ସବ ଅବସରରେ ତୋର ଦୀର୍ଘାୟୁ, ବିଦ୍ୱାନ, ଯଶସ୍ୱୀ, ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। **ଶୁଭେଚ୍ଛା ସହ: ଦାଦାଜୀ, ଦାଦୀମା, ଅମ୍ମୀ, ପାପା, ଶୁହାନା, ଡୋଡି, କୈଫ୍, ସୈଫ୍, ସିପୁନ, ପାପୁନ୍, ଆଫ୍ରିନ୍, ଖୁସୀ, ଅଫତାବ୍ ଓ ପରିବାରବର୍ଗ।** ଧ-୬୪୮୯୨

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା
# ପାଟଣାଗଡ଼ ଶୀର୍ଷକ ଚଳଚ୍ଚିତ୍ର ନିର୍ମାଣକୁ ବିରୋଧ

ପାଟଣାଗଡ଼,୧୯।୮(ଡି.ଏନ.ଏ)– ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ପୁଣି ଥରେ ଚର୍ଚ୍ଚାକୁ ଆସିଛି । ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ପାଟଣାଗଡ଼ ଶୀର୍ଷକରେ ଚଳଚ୍ଚିତ୍ର ନିର୍ମାଣ ଚାଲିଥିବାରୁ ଏହାକୁ ବିରୋଧ କରି ପାର୍ସଲ ବୋମା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ସୌମ୍ୟଶେଖର ସାହୁଙ୍କ ବାପା ଅଧ୍ୟାପକ ରବୀନ୍ଦ୍ର ସାହୁ, ମା' ସଞ୍ଜୁକ୍ତା ସାହୁ ଏବଂ ତାଙ୍କ ଓକିଲ ଆଶିଷ କୁମାର ଚନ୍ଦନ ରବିବାର ଏକ ଖବରଦାତା ସମ୍ମିଳନୀ କରି ଥାନାରେ କରିଥିବା ଅଭିଯୋଗ ସମ୍ପର୍କରେ ସୂଚନା ଦେଇଛନ୍ତି। ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଏବେ ପାଟଣାଗଡ଼ ଜେଲରେ ଅଛନ୍ତି। ଏଭଳି ସ୍ଥିତିରେ ଚଳଚ୍ଚିତ୍ର ନିର୍ମାଣ କରାଯିବା ନିଶ୍ଚିତ ଭାବେ ନିନ୍ଦନୀୟ ବୋଲି ଅଧ୍ୟାପକ ସାହୁ ଓ ସଞ୍ଜୁକ୍ତା ସାହୁ କହିଛନ୍ତି।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**√ ପ୍ରହଲ୍ଲାଦ ସେନାପତି**
ଆବିର୍ଭାବ: ୨୫.୧୨.୧୯୫୫
ତିରୋଧାନ:୦୧.୦୮.୨୦୧୭

ଆପଣଙ୍କ ଅବର୍ତ୍ତମାନରେ ଆପଣଙ୍କ ସ୍ନେହ, ମହାନତା, ଉଦାରପଣ ସହିଷ୍ଣୁତା, ମିଷ୍ଟଭାଷା ଧାର୍ମିକ ଆସ୍ଥା ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
Shreemandir
ଶ୍ରୀମନ୍ଦିର ପରିବାର ଏବଂ ଆତ୍ମୀୟସ୍ୱଜନ
ମହାବୀର ବଜାର, ସାମନ୍ତରାପୁର, ଭୁବନେଶ୍ୱର-୨
ଧ-୫୩୬୩୬

### ଏକାଦଶାହ ଉପଲକ୍ଷେ



**√ ଭାସ୍କର ବରାଳ**
L3-93, ACHARYA VIHAR, BBSR
ଆବିର୍ଭାବ- ତା୨୨.୦୮.୧୯୩୩ (ମଙ୍ଗଳବାର)
ତିରୋଧାନ- ତା୧୦.୦୮.୨୦୧୮ (ଶୁକ୍ରବାର)

ପୂଜନୀୟ ବାପା
ଆପଣଙ୍କର ସ୍ନେହ, ମହାନତା, ଉଦାରପଣ, ସହିଷ୍ଣୁତା, ଧାର୍ମିକ ଆସ୍ଥା ଓ କର୍ତ୍ତବ୍ୟନିଷ୍ଠତା ଆମ୍ଭମାନଙ୍କ ଜୀବନର ଚଲାପଥରେ ଅଭୁଲା ସ୍ମୃତି ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ .... ପୁତ୍ର- ବିଷ୍ଣୁପଦ, ବିଭୁଦତ୍ତ, ବିଭୁତି, ଭୁପତି, ପୁତ୍ରବଧୂ- ପଦ୍ମାଳୟା, ତନୁଶ୍ରୀ, ସତ୍ୟଭାମା, ଝିଅ- ରୁପଶ୍ରୀ, ନାତି ଓ ନାତୁଣୀ- ସୃଷ୍ଟି, ବିବେକ, ବୈଭବ୍, ଶ୍ରୀରାମ, ତଥା ବନ୍ଧୁ ଓ ପରିବାରବର୍ଗ।
ଧ-୫୮୬୮୮

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଗଣପତି ବିଶ୍ୱାଳ**
କାଳଷଣ୍ଡପୁର (ଆସିକା) ଗଞ୍ଜାମ
ତିରୋଧାନ: ୦୯।୦୮।୨୦୧୮

ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ। ଅଭାଗା ପୁତ୍ର ଉଦୟନାଥ, ଲମ୍ବୋଦର, ସନ୍ତୋଷ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୭୯୪୩

### ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



**ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ବାରିକ**
କମାରଡିହ, ଦଶରଥପୁର, ଯାଜପୁର
ଆବିର୍ଭାବ: ୦୧।୦୭।୧୯୩୭
ତିରୋଧାନ: ୧୦।୦୮।୨୦୧୮

ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ୧୧ ଦିନ ହେଲା ଆପଣ ଆରପାରିକୁ ଚାଲିଗଲେଣି। ପ୍ରତି ମୁହୂର୍ତ୍ତରେ ଆପଣଙ୍କର ଅନୁପସ୍ଥିତିକୁ ଆମ୍ଭେ ଅନୁଭବ କରୁଛୁ। ଆଜି ଏକାଦଶାହ ତିଥିରେ ଆପଣଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୭୯୪୫

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦ୍ୱାରିକାନାଥ ନାୟକ**
ଆବିର୍ଭାବ: ୧।୧୧।୧୯୪୫
ତିରୋଧାନ: ୧୦।୮।୨୦୧୮
Plot No GA 17
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା। ଆପଣଙ୍କ ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୯୨୮

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

# ଦେବୀ ମୁହାଁଣରେ ଓଲଟିଲା ଡଙ୍ଗା



- ଜଣେ ମତ୍ସ୍ୟଜୀବୀ ନିଖୋଜ, ୯ ଉଦ୍ଧାର
- ଓଡ୍ରାଫ୍ ଟିମ୍ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି

କାକଟପୁର, ୧୯।୮(ଡି.ଏନ୍.ଏ.)

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଦେବୀ ମୁହାଁଣଠାରେ ରବିବାର ସନ୍ଧ୍ୟାରେ ଡଙ୍ଗା ଓଲଟି ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଥିବାବେଳେ ୯ଜଣ ଉଦ୍ଧାର ହୋଇଛନ୍ତି। ନିଖୋଜ ମତ୍ସ୍ୟଜୀବୀ ହେଲେ କାଳିଆକଣ ଗ୍ରାମର ନିରଞ୍ଜନ ବେହେରା। ନିରଞ୍ଜନଙ୍କ ସମେତ ୧୦ଜଣ ମତ୍ସ୍ୟଜୀବୀ ୩ଟି ଡଙ୍ଗାରେ ମାଛ ମାରିବାକୁ ଦେବୀ ନଦୀ ମୁହାଁଣ ଦେଇ ସମୁଦ୍ରକୁ ଯାଉଥିଲେ। ସେହି ସମୟରେ ସମୁଦ୍ର ଜୁଆରିଆ ଥିବାରୁ ମୁହାଁଣରେ ଉଚ୍ଚ ଲହଡ଼ି ସହ ପ୍ରଖର ସ୍ରୋତ ରହିଥିଲା। ନିରଞ୍ଜନ ଥିବା ଡଙ୍ଗାଟି ପ୍ରଥମେ ଓଲଟି ପଡ଼ିବାରୁ ସେଥିରେ ଥିବା ୩ଜଣ ମତ୍ସ୍ୟଜୀବୀ ବୁଡ଼ି ଯାଇଥିଲେ। ଏହି ସମୟରେ ଓଲଟି ପଡ଼ିଥିବା ଡଙ୍ଗା ଅନ୍ୟ ଦୁଇ ଡଙ୍ଗା ସହ ଧକ୍କା ହେବାରୁ ସେଥିରେ ଥିବା ଅନ୍ୟ ୭ଜଣ ମତ୍ସ୍ୟଜୀବୀ ପାଣିକୁ ଖସିପଡ଼ିଥିଲେ। ତେବେ ୯ଜଣ ମତ୍ସ୍ୟଜୀବୀ ପହଁରି ବହୁ କଷ୍ଟରେ ଦୁଇଟି ଡଙ୍ଗାକୁ ଉଠି ଆସିଥିଲେ। ମାତ୍ର ନିରଞ୍ଜନ ନିଖୋଜ ହୋଇଯାଇଥିଲେ। ଉଦ୍ଧାର ପାଇଥିବା ମତ୍ସ୍ୟଜୀବୀମାନେ କୂଳକୁ ଆସି ଏ ସମ୍ପର୍କରେ ଗାଁ ଲୋକଙ୍କୁ ଖବର ଦେବାପରେ ଅସ୍ତରଙ୍ଗ ବିଡିଓ ମନୋଜ ବେହେରା, ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଦେବୀ ମୁହାଁଣ ନିକଟରେ ପହଞ୍ଚିଥିଲେ। ପରେ ଖବର ପାଇ କଟକରୁ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ନିରଞ୍ଜନଙ୍କୁ ଖୋଜା ଖୋଜି କରିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର ପତ୍ତା ମିଳି ନ ଥିଲା।

## ପ୍ରଥମ ପୃଷ୍ଠାରୁ...

### ବିପର୍ଯ୍ୟୟ ପରେ ...

ହେଉଥିବା ମିଥ୍ୟା ଖବର ପ୍ରତି ସତର୍କ ରହିବା ଲାଗି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

କେରଳ ବିପନ୍ନଙ୍କୁ ସହଯୋଗ କରିବା ଲାଗି ରବିବାର ଭାଟିକାନ୍ ସିଟି ପୋପ୍ ଫ୍ରାନ୍ସିସ୍ ବିଶ୍ୱ ସମୁଦାୟକୁ ଆହ୍ୱାନ ଦେଇଛନ୍ତି। ଏହାସହ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ଏବଂ ପ୍ରଭାବିତ ହୋଇଥିବା ଲୋକଙ୍କ ପାଇଁ ସେଣ୍ଟ ପିଟର୍ସ ସ୍କୋୟାର୍‌ରେ ପୋପ୍ ସମୂହ ପ୍ରାର୍ଥନାର ଆୟୋଜନ କରିଥିଲେ।

କେରଳକୁ ରବିବାର ମଧ୍ୟ ଛୁଟିଛି ଚାରିଆଡ଼ୁ ସହଯୋଗ। କେରଳ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ପଶ୍ଚିମବଙ୍ଗ ସରକାର ୧୦ କୋଟି ଟଙ୍କା ଦାନ କରିବାକୁ ଘୋଷଣା କରିଥିବାବେଳେ ଜମ୍ମୁ-କଶ୍ମୀର ୨ କୋଟି, ଆନ୍ଧ୍ରପ୍ରଦେଶ ଆଇଏଏସ୍ ସଂଘର ସଦସ୍ୟମାନେ ଦିନକ ଦରମା ଦାନ କରିବାକୁ ଘୋଷଣା କରିଛନ୍ତି। ଅଭିନେତା ଶାହରୁଖ୍ ଖାନଙ୍କ ଜନକଲ୍ୟାଣକାରୀ ସଂସ୍ଥା ୨୧ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛି। ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନ କେରଳବାସୀଙ୍କ ପାଇଁ ଚିନ୍ତାବ୍ୟକ୍ତ କରିବା ସହ ସହଯୋଗର ହାତ ବଢ଼ାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ୟୁଏଇ ପରେ ରବିବାର କାତାର ସରକାର କେରଳ ବିପନ୍ନଙ୍କ ପାଇଁ ୩୪.୮୯ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି।

### ଅତିରିକ୍ତ ୫ କୋଟି ...

- ୮ କୋଟି ବ୍ୟୟରେ ୫୦୦ ଏମ୍‌ଟି ପଲିଥିନ୍ ସିଟ୍
- ତାଲିକାରେ ୧୮୭ ନାଁ, ଫୋନ୍ ନମ୍ବର
- ସହାୟତା ପାଇଁ କେରଳ ଏସିଏସ୍‌ଙ୍କୁ ଚିଠି

ମେଟ୍ରିକ୍ ଟନ୍ (ଏମ୍‌ଟି) ପଲିଥିନ୍ ସିଟ୍ କେରଳକୁ ପଠାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟ କିପରି ଭାବେ ସାଧାରଣ ଜନତାଙ୍କୁ କ୍ଷତିଗ୍ରସ୍ତ କରିଥାଏ, ତାହା ଓଡ଼ିଶାବାସୀଙ୍କୁ ଭଲ ଭାବେ ଜଣା। କେରଳ ବନ୍ୟା ପ୍ରପୀଡିତଙ୍କ ପାଇଁ ଓଡ଼ିଶାର ସହାୟତା ହାତ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏସ୍‌ଆରସି, ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଶ୍ରମ ବିଭାଗକୁ ବନ୍ୟାରେ ଫସିଥିବା ଓଡ଼ିଆଙ୍କ ସହାୟତା ପାଇଁ ସଜାଗ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ବନ୍ୟା ବିଭୀଷିକାରେ ଫସିଥିବା ଓଡ଼ିଆଙ୍କ ତାଲିକା ଜାରି କରିଛନ୍ତି ରାଜ୍ୟ ସରକାର। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଏହି ତାଲିକା ପ୍ରକାଶ ପାଇଛି। ଏଥିରେ ୧୮୭ ଓଡ଼ିଆଙ୍କ ନାଁ, ଠିକଣା ଏବଂ ଫୋନ୍ ନମ୍ବର ଜାରି କରାଯାଇଛି। ଏଥିସହିତ ଫସି ରହିଥିବା ଲୋକଙ୍କୁ ସହାୟତା ପ୍ରଦାନ ପାଇଁ କେରଳ ବିପର୍ଯ୍ୟୟ ପ୍ରଶମନ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍)ଙ୍କୁ ଏହି ଚିଠି ଲେଖାଯାଇଛି। କେରଳ ବନ୍ୟା ବିଭୀଷିକାରେ ଓଡ଼ିଆଙ୍କ ଉଦ୍ଧାର ଏବଂ ଆପତକାଳୀନ ସହାୟତା ବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ୟାନ୍ୟ ସାହାଯ୍ୟ ମଧ୍ୟ କରାଯାଇଛି।

ଶନିବାର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସହାୟତା ଦେବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଖ୍ୟ ଅଗ୍ନିଶମ ଅଧିକାରୀଙ୍କ ନେତୃତ୍ୱରେ ୨୭୫ ଜଣିଆ ଅଗ୍ନିଶମ ସେବାଦଳକୁ କେରଳ ପଠାଯାଇଛି। ଉକ୍ତ ଦଳ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି। ଉଦ୍ଧାରକାରୀ ଦଳ ସହ ୭୬ଟି ପାୱାରବୋଟ୍, ୪୫ଟି ଟାୱାର ଲାଇଟ, ୨୩୪ଟି ଲାଇଫ ଜ୍ୟାକେଟ, ୧୩୭ ଲାଇଫ୍ ବୋଟ୍, ୩୧ ଲାଇଫ ଲାଇନ, ୩୦ ସ୍ଲିପିଙ୍ଗ ମ୍ୟାଟ୍, ୨ଟି ଏଗ୍ରିନେଟ, ୬ଟି ଟେଣ୍ଟ କଭର, ୨ଟି କମ୍ପ୍ରେସର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ପଠାଯାଇଥିବା ଜଣାପଡିଛି। ବିଶେଷ ତାଲିମ୍‌ପ୍ରାପ୍ତ ୨୪୪ ଅଗ୍ନିଶମ କର୍ମଚାରୀ ୬୫ ଉଦ୍ଧାରକାରୀ ବୋଟ୍ ଦ୍ୱାରା ସହାୟତା କରୁଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଅଗ୍ନିଶମ ବିଭାଗୀୟ ଡିଜି ବି.କେ. ଶର୍ମା ଓଡ଼ିଶା ଉଦ୍ଧାରକାରୀ ଦଳ ବନ୍ୟା ପ୍ରପୀଡିତଙ୍କୁ ସହାୟତା କରୁଥିବାର ଫଟୋ ରବିବାର ନିଜ ଟୁଇଟରରେ ଅପଲୋଡ୍ କରିଛନ୍ତି। ସେହିପରି କେରଳ ବନ୍ୟାରେ ଫସିଥିବା ଓଡ଼ିଆଙ୍କ ଲାଗି ସ୍ୱତନ୍ତ୍ର ରିଲିଫ କମିଶନ(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ହେଲପ୍ ଲାଇନ ନଂ. ୧୦୭୦ ଓ ଦେୟଯୁକ୍ତ ନମ୍ବର ୦୬୭୪-୨୫୩୪୧୭୭ ଜାରି କରାଯାଇଛି।

### ବନ୍ଦ ହେବ ୨ ହଜାର...

ସ୍ୱତନ୍ତ୍ର ପୋଷ୍ୟଗ୍ରହଣ ସଂସ୍ଥା ଓ ମୁକ୍ତ ଆଶ୍ରୟ ଆଦି ସିସିଆଇ ଅନ୍ତର୍ଭୁକ୍ତ। କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ ଅନୁସାରେ ସିଏଆର୍‌ଏ ସହ ସିସିଆଇଗୁଡ଼ିକର ସଂଯୋଗୀକରଣକୁ ବାଧ୍ୟତାମୂଳକ କରାଯାଇଛି। କିଶୋର ନ୍ୟାୟ ଆଇନ ଅନୁସାରେ ଶିଶୁ ଯତ୍ନ କେନ୍ଦ୍ରଗୁଡ଼ିକର ପଞ୍ଜୀକରଣ ୨୦୧୭ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ପୂର୍ବରୁ ସୁପ୍ରିମକୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିର୍ଦ୍ଦେଶନାମାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯାଇ ପାରିନାହିଁ। ଶିଶୁ ଅଧିକାର ସୁରକ୍ଷା ଜାତୀୟ କମିଶନଙ୍କ ତଥ୍ୟାନୁସାରେ, ଦେଶରେ ସମସ୍ତ ସିସିଆଇରେ ମୋଟ ୨,୩୨,୯୩୭ ଶିଶୁ ଅଛନ୍ତି। ତେବେ ବିନା କାଗଜପତ୍ରରେ ଚାଲିଥିବା ଏଭଳି ଅନୁଷ୍ଠାନଗୁଡ଼ିକରେ ଶିଶୁଙ୍କ ସୁରକ୍ଷାକୁ ନେଇ ବାରମ୍ବାର ପ୍ରଶ୍ନ ଉଠିବା ପରେ ବିଗତ କିଛିଦିନ ମଧ୍ୟରେ ୪୦ଟି ଅଣପଞ୍ଜୀକୃତ ଶିଶୁ ଯତ୍ନ ଗୃହକୁ ବନ୍ଦ କରାଯାଇଛି। ଆଉ କେତେକ ସଂସ୍ଥା ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଯେଉଁ ସଂସ୍ଥାଗୁଡ଼ିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପଞ୍ଜୀକରଣ ନ କରିବେ ସେଗୁଡ଼ିକୁ ବେଆଇନ ଘୋଷଣା କରାଯାଇ ବନ୍ଦ କରାଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

### ବଜରଙ୍ଗ ଜିତିଲେ ...

ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ। ହରିୟାଣାର ଏହି ୨୪ ବର୍ଷୀୟ ରେସଲର ଫାଇନାଲ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ବୈଷୟିକ ଦୃଷ୍ଟିକୋଣରୁ ସେ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିଲେ। ଦମ୍‌ଦାର ପ୍ରଦର୍ଶନ କରି ବଜରଙ୍ଗ ସବୁ ବାଉଟ୍‌ରେ ଏକପାଖିଆ ବିଜୟ ହାସଲ କରିଥିଲେ। ସେ ଏହି କ୍ରମରେ ଉଜ୍‌ବେକିସ୍ତାନର ସିରୋଜିଦ୍ଦିନ ଖାସାନୋଭଙ୍କୁ ୧୩-୩, ତାଜିକ୍‌ସ୍ତାନର ଫଏଜିଏଭ ଅବଦୁଲକୋସିମଙ୍କୁ ୧୨-୨ ଓ ମଙ୍ଗୋଲିଆର ଏନ ବାଟମାଙ୍ଗନାଇ ବାଟୁଲୁଙ୍କୁ ୧୦-୦ରେ ପରାସ୍ତ କରି ମେଡାଲ ରାଉଣ୍ଡରେ ପ୍ରବେଶ କରିଥିଲେ।

ଅବଶ୍ୟ ଫାଇନାଲରେ ବଜରଙ୍ଗ ଜାପାନର ଡାଇଚିଙ୍କଠାରୁ ସାମାନ୍ୟ ସଂଘର୍ଷର ସମ୍ମୁଖୀନ ହୋଇଥିଲେ। ପ୍ରଥମେ ବଜରଙ୍ଗ ୬-୦ରେ ଅଗ୍ରଣୀ ହୋଇଥିଲେ। ତେବେ ଡାଇଚି ଲଢୁଆ ପ୍ରଦର୍ଶନ କରି ବଜରଙ୍ଗଙ୍କୁ ଅଟକାଇବାକୁ ସକ୍ଷମ ହୋଇଥିଲେ। ଫଳରେ ସେ ଜବରଦସ୍ତ ଚାପର ସମ୍ମୁଖୀନ ହୋଇଥିଲେ। ତେବେ ପରେ ସେ ପ୍ରତ୍ୟାବର୍ତ୍ତନ କରି ଫାଇନାଲ ବାଉଟକୁ ହାତେଇ ନେଇ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ।

ଏଥିସହ ବଜରଙ୍ଗ ତାଙ୍କ ଗୁରୁ ଯୋଗେଶ୍ୱର ଦତ୍ତଙ୍କ ସମକକ୍ଷ ହୋଇଛନ୍ତି। ଗତ ସଂସ୍କରଣରେ ଯୋଗେଶ୍ୱର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୂର୍ବରୁ ୧୯୭୮ ଓ ୧୯୮୬ରେ କରତାର ସିଂ, ୧୯୮୨ରେ ସତ୍‌ପାଲ ସିଂ, ୧୯୭୮ରେ ରାଜିନ୍ଦର ସିଂ, ୧୯୭୦ରେ ଚାଙ୍ଗଡି ରାମ ଓ ୧୯୬୨ରେ ମାରୁତି ମାନେ ଏସିଆଡ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏବେ ବଜରଙ୍ଗ ଏହି ତାଲିକାରେ ସାମିଲ ହେବାର ସୌଭାଗ୍ୟ ଲାଭ କରିଛନ୍ତି।

ଅନ୍ୟ ଭାରତୀୟ ରେସଲର ଅଭିଜ୍ଞ ସୁଶୀଲ କୁମାର (୭୪ କେ.ଜି.), ସନ୍ଦୀପ ତୋମାର (୫୭), ମୌସମ ଖାତ୍ରୀ (୯୭) ଓ ପବନ କୁମାର (୮୬ )ରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଥିଲେ ମଧ୍ୟ ଏମାନେ ଶେଷରେ ବିଫଳ ହୋଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — କର୍ମକ୍ଷେତ୍ରରେ ଲାଗି ରହିଥିବା ପ୍ରତ୍ୟେକ ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରି ସଫଳତା ହାସଲ କରିପାରିବେ। ପାରିବାରିକ କ୍ଷେତ୍ରରେ ମଧ୍ୟ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ ଓ ପରିବହନରେ ମଧ୍ୟ ଶିଥିଳତା ମାନସିକ ଅଶାନ୍ତିର କାରଣ ହେବ । ହଜିଯାଇଥିବା ଜିନିଷର ସନ୍ଧାନ ପାଇପାରିବେ।

**ବୃଷ** — ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର ମାତ୍ରାକୁ ବଢାଇଦେଇପାରେ। ପଡୋଶୀ,ବନ୍ଧୁ ପରିଜନମାନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ବନ୍ଧୁଙ୍କ ଜରିଆରେ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ ।

**ମିଥୁନ** — ବନ୍ଧୁମାନଙ୍କ ପରାମର୍ଶକ୍ରମେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଓ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ମଧ୍ୟ ପାଇବେ । ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ନିକଟ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବାରେ ସାମାନ୍ୟ ହଇରାଣ ହରକତ ହେବାକୁ ପଡିପାରେ।

**କର୍କଟ** — ଅଧସ୍ତନ କର୍ମଚାରୀଙ୍କ ସହଯୋଗରୁ ଦୀର୍ଘଦିନର ଆଶା ଫଳବତୀ ହେବାରୁ ମନ ପ୍ରଫୁଲ୍ଲ ହୋଇଯିବ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପଡୋଶୀଙ୍କ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି। ରପ୍ତାନି ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ଦୃଢ ମନୋବଳ ନେଇ କାମ କରିପାରିବେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ ହାସଲ କରି ଉପକୃତ ହେବେ। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ବିବାଦୀୟ ଘଟଣା ଓ ମାଲିମକଦ୍ଦମାର ସମାଧାନ ହୋଇଯିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ତର୍କବିତର୍କ ଜନିତ ସହକର୍ମୀଙ୍କ ସହ ମନାନ୍ତର ଦେଖା ଦେଇପାରେ।

**ତୁଳା** — ଉନ୍ନତ ଚିନ୍ତା ଓ ପୂର୍ବପରିକଳ୍ପିତ ଯୋଜନା ତଥା ନୂତନ କର୍ମାରମ୍ଭ ଆଜିର ମୁଖ୍ୟ କାର୍ଯ୍ୟ ରହିବ। ପାଖ,ପଡୋଶୀଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା** — ପରିଜନମାନଙ୍କ ସହ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ସହକର୍ମୀଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେଇପାରେ। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସାମାଜିକ ସ୍ତରରେ ବିଳମ୍ବରେ ହେଲେ ମଧ୍ୟ ଅଭୀଷ୍ଟ ସିଦ୍ଧି ଘଟିବ। ବ୍ୟବସାୟ, କଳା, ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** — ପାପଗ୍ରହ ପ୍ରଭାବରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପୁଣି ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ହେତୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପ୍ରଶାସନିକ ସ୍ତରରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ସାମାଜିକ କ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ପାରିବାରିକ ସ୍ତରରେ ଅର୍ଥାଭାବ ଯୋଗୁ ବିଚଳିତ ହେବେ।

**ମକର** — ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ପ୍ରିୟଜନଙ୍କ ସହ ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ। ହିତୈଷୀମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ଅବସର ପାଇବେ। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ସୁଦୃଢ ରହିବା ସହ ଆର୍ଥିକ ଉନ୍ନତି ଘଟିପାରେ।

**କୁମ୍ଭ** — କର୍ମଜଞ୍ଜାଳ ବୃଦ୍ଧି ପାଇବା ଜନିତ ମନ ଭଲ ନ ଥିବା କାରଣରୁ ଉଦାସୀନ ରହିପାରନ୍ତି। ସାମାଜିକ ସ୍ତରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପରିବାର ସକାଶେ ଧାର ଉଧାର କରିବାକୁ ପଡିପାରେ। ଧନ୍ଦାମୂଳକ ଶିକ୍ଷାରେ ସଫଳତା ଲାଭ କରିବେ। ଆଜି ଆକସ୍ମିକ ଭାବରେ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ।

**ମୀନ** — କର୍ମକ୍ଷେତ୍ରରେ ମନ କଥା ମନରେ ରଖି କାମ କରିବାକୁ ବାଧ ହୋଇପାରନ୍ତି। କେତେକ କ୍ଷେତ୍ରରେ ମଧ୍ୟ ହାତପାହାନ୍ତାରେ ସୁଯୋଗ ପାଇଲେ ମଧ୍ୟ ତାହାର ସଦ୍ ବ୍ୟବହାର କରିପାରିବେନାହିଁ। ରାଜନୈତିକ ସ୍ତରରେ ହଠାତ୍ ବିରାଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ଦଶମୀ ସୋମବାର, ଅଗଷ୍ଟ ୨୦ ତାରିଖ, ବିଶ୍ୱ ମଶକ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଓ ସଦ୍‌ଭାବନା ଦିବସ , ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ମିଥୁନ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୦ମି. ମଧ୍ୟେ, ଘ୧।୫୦ମି. ଗତେ, ଘ୨।୪୩ମି. ମଧ୍ୟେ, ଘ୪।୪୩ମି. ଗତେ, ଘ୬।୨୨ମି. ମଧ୍ୟେ ଅମୃତବେଳା, ସକାଳ ଘ୮।୨୮ମି. ଗତେ, ଘ୧୦।୦୨ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୭।୦୬ମି. ଗତେ, ଘ୮।୪୧ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ସୋମବାର, ୨୦ ଅଗଷ୍ଟ, ୨୦୧୮



## ସଂକ୍ଷେପରେ

### ଦେବବ୍ରତ ଏଫଏମ୍ କଲେଜ ବିସିଜେଡି କ୍ୟାମ୍ପସ ସଭାପତି



**ବାଲେଶ୍ୱର ଅଫିସ,୧୯।୮:** ବିଜୁ ଛାତ୍ର ଜନତା ଦଳ(ବିସିଜେଡି) ପକ୍ଷରୁ ଏଫଏମ୍ ସ୍ୱୟଂଶାସିତ କଲେଜରେ କ୍ୟାମ୍ପସ କମିଟି ଗଠନ କରାଯାଇଛି। ଛାତ୍ର ଜନତାର ଜିଲା ସଭାପତି ସିମନ ଦାସମହାପାତ୍ର, ଜୋନାଲ ସଭାପତି ତାପସ ପାଣିଗ୍ରାହୀ, ପୂର୍ବତନ ସଭାପତି ଶୁଭମ ସାଇ ମହାପାତ୍ର ଓ ହରେକୃଷ୍ଣ ପ୍ରଧାନଙ୍କ ଅନୁମୋଦନକ୍ରମେ ଟାଉନ ସଭାପତି ବ୍ରଜକିଶୋର ପ୍ରଧାନ ଏହି କମିଟି ଘୋଷଣା କରିଥିଲେ। ଚଳିତବର୍ଷର କ୍ୟାମ୍ପସ କମିଟି ସଭାପତି ଭାବେ କମ୍ପ୍ୟୁଟର ସାଇନ୍ସ ବିଭାଗର ତୃତୀୟ ବର୍ଷର ଛାତ୍ର ଦେବବ୍ରତ ଭୂୟାଁ ମନୋନୀତ ହୋଇଛନ୍ତି। ପ୍ରସନ୍ନଜିତ ରଣା କାର୍ଯ୍ୟକାରୀ ସଭାପତି, ସତ୍ୟପ୍ରକାଶ ପଣ୍ଡାଙ୍କୁ ମହାସଚିବ ଭାବେ ମନୋନୀତ କରାଯାଇଛି। ପରେ ଟାଉନ ସଭାପତି ପ୍ରଧାନଙ୍କ ଅନୁମୋଦନକ୍ରମେ ଓ ଜିଲା ମହାସଚିବ କୁଶାଲ ଚାଟାର୍ଜୀ, ସଦର ସଭାପତି ଭବାନୀ ପଣ୍ଡାଙ୍କ ପରାମର୍ଶକ୍ରମେ କ୍ୟାମ୍ପସ ସଭାପତି ଭୂୟାଁ ପରିବର୍ଦ୍ଧିତ କମିଟି ଘୋଷଣା କରିଥିଲେ।

### ବଜ୍ରପାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ଔପଦା,୧୯।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ତଳକିଆ ପଞ୍ଚାୟତ କଲରାପାଳ ଗ୍ରାମର ତାପସ ରଞ୍ଜନ ନାୟକ(୨୮)ଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ଅପରାହ୍ନ ଗୋଟାଏ ବେଳେ ମୁମୂର୍ଷୁ ଅବସ୍ଥାରେ ଘର ପାଖ ବିଲରେ ପଡ଼ିଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଔପଦା ଡାକ୍ତରଖାନାକୁ ଆଣିଥିଲେ। ସେଠାରୁ ତାଙ୍କୁ ସୋର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସି ନଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଥିବା ପଡୋଶୀମାନେ କହିଛନ୍ତି। ତାପସ ଜଣେ ମେଧାବୀ ଛାତ୍ର ଥିଲେ। ସେ ଉଚ୍ଚଶିକ୍ଷା ନିମନ୍ତେ ବିଦେଶ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ। ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଉନ୍ନୟନ ଯୋଜନାରୁ ବଞ୍ଚିତ ୭ ଶହ ପରିବାର

## ■ ସମାଧାନ ପାଇଁ ଅଣ୍ଟା ଭିଡ଼ିଲେ ପ୍ରଶାସନ, ନେତା

**ବାଲେଶ୍ୱର ଅଫିସ, ୧୯।୮**

ବାଲେଶ୍ୱର ପୌରାଞ୍ଚଳ ଏବଂ ରେମୁଣା ବ୍ଲକ ମଧ୍ୟଭାଗରେ ଅବସ୍ଥିତ ଉଦୟନଗର ୟୁନିଟ୍-୫ ଏବଂ ଶକ୍ତିନଗର ୟୁନିଟ୍-୪ର ୭ ଶହରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ୨୫ ବର୍ଷ ଧରି ସରକାରଙ୍କ ସମସ୍ତ ଉନ୍ନୟନ ଯୋଜନାରୁ ବଞ୍ଚିତ ହୋଇ ଆସୁଛନ୍ତି। ଗତ ମଙ୍ଗଳବାର ଏହାର ସମାଧାନ ପାଇଁ ଅଞ୍ଚଳବାସୀଙ୍କ ନିକଟରେ ପହଞ୍ଚିଛନ୍ତି ବାଲେଶ୍ୱର ଏମ୍ପି ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ବ୍ରିଟ୍ ଅଧ୍ୟକ୍ଷ ଗୌରୀ ରାଉତ, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଜିଲା ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେଶ କୁମାର ପାଣିଗ୍ରାହୀ।

୭ଶହ ପରିବାରର ୬ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ୨୦ବର୍ଷ ଧରି ରାଜନେତା ଓ ପ୍ରଶାସନ ନିକଟରେ ଆବଶ୍ୟକ ପାନୀୟଜଳ, ରାସ୍ତା, ଡ୍ରେନେଜ୍, ବିଦ୍ୟୁତ୍‌ର ସୁବ୍ୟବସ୍ଥା ପାଇଁ ଲିଖିତ ଜଣାଉଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ନିର୍ବାଚନ ଆସିଲେ ନେତାମାନେ ବାରମ୍ବାର ପ୍ରତିଶ୍ରୁତି ଦେଇ ଭୋଟ ହାତେଇବା ପରେ ପ୍ରତିଶ୍ରୁତି ଭୁଲିଯାଇଥାନ୍ତି। ଚଳିତ ବର୍ଷ ଉକ୍ତ ଅଞ୍ଚଳର ଲୋକମାନଙ୍କର ଭୋଟର ତାଲିକା ରେମୁଣା ନିର୍ବାଚନମଣ୍ଡଳୀ କିମ୍ବା ମ୍ୟୁନିସିପାଲିଟି ଅଞ୍ଚଳରେ ନ ଥିବା ଭଳି ସମସ୍ୟା ଉପୁଜିଛି। ଉଦୟଶକ୍ତି ବିକାଶ ମଞ୍ଚ ତରଫରୁ ଆର୍‌ଟିଆଇ (ସୂଚନା ଆଇନ୍ ଅଧିନିୟମ)ମାଧ୍ୟମରେ ମଗାଯିବାରୁ ରେମୁଣା ବିଡିଓ ଏବଂ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଉଭୟ ଉକ୍ତ ଅଞ୍ଚଳ ତାଙ୍କ ପରିସରଭୁକ୍ତ ନୁହେଁ ବୋଲି ସୂଚନା ମିଳିଛି। ଏ ସବୁ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ସହ ଏମ୍ପି ଜେନା ଏବଂ ବିଧାୟକ ଦାଶ ଆଲୋଚନା କରିଛନ୍ତି। ଉଦୟଶକ୍ତି ବିକାଶ ମଞ୍ଚ ତରଫରୁ ମାନ୍ୟଗଣ୍ୟ ଲୋକମାନେ ଏକାଠି ହୋଇଛନ୍ତି। ଏ ନେଇ ଏମ୍ପି ଜେନା କହିଛନ୍ତି, ଏହି ଅଞ୍ଚଳ ବ୍ଲକ ନା ମ୍ୟୁନିସିପାଲିଟିର ବୋଲି ଚିହ୍ନଟ କରିବା ପ୍ରକ୍ରିୟା ବିଳମ୍ବ ହେଉଥିଲେ ମଧ୍ୟ ଉକ୍ତ ଅଞ୍ଚଳର ଉନ୍ନତି ପାଇଁ ଜିଲା ପ୍ରଶାସନର ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ରାସ୍ତା, ନାଳ, ପାନୀୟଜଳ ସୁବିଧା ଭଳି ଆବଶ୍ୟକ ପଦକ୍ଷେପ ଅବିଳମ୍ବେ ନିଆଯିବ।



ଉଦୟଶକ୍ତି ବିକାଶ ମଞ୍ଚ ସହ ଆଲୋଚନାରତ ଏମ୍ପି, ବିଧାୟକ ଓ ପ୍ରଶାସନିକ ଅଧିକାରୀ।

# ଭାସି ଯାଇ ଛାତ୍ର ନିଖୋଜ

**ଭୋଗରାଇ,୧୯।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଅଧୀନ ନୟାପାଲି ଗ୍ରାମର ଦଶରଥ ଦାସଙ୍କ ୧୦ ବର୍ଷର ପୁଅ ଅଜିତ୍ ନିଜ ଘର ପାଖ ଗୁଆଶୁଳ ଖାଳ ଗାଧୁଆ ଘାଟରେ ରବିବାର ମଧ୍ୟାହ୍ନରେ ଗାଧୋଉଥିବା ବେଳେ ପାଣି ସ୍ରୋତରେ ଭାସି ଯାଇଥିବା ଖବର ମିଳିଛି। ଅଗ୍ନିଶମ ବିଭାଗ ଏବଂ ଗ୍ରାମବାସୀ ଖାଳରେ ତଲାସୀ ଅଭିଯାନ ଜାରି ରଖିଛନ୍ତି। ନିଖୋଜ ଛାତ୍ର ସ୍ଥାନୀୟ ପ୍ରାଥମିକ ସ୍କୁଲର ୫ମ ଶ୍ରେଣୀର। ଖବର ଲେଖା ହେବା ବେଳକୁ ନିଖୋଜ ଥିବା ଛାତ୍ରର ପତ୍ତା ମିଳି ନାହିଁ।

# ରାଜପଥରେ ହେଲମେଟ୍ ଯାଞ୍ଚ

## ■ ୧୭ଶହ ଟଙ୍କା ଜରିମାନା ଆଦାୟ

**ରୂପ୍‌ସା, ୧୯।୮(ଡି.ଏନ.ଏ.)**

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ଅନ୍ତର୍ଗତ ଆଗମୌଜା ଛକଠାରେ ରୂପ୍‌ସା ଥାନା ପକ୍ଷରୁ ବାଇକ୍ ଆରୋହୀଙ୍କ ହେଲମେଟ୍ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ସୁଚନ୍ଦ୍ର ମହାଲିକ, ଏଏସ୍‌ଆଇ ହେମନ୍ତ କୁମାର ପାତ୍ର ଓ ହେମନ୍ତ କୁମାର ଦେବ ପ୍ରମୁଖ ବାଇକ୍ ଚାଳକଙ୍କ ହେଲମେଟ୍ ଯାଞ୍ଚ କରିବା ସହ କାଗଜପତ୍ର, ଇନ୍‌ସ୍ୟୁରାନ୍ସ, ଡ୍ରାଇଭିଂ ଲାଇସେନ୍ସ ଆଦି ତନଖି କରିଥିଲେ। ୧୭ଜଣ ଆଇନ ଉଲ୍ଲଂଘନ କରୁଥିବା ଚାଳକଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ୧୭ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ହେଲମେଟ୍ ବ୍ୟବହାର କରୁ ନ ଥିବା ବାଇକ୍ ଚାଳକଙ୍କ ବିରୋଧରେ ନିୟମିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ମହାଲିକ ପ୍ରକାଶ କରିଛନ୍ତି।



ଅତିଥିଙ୍କ ଦ୍ୱାରା 'ତୀର୍ଥ ଭ୍ରମଣ' ଗ୍ରନ୍ଥ ଲୋକାର୍ପିତ।

# 'ତୀର୍ଥ ଭ୍ରମଣ' ଲୋକାର୍ପିତ

**ବାଲେଶ୍ୱର ଅଫିସ,୧୯।୮**

ବାଲେଶ୍ୱର କବିତୀର୍ଥ ଶାନ୍ତିକାନନ ପରିସରରେ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଶନିବାର ସନ୍ଧ୍ୟାରେ ପ୍ରଦୀପ ଚାଟାର୍ଜୀଙ୍କ ସଭାପତିତ୍ୱରେ ଊର୍ମିଳା ନାୟକଙ୍କ 'ତୀର୍ଥ ଭ୍ରମଣ' ଗ୍ରନ୍ଥ ଲୋକାର୍ପିତ ହୋଇଯାଇଛି। ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏହାକୁ ଉନ୍ମୋଚନ କରି ଏଥିରେ ପ୍ରଦତ୍ତ ତଥ୍ୟମାନ ଭ୍ରମଣାକାଂକ୍ଷା ବୃଦ୍ଧି କରିବାରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ।

ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣଭାରତର ଯେକୌଣସି ସ୍ଥାନକୁ ଭ୍ରମଣ ଉଦ୍ଦେଶ୍ୟରେ ଗଲେ ସେସବୁ ସ୍ଥାନ ବିଷୟରେ ବିସ୍ତୃତ ଭାବେ ଜାଣିବା ପାଇଁ ଉକ୍ତ ଗ୍ରନ୍ଥଟି ଏକାନ୍ତ ଉପଯୋଗୀ। ପ୍ରତ୍ୟେକ ସ୍ଥାନର ମହତ୍ତ୍ୱ, ତାର ଇତିହାସ, ଗମନା ଗମନ ପଥ, ଖାଦ୍ୟପେୟ ଓ ରହିବା ସ୍ଥାନ ସମ୍ପର୍କରେ ବିସ୍ତୃତ ଭାବରେ ଏହି ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି। ଆଲୋଚକ ଭାବେ ସାରସ୍ୱତ ସାଧିକା ଅରୁଣା ରାୟ ଓ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସମ୍ପାଦକ ଦୀନବନ୍ଧୁ ଲେଙ୍କା ଯୋଗଦେଇ ଓଡ଼ିଆ ସାହିତ୍ୟରେ ଭ୍ରମଣ କାହାଣୀର ଇତିହାସ ବର୍ଣ୍ଣନା କରିବା ସହିତ ଏହି ଗ୍ରନ୍ଥରେ ସ୍ଥାନଗୁଡ଼ିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ହୋଇଥିବା ମତ ଦେଇଥିଲେ। ଡ. କୁମାର ଗୋପାଳ ଅତିଥିମାନଙ୍କର ମଞ୍ଚାବାହନ, ତପନ ରାୟ, କାଳିପଦ ପଣ୍ଡା, ଲମ୍ବୋଦର ନାୟକ, ପଦ୍ମଲୋଚନ ଦତ୍ତ, ସଞ୍ଜୟ କୁମାର ପଣ୍ଡା, ରାଜେନ୍ଦ୍ର କୁମାର ରାଉତ, ଡ.କ୍ଷିତୀଶ୍ୱର ଦାଶ, ବଂଶୀଧର ଜେନା, ଜତୀନ୍ଦ୍ର କୁମାର ପୁହାଣ, ନୃସିଂହ ଚରଣ ନାୟକ, ଶରତ କୁମାର ମହାପାତ୍ର, ଅଭିନେତା ନିରଞ୍ଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଆସରକୁ ସଫଳ କରିଥିଲେ।

## ୨ ମାସ କାମ କରି ଟଙ୍କା ପାଇନାହାନ୍ତି ଶ୍ରମିକ

**ସଜନାଗଡ଼, ୧୯।୮(ଡି.ଏନ.ଏ.)**

ବନ ବିଭାଗର ପଥର ପ୍ୟାକିଂ କାମ କରି ଦୀର୍ଘ ୨ ମାସ ଧରି ନିରୀହ ଶ୍ରମିକମାନେ ମଜୁରି ନ ପାଇବା ଘଟଣା ବନବିଭାଗର ଶ୍ରମିକମାରଣ ନୀତିକୁ ପଦାରେ ପକାଇଛି। ସୂଚନା ଅନୁସାରେ ନୀଳଗିରି ରେଞ୍ଜର ଗୁଜୁଡିହା ବିଟ୍ ହାଉସ ଅଧୀନ ଡମ୍ବରୁଘାଟି ସଂରକ୍ଷିତ ଜଙ୍ଗଲରେ ୨ଲକ୍ଷ ୭୦ହଜାର ଟଙ୍କା ବ୍ୟୟରେ ପଥର ପ୍ୟାକିଂ କାର୍ଯ୍ୟ ଚାଲିଥିବା ବେଳେ ଉକ୍ତ ଅଞ୍ଚଳରୁ ପ୍ରତି ଦିନ ୧୫ ରୁ ୨୦ଜଣ ଶ୍ରମିକ କାର୍ଯ୍ୟ କରି ଆସୁଥିବା ବେଳେ ଠିକ୍ ସମୟରେ ଫରେଷ୍ଟ ଗାର୍ଡ ସାଗରିକା ମାଝି ମଜୁରି ଦେଉ ନ ଥିବାର ଅଭିଯୋଗ ଆଣିଛନ୍ତି। ୨ମାସ ଧରି ଶ୍ରମିକମାନେ କାର୍ଯ୍ୟ କରି ଟଙ୍କା ପାଇ ନ ଥିଲା ବେଳେ ପିଲାଛୁଆମାନଙ୍କୁ ବହୁ କଷ୍ଟରେ ଖାଇବାକୁ ଦେଉଥିବାର ପ୍ରକାଶ କରିଛନ୍ତି। ବହୁବାର ମ୍ୟାଡାମକୁ କହିଲା ପରେ ବି ମଜୁରି ଦେବା ନାଁ ଧରୁ ନ ଥିବାର ଅଭିଯୋଗ ଆଣିଛନ୍ତି। ଏ ବାବଦରେ ନୀଳଗିରି ରେଞ୍ଜର ସୁକୁମାର ଦାସଙ୍କୁ ପଚାରିବାରୁ ତଦନ୍ତ କରି ଶ୍ରମିକମାନଙ୍କର ପ୍ରାପ୍ୟ ପ୍ରଦାନ ବାବଦରେ ବିହିତ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ସମସ୍ୟା ନେଇ ଏଡିଆର୍‌ଏମ୍‌ଙ୍କୁ ଭେଟିଲା ନାଗରିକ ମଞ୍ଚ

**ସୋର, ୧୯।୮(ଡି.ଏନ.ଏ.)**

**ସୋର ଷ୍ଟେଶନ**

ସୋର ଷ୍ଟେଶନରେ ବିଭିନ୍ନ ସମସ୍ୟା ନେଇ ସୋର ନାଗରିକ ମଞ୍ଚ ତରଫରୁ ଏଡ଼ିଆରଏମ୍‌ଙ୍କୁ ସାକ୍ଷାତ୍ କରାଯାଇଛି। ଏହି ଅବସରରେ ୧୦ଦଫା ଦାବିପତ୍ର ଖଡଗପୁରର ଏଡିଆର୍‌ଏମ୍ ଏମ୍. ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଖଡଗପୁର-ଖୋର୍ଦ୍ଧା ଫାଷ୍ଟ ପାସେଞ୍ଜର ନରାଜ ପରିବର୍ତ୍ତେ କଟକ ଦେଇ ଚଳାଚଳ, ଭଦ୍ରକ-ପଲାସା ପାସେଞ୍ଜରକୁ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ, ବାଙ୍ଗିରିପୋଷି-ଭୁବନେଶ୍ୱର ଏକ୍ସପ୍ରେସ୍ ଟ୍ରେନ୍‌କୁ ପୁରୀକୁ ସମ୍ପ୍ରସାରଣ, ସୋର ଷ୍ଟେଶନର ୪ନଂ. ପ୍ଲାଟ୍‌ଫର୍ମର ରାସ୍ତାର ଉନ୍ନତିକରଣ, ଟିକେଟ୍ ସଂରକ୍ଷଣ କାଉଣ୍ଟରରେ ୪ଟା ପର୍ଯ୍ୟନ୍ତ ଖୋଲା ରଖିବା, ୧ନଂ. ପ୍ଲାଟ୍‌ଫର୍ମର ଉନ୍ନତୀକରଣ, ବଗି ଚିହ୍ନଟ ସୂଚନାଫଳକ ଲଗାଇବା ଆଦି ଦାବି ଅନ୍ତର୍ଭୁକ୍ତ। ଦାବିପତ୍ର ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବାକୁ ଏଡ଼ିଆରଏମ୍ ପ୍ରତିଶ୍ରୁତି ଦେଇଛନ୍ତି। ସାକ୍ଷାତ୍ ସମୟରେ ଡ. ନରହରି ନାୟକ, ନେତ୍ରାନନ୍ଦ ରାଉତ, ଜ୍ଞାନରଞ୍ଜନ ପଣ୍ଡା, ନବକିଶୋର ଦାସ, ବାସୁକୃଷ୍ଣ ମହାପାତ୍ର ଓ କମଳାକାନ୍ତ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ■ ପାଗଳ ଷଣ୍ଢ ଆତଙ୍କ

# ୧୩ରୁ ଊର୍ଦ୍ଧ୍ୱ ଗୋରୁଙ୍କ ସମେତ ଗ୍ରାମବାସୀ ଆହତ

**ଜଳେଶ୍ୱର,୧୯।୮(ସ୍ୱ.ପ୍ର.)**

ଜଳେଶ୍ୱର ବ୍ଲକ ଗୋପୀମହୋନପୁର ପଞ୍ଚାୟତ ସରସିଦା ଗ୍ରାମରେ ଏକ ପାଗଳ ଷଣ୍ଢ ଆତଙ୍କ ଖେଳାଇଛି। ଆକ୍ରମଣରେ ୧୩ରୁ ଊର୍ଦ୍ଧ୍ୱ ଗୋରୁଙ୍କ ସମେତ ବହୁ ଗ୍ରାମବାସୀ ଆହତ ହୋଇଛନ୍ତି। ଗ୍ରାମର ଦାମୋଦର ଗୋଚ୍ଛାୟତଙ୍କ ୧୦ ବର୍ଷର ଝିଅ ଝିଲ୍ଲୀ ଷଣ୍ଢ ଆକ୍ରମଣରେ ଗୁରୁତର ହୋଇପଡିଛନ୍ତି। ତାଙ୍କୁ ପ୍ରଥମେ ଜଳେଶ୍ୱର ଜି.କେ. ଭଟ୍ଟର ହସପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

ଗ୍ରାମବାସୀ ଏ ବିଷୟରେ ସରପଞ୍ଚ ରବୀନ୍ଦ୍ର ଜେନା ଓ ବିଜୁ ଯୁବବାହିନୀ ସଂଯୋଜକ ମାନସ ରଞ୍ଜନ ଧଳଙ୍କୁ ଜଣାଇବା ପରେ ସେମାନେ ଜଳେଶ୍ୱର ସଂଖ୍ୟାଲଘୁ ସେଲ୍ ସଭାପତି ମୀର ଆବାସ ଅଲ୍ଲୀଙ୍କ ଦ୍ୱାରା ଜଳେଶ୍ୱର ଜଙ୍ଗଲ ବିଭାଗ, ଦମକଳ ବାହିନୀ, ତହସିଲଦାରଙ୍କୁ ଖବର ଦେଇଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ଶେଷରେ ଖବରପାଇ ଜଳେଶ୍ୱର ଥାନା ପୋଲିସ ପହଞ୍ଚି ଷଣ୍ଢକୁ କାବୁ କରିଥିଲେ। ଏହାପରେ ପଶୁ ଚିକିତ୍ସାଧିକାରୀଙ୍କୁ ଖବର ଦିଆଯାଇଥିଲା। ଚିକିତ୍ସାଧିକାରୀ ଆସି ଷଣ୍ଢକୁ ନିଶା ଔଷଧ ଦେଇ ନିସ୍ତେଜ କରିଥିଲେ। ଏବେ ଷଣ୍ଢକୁ ବନ୍ଧାଯାଇ ରଖାଯାଇଥିଲେ ମଧ୍ୟ ଏହାର ସେବା କରିବା ଲାଗି ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏହାଛଡ଼ା ଆହତ ଲୋକମାନଙ୍କର ଚିକିତ୍ସା ଲାଗି ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ପାଗଳ ଷଣ୍ଢକୁ ଗଛରେ ବାନ୍ଧି ରଖାଯାଇଛି।

# ଜନଜାଗରଣ ମଞ୍ଚ ପକ୍ଷରୁ ବୃକ୍ଷରୋପଣ

**ଖଇରା,୧୯।୮(ଡି.ଏନ.ଏ.):** ଖଇରାସ୍ଥିତ ଜନଜାଗରଣ ମଞ୍ଚ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଅବସରରେ ବୃକ୍ଷରୋପଣ କରାଯାଇଛି। ମଞ୍ଚ ସଭାପତି ଉମେଶ ଚନ୍ଦ୍ର ନାୟକ, ସମ୍ପାଦକ ଉମେଶ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସଦସ୍ୟମାନେ ବଣପାରିଆ ପ୍ରାଥମିକ ବିଦ୍ୟାଳୟରେ ୨୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଥିଲେ। କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ରଘୁନାଥ ପତ୍ରୀ, ବୁଦ୍ଧିରାମ ପାଣିଗ୍ରାହୀ, ଚିନ୍ତାମଣି ସାହାଣି, ଦେବେନ୍ଦ୍ର ରାଉତ, ଭୋଳାନାଥ ସିଅ, ଗଗନ ବିହାରୀ ପଣ୍ଡା ଓ ଜୟନ୍ତୀ ମହାରଥା ପ୍ରମୁଖ ବୃକ୍ଷରୋପଣରେ ସହାୟତା କରିଥିଲେ।

## ■ ମିଳିଲା ୮ବର୍ଷ ପରିଶ୍ରମର ଫଳ

# ସହାୟିକା ଭାବେ ନିଯୁକ୍ତ ହେଲେ ଜେମାମଣି

**ଖଇରା, ୧୯।୮(ଡି.ଏନ.ଏ.)**

ବହୁ ବାଦବିବାଦ ମାଲିମକଦ୍ଦମା ପରେ ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ପଲ୍ଲିସାଜନାବାଜ ଅଙ୍ଗନୱାଡି କେନ୍ଦ୍ରରେ ଗ୍ରାମର ଜେମାମଣି ସିଂଙ୍କୁ ସହାୟିକା ଭାବେ ନିଯୁକ୍ତି ଦିଆଯାଇଛି। ୮ବର୍ଷ ତଳେ କର୍ମୀ ନିଯୁକ୍ତି ହୋଇଥିଲେ ମଧ୍ୟ ସହାୟିକା ନିଯୁକ୍ତ ହୋଇ ପାରି ନ ଥିଲେ। ମାମଲା ହାଇକୋର୍ଟକୁ ମଧ୍ୟ ଯାଇଥିଲା। ହେଲେ ଗ୍ରାମର ଅସହାୟ ମହିଳା ଜେମାମଣି ସିଂ କେନ୍ଦ୍ରରେ ବିନା ପାରିଶ୍ରମିକରେ ସ୍ୱତଃପ୍ରବୃତ୍ତ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ଆଶା ଥିଲା ଦିନେ ନା ଦିନେ ଭଗବାନ ତାଙ୍କୁ ସହାୟତା କରିବେ। ଏବେ ହାଇକୋର୍ଟ ସହାୟିକା ନିଯୁକ୍ତି ପାଇଁ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସହାୟିକା ନିଯୁକ୍ତିପାଇଁ ୧୬ତାରିଖରେ ମହିଳା ମଣ୍ଡଳ ଉପସ୍ଥିତ ରହିବାକୁ ନୋଟିସ୍ କରାଯାଇଥିଲା। ଏଥିପାଇଁ ୩ ଜଣ ଆବେଦନ କରିଥିଲେ। ୩ଜଣଙ୍କ ମଧ୍ୟରୁ ଓଲଦପୁର ଗ୍ରାମର ମଞ୍ଜୁଲତା ସାମଲ ଆବେଦନ ପ୍ରତ୍ୟାହାର କରି ନେଇଥିଲେ। ଦୁଇ ପ୍ରାର୍ଥୀ ଜେମାମଣି ସିଂ ଓ ମଞ୍ଜୁଲତା ସାମଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିଲାଗି ଉପସ୍ଥିତ ମହିଳା ସଙ୍ଗଠନର ସଦସ୍ୟଙ୍କ ନିକଟରୁ ଖୋଲା ମତ ସଂଗ୍ରହ କରାଯାଇଥିଲା। ଜେମାମଣିଙ୍କୁ ୩୩ଜଣ ସମର୍ଥନ କରିଥିବା ବେଳେ ମଞ୍ଜୁଲତାଙ୍କୁ ୧୧ଜଣ ସମର୍ଥନ କରିଥିଲେ। ଜେମାମଣିଙ୍କୁ ନିଯୁକ୍ତି ମିଳିବା ପରେ ତାଙ୍କ ପ୍ରତି ଈଶ୍ୱରଙ୍କ ଆଶୀର୍ବାଦ ରହିଛି ବୋଲି କହିଛନ୍ତି। ଏଥିସହ ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସଙ୍କୁ ଧନ୍ୟବାଦ ଦେଇଛନ୍ତି।






ପାରିହା ବା ମେହେନ୍ତର ଶ୍ରେଣୀର ଜଣେ ଆଧାତ୍ମିକ ବା ସଂସ୍କୃତିବନ୍ତ ମଣିଷ, ଆଧାତ୍ମିକ ମୂଲ୍ୟ ଅନୁସାରେ ଜଣେ ଅଣଆଧାତ୍ମିକ ଓ ସାଂସାରିକ ଲୋକ ଅଥବା ଜଣେ ସ୍ଥୂଳଚିତ୍ତ। ସଂସ୍କୃତିହୀନ ବ୍ରାହ୍ମଣଠାରୁ ମହତ୍ତର। ଜନ୍ମର ମହତ୍ତ୍ୱ ରହିଛି। କିନ୍ତୁ ସାରସତ୍ତ୍ୱ ରହିଛି ସ୍ୱୟଂ ମନୁଷ୍ୟ ଭିତରେ – ଅନ୍ତରାଳରେ ଥିବା ଆତ୍ମା ଭିତରେ ଏବଂ ତା ପ୍ରକୃତିରେ ଅଭିବ୍ୟକ୍ତି ଭିତରେ।

–ଶ୍ରୀଅରବିନ୍ଦ

# ଜଳରେ ବୁଡ଼ିଛି କେରଳ

ପ୍ରକୃତି କ୍ରୋଧର ସଦ୍ୟ ଶିକାର ହୋଇଛି କେରଳ। ଭାରତର ଭୌଗୋଳିକ ସ୍ଥିତି ଦେଖିଲେ ମୌସୁମୀ ପ୍ରଥମେ ଏହି ରାଜ୍ୟକୁ ଛୁଇଁଥାଏ। ସେଥିପାଇଁ ଏହି ସମୟରେ କେରଳ ସବୁଜିମାରେ ଭରି ହୋଇଯାଇଥାଏ। କିନ୍ତୁ ଚଳିତବର୍ଷର ମୌସୁମୀ ବର୍ଷା ମାଲୟାଲୀଙ୍କ ପାଇଁ ଦୁଃଖ ଓ ଯନ୍ତ୍ରଣା ଆଣିଦେଇଛି। ପର୍ଯ୍ୟଟକଙ୍କ ମହଲରେ ଏହି ରାଜ୍ୟ 'ଈଶ୍ୱରଙ୍କ ନିଜସ୍ୱ ବାସସ୍ଥାନ' ଭାବେ ଲୋକପ୍ରିୟ। ଦେଖିବାକୁ ଗଲେ କେରଳୀମାନେ ଅତ୍ୟନ୍ତ ପରିଶ୍ରମୀ। ସେଠିକାର ନର୍ସ ବା ସେବିକାମାନେ ବିଶ୍ୱବ୍ୟାପୀ ବିଶେଷକରି ମଧ୍ୟପ୍ରାଚ୍ୟରେ ସେବା ପ୍ରଦାନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅତ୍ୟନ୍ତ ସ୍ୱାଭିମାନୀ ହୋଇଥିବାରୁ ସେମାନେ ଏ ଦେଶର କାହାଠାରୁ ମାଗି ଚଳିବା ପାଇଁ ପସନ୍ଦ କରି ନ ଥାନ୍ତି। ମାତ୍ର ଏଥରର ପ୍ରବଳ ବନ୍ୟା ଯେଉଁଭଳି ଭାବେ ଭୟଙ୍କର ରୂପ ଧାରଣ କରିଛି, ତାହାକୁ ସମ୍ମୁଖୀନ ହେବା ପାଇଁ କେରଳ ଅପ୍ରସ୍ତୁତ ଥିବାରୁ ଅଦ୍ୟାବଧି ୩୫୦ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଅନେକ ହଜାର ଲୋକ ଗୃହଶୂନ୍ୟ ହୋଇପଡ଼ିଛନ୍ତି। ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଭଳି ରାଜ୍ୟ ସର୍ବଦା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆସୁଛନ୍ତି। ସେଥିପାଇଁ ବାଧ୍ୟ ହୋଇ ଏଭଳି ପରିସ୍ଥିତିକୁ ସାମ୍ନା କରିବା ସକାଶେ ପ୍ରସ୍ତୁତ ରହୁଛନ୍ତି। ହେଲେ କେରଳ ଏବେ ଏ ନେଇ ସଂଗ୍ରାମ କରୁଛି। ଗଣମାଧ୍ୟମରୁ ଦୃଶ୍ୟମାନ ଚିତ୍ରଗୁଡ଼ିକରେ ଯେଭଳି ଭାବେ ପାହାଡ଼ରୁ ଅତଡ଼ା ଖସିବା ଓ ବଡ଼ବଡ଼ କୋଠା ସମ୍ପୂର୍ଣ୍ଣ ଧୋଇ ହୋଇଯାଉଥିବା ଲକ୍ଷ୍ୟ କରାଯାଉଛି, ତାହା ବନ୍ୟାର ଗମ୍ଭୀରତାକୁ ସୂଚିତ କରୁଛି। ପରିବେଶକୁ ଅଣଦେଖା କରି ଉନ୍ନତି ପଛରେ ଧାଇଁଲେ ପ୍ରକୃତି କିଭଳି କୋପ କରୁଛି କେରଳ ବନ୍ୟା ଏହା ଜଣାଇଦେଇଛି। କିଛିବର୍ଷ ତଳକୁ ଗଲେ ସମାନ ପରିସ୍ଥିତି ଉତ୍ତରାଖଣ୍ଡରେ ଦେଖିବାକୁ ମିଳିଥିଲା। ନିର୍ମାଣ ଓ ବିକାଶକୁ ଅଗ୍ରାଧିକାର ଦିଆଯାଇ ଜଙ୍ଗଲ ଧ୍ୱଂସର ପରିଣାମ ସେଠାକାର ଲୋକଙ୍କୁ ଭୋଗିବାକୁ ପଡ଼ିଥିଲା।

କେରଳ ବନ୍ୟାରେ ରାଜ୍ୟର ୬୦ ପ୍ରତିଶତ ଅଞ୍ଚଳ ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ପ୍ରଭାବିତ କେତେକ ଅଞ୍ଚଳର ଲୋକ ଏଭଳି ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ସଚେତନ ନ ଥିବାରୁ ହେଲିକପ୍ଟରରେ ନିରାପଦ ସ୍ଥାନକୁ ଯିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଯଦିଓ ବିଭିନ୍ନ ଆଡୁ ରିଲିଫ୍ ମିଳିବାରେ ଲାଗିଛି, ତଥାପି ଉଦ୍ଧାର ଓ ଥଇଥାନ ବ୍ୟବସ୍ଥାକୁ ସହଜ କରିବା ସେତେଟା ସମ୍ଭବ ହୋଇପାରୁନାହିଁ। ଏଭଳି ସ୍ଥଳେ ମନେପଡ଼େ ଓଡ଼ିଶାରେ ୧୯୯୯ରେ ହୋଇଥିବା ମହାବାତ୍ୟା । ଅପ୍ରସ୍ତୁତ ସରକାରୀ କଳ ସେତେବେଳେ ଲୋକଙ୍କ ପାଖରେ ଖାଦ୍ୟ ପହଞ୍ଚାଇବାରେ ସକ୍ଷମ ହୋଇ ନ ଥିଲା। କେନ୍ଦ୍ର ସରକାର ଏପରିକି ଅନ୍ତର୍ଜାତୀୟ ସ୍ତରରୁ ଆସିଥିବା ଅତ୍ୟାବଶ୍ୟକ ସାମଗ୍ରୀ ଠିକ୍ ଭାବେ ବଣ୍ଟା ଯାଇପାରି ନ ଥିଲା। ଯେତେବେଳେ ଲୋକେ ଖାଦ୍ୟ ପାଇଁ ତହଳବିକଳ ହେଉଥିଲେ, ସେତେବେଳେ ଦୁର୍ନୀତିଗ୍ରସ୍ତ ଅମଲାତନ୍ତ୍ରୀ ଟଙ୍କା ଗୋଟାଇବାରେ ବ୍ୟସ୍ତ ଥିଲେ।

କେରଳ କଥା ଦେଖିଲେ ଏହାର ରାଜଧାନୀ ଥିରୁଭାନନ୍ତପୁରମ୍ ମଧ୍ୟ ବନ୍ୟାର ଦୁର୍ଦ୍ଦଶାରୁ ବର୍ତ୍ତିପାରି ନାହିଁ। ରେଳ ଷ୍ଟେଶନ ଜଳପ୍ଲାବିତ ହୋଇଥିବାରୁ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଦେଖିବାକୁ ଗଲେ ସେହି ରାଜ୍ୟରେ ପରିସ୍ଥିତି ଅତି ସଙ୍ଗିନ୍ ହେବା ପଛରେ ଅନେକ କାରଣ ରହିଛି। ଅସଂଖ୍ୟ କୋଠାବାଡ଼ି ଓ ନିର୍ମାଣ ଶିଳ୍ପର ବିକାଶ ସବୁଜ ପରିବେଶକୁ ନଷ୍ଟ କରି ଜଙ୍ଗଲ ଧ୍ୱଂସ କରିଛି। ସେଠାକାର ନଦୀର ବନ୍ୟାଜଳ ସ୍ଥିତି ଦେଖିଲେ ୨୬ ବର୍ଷ ପରେ ବୃହତ୍ ଇଦୁକି ଡ୍ୟାମ୍ ଗେଟ୍‌କୁ ଖୋଲା କରିଦିଆଯାଇଛି। ଏଥିସହିତ ରାଜ୍ୟର ୩୫ଟି ଡ୍ୟାମ୍ ଖୋଲା ରହିଥିବା ବେଳେ ବନ୍ୟା ପରିସ୍ଥିତିକୁ ଦେଖି ମୁଲ୍ଲାପେରିୟାର ଡ୍ୟାମ୍ ଦ୍ୱାରା ଜଳ ଛଡ଼ାଯିବାର ଆଶଙ୍କା ଉପୁଜିଲାଣି। ତାହାହେଲେ ପରିସ୍ଥିତି କିଭଳି ଅସମ୍ଭାଳ ହେବ ସହଜରେ ଅନୁମେୟ। ପର୍ଯ୍ୟଟନ ଶିଳ୍ପର ବିକାଶ ଲାଗି ପମ୍ପା ନଦୀକୁ ବିଭିନ୍ନ ଆଡୁ ବିପଦ ମାଡ଼ି ଆସିଲାଣି। ଦ୍ରୁତ ସହରୀକରଣର ଅନ୍ୟତମ ଦୃଷ୍ଟାନ୍ତ ଭାବେ କୋଚି ଉଭା ହୋଇଛି। ସହରର ନିର୍ମାଣ ଓ କଳେବର ବୃଦ୍ଧି ନିଶ୍ଚିତ ବନ୍ୟାକୁ ନିମନ୍ତ୍ରଣ କରିଚାଲିଛି। ଯେଉଁ କାରଣଗୁଡ଼ିକୁ ଅଣଦେଖା କରି ମଣିଷ ବିକାଶ କରିଚାଲିଛି ବୋଲି କହୁଛି, ଚଳିତ ଋତୁର ଅସ୍ୱାଭାବିକ ବର୍ଷା ବାସ୍ତବତା କ'ଣ ତାହା ଦେଖାଇ ଦେଇଛି। ଏଭଳିସ୍ଥଳେ ପରିବେଶ ସୁରକ୍ଷା ଲାଗି ବ୍ୟାପକ ସଚେତନତା ସୃଷ୍ଟି କରାଯିବା ହେଉଛି ଏକମାତ୍ର ପନ୍ଥା। ଏଥିସହିତ ରାଜ୍ୟ ସରକାରୀ କଳ ଅଦୃଶ୍ୟ ବିପର୍ଯ୍ୟୟକୁ ସାମ୍ନା କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବା ଦରକାର। ଏପରି ବିପତ୍ତି କେବଳ ସରକାର ନୁହେଁ, ଜନସାଧାରଣଙ୍କ ପାଇଁ ଏକ ଶିକ୍ଷା ଆଣିଦେଇଛି। ତେଣୁ ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଆବଶ୍ୟକ।

କୌତୂହଳର ବିଷୟ ଯେ କେରଳରେ ଜାତୀୟ ବିପତ୍ତି ଭଳି ପରିସ୍ଥିତି ଉପୁଜିଥିଲେ ମଧ୍ୟ କେନ୍ଦ୍ର ସରକାର ଏହା ଘୋଷଣା କରିନାହାନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ମାତ୍ର ୨୬୦ କୋଟି ଟଙ୍କା କେନ୍ଦ୍ର ତରଫରୁ ଘୋଷଣା ହୋଇଥିବା ବେଳେ ଅଗଷ୍ଟ ୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ ୫୦୦ କୋଟି ଟଙ୍କା ଦିଆଯିବ ବୋଲି କହିଛନ୍ତି। ବାମପନ୍ଥୀ ଶାସନାଧୀନ ଏହି ରାଜ୍ୟରେ ବନ୍ୟାଜନିତ କ୍ଷୟକ୍ଷତି ୨୦,୦୦୦ କୋଟି ଟଙ୍କା ଟପିଥିବା ଆକଳନ କରାଯାଇଛି। ହେଲେ ମିଳିଥିବା ଏକ ସୂତ୍ରରୁ ଜଣାପଡ଼ିଛି ଯେ, ଘୋଷଣା କରାଯାଇଥିବା ଅର୍ଥ ମଧ୍ୟରୁ ମାତ୍ର ୮୦ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପାଖରେ ପହଞ୍ଚିଛି। କେନ୍ଦ୍ରରେ କ୍ଷମତାସୀନ ହେବା ପରେ ନରେନ୍ଦ୍ର ମୋଦି ଗୁଜରାଟରେ ସର୍ଦ୍ଦାର ସରୋବର ଡ୍ୟାମ୍ ନିକଟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ମହାରାଷ୍ଟ୍ରରେ ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅନେକ ହଜାର କୋଟି ଟଙ୍କା ଦେଇଛନ୍ତି। କେରଳରେ ଲୋକଙ୍କ ଜୀବନ ଦୁର୍ବିଷହ ହୋଇଯାଇଥିବା ବେଳେ ସେଥିପ୍ରତି କେନ୍ଦ୍ର ସରକାରଙ୍କ ବୈପିତୃକ ମନୋଭାବ ଏଥିରୁ ସ୍ପଷ୍ଟ ବାରି ହୋଇପଡ଼ିଛି। ଫଳରେ ଦେଶବାସୀ ଅନୁଭବ କଲେଣି ଯେ ମାନବୀୟ ସହାୟତାକୁ ରାଜନୀତି ବଳିଯାଇଛି। ଏଥିରୁ ବୁଝିବାକୁ ହେବ ଯେ ଭାରତର ଅଧିକାଂଶ ଲୋକଙ୍କୁ ସରକାର ରାଜନୈତିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଥା'ନ୍ତି। କେଉଁ ଲୋକ ସରକାରଙ୍କଠାରୁ ସେବା ଓ ସୁରକ୍ଷା ପାଇବାକୁ ଯୋଗ୍ୟ, ତାହା ନିର୍ଭର କରିଥାଏ ସେମାନେ କାହାକୁ ଭୋଟ ଦେଇଛନ୍ତି।

ଆଜି ପ୍ରକୃତିର ରୋଷ ଦେଖିଲେ ସମସ୍ତେ ବୁଝିବା ଦରକାର ଯେ ଅର୍ଥନୈତିକ ଅଭିବୃଦ୍ଧି ନେଇ ଅତ୍ୟଧିକ ଲୋଭରେ ପଡ଼ିଥିବା ମଣିଷ ପରିବେଶର ସନ୍ତୁଳନକୁ କିଭଳି ବିଗାଡ଼ି ଚାଲିଛନ୍ତି। ଏହା ବିଶେଷକରି ଭାରତବର୍ଷରେ ଦେଖାଯାଉଛି। ପାଶ୍ଚାତ୍ୟ ରାଷ୍ଟ୍ରରେ ପରିବେଶ ପ୍ରତି ଶ୍ରଦ୍ଧା ବଢ଼ିବାରେ ଲାଗିଲାଣି। ଏଭଳି ସ୍ଥଳେ ଭାରତରେ ସମସ୍ତେ ସରକାରଙ୍କୁ କେବଳ ସମାଲୋଚନା କରିବା ପରିବର୍ତ୍ତେ ପ୍ରକୃତି ପ୍ରତି ସଚେତନ ଓ ଯତ୍ନବାନ୍ ହେବା ଅବଶ୍ୟମ୍ଭାବୀ ହୋଇପଡ଼ିଲାଣି।

# ଓଡ଼ିଆ ବିଶ୍ୱବିଦ୍ୟାଳୟ: ଅସ୍ପଷ୍ଟ ଆଭିମୁଖ୍ୟ

ଦେବୀପ୍ରସାଦ ଦାଶ

ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ ଶୁଣି ସେ ଅଞ୍ଚଳର ଅନେକଙ୍କ ପରି ମୁଁ ବି ଉଲ୍ଲସିତ। ଏହି ଐତିହାସିକ ନିଷ୍ପତ୍ତି ପାଇଁ ଐତିହ୍ୟ କ୍ୟାବିନେଟ୍ ନିଶ୍ଚୟ ଧନ୍ୟବାଦାର୍ହ। କିନ୍ତୁ ଏହି ବିଶ୍ୱବିଦ୍ୟାଳୟର ସମ୍ଭାବ୍ୟ ଭୂମିକା, କର୍ମପରିସର, ପ୍ରଭାବ ଓ ଉତ୍ତରଦାୟିତ୍ୱକୁ ନେଇ ମନ ଭିତରେ କେତେ ପ୍ରଶ୍ନ ଉଙ୍କି ମାରୁଛି।

ବିଶ୍ୱବିଦ୍ୟାଳୟଟିଏ ତା'ର ଆଖପାଖ ଅଞ୍ଚଳ ଉପରେ କି ପ୍ରଭାବ ପକାଇବ, ତାହା ବିଚାର୍ଯ୍ୟ। ଏହା ପ୍ରାଚୀନ ରାଜରାଜୁଡ଼ା ସଂସ୍କୃତିରେ ପରିପୁଷ୍ଟ ସାମାଜିକ ବ୍ୟବସ୍ଥାର ଅଂଶଟିଏ। ଦେଶ ସ୍ୱାଧୀନ ହେଲାଠାରୁ ସତେ ଯେମିତି ସେ ବ୍ୟବସ୍ଥାର ଚକ-ଅଖ ହୁଗୁଳି ଯାଇଛି। ଗ୍ରାମ୍ୟ ପରିବେଶଟି ବୌଦ୍ଧିକ ଓ ସାମାଜିକ ଦୃଷ୍ଟିରୁ ଅବକ୍ଷୟମୁଖୀ ହୋଇଛି। ଏବେ ବି ବଞ୍ଚିଛି କିଛି ପୁରୁଣାକାଳିଆ ବିଶ୍ୱାସ, ଜାତିଆଣ ବାଛବିଚାର, ଆର୍ଥିକ ବୈଷମ୍ୟ ଓ ସାଧାରଣ ମଣିଷର ହତାଶାଭାବ। ଅବଶ୍ୟ ନୂଆ ଯୁଗର ବିଜୁଳି, କେନାଲ ପାଣି, ଅଙ୍ଗନୱାଡ଼ି, ଢଳେଇ ରାସ୍ତା, ପକ୍କାଘର, ମୋବାଇଲ ଫୋନ ଏସବୁ ଆସିଛି। କିନ୍ତୁ ତା' ସହିତ ଆସିଛି ଠିକାଦାରି, ଭୋଟ୍ ବେପାର, ନିଶାଖୋରି, ଦାଦାଗିରି ଓ ନାନାଦି ବିଶୃଙ୍ଖଳା। ବାଟବଣା ହୋଇଛି ସାମନ୍ତବାଦୀ ପାରସ୍ପରିକତା ଉପରେ ପର୍ଯ୍ୟବସିତ ଜୀବନଧାରା। ସେଠି ଧସେଇ ପଶିଛି ଅନୁଦାନ ଉପରେ ଆଶ୍ରାକରି ଜିଇବାର ଓ ଧରାଧରି କରି ସୁବିଧା ହାସଲ କରିନେବାର ଏକ ନୂଆ ଧାରା। ଆଉ ଇଏ କ'ଣ ଖାଲି ଆମ ଗାଁର କଥା ? ଏହି ପ୍ରେକ୍ଷାପଟରେ ନୂଆ ବିଶ୍ୱବିଦ୍ୟାଳୟଟିଏ ତା'ର ବାହ୍ୟ ପରିବେଶରେ କ'ଣ ସବୁ ପରିବର୍ତ୍ତନ ଆଣିବ ? ସ୍ଥାନୀୟ ଅଞ୍ଚଳର ବୌଦ୍ଧିକ ଓ ସାମାଜିକ ଅସଙ୍ଗତିଗୁଡ଼ିକୁ ବୁଝି ସେଠାରେ ଏକ ସ୍ୱାଭିମାନୀ ସମାଜର ପୁନର୍ଗଠନ ପାଇଁ ନୂଆ ଉତ୍ସାହ ଓ ଗତିଶୀଳତା ଆଣିପାରିବ କି ?

ଏହାପରେ ଆସୁଛି ବିଶ୍ୱବିଦ୍ୟାଳୟର ଭିତିରି ଦୁନିଆ କଥା। ବିଶ୍ୱବିଦ୍ୟାଳୟ ଏକ ସ୍ୱତନ୍ତ୍ର ପ୍ରଜାତିର ସଙ୍ଗଠନ। ଅନ୍ୟ ପ୍ରଜାତିର ସଙ୍ଗଠନମାନଙ୍କ କ୍ଷେତ୍ରରୁ ସଂଗୃହୀତ ଅନୁଭୂତି ବା ଅନ୍ତର୍ଦୃଷ୍ଟିସବୁ ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଲଦି ଦିଆଯାଇ ନ ପାରେ। ବିଶ୍ୱବିଦ୍ୟାଳୟ ହେଉଛି ଶିକ୍ଷାର ଏକ ମନ୍ଦିର ଏବଂ ଆମ ପୂର୍ବସୂରୀମାନଙ୍କ ବୌଦ୍ଧିକ ସମ୍ପଦର ଗନ୍ତାଘର। ଏହା ହେଉଛି ମଣିଷଜାତିର ମହାନ ପରମ୍ପରାକୁ ପ୍ରତିଫଳିତ କରୁଥିବା କଳା, ସଂସ୍କୃତି ଓ ବିଜ୍ଞାନର ଆଧାରପାତ୍ର। ସେଥିସହ ଭବିଷ୍ୟତର ପରିକଳ୍ପନାଗୁଡ଼ିକୁ ରୂପରେଖ ଦେବା ସକାଶେ ଏହା ମଧ୍ୟ ଏକ ପ୍ରୟୋଗଶାଳା। ଏପରି ସଙ୍ଗଠନଟିଏ ପ୍ରାଚୀନ, ବର୍ତ୍ତମାନ ଓ ଭବିଷ୍ୟତ ଜଗତର ସୂତ୍ରଧର। ତେଣୁ ବିଗତ, ସ୍ଥିତ ତଥା ଅନାଗତ ମଣିଷର କର୍ମ, ଜ୍ଞାନ, ଭକ୍ତି, ଉଦ୍ୟମ, ବିଚାର, ସ୍ୱପ୍ନ, ସଂଘର୍ଷ, ଉତ୍ଥାନ, ପତନ ସବୁକିଛି ଏହାର ଧ୍ୟାନ ଆକର୍ଷଣ କରିବା କଥା। କିନ୍ତୁ ଯେହେତୁ ଐତିହ୍ୟ ଶବ୍ଦଟି ମୂଳରୁ ଏହି ନୂଆ ବିଶ୍ୱବିଦ୍ୟାଳୟର ଜନ୍ମପଞ୍ଜିକାରେ ଲାଗିଗଲାଣି, ଏଥିରୁ ପ୍ରଶ୍ନ ଉଠେ, ଆମ ନୂଆ ବିଶ୍ୱବିଦ୍ୟାଳୟ କ'ଣ କେବଳ ପ୍ରାଚୀନ ଓ ଜନମାନସରୁ ବିସ୍ମୃତ ଓଡ଼ିଆ ଭାଷା ଓ ସଂସ୍କୃତିର ଚର୍ଚ୍ଚାରେ ନିଜକୁ ନିୟୋଜିତ ରଖିବ ନା ଓଡ଼ିଶା ତଥା ଓଡ଼ିଶା ବାହାରେ ପ୍ରବହମାନ ଜୀବନ୍ତ ଓଡ଼ିଆ ସାଂସ୍କୃତିକ ଧାରାମାନଙ୍କରେ ସାମିଲ ହେବ? ଭବିଷ୍ୟତ ନିର୍ମାଣରେ ଏହାର ସକ୍ରିୟ ଭୂମିକା କ'ଣ ରହିବ ?

ଆଜିକାଲିର ଗଣତାନ୍ତ୍ରିକ ବିଚାରଧାରାରେ, ସାର୍ବଜନିକ ଧନରେ ନିର୍ମିତ ଅନୁଷ୍ଠାନଟିଏ ଲୋକଙ୍କର କେଉଁ ଉପକାରରେ ଆସୁଛି ତାହା ଅନୁଷ୍ଠାନର କର୍ମକର୍ତ୍ତା ନିୟମିତ ଭାବରେ ସ୍ପଷ୍ଟ କରିବାକୁ ବାଧ୍ୟ। ଭାରତରେ ଔପନିବେଶିକ ସମୟରୁ ପ୍ରଚଳିତ ବିଶ୍ୱବିଦ୍ୟାଳୟ ନିୟାମକ ବ୍ୟବସ୍ଥା ସେହି ଦିଗରେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପ୍ରଚୋଦିତ କରି ନ ପାରିବାରୁ ଏବେ ଦିଲ୍ଲୀରେ ତା'ର ବିଲୟ ଓ ନବୀକରଣର କ୍ଷେତ୍ର ପ୍ରସ୍ତୁତ ହେଲାଣି। ଆମ ରାଜ୍ୟରେ ତଥା ଦେଶରେ ଅନେକ ବିଶ୍ୱବିଦ୍ୟାଳୟ ରହିଛି, ଯାହା ଲୋକଙ୍କର କେଉଁ ଉପକାର କରୁଛି ତାହା ସ୍ପଷ୍ଟ କରିବାକୁ ଅସମର୍ଥ। ଭବିଷ୍ୟତର ସରକାର ଏଭଳି ଅନୁଷ୍ଠାନରୁ ହୁଏତ ସମ୍ବଳ ପ୍ରତ୍ୟାହାର କରିନେବାକୁ ଚାହିଁବ ବା ସେଗୁଡ଼ିକୁ କିଛି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ବ୍ୟବହାର କରିବ। ଏଥିରୁ କୌଣସିଟି ମଧ୍ୟ ଏହି ଅନୁଷ୍ଠାନମାନଙ୍କ ପାଇଁ ଗୌରବମୟ ହେବନାହିଁ। ବରଂ ଏ ବିଷଚକ୍ର ଦ୍ୱାରା ଆକ୍ରାନ୍ତ ହୋଇ ଅନୁଷ୍ଠାନଟିଏ ଯେତେ ତଳକୁ ଖସିବ, ତା'ର ସମସ୍ୟା ସେତେ ବଢ଼ିଚାଲିବ। ମୂଳରୁ ଏହି ବିଷବଳୟରୁ ନିଜକୁ ମୁକ୍ତ ରଖିବାଟା ହିଁ ପ୍ରତି ନୂଆ ଅନୁଷ୍ଠାନର ଏକ ବଡ଼ ସାମାଜିକ ଦାୟିତ୍ୱ।

ତେବେ ଆମ ଓଡ଼ିଆ ବିଶ୍ୱବିଦ୍ୟାଳୟଟି ଭାଷା ଓ ସଂସ୍କୃତି କ୍ଷେତ୍ରରେ ଯେଉଁସବୁ ଅଭାବ, ଅସୁବିଧା ଓ ଅନ୍ତରାୟ ଲୋକଶକ୍ତିକୁ ହୀନମନ୍ୟ ତଥା ଦୁର୍ବଳକରି ରଖିଛି, ତାକୁ ଦୂର କରିବା ପାଇଁ ଚେଷ୍ଟା କରିବ ତ ? କୁହାଯାଉଛି ଏବକାର ଭାରତୀୟ ସ୍ନାତକମାନଙ୍କ ମଧ୍ୟରୁ ଅଧିକାଂଶ ନିଯୁକ୍ତିଯୋଗ୍ୟ ବା ଆତ୍ମନିର୍ଭରଶୀଳ ନୁହନ୍ତି। ଯଦି ଗୋଟିଏ ବିଶ୍ୱବିଦ୍ୟାଳୟ ଶିକ୍ଷାର୍ଥୀମାନଙ୍କୁ ନିଯୁକ୍ତିଯୋଗ୍ୟ ବା ଆତ୍ମନିର୍ଭରଶୀଳ ନ କରିବ, ତେବେ ସେଠାକୁ ନିଜ ପିଲାମାନଙ୍କୁ କିଏ କାହିଁକି ପଠାଇବ ? ଖାଲି ଶ୍ରେଣୀଗୃହରେ ନୁହେଁ ବରଂ ଆମ ଓଡ଼ିଆ ବିଶ୍ୱବିଦ୍ୟାଳୟଟି ତା'ର କର୍ମପରିସରର ପ୍ରତିଟି ବିଭାଗରେ ଦାୟିତ୍ୱବୋଧ, ସାଧୁତା ଓ ବୈଶିଷ୍ଟ୍ୟ ରକ୍ଷାକରୁ ଓ ତହିଁରୁ ଉତ୍ତରୋତ୍ତର ପ୍ରତିଷ୍ଠା ପାଉ ବୋଲି ଆମେ ଚାହିଁବା।

ମୋ: ୯୩୩୭୩ ୧୦୫୦୧

# ବିଷ ବଳୟରେ ବିଶ୍ୱାସ

ସଂଗ୍ରାମ କେଶରୀ ପୃଷ୍ଟି

ମନର ଏକ ସକାରାତ୍ମକ ଚିନ୍ତନ ହେଉଛି ବିଶ୍ୱାସ। ଯାହା ପାଇଁ ଏ ବିଶ୍ୱ ତିଷ୍ଠି ରହିଥିବା କଥା କୁହାଯାଏ। ବିଶ୍ୱାସ ଏକ ଛୋଟିଆ ଶବ୍ଦ। ଯାହାକୁ କ୍ଷଣକରେ ପଢିଦେଇ ହୁଏ। ଭାବିବାକୁ ବି ବେଶି ସମୟ ଲାଗି ନ ଥାଏ। ବୁଝିବାକୁ ଗୋଟିଏ ଦିନ ଲାଗିଥାଏ। କିନ୍ତୁ ପ୍ରମାଣ କରିବାକୁ ପୂରା ଜୀବନ ଲାଗିଯାଏ। ବିଶ୍ୱାସର ମହାନତା ଦର୍ଶାଇବାକୁ ଯାଇ ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ତାଙ୍କ 'ମାଟିର ମଣିଷ' ଉପନ୍ୟାସରେ ଲେଖିଛନ୍ତି–ବିଶ୍ୱାସରେ ବିଶ୍ୱ ଚଳୁଛି। ବିଶ୍ୱାସ ତୁଟିଗଲେ ବାପ–ପୁଅ, ସ୍ୱାମୀ–ସ୍ତ୍ରୀ, ଭାଇ–ଭାଇ, ରାଜା–ପ୍ରଜା କାହାରି ଭିତରେ କିଛି ସମ୍ବନ୍ଧ ରହିବ ନାହିଁ।

ଏ କଥାର ବାସ୍ତବତାକୁ ଅନୁଧ୍ୟାନ କଲେ ଶହ ଶହ ଉଦାହରଣ ଚାଲିଆସେ ଆମ ମନକୁ । ସମ୍ପତ୍ତି ପାଇଁ ପୁତ୍ରର ପିତାକୁ ହତ୍ୟା, ଯୌତୁକ ପାଇଁ ବଧୂହତ୍ୟା, ଚତୁର୍ଥୀ ରାତିରେ କନ୍ୟା ଫେରାର, ସମ୍ପର୍କୀୟଙ୍କ ଦ୍ୱାରା ଶିଶୁକନ୍ୟା ବଳାତ୍କାରର ଶିକାର ପରି ଅବିଶ୍ୱସନୀୟ ଓ ଅମାନବୀୟ ଘଟଣାମାନ ଆମକୁ ପ୍ରତିମୁହୂର୍ତ୍ତରେ ଆନ୍ଦୋଳିତ କରିଚାଲିଛି। ସମାଜରେ ପ୍ରତ୍ୟହ ଘଟିଚାଲୁଥିବା ଏହି ଲୋମହର୍ଷଣକାରୀ ଘଟଣା ପରିପ୍ରେକ୍ଷୀରେ ମନେହୁଏ ଏବେ ସମସ୍ତଙ୍କ ଆଖିରେ ମାଡିଯାଇଛି ଅବିଶ୍ୱାସର ପରଳଟିଏ। ସଂକୁଚିତ ହେବାରେ ଲାଗିଛି ସମ୍ପର୍କ। ଅବିଶ୍ୱାସର ବିଷବୃକ୍ଷରୁ ବିଶ୍ୱାସର ଫଳ ଖୋଜିପାଇବା ବୃଥା ପ୍ରୟାସ ନିଶ୍ଚିତ।

ଈର୍ଷା, ଦ୍ୱେଷ, ସ୍ୱାର୍ଥ, ହିଂସା ଓ ପରଶ୍ରୀକାତରତା କାରଣରୁ ମନ ଭିତରେ ଅବିଶ୍ୱାସର ବୀଜଟିଏ ଅଙ୍କୁରିତ ହୁଏ। କ୍ରମଶଃ ସେ ଶାଖାପ୍ରଶାଖା ମେଲି ବ୍ୟାପିଯାଏ ଚତୁର୍ଦ୍ଦିଗକୁ। ସକାରାତ୍ମକ ଭାବନାର ଅଭାବ ହିଁ ଅବିଶ୍ୱାସ ପାଇଁ ଖୋରାକ ଯୋଗାଇଥାଏ। ଯେଉଁଥି ପାଇଁ ଅପରିଚିତ ଲୋକଙ୍କ କଥା ତ ଛାଡ ପରିଚିତ ଲୋକ ଏପରି କି ଆତ୍ମୀୟସ୍ୱଜନମାନେ ମଧ୍ୟ ଅବିଶ୍ୱସନୀୟ ମନେହୁଅନ୍ତି। ଥରେ ଧୋକା ଖାଇଥିବା ମନ ପୁନର୍ବାର ବିଶ୍ୱାସ କରିବାକୁ ପ୍ରସ୍ତୁତ ନ ଥାଏ।

ଅନ୍ୟ ମନରେ ବିଶ୍ୱାସ ଜନ୍ମାଇବାକୁ ବେଶି ସମୟ ଲାଗେ ନାହିଁ। ସୁତରାଂ ସ୍ୱାର୍ଥାନ୍ୱେଷୀ କିଛି ମଣିଷ ଏହାର ଫାଇଦା ଉଠାଇବାକୁ ଯତ୍ପରୋନାସ୍ତି ଉଦ୍ୟମ କରନ୍ତି। ବିଶ୍ୱାସ ଜନ୍ମାଇ କରନ୍ତି ପ୍ରେମ, ଦିଅନ୍ତି ଧୋକା। ଲୁଟ୍ କରନ୍ତି ଟ୍ରେନଯାତ୍ରୀଙ୍କୁ। ଚାକିରି କରାଇଦେବା ନାଁରେ, ଚିଟ୍‌ଫଣ୍ଡ ନାଁରେ, ବିବାହ ନାଁରେ ଅଥବା କୌଣସି ନା କୌଣସି ସାହାଯ୍ୟଦେବା ନାଁରେ ହରିଲୁଟ୍ କରିବାକୁ ପଛାନ୍ତି ନାହିଁ। ଏକଥା ଅଙ୍ଗେ ନିଭାଇଥିବା ମଣିଷଟି ଏବେ ବିଶ୍ୱାସ ଉପରୁ ଆସ୍ଥା ହରାଇ ବସେ। ଯେଉଁଥିପାଇଁ ସାରା ଦୁନିଆର ଲୋକମାନେ ତା' ପାଇଁ ଅବିଶ୍ୱସନୀୟ ମନେହୁଅନ୍ତି। ଏ ଘଟଣା ମାନ କ୍ରମଶଃ ସମସ୍ତଙ୍କୁ କବଳିତ କରି ରଖେ। ଯେଉଁଥିପାଇଁ ସହଜରେ ଅନ୍ୟକୁ ବିଶ୍ୱାସ କରିବାକୁ ସେମାନଙ୍କ ମନ ପ୍ରସ୍ତୁତ ନ ଥାଏ।

ଅନ୍ୟକୁ ଅଧିକ ବିଶ୍ୱାସ କରିବା ହିଁ ବେଳେ ବେଳେ ବିପଦର କାରଣ ସାଜେ। ଚାଣକ୍ୟଙ୍କ ମତରେ ଅତିଶୀଘ୍ର କାହାରିକୁ ଭଲ ପାଅ ନାହିଁ। ନିଷ୍ପତ୍ତି ନିଅ ନାହିଁ। ହାରିଯାଅ ନାହିଁ କି କାହାକୁ ବିଶ୍ୱାସ ମଧ୍ୟ କର ନାହିଁ। ଅବିଶ୍ୱାସ ସମ୍ପର୍କକୁ ଦେଖେ ନାହିଁ। ଦେଖେ ସ୍ୱାର୍ଥକୁ। କୁରାଢିରେ ଲାଗିଥିବା କାଠବେଣ୍ଟର ଜନ୍ମ ଗଛର ଏକ ଡାଳରୁ କିନ୍ତୁ ସମୟ ଆସିଲେ ସେ ସମ୍ପର୍କକୁ ଭୁଲିଯାଇ ନିଜ ଜାତିଭାଇକୁ ହାଣିବାକୁ କୁଣ୍ଠାବୋଧ କରେ ନାହିଁ। ରୁଗ୍‌ଣ ମାନସିକତା କାରଣରୁ ସବୁଠୁ ନିଜର ବୋଲି ମନେହେଉଥିବା ଓ ବିଶ୍ୱାସ ରଖିଥିବା ଲୋକଟି ଦିନେ ବିଶ୍ୱାସର ସୀମା ସରହଦ ଡେଇଁ ସ୍ୱାର୍ଥ ଲାଗି ଧୋକା ଦେଇ ଚାଲିଯାଏ। ସହଜରେ ଅନ୍ୟମାନଙ୍କ ଉପରେ ବିଶ୍ୱାସ ରଖୁଥିବା ସରଳ ହୃଦୟବାନ୍ ମଣିଷକୁ ସବୁବେଳେ ଧୋକା ଖାଇବାକୁ ହିଁ ପଡିଥାଏ।

ବିଶ୍ୱାସକୁ ହତ୍ୟା କରୁଥିବା ଲୋକ ହେଉଛନ୍ତି ଗୋଟିଏ ଗୋଟିଏ ବିଶ୍ୱାସଘାତକ। ନାଗସାପକୁ କ୍ଷୀର ଦେଇ ପୋଷିବା ଯାହା, ବିଶ୍ୱାସଘାତକ ସହିତ ସମ୍ପର୍କ ରଖିବା ମଧ୍ୟ ତାହା। ଯେଉଁଠି ବିଶ୍ୱାସ, ଭଲପାଇବା, ସ୍ନେହମାନେ ବଳି ପଡିଯାନ୍ତି ସେଇଠି ସମ୍ପର୍କ ପାଲଟିଯାଏ ବୋଝ । ଅବିଶ୍ୱାସ ନାମକ ରାକ୍ଷସଟିଏ ସବୁବେଳେ ଚାରିପାଖରେ ଚକ୍କର କାଟୁଥାଏ ଯେମିତି । ଜୀବନରେ ଦୁଇଟି ଜିନିଷ ଛାଡିବା ପାଇଁ ହୋଇଥାଏ। ଗୋଟିଏ ହେଲା ନିଃଶ୍ୱାସ ଓ ଅନ୍ୟଟି ବିଶ୍ୱାସ। ନିଃଶ୍ୱାସ ଛାଡିଦେଲେ ଗୋଟିଏ ଥରରେ ମଣିଷ ମରିଯାଏ କିନ୍ତୁ ବିଶ୍ୱାସ ଛାଡିଦେଲେ ତାକୁ ବାରମ୍ବାର ମରିବାକୁ ହିଁ ପଡିଥାଏ। ବିଶ୍ୱାସ ହରାଇଥିବା ଲୋକ ଦୁନିଆ ଆଖିରେ ନିନ୍ଦିତ ହୁଏ। ତାକୁ ମୁଣ୍ଡେଇବାକୁ ହୋଇଥାଏ ଅପବାଦର ବୋଝ। ବିଶ୍ୱାସର ଏହି କାଚଘର ଥରେ ଭାଙ୍ଗିଗଲେ ଯୋଡିବା ଅସମ୍ଭବ ହୋଇପଡେ। ଏଣୁ ଅନ୍ୟର ବିଶ୍ୱାସ ଭାଙ୍ଗିବା ପୂର୍ବରୁ ଶହେ ଥର ଭାବିବା ଉଚିତ ଯେ ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କ ସହିତ ଭେଟ ହେଲେ ଆଖି ମିଳାଇ କଥା ହୋଇ ପାରିବେ ତ !

ବର୍ତ୍ତମାନର ସମୟକୁ ଅନୁଧ୍ୟାନ କଲେ ଜଣାଯାଏ, ସତେ ଯେମିତି ଅବିଶ୍ୱାସର ବିଷ ବଳୟରେ ଫସିଯାଇଛି ଏ ମଣିଷ। ବିଶ୍ୱାସ ହରାଇଥିବା ସମ୍ପର୍କ ଏବେ ମରୀଚିକା ପରି ଆଖିକୁ ଧୋକା ଦେବାରେ ଲାଗିଛି। ଇତର ପ୍ରାଣୀ କୁକୁର ତା' ବିଶ୍ୱସନୀୟତା ସବୁବେଳେ ବଜାୟ ରଖିପାରୁଥିବା ବେଳେ ଆମେ ଏ ଦିଗରେ କେତେ ଅସହାୟ ସତରେ। ପୁନଶ୍ଚ ଅନ୍ୟକୁ ଆଘାତ ଦେଇ ତା'ଠୁ ବିଶ୍ୱାସ ଆଶା କରିବା ଆମ ମୂର୍ଖତା ନୁହେଁ ତ ଆଉ କ'ଣ। ଅନେକ କ୍ଷେତ୍ରରେ ଦେଖାଯାଏ କିଛିଲୋକ ଭାଗ୍ୟ ଓ ଭଗବାନଙ୍କ ଉପରେ ଭରସା ରଖି ନିଜ ଉପରୁ ବିଶ୍ୱାସ ତୁଟାଇ ଦେଇଥାନ୍ତି। ଉଦ୍ୟମରେ ଅବହେଳା କରନ୍ତି। ଫଳତଃ ସଫଳତା ମିଳିବା ସେମାନଙ୍କ ପାଇଁ କଷ୍ଟସାଧ୍ୟ ମନେହୁଏ।

ଶ୍ରୀଅରବିନ୍ଦଙ୍କ ଭାଷାରେ ବିଶ୍ୱାସ ହେଉଛି ଆମର ଇଚ୍ଛାଶକ୍ତି। ଯାହାକି ଉଚ୍ଚତର ସତ୍ୟର ଉପଲବ୍ଧି ଲାଗି ଅଭିଳାଷ ରଖିଥାଏ। ଏହି ଇଚ୍ଛାଶକ୍ତିକୁ ବଜାୟ ରଖିବା ପାଇଁ ଆମ ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସାମ୍ୟତା ରକ୍ଷା କରିବା ଆବଶ୍ୟକ। ତାହା ପୁଣି ସଂଯମତାର ସହିତ। ନକାରାତ୍ମକ ଭାବନା ସବୁକୁ ମନରୁ ପୋଛିଦେଇ ସକାରାତ୍ମକ ଭାବନାକୁ ଗ୍ରହଣ କରିପାରିଲେ ହୁଏତ ହଜିଯାଇଥିବା ବିଶ୍ୱାସ ପୁଣିଥରେ ଆମ ହାତମୁଠାକୁ ଚାଲିଆସିବ ଓ ମନରେ ଆନନ୍ଦ ଭରିଦେବ।

ରାଜକିଶୋରନଗର, ଅନୁଗୋଳ, ମୋ–୯୪୩୭୫୪୭୧୪୬

## ଆମ ସମସ୍ୟା

### ବୟସ୍କ ବ୍ୟକ୍ତିଙ୍କ ଦୁଃଖ

ମହାଶୟ,

ସପ୍ତମ ପେନ୍‌ସନ ଆୟୋଗଙ୍କ ସୁପାରିସ ଅନୁଯାୟୀ ଅବସରପ୍ରାପ୍ତ କର୍ମଚାରୀ ପୂରା ପେନ୍‌ସନ ପାଇବାକୁ ଯୋଗ୍ୟ ବିବେଚିତ ହେଲେ। କିନ୍ତୁ ଆଜିଯାଏ ୨୫ରୁ ୩୩ ବର୍ଷ ମଧ୍ୟରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ସରକାରୀ କର୍ମଚାରୀଗଣ ବର୍ଦ୍ଧିତ ପେନ୍‌ସନ ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ରୋଗରେ ପଡି ଶଯ୍ୟାଶାୟୀ ହେଲେଣି। ଶେଷନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ସରକାର କାଳବିଳମ୍ବ ନ କରି ସେମାନଙ୍କୁ ବର୍ଦ୍ଧିତ ପେନ୍‌ସନ ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ।

ଗତିକୃଷ୍ଣ ମିଶ୍ର, ଗାନ୍ଧୀନଗର, ୪ର୍ଥ ଗଳି, ବ୍ରହ୍ମପୁର

### ମାଂସ ବିକ୍ରି ଅନ୍ୟତ୍ର ହେଉ

କଟକ ସହର ଉପକଣ୍ଠ କନ୍ଦରପୁର ବଜାର ମଧ୍ୟରେ ମାଂସ ଓ ଚିକେନ୍ ବିକ୍ରି କରାଯାଉଛି। ଫଳରେ ବଜାରରେ ଦୁର୍ଗନ୍ଧମୟ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେଣୁ ଏହି ମାଂସ ବଜାରକୁ କିଛି ଦୂରରେ କରାଯିବାକୁ ଦାବି ହେଉଛି।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ତଥାପି ବାସି ଅବଢ଼ା

ପ୍ରାୟ ପ୍ରତିବର୍ଷ ମଝିରେ ମଝିରେ ସପରିବାର ମୁଁ ଶ୍ରୀମନ୍ଦିର ଯାଇଥାଏ। ଜଗନ୍ନାଥ ଦର୍ଶନ ପରେ ଅବଢ଼ା ଖାଇ ଘରକୁ ଫେରିଆସେ। କିନ୍ତୁ ମନ୍ଦିରରେ କିଛିବର୍ଷ ହେବ ଠିକ୍ ସମୟରେ ଅବଢା ମିଳୁନାହିଁ। ବାସି ଅବଢ଼ା ବିକ୍ରି ହେଉଛି। ବହୁ ଭକ୍ତ ଅବଢା କିଣି ବାସି ହୋଇଥିବାରୁ ଖାଇ ନ ପାରି ଫୋପାଡି ଦେଉଛନ୍ତି। ଦୀପ ପାଇଁ ଶୁଦ୍ଧ ଘିଅ ବ୍ୟବସ୍ଥା କରିବା ଲାଗି ପ୍ରଶାସନ ନିଷ୍ପତ୍ତି ନେଲେ। ଟଙ୍କ ତୋରାଣି ବନ୍ଦ ନିଷ୍ପତ୍ତି ବିଜ୍ଞାପନ ମାଧ୍ୟମରେ ଭକ୍ତମାନଙ୍କୁ ଜଣାଇ ଦିଆଗଲା। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ବାସି ଅବଢା ବିକ୍ରିରେ ରୋକ ନ ଲଗାଗଲେ ଭକ୍ତଙ୍କ ଅସନ୍ତୋଷ ବଢ଼ିବ।

ନିର୍ଭୟ କୁମାର ପାଣି, ବିଜିଗୋଳା, କଣିହା, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଛତିଶଗଡ଼ରେ ସ୍ୱଚ୍ଛତା ପାଇଁ କାର୍ଯ୍ୟ କରିଥିବା ଜଣେ ମହିଳା ଏବେ ଭୋଟର ସଚେତନତା ପାଇଁ କାର୍ଯ୍ୟ କରିବେ। ସେ ୮୨ଟି ଗ୍ରାମପଞ୍ଚାୟତରେ ଖୋଲାରେ ମଳତ୍ୟାଗ ଦୂରକରିବା ଅଭିଯାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବର୍ତ୍ତମାନ ରାୟଗଡ଼ ଜିଲାର ଲୋକଙ୍କୁ ସେ ଭୋଟଦାନର ଗୁରୁତ୍ୱ ବୁଝାଇବା ସହିତ ଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ସଚେତନତା ସୃଷ୍ଟି କରିବେ।

ମୋନିକା ଇଜାରଦାର (୨୫) ନାମ୍ନୀ ଏହି ମହିଳାଙ୍କୁ ରାଜ୍ୟରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ସିଷ୍ଟେମେଟିକ୍ ଭୋଟର୍ସ ଏଜୁକେଶନ୍ ଆଣ୍ଡ ଇଲେକ୍‌ଟୋରାଲ୍ ପାର୍ଟିସିପେଶନ୍ (ଏସ୍‌ଭିଇଇପି) ପ୍ରୋଗ୍ରାମ୍ ନିମନ୍ତେ ରାୟଗଡ ଜିଲାର ଆଇକନ୍ ଘୋଷଣା କରାଯାଇଛି। ଏହା ହେଉଛି ନିର୍ବାଚନ କମିଶନ୍‌ଙ୍କର ଏକ କାର୍ଯ୍ୟକ୍ରମ। ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତ୍ୟେକ ଯୋଗ୍ୟ ସାବାଳକ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା ସହିତ ନିର୍ବାଚନରେ ଯେପରି ମତଦାନ କରିବାର ସୁବିଧା ପାଇପାରିବେ ତାହା ସୁନିଶ୍ଚିତ କରିବା। ଇଜାରଦାରଙ୍କ ଭଳି ଜଣେ ସ୍ୱଚ୍ଛ ଚାମ୍ପିୟନ୍‌ଙ୍କ ପାଇଁ ରାୟଗଡ ଜିଲା ଗର୍ବିତ। ସେ ପରିମଳ ବିଷୟରେ ଲୋକଙ୍କୁ ବୁଝାଇବାରେ ଶତପ୍ରତିଶତ ଉଦ୍ୟମ ଜାରି ରଖିଛନ୍ତି ବୋଲି ରାୟଗଡ ଜିଲାପାଳ ଶାମି ଆବିଦି ପ୍ରକାଶ କରିଛନ୍ତି।

ସେ ମଧ୍ୟ କମ୍ୟୁନିଟି ଆପ୍ରୋଚେସ୍ ଟୁ ସାନିଟେଶନ୍ (ସିଏଏସ୍) ପ୍ରୋଗ୍ରାମ୍‌ର ଜଣେ ଦୃଢ଼ ସମର୍ଥକ। ତେଣୁ ତାଙ୍କୁ 'ସ୍ୱଚ୍ଛତା ୱାରିୟର' ଭାବରେ ବିବେଚନା କରାଯାଏ। ପୂର୍ବରୁ ସେ ଲୋକଙ୍କୁ ସ୍ୱାସ୍ଥ୍ୟରକ୍ଷା ବିଷୟରେ ସଚେତନ କରାଉଥିବାବେଳେ ଆସନ୍ତା ନିର୍ବାଚନ ପାଇଁ ସେ ଏସ୍‌ଭିଇଇପି ପ୍ରୋଗ୍ରାମ ପାଇଁ ଜିଲା ଆଇକନ୍ ଭାବରେ କାର୍ଯ୍ୟ କରିବେ। ବାସ୍ତବରେ ମୋନିକା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ କହିଲେ ଅତ୍ୟୁକ୍ତି ହେବନାହିଁ।

## ଚିରନ୍ତନୀ

ଏ ପାଉଁ ବାରତା ମୋର ପଠାଏଁ ପବନେ
ଲାଗଇ କି ସେ ବାରତା ତା'ର ଅପଘନେ।
(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୯୩

- ଜାପାନକୁ ୪ଟି ଦ୍ୱୀପ ଫେରାଇବା ପାଇଁ ପୂର୍ବତନ ସୋଭିଏଟ ୟୁନିୟନ ସରକାର ଜାପାନ ସହିତ ଯେଉଁ ବୁଝାମଣା କରିଥିଲା ରୁଷିଆ ତାହାକୁ ପାଳନ କରିବ ନାହିଁ ବୋଲି ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନଙ୍କ ଘୋଷଣା।
- ମଞ୍ଚଜଗତ, ବଙ୍ଗଳା ଓ ହିନ୍ଦୀ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ଉତ୍ପଳ ଦତ୍ତଙ୍କ ପରଲୋକ।

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୧୨– ନୋବେଲ ପୁରସ୍କରବିଜେତା ଭାରତୀୟ ବଂଶୋଦ୍ଭବ ବିଦ୍ୟାଧର ସୂରଜପ୍ରସାଦ ନୈପଲଙ୍କ ୮୫ ବର୍ଷ ବୟସରେ ପରଲୋକ।

* ଜଷ୍ଟିସ୍ କଲ୍ପେଶ ସତ୍ୟେନ୍ଦ୍ର ଝାବେରୀ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ।

୧୩– ବିଶିଷ୍ଟ ସାମ୍ୟବାଦୀ ନେତା ତଥା ପୂର୍ବତନ ଲୋକ ସଭା ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କ ୮୯ ବର୍ଷ ବୟସରେ ପରଲୋକ।

୧୪– ଇଟାଲିର ଜେନୋଆ ସହରରେ ଏକ ଓଭରବ୍ରିଜ୍ ଭୁଶୁଡ଼ି ୩୫ ମୃତ।

୧୬– ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ୯୩ ବର୍ଷ ବୟସରେ ପରଲୋକ।

୧୭– ଯମୁନା ନଦୀକୂଳରେ ଥିବା ରାଷ୍ଟ୍ରୀୟ ସ୍ମୃତିସ୍ଥଳରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶେଷକୃତ୍ୟ ସମ୍ପନ୍ନ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | 2 | | D | E | | | | | | | | 4 |
| | | E | | 9 | | | | | 6 | 4 | 5 | 7 | 0 | D |
| | 1 | 3 | | | 0 | | | | 8 | | E | | 6 | C |
| | D | | B | E | | | 9 | | | C | | | | 1 |
| | | B | 3 | | | | | | 0 | | | | | |
| | 5 | | 7 | 1 | | 6 | | | | D | A | | 8 | |
| | | | | | 8 | | C | B | 4 | | 0 | | 5 | |
| | | 8 | | | 6 | | | 0 | 3 | | B | | | 9 |
| B | | 1 | | 0 | | | E | | | | | | 7 | |
| | 9 | | A | 4 | B | | | 3 | | | | | | |
| | | | | | | | | | | | | 5 | E | 8 |
| | 3 | 4 | | | | | | | | 7 | C | | | |
| 0 | B | | 6 | D | | | | | | | | | | 2 |
| D | | | | A | 9 | | | 2 | 5 | | | | | |
| 5 | 2 | | E | C | | 1 | D | A | | | 9 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | E | 9 | 6 | 3 | 7 | 0 | B | D | 2 | 1 | A | 4 | C | 8 |
| 3 | 4 | 8 | E | D | A | 5 | 2 | 9 | 0 | C | B | 7 | 6 | 1 |
| 7 | 1 | 2 | 0 | 9 | C | E | 6 | 8 | 3 | 5 | 4 | D | A | B |
| 6 | C | A | B | 4 | 5 | 1 | 7 | 3 | 9 | 8 | D | E | 2 | 0 |
| D | B | 0 | 2 | 8 | 1 | A | 4 | C | 7 | E | 6 | 5 | 9 | 3 |
| E | 2 | 3 | A | 1 | 0 | 6 | 8 | 4 | 5 | 9 | 7 | C | B | D |
| 8 | 6 | 7 | 9 | C | E | B | A | 5 | 1 | D | 0 | 2 | 3 | 4 |
| A | D | 1 | 4 | 7 | B | 3 | 9 | 2 | C | 6 | E | 8 | 0 | 5 |
| 0 | 5 | B | 3 | 2 | 6 | C | D | E | A | 4 | 8 | 9 | 1 | 7 |
| C | 9 | 4 | 8 | 5 | D | 7 | 1 | 0 | B | 2 | 3 | 6 | E | A |
| 9 | 3 | E | 1 | A | 4 | 2 | 5 | B | 8 | 7 | C | 0 | D | 6 |
| 1 | 0 | 5 | 7 | B | 8 | 9 | C | 6 | D | A | 2 | 3 | 4 | E |
| B | 8 | D | C | 6 | 9 | 4 | 3 | 1 | E | 0 | 5 | A | 7 | 2 |
| 4 | 7 | C | D | E | 2 | 8 | 0 | A | 6 | 3 | 1 | B | 5 | 9 |
| 2 | A | 6 | 5 | 0 | 3 | D | E | 7 | 4 | B | 9 | 1 | 8 | C |

ଗତକାଲିର ଉତ୍ତର

## ସଂକ୍ଷେପରେ

### କଲେଜ ଛାତ୍ରଙ୍କ ଆତ୍ମହତ୍ୟା

**ସଜନାଗଡ଼, ୧୯।୮(ଡି.ଏନ.ଏ.):** ନୀଳଗିରି ଏନଏସି ୨ନଂ. ୱାର୍ଡ ଘାଟଘରସାହି ଗ୍ରାମରେ ପ୍ରତାପ ପରିଚ୍ଛାଙ୍କ ପୁଅ ଜ୍ୟୋତିପ୍ରକାଶ (୧୮) ରବିବାର ଅପରାହ୍ନରେ ଘରେ କେହି ନ ଥିବା ବେଳେ ଫ୍ୟାନରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ଯୁକ୍ତ ୨ ବିଜ୍ଞାନରେ ଦ୍ୱିତୀୟ ବର୍ଷରେ ପାଠ ପଢ଼ୁଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଚୋରା ମଦ ବେପାରୀ ଗିରଫ

**ରୂପ୍‌ସା,୧୯।୮(ଡି.ଏନ.ଏ.):** ରୂପ୍‌ସା ଥାନା ଅନ୍ତର୍ଗତ ରୂପ୍‌ସା ସାମିଲ ହାସନପୁର ଗ୍ରାମର ମଦ ବେପାରୀ କୁନା ମାଝୀଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ୧୦ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୬୧/୧୮) ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଥାନାଧିକାରୀ ସୁଚନ୍ଦ୍ର ମହାଳିକ, ଏଏସ୍‌ଆଇ ହେମନ୍ତ କୁମାର ପାତ୍ର ପ୍ରମୁଖ ସଦଳବଳ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ପାଇପ ପାଣିରୁ ବାହାରୁଛି ବାଲି

**ସୋର, ୧୯।୮(ଡି.ଏନ.ଏ.):** ସୋର ଜନସ୍ୱାସ୍ଥ୍ୟ ପାନୀୟଜଳ ଯୋଗାଣ ବିଭାଗ ତରଫରୁ କେତେକ ଗ୍ରାମକୁ ବିଛାଯାଇଥିବା ପାଇପ ପାଣିରେ ବାଲି ବାହାରୁଥିବା ନେଇ ଅଭିଯୋଗ ହୋଇଛି। ସୋର ମ୍ୟୁନିସିପାଲିଟି ଅଧୀନରେ ଥିବା ମେଘମାଧବ, କୋଦଣ୍ଡପୁର, ବାରାହାପୁର, କ୍ଷୀରକୋଣୀ, ମଧୁସୂଦନପୁର, ଏକ୍‌ସାୟା ଓ ଖଣ୍ଡାସାହି ଆଦି ଗ୍ରାମକୁ ପାଇପ ପାଣି ଯୋଗାଇ ଦିଆଯାଇଥିବା ବେଳେ ପାଇପ ପାଣିରୁ ବାଲି ବାହାରୁଛି । ଏନେଇ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ କରାଯାଇଥିଲେ ମଧ କୌଣସି ଦୃଷ୍ଟି ଦିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି ।

### ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ସ୍ମୃତିସଭା

**ବାହାନଗା, ୧୯।୮(ଡି.ଏନ.ଏ.):** ବାହାନଗା ବ୍ଲକ ଅଭଣା ଗ୍ରାମରେ ଥିବା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ପୂର୍ବତନ ଛାତ୍ର ସଂସଦ ତରଫରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ହୋଇଥିଲା। ପ୍ରଧାନ ଶିକ୍ଷକ ଗୌରାଙ୍ଗ ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ନାୟକଙ୍କ ସମେତ ରମେଶ ମହାପାତ୍ର, ଯଦୁନ ପାଣିଗ୍ରାହୀ, ରମାକାନ୍ତ ଦାଶ, ଶ୍ରୀଧର ନାୟକ, ଭାଗୀରଥି ରାଉତ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଭାସ୍କର ଅଗସ୍ତି, ସରପଞ୍ଚ ଦୟାନିଧି ମାଝି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦିବଂଗତ ପ୍ରଧାନ ଶିକ୍ଷକ ଜଣେ ମେଳାପି, ଉତ୍ତମ ସଙ୍ଗଠକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହାକୁ ପୂର୍ବତନ ଛାତ୍ର ସଂସଦର ଚିତ୍ତରଞ୍ଜନ ମହାପାତ୍ର, ସାମାଜିକ କର୍ମୀ ବିଜନ ମହାଳିକ, ମିହିର ବାରିକ୍, ଦନାର୍ଦ୍ଦନ ମାଝି, ସନାତନ ନାୟକ, ରଞ୍ଜନ ମାଝି, ଧୀରେନ୍ଦ୍ର ପତି, ବିଜୟ ଦାସ, ସରୋଜ ମାଝୀ, ଅଜୟ ବିଶ୍ୱାଳ ଓ ରାମଚନ୍ଦ୍ର ମାଝି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପକୁ ବିରୋଧ

## ଓଡ଼ିଶା ଉପକୂଳ ବଞ୍ଚାଅ କମିଟିର ଆନ୍ଦୋଳନ ଚେତାବନୀ

**ବାଲିଆପାଳ, ୧୯।୮(ଡି.ଏନ.ଏ.)**

ବାଲିଆପାଳ ବ୍ଲକ ଚଉମୁଖ ପଞ୍ଚାୟତ ସୁବର୍ଣ୍ଣରେଖା ମୁହାଣଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପକୁ ଏବେ ଜୋରଦାର ବିରୋଧ କରାଯିବ ବୋଲି ଉପକୂଳ ଭିଟାମାଟି ଓ ଉପକୂଳ ବଞ୍ଚାଅ କମିଟି କାର୍ଯ୍ୟକର୍ତ୍ତା ରବିବାର ଗଣମାଧ୍ୟମକୁ ଜଣାଇଛନ୍ତି। ବନ୍ଦର ଯୋଗୁ ଅଧିବାସୀଙ୍କ ଚାଷ ଜମି, ଘରବାଡି, ପକ୍କାଘର ଆଦି ହରାଇବାକୁ ପଡିବ। ପ୍ରକୃତି, ପରିବେଶ ଓ ଜୈବବିବିଧତାରେ କ୍ଷତି ଘଟିବ। ବନ୍ୟା ଓ ବର୍ଷା କାଳରେ ଜଳ ନିଷ୍କାସନରେ ଘୋର ପ୍ରତିବନ୍ଧକ ସୃଷ୍ଟି ହେବ। ସମଗ୍ର ଉପକୂଳର ଚାଷ ଉଜୁଡିଯିବ। ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହୋଇରହିବ। ଲକ୍ଷ ଲକ୍ଷ ଚାଷୀ ଓ ମତ୍ସ୍ୟ ଜୀବିକା ଉଜୁଡିଯିବ। ଭିଟାମାଟି ହରାଇ ଉଦବାସ୍ତୁ ଲୋକମାନେ ଦାଣ୍ଡରେ ଭିକାରୀ ହେବେ। ପ୍ରାକୃତିକ ବିପର୍ଯ୍ୟୟ ଓ ଝଡବାତ୍ୟା ବେଳେ ସମୁଦ୍ରର ଲୁଣିପାଣି ଓ ଜୁଆର ଉପକୂଳ ଅତିକ୍ରମ କରିବ। ଭୂତଳ ମଧୁର ଜଳ ଲବଣାକ୍ତ ହୋଇଯିବ। ଏଭଳି ମଣିଷକୃତ କମ୍ପାନୀ ପ୍ରାୟୋଜିତ ଯୋଜନା ଏବଂ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ବିରୋଧରେ ପୁନର୍ବାର ଜନଆନ୍ଦୋଳନ କାରଯିବ ବୋଲି ଓଡିଶା ଉପକୂଳ ଭିଟାମାଟି ବଞ୍ଚାଅ କମିଟିର ଆବାହକ ଅରୁଣ ଜେନା, ପୂର୍ବତନ ବିଧାୟକ କିଶୋର ଦାସ, ସର୍ବେଶ୍ୱର ମିଶ୍ର, ସର୍ବୋଦୟ ନେତା ବିଧାନଚନ୍ଦ୍ର ରାୟ, ନାଗରିକ ସୁରକ୍ଷା କମିଟି ଉପସଭାପତି ଆକବର ସାହା, ଯୁବନେତା ସୁଶାନ୍ତ ଦାସ, ପ୍ରଦୀପ ସ, ଚଉମୁଖ ଭିଟାମାଟି ସୁରକ୍ଷା କମିଟି ସଭାପତି ଲକ୍ଷ୍ମୀକାନ୍ତ ଖଟୁଆ, ସାର୍ତ୍ତୁକ ମଣ୍ଡଳ, ଶିକ୍ଷକ ନେତା ସୁବାସ ଚୌଧୁରୀ, ଚାଷୀନେତା କାହ୍ନୁଚରଣ ବିଶ୍ୱାଳ ଓ ବିଜୟ ବାଗ ପ୍ରମୁଖ ଚେତାବନୀ ଦେଇଛନ୍ତି। ପ୍ରକାଶଥାଉ କି, ଏମଓୟୁର ୧୨ବର୍ଷ ପରେ ଟାଟା କମ୍ପାନୀ ସହାୟତାରେ ସୁବର୍ଣ୍ଣରେଖା ବନ୍ଦର ପାଇଁ ଏବେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।









@ ରାଜୁ



@ ସୁନୀଲ



@ ଟ୍ୱିଙ୍କିଲ



@ ରଶ୍ମିତା

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଜୀବନ ରକ୍ଷା ପରିବର୍ତ୍ତେ ବିପଦରେ ପକାଉଛି ହମ୍ପ୍‌ସ

**ସଜନାଗଡ଼, ୧୯।୮(ଡି.ଏନ.ଏ.)**

ସେରଗଡ଼-ଉଦଳା ରାସ୍ତାର ୧୯ନଂ. ରାଜ୍ୟ ରାଜପଥ ପୋଡ଼ାଶୁଳଠାରେ ୩୦୦ମିଟର ମଧ୍ୟରେ ପୂର୍ତ୍ତ ବିଭାଗ ୨୦ଟି ହମ୍ପସ୍ ନିର୍ମାଣ କରିଛି। ଛକ, କଲେଜ ଓ ସ୍କୁଲ ଛକସ୍ଥାନ ନିକଟରେ ଦ୍ରୁତ ଗାଡ଼ିଚାଳନାକୁ ରୋକିବା ପାଇଁ ପୂର୍ତ୍ତବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ହମ୍ପସ୍ ନିର୍ମାଣ କରାଯାଉଛି, ଯାହାକି ସ୍ୱାଗତଯୋଗ୍ୟ। ତେବେ ହମ୍ପସ୍‌ଗୁଡ଼ିକ ଯେଉଁ ମାନଦଣ୍ଡରେ ନିର୍ମାଣ ହେବା କଥା, ତାହା ନ ହୋଇ ପୂର୍ତ୍ତବିଭାଗ ମନଇଚ୍ଛା ନିର୍ମାଣ କରୁଥିବାରୁ ତାହା ଜୀବନ ରକ୍ଷା ପରିବର୍ତ୍ତେ ବିପଦରେ ପକାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ପ୍ରାୟ ୩୦ଫୁଟ ଓସାର, ୧ ଫୁଟ ଉଚ୍ଚତା ବିଶିଷ୍ଟ ହମ୍ପସ୍‌ଗୁଡ଼ିକ କଂକ୍ରିଟରେ ନିର୍ମାଣ ହୋଇଛି। ପିଚୁ ରାସ୍ତାରେ ୧ ଫୁଟ ଉଚ୍ଚତାରେ କଂକ୍ରିଟ ହମ୍ପସ୍ ନିର୍ମାଣ କେତେଦୂର ଯୁକ୍ତିଯୁକ୍ତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକେ ହମ୍ପସ୍‌ରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ହମ୍ପସ ନିର୍ମାଣ ଚାଲିଥିବା ବେଳେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ବାଇକ୍ ଆରୋହୀ ସେଠାରେ ପଡ଼ି ଆହତ ହୋଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓଙ୍କୁ ପଚାରିବାରୁ ନିର୍ମିତ ହୋଇଥିବା ହମ୍ପସ୍‌କୁ ଦେଖିଲା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ପୋଡ଼ାଶୁଳଠାରେ ନିର୍ମିତ ହମ୍ପ୍‌ସ।

# ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘର ଜୋନାଲ କମିଟି ବୈଠକ

**ବାଲେଶ୍ୱର ଅଫିସ,୧୯।୮**

ବାଲେଶ୍ୱର ରେଳଷ୍ଟେଶନ ପରିସରରେ ଥିବା ଟେକ୍ନିକାଲ ସମ୍ମିଳନୀ କକ୍ଷରେ ରବିବାର ସନ୍ଧ୍ୟାରେ ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘର ଜୋନାଲ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ସଂଘ ଶାଖା ସଭାପତି ରମେଶ ଚନ୍ଦ୍ର ଜେନା ଅଧ୍ୟକ୍ଷତା କରିଥିବା ବେଳେ ସର୍ବଭାରତୀୟ ସଂଘର କାର୍ଯ୍ୟକାରୀ ସଭାପତି କେ.ଭି. ରାମ୍‌ନାରା, କେନ୍ଦ୍ରୀୟ ସଂଘ ସଦସ୍ୟ ଏନ୍.ଏଲ୍. ଶର୍ମା, ମଣ୍ଡଳ ସମ୍ପାଦକ ଏସ୍.ପି. ବାନାର୍ଜୀ, ଶିବଲାଲ ଶଙ୍କର, ଆର୍.ଏସ୍. ଦାସଗୁପ୍ତ, ଏଲ୍.ଆର୍.କେ ରାଓ, ଏସ୍. ସୁରିଆ ନାରାୟଣୀ, ଟି. ଗୋପାଲ ରାଓଙ୍କ ଉପସ୍ଥିତିରେ ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ସଦସ୍ୟମାନଙ୍କ ସମସ୍ୟା ସମୂହ ଆଲୋଚନା କରାଯାଇଥିଲା। ଅବସରପ୍ରାପ୍ତ ରେଳ କର୍ମଚାରୀମାନଙ୍କ ବକେୟା ପାଉଣା ନ ପାଇବା, ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଏବଂ ସଂଘର ସ୍ଥାୟୀ ଅଫିସ୍ ସମ୍ପର୍କରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ସଂଘ ସମ୍ପାଦକ ରାମଚନ୍ଦ୍ର ଦାସ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ କାନନ ବିହାରୀ ଦାଶ ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ସତ୍ୟ ରଞ୍ଜନ ରାଉତ ଓ ଅନିଲ ଚନ୍ଦ୍ର ବେହେରା, ସଙ୍ଗଠନ ସମ୍ପାଦକ ମୟୂର ଚନ୍ଦ୍ର ସେଠୀ, ଉପଦେଷ୍ଟା ଗିରିଧାରୀ ବିନ୍ଧାଣୀ, ମୁରଲି ଧର ପାତ୍ର, ପଦ୍ମନାଭ ସାମଲ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ଗଠନ ହେଲା 'ଲିଭିଙ୍ଗ ଗଡ୍' ଅନୁଷ୍ଠାନ

## ମାତାପିତାଙ୍କ ପ୍ରତି ସ୍ନେହ, ସମ୍ମାନ ଭାବନା ଜାଗ୍ରତ କରାଇବା ଉଦ୍ଦେଶ୍ୟ

**ବାଲେଶ୍ୱର ଅଫିସ,୧୯।୮**

ବାଲେଶ୍ୱର ବାମପଦାସ୍ଥିତ ନୋସି ବିଜିନେସ ପାର୍କ ପରିସର ଉତ୍କଳା ମଞ୍ଚରେ ଶନିବାର ସନ୍ଧ୍ୟାରେ ସ୍ୱେଚ୍ଛାସେବୀ ପ୍ରଶାନ୍ତ କୁମାର ପଟେଲଙ୍କ ଆବାହକତ୍ୱରେ 'ଲିଭିଙ୍ଗ ଗଡ୍' ଅର୍ଥାତ୍ 'ଚଳନ୍ତି ଈଶ୍ୱର ଅନୁଷ୍ଠାନ'ର ଶୁଭାରମ୍ଭ ହୋଇଛି। ପରିଣତି ବୟସରେ ମାତାପିତାମାନଙ୍କୁ ସେମାନଙ୍କର ସନ୍ତାନସନ୍ତତି ନିର୍ଯାତନା ଦେଉଥିବା ଭଳି ଘଟଣା ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ଆଗାମୀ ଭବିଷ୍ୟତ ପାଇଁ ଏକ ସତର୍କ ଘଣ୍ଟି ସଦୃଶ। ଏଭଳି ସ୍ଥିତିରେ ପିଲାଙ୍କ ମଧ୍ୟରେ ସେମାନଙ୍କ ମାତାପିତାଙ୍କ ପ୍ରତି ସ୍ନେହ ଓ ସମ୍ମାନ ଭାବନା ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ଏହା ଶୁଭାରମ୍ଭ ହୋଇଛି। ସର୍ବସମ୍ମତିକ୍ରମେ ଚିତ୍ରଶିଳ୍ପୀ କେଶୁ ଦାସ ଏବଂ ଦିଲୀପ କୁମାର ନାୟକଙ୍କୁ ଉପଦେଷ୍ଟା ଭାବେ ମନୋନୟନ କରାଯାଇଛି। ସଭାପତି ଭାବେ ପ୍ରଶାନ୍ତ କୁମାର ପଟେଲ, ଉପସଭାପତି ଭାବେ ସନତ କୁମାର ପରିଡ଼ା, ସୌଭାଗ୍ୟରଞ୍ଜନ ବାରିକ ଏବଂ ଶକ୍ତି ସାଧନ ଦାସ, ସମ୍ପାଦକ ଭାବେ ପ୍ରୀତମ କୁମାର ନାୟକ, ସହସମ୍ପାଦକ ଭାବେ ଯଶ ସତ୍ୟାନନ୍ଦ ସିଂହ, ଆଦିତ୍ୟ କୁମାର ଉପାଧ୍ୟାୟ ଏବଂ ରଜତ କୁମାର ବାରିକ, କୋଷାଧ୍ୟକ୍ଷ ଭାବରେ ରାଜୀବ କୁମାର ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ଭାବରେ ରଞ୍ଜିତ କୁମାର ଦାସ, ଭବାନୀ ଶଙ୍କର ଭୋଇଙ୍କୁ ମନୋନୟନ କରାଯାଇଛି। ପରବର୍ତ୍ତୀ ସମୟରେ ବୈଠକ କରାଯାଇ ଅଧିକ ସଦସ୍ୟଙ୍କୁ ସାମିଲ କରାଯିବା ସହିତ ଆଗାମୀ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।



'ଲିଭିଙ୍ଗ ଗଡ୍' ଅନୁଷ୍ଠାନର ସଦସ୍ୟ ଗଣ।

# ୩ ସାହିର ଦୁଃଖ ସିଙ୍ଗିପୁର-ମାଝିସାହି ରାସ୍ତା

**ଖଇରା, ୧୯।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ସିଙ୍ଗିପୁର ଗ୍ରାମର ୩ ସାହି ବାସିନ୍ଦାଙ୍କ ଦୁଃଖ ଥମିବାର ନାଁ ଗନ୍ଧ ଧରୁନାହିଁ। ଆକାଶରେ ବାଦଲ ଦେଖାଦେଲେ ଲୋକମାନଙ୍କ ମଧ୍ୟରେ ଭାଳେଣି ପଡିଯାଉଛି। ବର୍ଷାଋତୁ ଆସିଲେ ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇପଡୁଛି। ସବୁବର୍ଷ ଏଭଳି ହୀନସ୍ତା ହେବାକୁ ପଡୁଛି ବୋଲି କୁହନ୍ତି ଗ୍ରାମର ମାଝିସାହି, ବାରିକସାହି ଓ ସାହୁସାହିର ୫୦ରୁ ଊର୍ଦ୍ଧ୍ୱ ପରିବାର। ଘରପିଣ୍ଡାରୁ ଓହ୍ଲାଇବା ମାତ୍ରେ ଆଣ୍ଠୁଏ ପାଣିରେ ପଶି ଯିବାକୁ ପଡେ। ଆଉ କୌଣସି ବିକଳ୍ପ ନ ଥିବାରୁ ନିକଟସ୍ଥ ଅଙ୍ଗନୱାଡି, ୟୁପି ସ୍କୁଲକୁ ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ଯିବାକୁ ବାଧ ହୋଇଥାନ୍ତି। ଏହା ମଧ୍ୟରେ ଅନେକଥର ବିଡିଓ, ଜିଲାପାଳ, ସରପଞ୍ଚ ସମସ୍ତଙ୍କୁ ଲିଖିତ ଅଭିଯୋଗ ଦିଆଯାଇଥିଲେ ମଧ କୌଣସି ସୁଫଳ ନ ମିଳିବା ବିଡ଼ମ୍ବନା ବୋଲି ଗ୍ରାମର ଭାସ୍କର ସାହୁ କୁହନ୍ତି। ଘୃଣ୍ୟ ରାଜନୈତିକ ମନୋଭାବ ରଖି ଏଭଳି ହଟହଟା କରାଯାଉଛି ବୋଲି ୱାର୍ଡସଭ୍ୟା ପାର୍ବତୀ ମାଝି କହିଛନ୍ତି। ଆମ ଗାଁ ଆମ ବିକାଶ, ପ୍ରତ୍ୟେକ ଗ୍ରାମକୁ କଂକ୍ରିଟ ରାସ୍ତା ସ୍ଲୋଗାନ ସରକାରଙ୍କ କେବଳ ଧୂଆଁବାଣ ବୋଲି ଗ୍ରାମର ପଦ୍ମାବତୀ ମାଝି କହନ୍ତି। ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ଗ୍ରାମର ସୁରେଶ ମାଝିଙ୍କ ସ୍ତ୍ରୀ ଗେହ୍ଲୀଙ୍କୁ ସାଇକେଲରେ ବସାଇ ଚିକିତ୍ସା ଲାଗି ନିଆଯାଇଥିଲା। ପୂର୍ବଥରେ ଗ୍ରାମବାସୀ ବର୍ତ୍ତମାନର ବିଡିଓ ମହେଶ ଚୌଧୁରୀଙ୍କୁ ମଧ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା ସମସ୍ୟାର ସମାଧାନ ନ ହେଲେ ଆଗାମୀ ନିର୍ବାଚନରେ ନେତାମାନଙ୍କୁ ସାହିକୁ ପଶିବାକୁ ଦିଆଯିବ ନାହିଁ ବୋଲି ଗ୍ରାମର ଚିନ୍ତାମଣି ମାଝି, ବାବାଜୀ ମାଝି, ସାବିତ୍ରୀ ବାରିକ, ରାମଚନ୍ଦ୍ର ସାହୁ, ସୁନୀଲ ସାହୁ, ଅନିତା ସାହୁ, ପ୍ରହ୍ଲାଦ ସେଠୀ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ମଧୁସୂଦନ ମାଝିଙ୍କୁ ପଚାରିବାରେ ଏହି ସାହି ରାସ୍ତା ପାଇଁ କିଛି ମୋରମର ବ୍ୟବସ୍ଥା କରାଯାଇଛି। ରାସ୍ତା ଶୁଖିଲେ ବିଛାଇ ଦିଆଯିବ ବୋଲି କହିଛନ୍ତି।

**ବର୍ଷା ହେଲେ ଭାଳେଣି ପଡ଼େ**



ରାସ୍ତା ଉପରେ ଜମିଥିବା ପାଣିରେ ପଶି ଲୋକେ ଯାଆସ କରୁଛନ୍ତି।

## ବର୍ଷାଜଳ ନିଷ୍କାସନ ଲାଗି ପଦକ୍ଷେପ ନାହିଁ

# ଆନ୍ଦୋଳନ ଚେତାବନୀ ଦେଲେ ୱାର୍ଡବାସୀ

**ଜଳେଶ୍ୱର, ୧୯।୮(ଡି.ଏନ.ଏ.)**

ଜଳେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳର ୬, ୯ ଓ ୧୦ ନଂ. ୱାର୍ଡ଼ ଅନ୍ତର୍ଗତ ଶାନ୍ତିଆ, ଦେଉଳିପଞ୍ଚୁଘଣ୍ଟା ମୌଜା ଅଧୀନରେ ଥିବା ଚାଷଜମି ଓ ବସତି ଅଞ୍ଚଳରେ ବର୍ଷାଜଳ ଜମି ରହିଛି। ଏହାର ନିଷ୍କାସନ ଲାଗି ପଦକ୍ଷେପ ନିଆଯାଉ ନ ଥିବାରୁ ଶନିବାର ଉକ୍ତ ଅଞ୍ଚଳର ଶତାଧିକ ବାସିନ୍ଦା ଲିଖିତ ଭାବେ ଜଳେଶ୍ୱର ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦେଇଛନ୍ତି। ୨୦ ତାରିଖ ସୁଦ୍ଧା ଏହାର ସମାଧାନ କରା ନ ଗଲେ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ୨୧ତାରିଖରେ ଶତାଧିକ ଅଞ୍ଚଳବାସୀ ଗଣଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଗଣଧାରଣା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ତା ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଅଞ୍ଚଳବାସୀ ଧମକ ଦେଇଛନ୍ତି।

ଏହି ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ଲାଗି ଡ୍ରେନେଜ ସୁବନ୍ଦୋବସ୍ତ ନାହିଁ। ଡ୍ରେନ ପାଣି ନିଷ୍କାସନ ନାଳ ତଥା ନୟନଯୋରିକୁ କେତେକ ବ୍ୟକ୍ତି ଅବରୋଧ କରିଥିବା ହେତୁ ପାଣି ନିଷ୍କାସନ ହୋଇ ନ ପାରି ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ହେଉଛି। ଏପରିକି ଲୋକଙ୍କ ଘରେ ପାଣି ପଶିବା ଫଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରି ପରିବେଶରେ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଧାରୀ ବାରିକ କହିଛନ୍ତି ଯେ, ବର୍ଷାପାଣି ନିଷ୍କାସନକୁ ନେଇ ମ୍ୟୁନିସିପାଲିଟି ତରଫରୁ ପଦକ୍ଷେପ ନିଆଯାଉଛି। କେତେକ ବ୍ୟକ୍ତିଙ୍କ ଲାଗି ଏଭଳ ସମସ୍ୟା ସୃଷ୍ଟି ହୋଇଛି। ଏହାର ସମାଧାନ ଲାଗି ଦୃଢ଼ ପଦକ୍ଷେପ ନିଆଯିବ।



ବର୍ଷାଜଳ ଜମି ରହିଛି।

# ଛାତ୍ରୀଛାତ୍ରଙ୍କ ଉପରେ ଆର୍ଥିକ ବୋଝ

**ଖଇରା, ୧୯।୮(ଡି.ଏନ.ଏ.)**

**ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଉଲ୍ଲଂଘନ**

ଖଇରା ବ୍ଲକ ଅଧୀନ ଏକ କଲେଜରେ ପ୍ରଥମେ ନାମ ଲେଖାଇଥିବା ଜଣେ ଛାତ୍ର ପରେ ସିଏଲ୍‌ସି ନେବାକୁ ଚାହିଁବାରୁ ସରକାରଙ୍କ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରି ତାଙ୍କ ଉପରେ ଅଯଥା ଆର୍ଥିକ ବୋଝ ଲଦି ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି କୁପାରୀସ୍ଥିତ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ +୩ ପ୍ରଥମବର୍ଷରେ ନାମ ଲେଖାଇଥିବା ଛାତ୍ର ଅଭିଷେକ ପାଣିଗ୍ରାହୀଙ୍କ କ୍ଷେତ୍ରରେ। ଏହାର ପ୍ରତିବାଦ କରି ଉକ୍ତ ଛାତ୍ରଙ୍କ ପିତା ଷଡାନନ ପାଣିଗ୍ରାହୀ ନ୍ୟାୟ ପାଇଁ ଉଚ୍ଚଶିକ୍ଷା ବିଭାଗ ସଚିବ ଓ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଅଭିଷେକ ପାଣିଗ୍ରାହୀ ପ୍ରଥମ କରି +୩ ବିଜ୍ଞାନରେ କୁପାରୀ ବିଦ୍ୟାଳୟରେ ମନୋନୀତ ହେବା ପରେ ୬,୨୫୫ ଟଙ୍କା ଦେଇ ଆଡମିଶନ କରିଥିଲେ। ପରେ ଅନ୍ୟ କଲେଜରୁ ମନୋନୟନ ପତ୍ର ମିଳିବା ପରେ ସେ ସିଏଲସି ଆଣିବାକୁ କଲେଜ ଯାଇଥିଲେ। ତାଙ୍କୁ ଅର୍ଥ ଫେରସ୍ତ ଦିଆଯିବା ପରିବର୍ତ୍ତେ ପୁଣି ଅଧିକ ୧୦,୧୪୪ଟଙ୍କା ତାଙ୍କଠାରୁ ଜବରଦସ୍ତ ନିଆଗଲା। ସେ ଏହାର ପ୍ରତିବାଦ କରିବା ସହ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୦୧୭ମସିହା ନଭେମ୍ବର ୯ତାରିଖ ଚିଠି ନମ୍ବର ୩୦୪୯୪ରେ ଏ ସମ୍ପର୍କରେ ଇସ୍ୟୁ କରାଯାଇଥିବା ନିର୍ଦ୍ଦେଶନାମା ବିଷୟରେ କହିଥିଲେ। ଯେଉଁଥିରେ ମାତ୍ର ୧ଶହ ଟଙ୍କା ରଖି କଲେଜ କର୍ତ୍ତୃପକ୍ଷ ବାକି ଅର୍ଥ ଫେରାଇବେ ବୋଲି ନିର୍ଦ୍ଦେଶ ରହିଛି। ଏହାକୁ ଅବଜ୍ଞା କଲେ ଉକ୍ତ ବିଦ୍ୟାଳୟର ଅନୁବନ୍ଧନକୁ ବାତିଲ କରାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ଥିବା ଦେଖାଇଥିଲେ। ହେଲେ ଆଡମିଶନ ସମୟର ୬,୨୫୫ଟଙ୍କାରୁ ୧ ଶତ ଟଙ୍କା କାଟି ବାକି ଅର୍ଥ ଫେରାଇବା ବଦଳରେ ପୁଣି ଅଧିକ ୧୦,୧୪୪ଟଙ୍କା କାହିଁକି ନିଆଯିବ ବୋଲି ଅଭିଷେକଙ୍କ ବାପା ଯୁକ୍ତି ବାଢିଥିଲେ। କଲେଜ କର୍ତ୍ତୃପକ୍ଷ କିଛି ଶୁଣିବାକୁ ପ୍ରସ୍ତୁତ ନ ଥିଲେ। ଅନ୍ୟ କଲେଜରେ ଆଡମିଶନ ବିଳମ୍ବ ହୋଇଯିବ ଭାବି ପୁଣି ୧୦,୧୪୪ଟଙ୍କା ଦେଇ ସିଏଲ୍‌ସି ଧରି ଆସିବା ସହ ସୋମବାର ବିଭିନ୍ନ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଶିକ୍ଷା ବିଭାଗରୁ ନ୍ୟାୟ ନ ମିଳିଲେ ସେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଅରୁଣ କୁମାର ପାଢୀଙ୍କୁ ପଚାରିବାରେ କଲେଜର ୧୯୯୨ ମସିହା ରିଜୋଲ୍ୟୁଶନ ଅନୁଯାୟୀ ଏହି ଅର୍ଥ କଲେଜ ଛାଡୁଥିବା ପ୍ରତ୍ୟେକ ପିଲାଙ୍କଠାରୁ ଆଦାୟ କରାଯାଇଛି। ଏଣୁ ତାଙ୍କର କିଛି କରିବାର ନାହିଁ ବୋଲି ସେ କହିଛନ୍ତି।

# ସଙ୍ଗଠନ ସଜାଡ଼ିବା ଆଗରୁ ବିଦ୍ରୋହ


ତୁଷାର କୁମାର ନାୟକ


ସାମନ୍ତ ଶେଖର ପାଳ

- ନିଯୁକ୍ତ ହେବେ ଦୁଇ ଯୁବ କାର୍ଯ୍ୟକାରୀ ସଭାପତି
- ମହିଳା ସଙ୍ଗଠନର ନବକଳେବର

ବାରିପଦା ଅଫିସ,୧୯।୮

ଗତ ପଞ୍ଚାୟତ ନିର୍ବାଚନରେ ଶାସକ ବିଜୁ ଜନତା ଦଳ ଜିଲାରେ ପରାଜୟବରଣ କରିଥିଲା। ସମୀକ୍ଷା ବେଳେ ସଙ୍ଗଠନ ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଥିବା ଯୋଗୁ ଯୁବ ଛାତ୍ର ଓ ଜିଲା କମିଟିର ନବକଳେବର କରାଯାଇଥିଲା। ଏବେ ମହିଳା ସଙ୍ଗଠନକୁ ନବକଳେବର କରାଯାଇଛି। ଆଗକୁ ଯୁବ ସଙ୍ଗଠନକୁ ଅଧିକ ସକ୍ରିୟ କରିବା ପାଇଁ ଜିଲାରେ ଦୁଇ ଜଣ କାର୍ଯ୍ୟକାରୀ ସଭାପତି ନିଯୁକ୍ତି କରିବାକୁ ଦଳ ସ୍ଥିର କରିଛି। ମୟୂରଭଞ୍ଜ ଜିଲାର ମହିଳା ସଙ୍ଗଠନ ସଭାପତି ଓ କାର୍ଯ୍ୟକାରୀ ସଭାପତି ପଦବୀ ଲାଗି ଶୁକ୍ରବାର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ନାମ ଘୋଷଣା କରିଛନ୍ତି।

ସୂଚନା ମୁତାବକ ଘାଟି ତଳେ ଅର୍ଥାତ ମୟୂରଭଞ୍ଜ ୧ରେ ଜିଲା ସଭାପତି ଭାବେ ବୀଣାପାଣି ସାହୁ ଓ କାର୍ଯ୍ୟକାରୀ ସଭାପତି ଭାବେ ସବିତା ବେହେରାଙ୍କୁ ମନୋନୀତ କରାଯାଇଛି। ସେହିପରି ଘାଟି ଉପରେ ଅର୍ଥାତ ମୟୂରଭଞ୍ଜ ୨ ପାଇଁ ଜିଲା ସଭାପତି ଭାବେ ମମତା ମହାନ୍ତ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ଭାରତୀ ହେମ୍ବ୍ରମଙ୍କୁ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଜିଲା ସଭାନେତ୍ରୀ ଥିବା ଜ୍ୟୋତିର୍ମୟୀ କବାଟଙ୍କୁ ରାଜ୍ୟ ମହିଳା ବିଜେଡିର ସାଧାରଣ ସମ୍ପାଦିକା ଭାବେ ଅବସ୍ଥାପିତ କରାଯାଇଛି। ଜିଲାରେ ପୂର୍ବରୁ ମହିଳା ସଂଗଠନ ନ ଥିବା ବେଳେ ଏବେ ଏହି ନାରୀ ନେତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରି ତୃଣମୂଳ ସ୍ତରରୁ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ସହିତ ରହି ସଂଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯୁବ ବିଜେଡିର ରାଜ୍ୟ ସଭାପତି ଅମରେଶ ପତ୍ରୀଙ୍କ ଅନୁମୋଦନ କ୍ରମେ ଜିଲା ଯୁବ ବିଜେଡିର ସଙ୍ଗଠନକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ପାଇଁ ଉଦଳାର ଭାନୁପ୍ରକାଶ ବେହେରାଙ୍କୁ ଜିଲା ଉପସଭାପତି ଭାବେ ମନୋନୀତ କରାଯାଇଛି। ରାଜ୍ୟ ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ରଙ୍କ ଅନୁମୋଦନ କ୍ରମେ ମୟୂରଭଞ୍ଜରେ ନୂତନ ଭାବେ ଜିଲା ଛାତ୍ର ବିଜେଡି କମିଟି ଗଠିତ କରାଯାଇଛି। ବ୍ଲକ କମିଟି ମଧ୍ୟ ଗଠନ କରାଯାଇଛି। ହେଲେ ଆରମ୍ଭରୁ ନୂତନ ଭାବେ ପଦବୀ ପାଇଥିବା ଛାତ୍ର ନେତା ବିଦ୍ରୋହ କରିଛନ୍ତି । ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟର ଛାତ୍ର ସଂସଦ ସଭାପତି ତୁଷାର କୁମାର ନାୟକ ଓ ଛାତ୍ର ନେତା ସାମନ୍ତ ଶେଖର ପାଳ ନିଜ ପଦବୀକୁ ନେଇ ଅସନ୍ତୋଷ ଜାହିର କରି ରବିବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। କିନ୍ତୁ ସେମାନେ ଦଳ ପାଇଁ କାର୍ଯ୍ୟ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ଅନ୍ୟ ଛାତ୍ରନେତାମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଛାତ୍ର ସଭାପତି ଅଭୟ ସିଂଙ୍କ ମତାମତ ନେବାରୁ ଦଳ ସମସ୍ତଙ୍କୁ ଦାୟିତ୍ୱ ଦେଇଛି। କିଏ ଗ୍ରହଣ କରିବ କିଏ ନ କରିବ ତାହା ସେମାନଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ବୋଲି କହିଛନ୍ତି। ଜିଲା ଉପସଭାପତି ଭାବେ ୧୧ଜଣ, ସାଧାରଣ ସମ୍ପାଦକ ଭାବେ ୧୮ ଜଣ ଓ ସମ୍ପାଦକ ଭାବେ ୧୬ଜଣ ମନୋନୀତ ହୋଇଛନ୍ତି। ସେହିପରି ସୋସିଆଲ ମିଡିଆ କୋଅର୍ଡିନେଟର ଭାବେ ରିଙ୍କୁ ଦାସ, ରାକେଶ ବେହେରା, ରବି ଶଙ୍କର ଦାସ, ଅଭୟ କୁମାର ଦାସ, ଶଶିକାନ୍ତ ମହାପାତ୍ର, ଆଶୁତୋଷ ଗିରିଙ୍କୁ ମନୋନୀତ କରାଯାଇଛି। ଛାତ୍ର ନେତାମାନଙ୍କ ଦକ୍ଷତାକୁ ଭିତ୍ତିକରି ମନୋନୀତ କରାଯାଇଥିବା ୧୫ଟି ବ୍ଲକର ସଭାପତିଙ୍କ ନାଁ ମଧ୍ୟ ଛାତ୍ର ବିଜେଡି ପକ୍ଷରୁ ଘୋଷଣା କରାଯାଇଛି।

## ସଂକ୍ଷେପରେ

### ଶାଗୁଆନ କାଠ ଜବତ, ୨ ଗିରଫ



**କପ୍ତିପଦା,୧୯।୮(ଡି.ଏନ.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ ଅଧୀନ ନଛିପୁର ଦାଣ୍ଡଘାଟ ଗ୍ରାମ ଦେଇ ଚୋରା କାଠ ଚାଲାଣ ହେଉଥିବାର କପ୍ତିପଦା ବନ ବିଭାଗ ଖବର ପାଇ ଶାଗୁଆନ କାଠ ସହ ୨ ବାଇକ୍ ଜବତ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନଛିପୁର ଗ୍ରାମର ନିରଞ୍ଜନ ଶଙ୍ଖୁଆଳ ଓ ବଡ ଖଲାଡି ଗ୍ରାମର ସୁମନ୍ତ କୁମାର ନାୟକ। ରେଞ୍ଜର ମହେଶ୍ୱର ସିଂଙ୍କ ନିର୍ଦ୍ଦେଶରେ ବନ ବିଭାଗର କର୍ମଚାରୀମାନେ ଚଢ଼ାଉ କରି ଚାଲାଣ ହେଉଥିବା ୫ଟି ଶାଗୁଆନ ଲଗ୍‌କୁ ଜବତ କରିଛି। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ବନ ବିଭାଗ ପକ୍ଷରୁ ବନପାଳ ଶୋଭାକର ସିଂ, ଅଞ୍ଜନ କୁମାର ଲେଙ୍କା, ବାବୁରାମ ମଲିକ, ରାଜ କିରଣ ରାଉତ ଓ ସୁରେନ୍ଦ୍ର ପୋଥାଳ ପ୍ରମୁଖ ସାମିଲ ଥିଲେ ।

### ରଶି ଲଗାଇ ଆତ୍ମହତ୍ୟା

**ଖୁଣ୍ଟା,୧୯।୮:** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ କଳାପାଣି ଗ୍ରାମରେ ମୋଚିରାମ ଟୁଡୁ (୫୦)ନାମକ ଜଣେ ବ୍ୟକ୍ତି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। କଳାପାଣି ଗ୍ରାମରେ ସେ ତାଙ୍କ ପରିବାର ଲୋକଙ୍କ ସହିତ ରହିଆସୁଥିବା ବେଳେ ଗତ ଶନିବାର ରାତିରେ ଖାଇପିଇ ଘରେ ଶୋଇଥିଲେ। ରବିବାର ମୋଚିରାମଙ୍କ ପୁଅ ମଧୁସୂଦନ ସକାଳେ ନିଜ ଚାଷଜମିକୁ ଯାଉଥିବା ବେଳେ ଘର ଠାରୁ ଅଳ୍ପ ଦୂରରେ ଥିବା ଏକ କରଞ୍ଜ ଗଛ ଡାଳରେ ତାଙ୍କ ବାପା ମୋଚିରାମଙ୍କୁ ବେକରେ ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ପରେ ମଧୁସୂଦନ ଖୁଣ୍ଟା ଥାନା ପୋଲିସକୁ ଜଣାଇଥିଲେ। ଖୁଣ୍ଟା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉଦଳା ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆତ୍ମହତ୍ୟାର କାରଣ ଜଣା ପଡି ନ ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି।

### କଳା ଓ ବିଜ୍ଞାନ ସମ୍ମାନରେ ସିଟ୍ ବୃଦ୍ଧି

**ବାରିପଦା ଅଫିସ,୧୯।୮:** ବାରିପଦା ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ କଳା ଓ ବିଜ୍ଞାନ ସମ୍ମାନରେ ସିଟ ବୃଦ୍ଧି ପାଇଛି। ବିଜ୍ଞାନରେ ସିଟ୍ ସଂଖ୍ୟା ୬୪ ଥିବାବେଳେ ଏହା ବୃଦ୍ଧି ପାଇ ୧୨୮ ଓ କଳାରେ ୯୬ରୁ ୧୨୮କୁ ବୃଦ୍ଧି ପାଇଛି। ସିଟ ବୃଦ୍ଧି ସମ୍ପର୍କିତ କାଗଜ ମିଳିବା ପରେ କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ଉପାଧ୍ୟକ୍ଷ ସଂଘମିତ୍ରା ରାଉତ ଓଡ଼ିଶା ବିଧାନ ସଭା ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଦାସ, ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଗଳିତ ଶବ ଜବତ, ହତ୍ୟା ସନ୍ଦେହ


ଘଟଣାସ୍ଥଳରେ ସନ୍ଧାନୀ କୁକୁର ସହ ପୋଲିସ।

ମୋରଡ଼ା,୧୯।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଅସନବଗୀ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ରବିବାର ଏକ ମୁଣ୍ଡ ବିହୀନ ଗଳିତ ଶବ ଉଦ୍ଧାର ହୋଇଛି। ସ୍ଥାନୀୟ ଲୋକେ ଶବକୁ ଦେଖି ପୋଲିସକୁ ଖବର ଦେବାପରେ ବଡ଼ଜାମବଣି ପୋଲିସ ଏବଂ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଭଳି ମୁଣ୍ଡ ଓ ଅନ୍ୟାନ୍ୟ ଅଙ୍ଗକୁ କାଟି ଜଙ୍ଗଲ ମଧ୍ୟକୁ କିଏ ଫିଙ୍ଗିଲା ସେନେଇ ପୋଲିସ ଛାନଭିନ ଆରମ୍ଭ କରିଛି। ମୃତଦେହର ପରିଚୟ ମିଳି ନ ଥିବାବେଳେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରକାଶ କରିଛି।

# ନଦୀରେ ଗଲା ଚାଷୀଙ୍କ ଜୀବନ

କୁଳିଅଣା,୧୯।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ତର୍ଗତ ସାଞ୍ଜୁନ୍‌ବଣି ଗ୍ରାମର ନନ୍ଦନ ସେନାପତି (୩୫) ନାମକ ଜଣେ ଯୁବକ ରବିବାର ନଦୀରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ସେ ଅପରାହ୍ନ ୫ଟାରେ ବିଲରୁ କାମ ସାରି ଘରକୁ ଫେରୁଥିବାବେଳେ ବୁଢ଼ାବଳଙ୍ଗ ନଦୀ କମାରଡିହା ଘାଟରେ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ମୃତ୍ୟୁବରଣ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କ ମୃତଦେହ ଭାସୁଥିବାର ଦେଖି ପୋଲିସକୁ ଖବର ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ଏନେଇ ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

# ଦୁର୍ନୀତି ଅଭିଯୋଗ ଆଣିଲା ଜେଏମ୍‌ଏମ୍


ଖବରଦାତା ସମ୍ମିଳନୀରେ ଜେଏମ୍‌ଏମ୍ କର୍ମକର୍ତ୍ତା।

ଉଦଳା ୧୯।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ଏନଏସିରେ ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି ହୋଇଥିବା କପ୍ତିପଦା ଉପଖଣ୍ଡ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ଅଭିଯୋଗ କରିଛି। ଏ ନେଇ ରବିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଜେଏମଏମ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରାଯାଇଛି। ୨୦୧୪ରୁ ୨୦୧୬ ମଧ୍ୟରେ ବିଭିନ୍ନ କାର୍ଯ୍ୟର ଗସ୍ତ ବାବଦକୁ ସାଢେ ୩ ଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡିଛି। ରାଜ୍ୟ ଭାଜପା ନେତୃତ୍ୱ ଦୁର୍ନୀତିଠାରୁ ଦୂରରେ ରହି ଶାସକ ବିଜେଡିକୁ ସମାଲୋଚନା କରୁଥିବା ବେଳେ ପୂର୍ବରୁ ସ୍ଥାନୀୟ ଏନଏସିର ଅଧ୍ୟକ୍ଷ ପଦରେ ଭାଜପା ରହିଥିବା ସମୟରେ ଏଭଳି ଦୁର୍ନୀତି ହୋଇଥିବା ଖବରଦାତା ସମ୍ମିଳନୀରେ ଅଭିଯୋଗ ହୋଇଛି। ଉପଖଣ୍ଡ ସଭାପତି ମଧୁସୂଦନ ମହାନ୍ତ, ସମ୍ପାଦକ ଦିଲ୍ଲୀପ କୁମାର କଳିଆ ସୂଚନା ଅଧିକାର ଆଇନ ବଳରେ ହସ୍ତଗତ କରିଥିବା ସମସ୍ତ ଦସ୍ତାବିଜ୍‌କୁ ଖବରଦାତାଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ। ପ୍ରକାଶ ଯେ, ୧୨ ଗୋଟି ୱାର୍ଡକୁ ନେଇ ଗଠିତ ଉଦଳା ଏନଏସିର ରାସ୍ତାଘାଟ, ଡ୍ରେନେଜ ବ୍ୟବସ୍ଥା ସାଙ୍ଗକୁ ପରିଶ୍ରାଗାର, ଶୌଚାଳୟ ନ ଥିବା ବେଳେ ଅଧ୍ୟକ୍ଷ କେଉଁ ଆଧାରରେ ମାତ୍ର ୩ ବର୍ଷ ମଧ୍ୟରେ ଗସ୍ତ ଖର୍ଚ୍ଚକୁ ହରିଲୁଟ୍ କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଜେଏମଏମ ଦାବି କରିଛି । ଏଣୁ ତୁରନ୍ତ ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ହେବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଳର ଉପଖଣ୍ଡ ଯୁବ ସଭାପତି ଉପେନ୍ଦ୍ର ହେମ୍ବ୍ରମ୍, ଟାଉନ ସଭାପତି ଦେବାଶିଷ ବିଶ୍ୱାଳ, ଜିଲା ଅନୁସୂଚିତ ଜାତି ଓ ଜନଜାତି ସେଲ୍‌ର ସଭାପତି ତଥା ଜିଲା ପରିଷଦ ସଦସ୍ୟ ଚକ୍ରଧର ସିଂ, ଆଦିବାସୀ ଜିଲା ମହିଳା ମୋର୍ଚ୍ଚା ଉପସଭାପତି କ୍ଷୀରମଣୀ ଟୁଡୁ ଉପସ୍ଥିତ ଥିଲେ ।

# ଜିଲାସ୍ତରୀୟ କୃଷକ ସମ୍ମିଳନୀ

ବାରିପଦା ଅଫିସ,୧୯।୮

ବାରିପଦାସ୍ଥିତ ରୋଟାରୀ ଭବନ ପରିସରରେ ମୟୂରଭଞ୍ଜ ଜିଲା କଂଗ୍ରେସର କୃଷକ ସେଲ୍ ସଭାପତି ଘନଶ୍ୟାମ ନନ୍ଦ ବ୍ରହ୍ମଚାରୀଙ୍କ ଅଧ୍ୟକ୍ଷତାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତିକୁ ବିରୋଧ କରି ଜିଲାସ୍ତରୀୟ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ କଂଗ୍ରେସ କିଷାନ କ୍ଷେତ ମଜଦୁର ସଙ୍ଗଠନ ସଭାପତି ଅମିୟ ପଟ୍ଟନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମାତ୍ର ଏହି ୧୮ ବର୍ଷ ଶାସନ ମଧ୍ୟରେ ଓଡ଼ିଶା ଚାଷୀଙ୍କ ଦୁଃଖଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଚାଷୀ ମୃତ୍ୟୁହାର ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ନବନିଯୁକ୍ତ ପିସିସି ସମ୍ପାଦକ ନିରୋଜ ଲୋଚନ ଦାଶ, ଯୋଗେଶ ଅଗ୍ରୱାଲ, ଏସ୍‌ଟି ସେଲ୍ ସଭାପତି ଚୈତନ୍ୟ ହାଁସ୍‌ଦାଙ୍କୁ ସ୍ୱାଗତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ସୁଶିଳା ତିରିଆ, ଜିଲା କଂଗ୍ରେସ ସଭାପତି ହେମନ୍ତ ଦାସ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷଲ, ଯୁବ ସଭାପତି ରାକେଶ ସିଂ, ନଗର ସଭାପତି ବିଜୟ କୁମାର ସିଂହ, ପିସିସି ସଦସ୍ୟ ଅଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ୍, ପ୍ରଦୀପ ଦାସ, ତୁଷାର ବେହେରା, ପ୍ରତିଭା ମିଶ୍ର, ଅରବିନ୍ଦ ଦାସ ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ।

# ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ


ସଂଘର ସଦସ୍ୟମାନେ ଅନୁଷ୍ଠାନର ଅନ୍ତେବାସୀଙ୍କ ସହିତ।

ବାରିପଦା ଅଫିସ,୧୯।୮

ମୟୂରଭଞ୍ଜ ଫଟୋଗ୍ରାଫି ଓ ଭିଡିଓଗ୍ରାଫି ଆସୋସିଏଶନ ଦ୍ୱାରା ରବିବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଇଛି। ସଂଘର ସୁବ୍ରତ କୁମାର ସାହୁଙ୍କ ନେତୃତ୍ୱରେ ଅମ୍ବିକା ମନ୍ଦିର ନିକଟରୁ ଏକ ମୋଟରସାଇକେଲ ରାଲିରେ ବାହାରି ସହର ପରିକ୍ରମା କରିବା ସହିତ ରଘୁନାଥପୁର ସ୍ଥିତ ରୋଜ ମେଣ୍ଟାଲ ଡିଜଅର୍ଡର ଅନୁଷ୍ଠାନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଅନୁଷ୍ଠାନର ଅନ୍ତେବାସୀଙ୍କ ସହିତ ସମୟ ଅତିବାହିତ କରିବା ପରେ ସଂଘ ପକ୍ଷରୁ ଫଳ, ବିସ୍କୁଟ ବଣ୍ଟନ କରାଯାଇଥିଲା। ପରେ ସଂଘ ପକ୍ଷରୁ ଏହି ଅନୁଷ୍ଠାନକୁ ସହାୟତା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ୬୦ରୁ ଉର୍ଦ୍ଧ୍ୱ ଫଟୋଗ୍ରାଫର ଓ ଭିଡିଓଗ୍ରାଫର ଅଂଶଗ୍ରହଣ କରିଥିଲେ।

# ପ୍ରତିଶ୍ରୁତି ପରେ ଧାରଣା ହଟିଲା

**ଖୁଣ୍ଟା, ୧୯।୮:** ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନରେ କାର୍ଯ୍ୟରତ କର୍ମଚାରୀ ମାନେ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ଘଟଣାର ଅଭିଯୋଗ ଉପରେ ଖୁଣ୍ଟା ପୋଲିସର ନିଷ୍କ୍ରିୟତାକୁ ବିରୋଧ କରି କଲମଛାଡ଼ ଆନ୍ଦୋଳନ କରିବା ସହିତ ବ୍ଲକ କାର୍ଯ୍ୟାଳୟ ପରିସରରୁ ଧାରଣା ରବିବାର ପ୍ରତ୍ୟାହୃତ ହୋଇଛି । ଉଦଳା ଏସଡିପିଓ ସ୍ୱପ୍ନ ରଞ୍ଜନ ମହାପାତ୍ର ଧାରଣା ସ୍ଥଳରେ ପହଞ୍ଚି ଧାରଣାରତ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଦୋଷୀଙ୍କ ବିରୋଧରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଦୃଢ଼ ପ୍ରତିଶ୍ରୁତି ଦେବା ପରେ କର୍ମଚାରୀ ମାନେ ଧାରଣା ପ୍ରତ୍ୟାହାର କରିଛନ୍ତି। ପ୍ରକାଶ ଯେ, କୁଆମର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ମଙ୍ଗଲ ସିଂଙ୍କ ଦାୟିତ୍ୱ ରେ ଗ୍ରାମସଭା ଚାଲିଥିବା ବେଳେ ଚିଲିମା ଗ୍ରାମର ରମାକାନ୍ତ ମହାନ୍ତି ଏବଂ ଜନ୍ମେଜୟ ଦାଶ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି କେତେକ ଘଟଣାକୁ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜାତିଆଣ ଆକ୍ଷେପ କରିଥିଲେ। ତାଙ୍କୁ ଜୀବନରୁ ମାରିଦେବା ଧମକ ମଧ୍ୟ ଦିଆଯାଇଥିଲା। ଏହି ଘଟଣାକୁ ନେଇ ଗତ ୨ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ଗତ ୧୬ ତାରିଖରୁ କର୍ମଚାରୀମାନେ ଧାରଣାରେ ବସିଥିଲେ।

# ମୋ ସ୍କୁଲ ଅଭିଯାନ ପକ୍ଷରୁ ତାଳ ଚାରା ରୋପଣ



ଗ୍ରାମବାସୀ ଚାରା ରୋପଣ କରୁଛନ୍ତି।

କପ୍ତିପଦା,୧୯।୮(ଡି.ଏନ.ଏ)

ସମ୍ପ୍ରତି ପାଣିପାଗର ଦ୍ରୁତ ପରିବର୍ତ୍ତନ ଓ ବଡ ବଡ ବୃକ୍ଷ ହ୍ରାସ ପାଇବା ବଜ୍ରପାତର ଏକ ପ୍ରମୁଖ କାରଣ । ଯାହା ଫଳରେ ଅଧିକାଂଶ ଲୋକଙ୍କ ଜୀବନହାନି ଘଟୁଛି । ଏହା ବିଶେଷକରି ଗ୍ରାମାଞ୍ଚଳରେ ବେଶି ଘଟୁଥିବାର ପରିଲକ୍ଷିତ ହେଉଛି । ଏହାକୁ ଦୃଷ୍ଟିରେ ରଖି କପ୍ତିପଦା ବ୍ଲକ ଅଧୀନ ବାଘବସା ପ୍ରାଥମିକ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ପକ୍ଷରୁ ଗ୍ରାମ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବଜ୍ରପାତ ନିରୋଧୀ ଭାବେ ବିବେଚନା କରାଯାଉଥିବା ତାଳଚାରା ରୋପଣ କରାଯାଇଛି । ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଶହରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିବା ଜଣାଯାଇଛି । ଏଥିରେ କପ୍ତିପଦା ବନ ବିଭାଗ ସହିତ ଶିକ୍ଷକ ନରହରି ପୃଷ୍ଟି, ସୁନା ସିଂ, ପୂର୍ବତନ ଶିକ୍ଷା କମିଟି ଅଧ୍ୟକ୍ଷ ବାଘରାୟ ସିଂ ପ୍ରମୁଖ ସହଯୋଗ କରିଛନ୍ତି। ମୋ ସ୍କୁଲ ଅଭିଯାନ କମିଟିର ସଦସ୍ୟ ଶ୍ୟାମସୁନ୍ଦର ସିଂ, ଗୋବିନ୍ଦ ସିଂ, ସୁକାନ୍ତ ସିଂ, ସାଦନ କୁମାର ସିଂ, ବୁଦ୍ଧିଆ ସିଂ ଓ ମଙ୍ଗଳ ସିଂ ପ୍ରମୁଖ ଗ୍ରାମବାସୀଙ୍କ ସହିତ ମିଶି ଏହି ଚାରା ରୋପଣ କାର୍ଯ୍ୟକ୍ରମ କରିଥିବା ଜଣାଯାଇଛି।

# ଟସର ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ


ପରିତ୍ୟକ୍ତ ଅବସ୍ଥାରେ ଥିବା ଟସର ସମବାୟ ସମିତି ଗୃହ।

## ପ୍ରୋତ୍ସାହନ ଅଭାବ

- ସମସ୍ୟା ଘେରରେ ଜଡ଼ିଦା ଟସର ସମବାୟ କେନ୍ଦ୍ର
- ୪୦୦ରୁ ଉର୍ଦ୍ଧ୍ୱ ଚାଷୀ ପ୍ରଭାବିତ
- ବିଭାଗ ଦୃଷ୍ଟି ଦେବାକୁ ଦାବି

କପ୍ତିପଦା,୧୯।୮(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ଜଡ଼ିଦା ପଞ୍ଚାୟତରେ ୧୯୫୭ ମସିହାରେ ଏକ ସରକାରୀ ଟସର ସମବାୟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ମାତ୍ର ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି କେନ୍ଦ୍ର ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଯାହା ଫଳରେ ଚାଷୀ ତଥା ଯୁବ ପିଢୀ ଏହି ଧନ୍ଦାରୁ ମୁହଁ ଫେରାଇବାକୁ ବସିଲେଣି। କପ୍ତିପଦା ଅଞ୍ଚଳର ଜାମବଣୀ, ନେଦାମ, ଶାଳଚୁଆ, ଜଡ଼ିଦା, ସାପଘର, ଭେଜିଡ଼ିହା, ମହୁଲପୁଞ୍ଜାରୁ ପ୍ରାୟ ୬୫୦ଜଣ ଟସର ଚାଷୀଙ୍କୁ ନେଇ ପୂର୍ବରୁ ଏହି ସମବାୟ ସମିତି ଗଠନ କରାଯାଇଛି। ଏହି ସମିତିରେ ୪୦୦ରୁ ଊର୍ଦ୍ଧ୍ୱ ଟସର ଚାଷୀ ସଭ୍ୟ ରହିଛନ୍ତି। ପୂର୍ବରୁ ଉକ୍ତ ଟସର ସମବାୟ ସମିତି ଲାଭରେ ଚାଲି ଥିଲେ ହେଁ ସରକାରୀ ପ୍ରୋତ୍ସାହନ ଅଭାବରୁ ଏହା ବର୍ତ୍ତମାନ ବନ୍ଦ ହେବାକୁ ବସିଲାଣି। ଯାହା ଫଳରେ ଟସର ଉତ୍ପାଦନ ବାଧାପ୍ରାପ୍ତ ହୋଇଛି।

ସାଧାରଣତଃ ଜୁନ୍ ଓ ଜୁଲାଇ ମାସରୁ ବିଭାଗ ପକ୍ଷରୁ ଚାଷୀଙ୍କୁ ଟସର ବିହନ ଯୋଗାଇ ଦିଆଯାଇଥାଏ । ଚାଷୀମାନେ ଅକ୍ଟୋବର ଓ ନଭେମ୍ବର ମାସରେ ଏହି ଟସର ପୋକକୁ ଅସନଗଛ ଓ ଅର୍ଜୁନ ଗଛରେ ଛାଡିଥାନ୍ତି। ପରେ ଜାନୁୟାରୀ ମାସରେ ସେହି ଗଛ ମାନଙ୍କରୁ ଟସର କୋଷା ସଂଗ୍ରହ କରାଯାଇଥାଏ । ଶିମିଳିପାଳ ପାଦ ଦେଶରେ ପୂର୍ବରୁ ଏହି ଗଛ ବହୁ ମାତ୍ରାରେ ଥିବା ବେଳେ କାଠ ମାଫିଆଙ୍କ ଦୌରାତ୍ମ୍ୟ ଓ ରକ୍ଷଣାବେକ୍ଷଣ ଅଭାବରୁ ସେହି ସବୁ ଗଛଗୁଡ଼ିକ ନଷ୍ଟ ହୋଇଯିବାକୁ ବସିଛି । ଫଳରେ ଟସର ଆମଦାନୀ ହ୍ରାସ ପାଉଥିବାର ଚାଷୀ ରମାୟ ସିଂ, ରାମେଶ୍ୱର ମୁର୍ମୁ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି ଟସର ସମିତି ଜରିଆରେ ଚାଷୀମାନଙ୍କଠାରୁ ଟସର ସଂଗ୍ରହ କରାଯାଇ ଭୁବନେଶ୍ୱରରେ ଥିବା ଶୀର୍ଷ ସମବାୟ ସମିତିକୁ ଯୋଗାଇ ଦିଆଯାଇଥାଏ।

ନିୟମ ଅନୁସାରେ ଚାଷୀ ମାନେ ସଂଗୃହୀତ ଟସରକୁ ସମିତିରେ ବିକ୍ରି କରିବା କଥା । ମାତ୍ର ସ୍ଥାନୀୟ ବେପାରୀମାନେ ଚାଷୀମାନଙ୍କ ଠାରୁ ସରକାରୀ ଦାମ୍ ଠାରୁ ଅଧିକ ଦାମରେ ଟସର କିଣି ବାହାରକୁ ଚାଲାଣ କରୁଛନ୍ତି। ଫଳରେ ସମିତିର ଆର୍ଥିକ କ୍ଷତି ଘଟୁଛି। ପ୍ରତିବର୍ଷ ଏହି ଟସର ସମବାୟ ସମିତି ଚାଷୀଙ୍କ ଠାରୁ ୨ରୁ ୩ଶହ କାହାଣରୁ ଊର୍ଦ୍ଧ୍ୱ ଟସର କୋଷା ସଂଗ୍ରହ କରିଥାଏ । ଯାହାର ମୂଲ୍ୟ ଆନୁମାନିକ ୪ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହି ଚାଷ ପାଇଁ ଜଡ଼ିଦା, କଡ଼ାଆମ୍ବ, ଠାକୁରାସାହି ଏବଂ ଜୁଆଳିଭଙ୍ଗା ଅଞ୍ଚଳରେ ୬୦ହେକ୍ଟର ରାଜସ୍ୱ ଜମିରେ ଅସନ ଓ ଅର୍ଜୁନ ଗଛ ଲଗାଯାଇଛି । ମାତ୍ର ଆବଶ୍ୟକ କର୍ମଚାରୀ ଅଭାବ ଓ ଚୋରା ବେପାରୀ ଗଛ କାଟି ନେଇ ଯାଉଥିବାରୁ ଟସର ଉତ୍ପାଦନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି। ୧୯୫୭ ମସିହାରୁ ନିର୍ମାଣ କରାଯାଇଥିବା ଅଫିସ୍ ଗୃହ, ଷ୍ଟାଫ୍ କ୍ୱାର୍ଟର ଆଦି ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଯିବା ସହିତ ବିହନ ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଗୃହ ନ ଥିବାରୁ ଗରମରେ ପୋକ ମାନେ ମରିଯାଉଛନ୍ତି। ଏହି ଟସର କେନ୍ଦ୍ରରେ ଜଣେ ବୈଷୟିକ ନିରୀକ୍ଷକ ଥିଲେ ତାଙ୍କର ପଦୋନ୍ନତି ହୋଇଛି । ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇ ନ ଥିବା ବେଳେ ବର୍ତ୍ତମାନ ଜଣେ ଟେକ୍ନିକାଲ ଇନ୍ସପେକ୍ଟର ଦାୟିତ୍ୱରେ ଅଛନ୍ତି। ଏସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏ ଅଞ୍ଚଳରେ କାଳ ଓ ସୁନେଇ ବନ୍ଧ ନିର୍ମାଣ ହେବା ସମୟରେ ବ୍ୟାପକ ଜଙ୍ଗଲ ନଷ୍ଟ ହୋଇଛି । ଯାହା ଫଳରେ ଟସର ଚାଷ ପାଇଁ ଆବଶ୍ୟକୀୟ ଅସନ ଓ ଅର୍ଜୁନ ଗଛ ବହୁ ପରିମାଣରେ ନଷ୍ଟ ହେବାରୁ ଟସର ସଂଗ୍ରହରେ ପ୍ରଭାବିତ ହୋଇଛି । ବର୍ତ୍ତମାନ ଯୁବକମାନେ ଏହି ଚାଷ ପ୍ରତି ବିଶେଷ ଭାବେ ଆଗ୍ରହ ଦେଖାଉ ନ ଥିବାରୁ ଟସର ବିହନ ଉତ୍ପାଦନ ବହୁ ପରିମାଣରେ ହ୍ରାସ ପାଇଛି । ସେ ଏହାର ପରିମାଣ ବଢାଇବା ପାଇଁ ଚେଷ୍ଟା କରୁଥିବା କହିଛନ୍ତି।

## ଆଜି କ'ଣ କେଉଁଠି

### ଭଦ୍ରକ

- ମିଳିତ ଅଭିଯୋଗ ଶୁଣାଣି, **ସ୍ଥାନ:** ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, **ସମୟ:** ପୂର୍ବାହ୍ନ ୧୦ ଟା।

### ଭଣ୍ଡାରିପୋଖରୀ

- ସାହିତ୍ୟିକ ନବଘନ ପଣ୍ଡାଙ୍କ ୧୮ ତମ ଶ୍ରାଦ୍ଧୋତ୍ସବ, ସ୍ମରଣିକା ଉନ୍ମୋଚନ, କବିତା ପାଠୋତ୍ସବ, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ, **ସ୍ଥାନ:** ରାଜେନ୍ଦ୍ରପୁର ଶିବମୁନି ଯୋଗାଶ୍ରମ, ମଞ୍ଜୁରିରୋଡ, **ସମୟ:** ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ମାଡ଼: ୪ ଗିରଫ

**ବାସୁଦେବପୁର,୧୯।୮(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ବିଷ୍ଣୁବିନ୍ଧା ଗ୍ରାମ ଛକ ନିକଟରେ ଶନିବାର ରାତିରେ ବେତଡ଼ା ବଜାରରୁ ଜଣେ ମହିଳା ତାଙ୍କ ପରିବାର ସହ ଘରକୁ ଫେରୁଥିବା ବେଳେ ସେମାନଙ୍କୁ ଅସଦାଚରଣ କରିବା ଓ ମାଡ଼ ମାରିବା ଅଭିଯୋଗରେ ପୋଲିସ ରବିବାର ୪ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଅରଣ୍ଡୁଆ ଗ୍ରାମର ଜିତେନ୍ଦ୍ର ନାୟକ, ଗୌରକିଶୋର ମୁଦୁଲି, ଚନ୍ଦନ କୁମାର ବାରିକ ଓ ରାଜେଶ ନାୟକ। ବିଷ୍ଣୁବିନ୍ଧା ଅଞ୍ଚଳର ଜନୈକା ମହିଳାଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନାରେ ଏକ ମାମଲା (ନଂ.୧୯୫/୧୮) ରୁଜୁ ହୋଇଛି। ଅଭିଯୋଗକାରୀ ମହିଳା ତାଙ୍କ ବାପା, ମା', ଭଉଣୀ ସହିତ ଶନିବାର ରାତିରେ ଘରକୁ ଫେରୁଥିଲେ। ଏହି ୪ ଯୁବକ ଏକ ବାଇକ୍‌ରେ ଆସି ମହିଳା ଓ ତାଙ୍କ ପରିବାର ଲୋକଙ୍କୁ ଅସଦାଚରଣ କରିବା ସହ ମାଡ଼ ମାରିଥିଲେ। ମହିଳାଙ୍କ ବାପା ସ୍ଥାନୀୟ ଲୋକଙ୍କୁ ଡାକିବାରୁ ସେମାନେ ଆସି ଯୁବକମାନଙ୍କୁ କାବୁ କରି ନେଇଥିଲେ। ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସାପ କାମୁଡ଼ାରେ ଜଣେ ମୃତ

**ତିହିଡ଼ି,୧୯।୮(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବାରୋ ପଞ୍ଚାୟତ ଦହପାଣିଆ ଗ୍ରାମର ରବି ମଳିକ(୬୦) ରବିବାର ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ସେ ମଧ୍ୟାହ୍ନରେ ବିଲକୁ ଯାଇଥିବା ବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଘରକୁ ଫେରିବା ପରେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତିହିଡ଼ି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୮/୧୮) ରୁଜୁ ହୋଇଛି।

### ମନୋଜ ହେଲେ ପିସିସି ସମ୍ପାଦକ

**ଚାନ୍ଦବାଲି,୧୯।୮(ଡି.ଏନ.ଏ.):** କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଅନୁମୋଦନ କ୍ରମେ ଏଆଇସିସି ପକ୍ଷରୁ ପିସିସି ସମ୍ପାଦକ ଭାବେ ଛାତ୍ରନେତା ମନୋଜ କୁମାର ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି।



ମନୋଜଙ୍କ ଘର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମଧୁପୁର ଗ୍ରାମରେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦର ସଭାପତି ହେବା ସହ ଛାତ୍ର ରାଜନୀତି ସହିତ ଦୀର୍ଘଦିନ ଧରି ଜଡ଼ିତ। ସେ ସ୍ଥାନୀୟ ଯୁବକ ଭାବେ ଚାନ୍ଦବାଲି ନିର୍ବାଚନମଣ୍ଡଳୀର ବିଦ୍ୟୁତ୍, ପାନୀୟ ଜଳ, ଲୁଣାବନ୍ଧ ପରି କେତେକ ମୌଳିକ ସମସ୍ୟା ନେଇ ବିଭିନ୍ନ ସମୟରେ ଆନ୍ଦୋଳନ କରିଛନ୍ତି। ଏଥିସହ ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ, ସଚିବ ଓ ବରିଷ୍ଠ କର୍ମଚାରୀଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଛନ୍ତି। ପିସିସି ସମ୍ପାଦକ ଭାବେ ମନୋଜଙ୍କୁ ମନୋନୀତ କରାଯାଇଥିବାରୁ ଚାନ୍ଦବାଲି ବ୍ଲକ କଂଗ୍ରେସର ଛାତ୍ର, ଯୁବ ଓ ଦଳୀୟ କର୍ମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଦଳୀୟ ସଙ୍ଗଠନକୁ ମଜ୍‌ଭୁତ କରିବା ସହ ଚାନ୍ଦବାଲିବାସୀଙ୍କ ବିଭିନ୍ନ ମୌଳିକ ସମସ୍ୟା ସମାଧାନ ପାଇଁ ଲଢ଼େଇ ଜାରି ରଖିବେ ବୋଲି ମନୋଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ଆଦିବାସୀ ମହିଳାଙ୍କୁ ନିର୍ଯାତନା

**ଭଦ୍ରକ ଅଫିସ,୧୯।୮:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଏକ ଆଦିବାସୀ ସାହିରେ ଜଣେ ମହିଳାଙ୍କୁ ଅର୍ଦ୍ଧଲଙ୍ଗ କରି ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାକୁ ୩ ଦିନ ବିତିଯାଇଥିବା ବେଳେ ପୋଲିସ ଏଯାଏ କାହାରିକୁ ଗିରଫ କରି ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି।

# ଭଙ୍ଗାଘର ଆମ ସ୍କୁଲ

- କାନ୍ଥ, ଛାତ ଫାଟି ଆଁ କରିଛି
- ପାଠପଢ଼ା ପାଇଁ ଗୃହ ଅଭାବ
- ୮ ଶ୍ରେଣୀକୁ ୪ ଗୃହ

**ବାସୁଦେବପୁର,୧୯।୮(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚୂଡାମଣି ପଞ୍ଚାୟତ ଚକ୍ରଧରପୁର ଗ୍ରାମଠାରେ ଅବସ୍ଥିତ ଭିକାରିଚରଣ ନୋଡାଲ ଉ.ପ୍ରା. ବିଦ୍ୟାଳୟ ଓ କ୍ଷେତ୍ରମଣି ବାଳିକା ଉ.ପ୍ରା. ବିଦ୍ୟାଳୟ ମରାମତି ଅଭାବରୁ ବିପଦସଙ୍କୁଳ ହୋଇପଡ଼ିଛି। ଏହି ଦୁଇ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ସାଙ୍ଗକୁ ବିପଦସଙ୍କୁଳ ଗୃହରେ ପିଲା ପାଠ ପଢ଼ୁଛନ୍ତି। ଏନେଇ ଛାତ୍ରାଭିଭାବକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏନେଇ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା ଭିତ୍ତିଭୂମିର ବିକାଶ ସକାଶେ ନୂତନ ଶ୍ରେଣୀଗୃହ ନିର୍ମାଣ ଲାଗି ବ୍ୟାପକ ଅର୍ଥ ଖର୍ଚ୍ଚ କରୁଥିବା ବେଳେ ଏହି ଦୁଇ ବିଦ୍ୟାଳୟର ଶ୍ରେଣୀଗୃହ ଅଭାବ ପାଠପଢାରେ ଅନ୍ତରାୟ ସୃଷ୍ଟି କରୁଛି।

ଏହି ଦୁଇ ବିଦ୍ୟାଳୟ ଗୋଟିଏ କ୍ୟାମ୍ପସ ମଧ୍ୟରେ ରହିଛି। ଭିକାରିଚରଣ ନୋଡାଲ ଉ.ପ୍ରା.ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଠାରେ ମୋଟ ୧୪୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଶ୍ରେଣୀଗୃହ କୋଠା ସମ୍ପୂର୍ଣ୍ଣ ବିପଦସଙ୍କୁଳ ହୋଇପଡିଛି। କୋଠା କାନ୍ଥର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବା ବେଳେ ୪ ଶ୍ରେଣୀଗୃହର ଛାତ ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ମରାମତି ଅଭାବରୁ ଏହା ଭାଙ୍ଗି ନଷ୍ଟ ହୋଇଗଲାଣି। ଏହି ୪ଟି ଗୃହରେ ପାଠ ପଢାଇବା ଅତ୍ୟନ୍ତ ବିପଜ୍ଜନକ ହୋଇପଡିଛି। ଶ୍ରେଣୀଗୃହର ଏପରି ଦୁରବସ୍ଥାକୁ ଦେଖି ଉକ୍ତ ଶ୍ରେଣୀଗୃହରେ ଆଉ ଛାତ୍ରୀଛାତ୍ର ବସି ପାଠ ପଢିବା ସେମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ସେହିପରି ଏହି କୋଠାର ପୂର୍ବ ପାଖ ଦୁଇଟି ଶ୍ରେଣୀରେ କ୍ଷେତ୍ରମଣି ବାଳିକା ଉ.ପ୍ରା. ବିଦ୍ୟାଳୟ କାର୍ଯ୍ୟ କରୁଛି। ଏହି ଦୁଇ ଶ୍ରେଣୀରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ମୋଟ ୨୨ଜଣ ଛାତ୍ରୀ ପାଠ ପଢୁଛନ୍ତି। ଗୃହ ଅଭାବରୁ ଏହି ବିପଦସଙ୍କୁଳ ଶ୍ରେଣୀଗୃହରେ ଦୁଇଟି ଶ୍ରେଣୀରେ ୨୨ରୁ ଉର୍ଦ୍ଧ୍ୱ ଛାତ୍ରୀ ପାଠ ପଢୁଛନ୍ତି। ଶ୍ରେଣୀଗୃହରେ ଫାଟ ସୃଷ୍ଟି ହେବା ଓ କାନ୍ଥ ଦବିବା ପରେ ମଧ୍ୟ ଛାତ୍ରୀମାନେ ଏହି ଦୁଇ ଶ୍ରେଣୀରେ ପାଠ ପଢିବାକୁ ବାଧ ହେଉଛନ୍ତି। ଫଳରେ ଏହା ଛାତ୍ରୀଙ୍କ ମନରେ ଏକ ଭୟର ବାତାବରଣ ସୃଷ୍ଟି କରିଛି। ଏ ସମ୍ପର୍କରେ ଭିକାରିଚରଣ ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ଦାସଙ୍କୁ ପଚାରିବାରୁ କହିଛନ୍ତି, ବିଦ୍ୟାଳୟର ୪ ଶ୍ରେଣୀଗୃହ କାନ୍ଥରେ ଫାଟ ସୃଷ୍ଟି ହେବାରୁ ଭୟରେ ଛାତ୍ରୀଛାତ୍ରଙ୍କୁ ଅନ୍ୟ ଗୃହରେ ବସାଇ ପାଠ ପଢାଯାଉଛି। ୪ ଟି ଗୃହରେ ୮ଟି ଶ୍ରେଣୀ ଚାଲୁଛି। ବିଦ୍ୟାଳୟକୁ ନୂତନ ଶ୍ରେଣୀଗୃହ ଯୋଗାଇ ଦିଆଗଲେ ଛାତ୍ରୀଛାତ୍ର ସୁବିଧାରେ ଓ ସୁରକ୍ଷିତ ଭାବେ ପାଠ ପଢ଼ିପାରନ୍ତେ ବୋଲି ସେ କହିଛନ୍ତି। ସେହିପରି କ୍ଷେତ୍ରମଣି ବାଳିକା ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଣେଶ ପ୍ରସାଦ ବେହେରାଙ୍କୁ ପଚାରିବାରୁ କହିଛନ୍ତି, ଆବଶ୍ୟକ ଗୃହ ନ ଥିବାରୁ ବିପଦସଙ୍କୁଳ ଘରେ ଛାତ୍ରୀମାନେ ବସି ପାଠ ପଢିବାକୁ ବାଧ ହେଉଛନ୍ତି। ବିଭାଗ ପକ୍ଷରୁ ତୁରନ୍ତ ନୂଆ ଶ୍ରେଣୀଗୃହ ଯୋଗାଇ ଦିଆଯିବାକୁ ସେ ଦାବି କରିଛନ୍ତି।



ବିପଦସଙ୍କୁଳ ବିଦ୍ୟାଳୟ ଗୃହ।

## 'ସାଧନା'ର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ



ସାହିତ୍ୟ ପତ୍ରିକା 'ସାଧନା' କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଚାନ୍ଦବାଲି,୧୯।୮(ଡି.ଏନ.ଏ.)**

ସାଧନା ସାହିତ୍ୟ ଓ ସଂସ୍କୃତି ପରିଷଦର ମୁଖପତ୍ର 'ସାଧନା'ର ଦ୍ୱିତୀୟ ସଂସ୍କରଣ ଚାନ୍ଦବାଲି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିରାଜ ମୋହନ ମହାନ୍ତି ଯୋଗଦେଇ ପତ୍ରିକାକୁ ଉନ୍ମୋଚନ କରିଥିଲେ। ପରିଷଦର ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ମହାଲିକଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଚାନ୍ଦବାଲି ବିଇଓ ପ୍ରଣୟ କୁମାର ନାୟକ, ସମ୍ମାନନୀୟ ଅତିଥି ଭାବେ ଗ୍ରାମ୍ୟବ୍ୟାଙ୍କ ଚାନ୍ଦବାଲି ଶାଖାର ମୁଖ୍ୟ ପରିଚାଳକ ଗୌରାଙ୍ଗ ମଲ୍ଲିକ ଏବଂ ବିଶେଷ ଅତିଥି ଭାବେ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ କୁମାର ଦାସ ଯୋଗ ଦେଇଥିଲେ। ବଳରାମ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧନାର ସମ୍ପାଦକ ବିଭାସ ଶଙ୍କର, ପ୍ରଦୀପ କୁମାର ସାହୁ, ଚିତ୍ତରଞ୍ଜନ କବି, ସୁରେଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଧୂଷୁରୀ ଆଜାଦ୍ ସ୍ମାରକୀ ଦିବସ ପାଳିବ ବରିଷ୍ଠ ନାଗରିକ ମଞ୍ଚ

**ଧାମନଗର,୧୯।୮(ଡି.ଏନ.ଏ.):** ଧାମନଗର ବ୍ଲକ ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆସନ୍ତା ୨୬ ତାରିଖକୁ ଧୂଷୁରୀ ଆଜାଦ୍ ସ୍ମାରକୀ ଦିବସ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ମଞ୍ଚ କର୍ମକର୍ତ୍ତା ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଉଲ୍ଲେଖନୀୟ, ୧୯୪୨ ମସିହା ଏହି ତାରିଖରେ ସଂଗ୍ରାମୀମାନେ ବିଶାଳ ମେଳି କରି ଧୂଷୁରୀ ହାଟ ମଧ୍ୟସ୍ଥଳରେ ଏକ ସଭା ଜରିଆରେ ପତାକା ଉତ୍ତୋଳନ କରି ଧୂଷୁରୀକୁ ସ୍ୱାଧୀନ ଘୋଷଣା କରିଥିଲେ। ଏଭଳି କାର୍ଯ୍ୟ ପାଇଁ ବ୍ରିଟିଶ ପୋଲିସ ରକ୍ତମୁଖା ହୋଇ ଲୁଣିଆଠାରୁ ଇରମ ପର୍ଯ୍ୟନ୍ତ ବନ୍ଧୁକ ଗୁଳିରେ ବହୁ ସଂଗ୍ରାମୀଙ୍କ ଜୀବନ ନେବାକୁ ପଛାଇ ନ ଥିଲେ।

## ଉନ୍ନୟନ ଯୋଜନା ନେଇ ୱାର୍ଡସଭ୍ୟଙ୍କୁ ତାଲିମ



ଶିବିରରେ ସାମିଲ ହୋଇଥିବା ୱାର୍ଡସଭ୍ୟ ଓ ଅତିଥିମାନେ।

**ପଦ୍ମପୁର,୧୯।୮(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ସୁଗୋ ପଞ୍ଚାୟତ କାର୍ଯ୍ୟାଳୟଠାରେ ଉନ୍ନୟନ ଯୋଜନା ନେଇ ଲୋକପ୍ରତିନିଧିଙ୍କ ୩ ଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଓ ପଞ୍ଚାୟତିରାଜ ବିଭାଗ ମିଳିତ ଉଦ୍ୟମରେ ଆୟୋଜିତ ଶିବିରରେ ସୁଗୋ, ଏଡତାଳ, ବ୍ରାହ୍ମଣୀଗାଁ ଓ ଲୁଙ୍ଗା ପଞ୍ଚାୟତର ୫୧ ୱାର୍ଡସଭ୍ୟ ଅଂଶଗ୍ରହଣ କରିଥିଲେ। କିଶୋର ମହାନ୍ତି ଓ ଲଳିତା ସାହୁ ତାଲିମ ପ୍ରଦାନ କରିଥିଲେ। ସୁଗୋ ସରପଞ୍ଚ ମାନସୀ ନାୟକ ଓ ତାଲିମଦାତା ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ମନ୍ଦିର ପଡ଼ିଆରେ ଚାରାରୋପଣ

**ଧାମନଗର,୧୯।୮(ଡି.ଏନ.ଏ.)**

ଧାମନଗର ବ୍ଲକ ଖଡ଼ିପଦା ପଞ୍ଚାୟତ କାବେଶ୍ୱର ମନ୍ଦିର ପଡ଼ିଆରେ ରବିବାର ପଞ୍ଚାୟତ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧାମନଗର ଥାନାଧିକାରୀ ବନ୍ଦନା ପାତ୍ର ଯୋଗଦେଇ ଫଳ ଚାରା ଲଗାଇ ଶୁଭାରମ୍ଭ କରିଥିଲେ। ପରିବେଶ ସନ୍ତୁଳନ ରକ୍ଷା ପାଇଁ ଚାରାରୋପଣ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଥିଲା। ଖଡ଼ିପଦାର ପୂର୍ବତନ ସରପଞ୍ଚ ଅତିଶ ନନ୍ଦ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସମିତିସଭ୍ୟ ସୁବ୍ରତ ସାମଲ, ଧାମନଗର ଥାନା ଏଏସ୍‌ଆଇ ପ୍ରଦୀପ ଦାସ, ବିଜୟ ଶଙ୍କର ନାୟକ, ଆଡଭୋକେଟ ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ମରାମତି ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଭଦ୍ରକ ଅଫିସ,୧୯।୮**

ଭଦ୍ରକ ପୌରପାଳିକା ଅଧୀନ ୧୭ ନମ୍ବର ୱାର୍ଡର ଚନ୍ଦନବଜାରଠାରୁ ଆର୍‌ଏମ୍‌ସି ମାର୍କେଟ ଗେଟ୍ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ମରାମତି ପାଇଁ ୱାର୍ଡର ଇସଫପୁର, ଗୌସୀୟା ନଗର, ଚନ୍ଦନ ବଜାର ଆଦି ଅଞ୍ଚଳର ବହୁ ଜନସାଧାରଣ, ବୁଦ୍ଧିଜୀବୀ ମିଳିତ ହୋଇ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଦାବିପତ୍ର ରଖିଥିଲେ। ଏଥିସହ ପୌରାଧକ୍ଷ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ଭଦ୍ରକ ବିଧାୟକ ପ୍ରମୁଖଙ୍କୁ ଦାବିପତ୍ରର ନକଲ ପ୍ରଦାନ କରାଯାଇଛି।

ଚନ୍ଦନବଜାର–ଆର୍‌ଏମ୍‌ସି ମାର୍କେଟ ରାସ୍ତାରେ ପ୍ରତିଦିନ ହଜାର ହଜାର ଯାନ ଚଳାଚଳ ସହ ଲୋକେ ଯାତାୟାତ କରୁଛନ୍ତି। ଏହି ରାସ୍ତା ଦେଇ ଶ୍ରଦ୍ଧାଳୁମାନେ ଦୁଇଟି ମସ୍‌ଜିଦ୍‌କୁ ନିୟମିତ ନମାଜ ପାଠ ପାଇଁ ଯାଇଥାନ୍ତି। ସେହିପରି ଶ୍ମଶାନ, ମଣ୍ଡପ ଓ ୟୁନାନୀ ରିସର୍ଚ୍ଚ ସେଣ୍ଟରକୁ ଏହି ରାସ୍ତା ଦେଇ ଯିବାକୁ ପଡ଼େ। ମାତ୍ର ଏବେ ଏହି ରାସ୍ତା ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି। ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏନେଇ ଅଭିଯୋଗ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଅଖତର ଅଲ୍ଲୀ ଖାଁ, ସେକ ମହମ୍ମଦ ନିଆଜ, ଅଲତାପ ଖାଁ, ବୈରାଗୀ ଚରଣ ବାରିକ, କୟୁମ ଅଲ୍ଲି ଖାଁ, ସେକ ସକିଲୁର ରହେମାନ, ସେକ ମଇରାଜ, ସେକ କମିରୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ଦାବି ପୂରଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## 'କମଳାକାନ୍ତ ଥିଲେ ଅନନ୍ୟ ପ୍ରତିଭାର ଅଧିକାରୀ'

**ଭଦ୍ରକ ଅଫିସ,୧୯।୮**

କବି କମଳାକାନ୍ତ ସାହିତ୍ୟ ସମାଜ ପକ୍ଷରୁ ଗାନ୍ଧୀପଡ଼ିଆ ନିକଟସ୍ଥ ମଞ୍ଜୁଳାମଞ୍ଜରୀ ସରସ୍ୱତୀ ଶିଶୁମନ୍ଦିର ପରିସରରେ କବି କମଳାକାନ୍ତ ଲେଙ୍କାଙ୍କ ୨୦ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କବିଙ୍କ ଜୀବନୀ ଆଲୋଚନା ଓ ସ୍ମୃତି କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ କବି ଅଟଳ ବିହାରୀ ବାଜପେୟୀ, ବିଶିଷ୍ଟ ଖବରଦାତା, ସାହିତ୍ୟିକ ଭଗବାନ ନାୟକ ବର୍ମାଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସଭାପତି ରଜନୀକାନ୍ତ ମହାନ୍ତି ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ଗାଳ୍ପିକ ରାଧାବିନୋଦ ନାୟକ, 'ଘାସଫୁଲ'ର ସମ୍ପାଦକ ବିଷ୍ଣୁ ସେଠୀ, ବିଶିଷ୍ଟ ଶିଶୁ ସାହିତ୍ୟିକ ଡା. ମନୀନ୍ଦ୍ର ମହାନ୍ତି ଓ ପ୍ରଫେସର କ୍ଷୀରୋଦ ସାମଲ ଯୋଗଦେଇ କବି କମଳାକାନ୍ତ ଜଣେ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ଏପରିକି ସେ କବିତା ସାମ୍ରାଜ୍ୟରେ ବାଦ୍‌ଶାହା ଥିଲେ ବୋଲି ଅତିଥିମାନେ ଅଭିହିତ କରିଥିଲେ। କବି ଅନନ୍ୟ ପ୍ରଧାନ, କବି ଅକ୍ଷୟ ଜେନା, ପବିତ୍ର ପାଣିଗ୍ରାହୀ, ଡା. ଶଶଧର ଦାଶ, ନାଟ୍ୟଶ୍ରୀ ନିର୍ମଳ ରାଉତ, ଡା. ପ୍ରଭାତ ନଳିନୀ ମହାପାତ୍ର, କବି ବିଜୟ କୁମାର ବହଳି, ଆନନ୍ଦ ଚନ୍ଦ୍ର ନାଥ ପ୍ରମୁଖ କବି କମଳାକାନ୍ତଙ୍କ ଜୀବନୀ ଆଲୋଚନା ସହିତ କବିତାପାଠ କରିଥିଲେ। ଚିତ୍ରଶିଳ୍ପୀ କବି ଅଶୋକ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ, ଅନୁଷ୍ଠାନର ସମ୍ପାଦକ କବି ସିତାଂଶୁ ଲେଙ୍କା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗାଳ୍ପିକ ଭୀମ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। କବି ଚୈତାଳି ଖିଲାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଜଣେ ବକ୍ତା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା ଉତ୍ସବ

**ଧାମନଗର,୧୯।୮(ଡି.ଏନ.ଏ.)**

ଧାମନଗର ବ୍ଲକ ଅସୁରାଳୀସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପ୍ରବୀଣ ବେହେରା ଯୋଗଦେଇ ବୌଦ୍ଧିକ ଏବଂ ଆଧାତ୍ମ୍ୟ ଚେତନା ଦ୍ୱାରା ଜଣେ ଭଲ ମଣିଷ ଗଢ଼ା ଯାଇପାରିବ ବୋଲି କହିଥିଲେ। ଶିକ୍ଷକ ରବୀନ୍ଦ୍ର ଦାସ ଅତିଥି ପରିଚୟ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ। ତିଳୋତ୍ତମା ସାହୁ, ମଧୁସ୍ମିତା ବାରିକ, ସମୀର ଜେନା, କଳ୍ପନା ପଣ୍ଡା, ବଳରାମ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ମାଧବ ଚନ୍ଦ୍ର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ନେସ୍କୋ ପକ୍ଷରୁ ରକ୍ତଦାନ ଶିବିର

**ଭଦ୍ରକ ଅଫିସ,୧୯।୮**

ସ୍ଥାନୀୟ ରାଜଘାଟ ନିକଟସ୍ଥ ପାୱାର ହାଉସ ପରିସରରେ ନେସ୍କୋ ୟୁଟିଲିଟି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୨୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟଅତିଥି ଭାବେ ନେସ୍କୋ ୟୁଟିଲିଟି ମହାପ୍ରବନ୍ଧକ ସୁଶାନ୍ତ ଦାସ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଅଧିକ୍ଷଣ ଯନ୍ତ୍ରୀ ସୁରେଶ ସାହୁ, ନିର୍ବାହୀ ଯନ୍ତ୍ରୀ ସରୋଜ ମିଶ୍ର, ସେଖ୍ ଅବଦୁଲ ମୁବିନ, ଦେବାଶିଷ ଜେନା, ଏସ୍‌ଡିଓ ଗୌରହରି ମଣ୍ଡଳ, ଜିତେନ୍ଦ୍ର ବେହେରା, ପ୍ରଭାସ ବିଶ୍ୱାଳ, ଅଶୋକ କୁମାର ମଳିକ, ବିପ୍ରେସ କୁମାର ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ଜିଲା ଚିକିତ୍ସାଳୟର ବ୍ଲଡବ୍ୟାଙ୍କ ଡାକ୍ତର ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଆୟୋଜିତ ରକ୍ତଦାନ ଶିବିର।

## ମଦମୁକ୍ତ ସମାଜ ଗଠନ ଲାଗି ସଚେତନତା

**ଭଦ୍ରକ ଅଫିସ,୧୯।୮**

ସ୍ଥାନୀୟ କାଉପୁର ବଜାର ତାରିଣୀ ମନ୍ଦିର ନିକଟରେ ପଞ୍ଚାୟତକୁ ମଦମୁକ୍ତ କରିବା ପାଇଁ ରବିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୈସିଂ ଓ କାଉପୁରର ଶତାଧିକ ମହିଳା ଏଥିରେ ଯୋଗଦେଇ ପଞ୍ଚାୟତକୁ ମଦମୁକ୍ତ କରାଇବା ଲାଗି ସହମତି ପ୍ରଦାନ କରିଥିଲେ। ମଦର ପ୍ରସାର ଏକ ସାମାଜିକ ବ୍ୟାଧି ପରି ବୋଲି କୁହାଯାଇଥିଲା। ମଦମୁକ୍ତ ଓଡ଼ିଶା ସୁସ୍ଥ ଭବିଷ୍ୟତ ଆଶାର ବାର୍ତ୍ତା ବୋଲି ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଶୁଭ୍ରଜିତ ମହାନ୍ତି, କୌଶଲ୍ୟା ମଲିକ, ସୌମେନ୍ଦ୍ର ସାହୁ, ରତ୍ନାକର ଦାସ, ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ଚକ୍ରବର୍ତ୍ତୀ, ଅଭୟ ଦାସ, ଲକ୍ଷ୍ମୀଧର ସାହୁ, ବିଶ୍ୱନାଥ ଦିକ୍ଷୀତ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀ ମଦଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। କାଉପୁରର ଶତାଧିକ ମହିଳା ସଙ୍ଗଠନର କର୍ମକର୍ତ୍ତା ନେତୃତ୍ୱ ନେଇ ମଦମୁକ୍ତ ସମାଜ ଗଠନ ପାଇଁ ପ୍ରତିଜ୍ଞା କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

## ପୃଥକ୍ ସ୍ଥାନରେ ଆକ୍ରମଣ ଅଭିଯୋଗ, ୩ ଗିରଫ

**ଧାମନଗର,୧୯।୮(ଡି.ଏନ.ଏ.)**

ଭଦ୍ରକ ଜିଲାର ଦୁଇଟି ସ୍ଥାନରେ ଆକ୍ରମଣ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଧାମନଗର ଥାନା ଅଧୀନ ଖଡ଼ିପଦା ଗ୍ରାମର ସିପନ ମହାନ୍ତି ଓ ଭରତ ମହାନ୍ତିଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ଗିରଫ କରିଛି। ଗତ ୯ ତାରିଖ ରାତିରେ କାଞ୍ଜିଆପାଳ ନିକଟରେ ଭାଗୀରଥି ଦାସଙ୍କୁ ୩ ଜଣ ଯୁବକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୩୭/୧୮) ରୁଜୁ ହୋଇଛି। ଆଇଆଇସି ବନ୍ଦନା ପାତ୍ର ଘଟଣାର ତଦନ୍ତ କରି ରବିବାର ଖଡ଼ିପଦା ଗ୍ରାମରୁ ସିପନ ଓ ଭରତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

ସେହିପରି ପୁରୁଣାବଜାର ଥାନା ଅଧୀନ ପୁରୁଣାବଜାର ମେଡ଼ିକାଲରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ସେହି ଅଞ୍ଚଳର ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କାମରେ ଆସୁନି ଭ୍ରାମ୍ୟମାଣ ଚିକିତ୍ସା ଗାଡ଼ି

- ୬ ମାସ ହେଲା କର୍ମଚାରୀ ନାହାନ୍ତି
- ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି ଗୃହପାଳିତ ପ୍ରାଣୀ

**ବନ୍ତ,୧୯।୮(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ପ୍ରାଣୀ ସମ୍ପଦର ସୁରକ୍ଷା ଓ ଚିକିତ୍ସା ସୁବିଧା ଲାଗି ଯୋଗାଇ ଦିଆଯାଇଥିବା ଭ୍ରାମ୍ୟମାଣ ଚିକିତ୍ସା ଗାଡ଼ି କର୍ମଚାରୀ ଅଭାବରୁ କାମରେ ଆସୁନି। ଆରମ୍ଭରୁ ଗାଡ଼ିରେ ଆବଶ୍ୟକ କର୍ମଚାରୀ ନିଯୁକ୍ତ ଥିବା ସହ ଗାଁ ଗାଁ ବୁଲି ଗୃହପାଳିତ ପଶୁପକ୍ଷୀଙ୍କୁ ପ୍ରତିଷେଧକ ଟିକାକରଣ କରୁଥିଲେ। ୬ ମାସରୁ ଉର୍ଦ୍ଧ୍ୱ ହେବ କର୍ମଚାରୀ ନ ଥିବାବେଳେ ଭ୍ରାମ୍ୟମାଣ ଚିକିତ୍ସା ଗାଡ଼ି ପ୍ରାଣୀଧନ ସହାୟକ କେନ୍ଦ୍ର ଆଗରେ ପଡ଼ିରହିଛି। ଫଳରେ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ଗୃହପାଳିତ ପଶୁପକ୍ଷୀ ଭ୍ରାମ୍ୟମାଣ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ନ ଥିବା ଅଞ୍ଚଳରେ ପ୍ରାଣୀ ସମ୍ପଦର ସୁରକ୍ଷା ଓ ଚିକିତ୍ସା ଯୋଗାଇ ଦେବା ଲାଗି ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଭ୍ରାମ୍ୟମାଣ ଚିକିତ୍ସା ଗାଡ଼ି ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ନିୟୋଜିତ କରାଯାଇଛି। ଉକ୍ତ ଗାଡ଼ିରେ ଜଣେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ, ଜଣେ ଅବସରପ୍ରାପ୍ତ ପ୍ରାଣୀ ନିରୀକ୍ଷକ, ଆଟେଣ୍ଡାଣ୍ଟଙ୍କୁ ଭ୍ରାମ୍ୟମାଣ ଚିକିତ୍ସା ପାଇଁ ନିଯୁକ୍ତି ଦିଆଯାଉଛି। ୨୦୦୮ରୁ କେବିକେ ଜିଲାରେ ଏହି ଗାଡ଼ି ନିୟୋଜିତ ହୋଇଥିବା ବେଳେ ୨୦୧୪ ବେଳକୁ ଅନ୍ୟ ଜିଲାଗୁଡ଼ିକରେ ନିୟୋଜିତ କରାଯାଇଥିଲା। ହେଲେ ବନ୍ତ ବ୍ଲକରେ ଏହାର ସୁଫଳ ମିଳୁନି। ନିୟୋଜିତ ଗାଡ଼ି ପାଇଁ ଚୁକ୍ତି ଅନୁସାରେ ଟଙ୍କା ଦିଆଯାଉ ଥିବାବେଳେ କର୍ମଚାରୀ ନ ଥିବାରୁ ତାହା କାମରେ ଆସୁନି। କୌଣସି ସେବା ନ ଯୋଗାଇ ମଧ୍ୟ ସରକାରଙ୍କ ତହବିଲରୁ ଅର୍ଥ ତୋସରପାତ କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ଉମ୍ବରୁଧର ସାମଲଙ୍କୁ ପଚାରିବାରୁ କହିଛନ୍ତି, ଭ୍ରାମ୍ୟମାଣ ଗାଡ଼ିରେ ନିୟୋଜିତ ଥିବା କର୍ମଚାରୀଙ୍କୁ ୬୫ବର୍ଷ ହୋଇଯିବାରୁ ସେ କାର୍ଯ୍ୟରୁ ଅବସର ନେଇଛନ୍ତି। ପରେ କୌଣସି କର୍ମଚାରୀ ନିଯୁକ୍ତ ହୋଇ ନ ଥିବାରୁ ଠିକ୍ ଭାବେ ଚିକିତ୍ସା ସେବା ଯୋଗାଇ ହେଉନାହିଁ।



ବନ୍ତ ବ୍ଲକରେ ନିୟୋଜିତ ଭ୍ରାମ୍ୟମାଣ ଗାଡ଼ି।



“୨୦୧୪ ପରଠୁ କେନ୍ଦ୍ରର ପରିବେଶ ମନ୍ତ୍ରୀମାନେ ‘ଅନୁମୋଦନ’ ମନ୍ତ୍ରୀ ପାଲଟିଯାଇଛନ୍ତି। ପରିବେଶ ମନ୍ତ୍ରୀ ପ୍ରସ୍ତାବଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରିବା ଅପେକ୍ଷା ପରିବେଶ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ଜରୁରୀ।

-ଜୟରାମ ରମେଶ, କଂଗ୍ରେସ ନେତା



## ସଂକ୍ଷେପରେ

### ଯବାନ ଶହୀଦ, ଆତଙ୍କବାଦୀ ନିହତ

**ଶ୍ରୀନଗର,୧୯।୮(ପି.ଟି.):** ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍ଓସି)ର ଗୁଲାବ ପୋଷ୍ଟରେ ଶନିବାର ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ଯବାନ ଶହୀଦ ହୋଇଛନ୍ତି। ଅନ୍ୟପକ୍ଷରେ ବାରାମୁଲ୍ଲା ଜିଲାରେ ଜଣେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି ସେନା। କସ୍ତୁରୀ ନାର ଦେଇ ଆତଙ୍କବାଦୀ ଜଣକ ଅନୁପ୍ରବେଶ କରୁଥିବାବେଳେ ଯବାନଙ୍କ ଗୁଳିରେ ନିହତ ହୋଇଥିବା ପ୍ରତିରକ୍ଷା ମୁଖପାତ୍ର ରାଜେଶ କାଲିଆ ସୂଚନା ଦେଇଛନ୍ତି।

### ଆଇଏସ୍ ଲିଙ୍କ୍ କଶ୍ମୀରୀ ଇଞ୍ଜିନିୟରଙ୍କୁ ପ୍ରତ୍ୟର୍ପଣ କଲା ୟୁଏଇ



**ଶ୍ରୀନଗର,୧୯।୮(ପି.ଟି.):** ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସହ ସମ୍ପର୍କ ଥିବା ଅଭିଯୋଗରେ ଜମ୍ମୁ-କଶ୍ମୀରର ଜଣେ ଯୁବ ଇଞ୍ଜିନିୟରଙ୍କୁ ନିକଟରେ ଭାରତକୁ ପ୍ରତ୍ୟର୍ପଣ କରିଛି ୟୁନାଇଟେଡ୍ ଆରବ୍ ଏମିରେଟ୍ସ (ୟୁଏଇ)। ଶ୍ରୀନଗର ନିକଟସ୍ଥ ଛତାବଲ୍ ଅଞ୍ଚଳର ବାସିନ୍ଦା ୩୬ ବର୍ଷୀୟ ଅହମ୍ମଦ ଜାର୍‌ଗରଙ୍କୁ ଦୁବାଇ ପୋଲିସ ଏପ୍ରିଲ ୨୮ରେ ଗିରଫ କରିଥିଲା। ଉପସାଗରୀୟ ଦେଶରୁ ଗତ ୧୪ ତାରିଖରେ ତାଙ୍କୁ ଭାରତକୁ ଅଣାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଜାର୍‌ଗରଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ସମେତ କେତେକ ସୁରକ୍ଷା ସଂସ୍ଥା ଜେରା କରିବେ। ସିରିଆରେ ଆଇଏସ୍‌ର କାର୍ଯ୍ୟକଳାପକୁ ସୋସିଆଲ ମିଡିଆରେ ସେ ବହୁଳ ଭାବେ ପସନ୍ଦ କରୁଥିଲେ ବୋଲି ଜଣାପଡ଼ିଛି।

### ପାକିସ୍ତାନୀ ବୋଟ୍ ଜବତ, ୯ ଗିରଫ

**ଅହମ୍ମଦାବାଦ,୧୯।୮(ପି.ଟି.):** ଆରବ ମହାସାଗରର ଗୁଜରାଟ ଉପକୂଳରୁ ପାକିସ୍ତାନର ଏକ ମାଛଧରା ବୋଟ୍‌କୁ ଭାରତୀୟ ତଟରକ୍ଷା ବାହିନୀ ଜବତ କରିଛି। ଏଥିସହ ୯ ପାକିସ୍ତାନୀଙ୍କୁ ଗିରଫ କରାଯାଇଛି। ପାକିସ୍ତାନୀ ବୋଟ୍ ଶନିବାର ସନ୍ଧ୍ୟାରେ ଅନ୍ତର୍ଜାତୀୟ ସାମୁଦ୍ରିକ ସୀମାରେଖା ଅତିକ୍ରମ କରି ଭାରତ ପଟକୁ ଆସୁଥିବା ମୀରା ବେହନ୍ ନାମକ ତଟରକ୍ଷା ଜାହାଜ ଜାଣିବାକୁ ପାଇଥିଲା। ଅଲ୍ ଆଶା ନାମକ ପାକିସ୍ତାନୀ ବୋଟ୍‌ରେ ୯ ଜଣ ଥିଲେ। ବୋଟ୍ ସହ ସେମାନଙ୍କୁ ଗିରଫ କରାଯାଇ ଦ୍ୱାରକା ଜିଲା ଓଖା ବନ୍ଦରକୁ ନିଆଯିବା ପରେ ସ୍ଥାନୀୟ ସାମୁଦ୍ରିକ ପୋଲିସକୁ ହସ୍ତାନ୍ତର କରାଯାଇଥିବା ତଟରକ୍ଷୀ ବାହିନୀ ସୂଚନା ଦେଇଛି।

## ଆଲିଙ୍ଗନ ପରେ ସଫେଇ

# ବହୁତ ସ୍ନେହ ଦେଇଛି ପାକିସ୍ତାନ

**ଚଣ୍ଡିଗଡ଼/ଲାହୋର,୧୯।୮**



**ଭାରତ ଫେରିଲେ ସିଦ୍ଧୁ**

- କ୍ଷମତା ପାଇଁ ଦେଶକୁ ମଧ୍ୟ ବିକିଦେବ କଂଗ୍ରେସ: ସ୍ୱାମୀ
- ଯବାନମାନେ ଶହୀଦ ହେଉଥିବାବେଳେ ପାକ୍ ସେନାମୁଖ୍ୟଙ୍କୁ ଆଲିଙ୍ଗନ କରିବା ଅଶୋଭନୀୟ: ଅମରିନ୍ଦର

ପାକିସ୍ତାନର ସ୍ଥଳସେନା ମୁଖ୍ୟ ଜେନେରାଲ କମର ଜାଭେଦ୍ ବାଜ୍‌ୱାଙ୍କୁ ଆଲିଙ୍ଗନ କରିବା କଂଗ୍ରେସ ନେତା ତଥା ପଞ୍ଜାବର କ୍ୟାବିନେଟ୍ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁଙ୍କୁ ମହଙ୍ଗା ପଡ଼ିଛି। ଭାରତ ନ ଫେରୁଣୁ ତାଙ୍କୁ ଚାରିଆଡେ ସମାଲୋଚନା କରାଯାଉଛି। ଏପରି କି ଖୋଦ୍ ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂ ମଧ୍ୟ ସିଦ୍ଧୁଙ୍କ ଏଭଳି ଆଚରଣକୁ ନିନ୍ଦା କରିଛନ୍ତି।

ପିଟିଆଇ ଅଧ୍ୟକ୍ଷ ଇମ୍ରାନ ଖାନ୍ ଶନିବାର ପାକିସ୍ତାନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ରାଷ୍ଟ୍ରପତି ଭାବନରେ ଶପଥଗ୍ରହଣ ଉତ୍ସବରେ ପୂର୍ବତନ କ୍ରିକେଟର ସିଦ୍ଧୁ ଜଣେ ମାତ୍ର ଭାରତୀୟ ଅତିଥି ଭାବେ ଯୋଗଦେଇଥିଲେ। ସେଠାରେ ସେ ପାକିସ୍ତାନୀ ସେନା ମୁଖ୍ୟ ବାଜ୍‌ୱାଙ୍କୁ ଆଲିଙ୍ଗନ କରୁଥିବା ଫଟୋ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିସହ ପାକ୍-ଅଧିକୃତ କଶ୍ମୀର (ପିଓକେ) ରାଷ୍ଟ୍ରପତି ମାସୁଦ୍ ଖାନ୍‌ଙ୍କ ନିକଟରେ ସିଦ୍ଧୁ ବସିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଭାଜପା ପକ୍ଷରୁ କଂଗ୍ରେସକୁ ଟାର୍ଗେଟ କରାଯାଇଛି। ସିଦ୍ଧୁଙ୍କ ଜଘନ୍ୟ ଅପରାଧ ପାଇଁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କ୍ଷମାମାଗନ୍ତୁ ବୋଲି ଭାଜପା ମୁଖପାତ୍ର ସମ୍ବିତ ପାତ୍ର ଦାବି କରିଛନ୍ତି। କେବଳ ସିଦ୍ଧୁ ନୁହନ୍ତି, କଂଗ୍ରେସ ମଧ୍ୟ ଏକ ବିଶ୍ୱାସଘାତକ। ଏମାନେ କ୍ଷମତା ପାଇଁ ନିଜ ଦେଶକୁ ବି ବିକିଦେବେ ବୋଲି ଭାଜପା ଏମ୍‌ପି ସୁବ୍ରମଣ୍ୟମ୍ ସ୍ୱାମୀ ସମାଲୋଚନା କରିଛନ୍ତି। ୨୦୧୩ରେ ପାକିସ୍ତାନ ଜେଲରେ ପ୍ରାଣ ହରାଇଥିବା ସରବଜିତ୍ ସିଂଙ୍କ ଭଉଣୀ ଦଲବୀର କୌର କହିଛନ୍ତି, ସିଦ୍ଧୁ ଶପଥଗ୍ରହଣ ଉତ୍ସବକୁ ଯାଇ ନିଜ ଦେଶ ଅପେକ୍ଷା ବନ୍ଧୁତ୍ୱକୁ ଗୁରୁତ୍ୱ ଦେଇଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର କହିଛନ୍ତି, ସୀମାରେ ପାକିସ୍ତାନୀ ସେନାର ଆକ୍ରମଣରେ ପ୍ରତିଦିନ ଆମ ଯବାନମାନେ ଶହୀଦ ହେଉଛନ୍ତି। ଏଭଳି ସମୟରେ ସିଦ୍ଧୁ ବାଜ୍‌ୱାଙ୍କୁ ଆଲିଙ୍ଗନ କରିବା ଦୁର୍ଭାଗ୍ୟଜନକ। ବାଜ୍‌ୱାଙ୍କୁ ସେ ଏତେ ସ୍ନେହ ଦେଖାଇବା ଉଚିତ ନ ଥିଲା ବୋଲି ଅମରିନ୍ଦର ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ସିଦ୍ଧୁ ରବିବାର ୱାଘା-ଅଟାରି ସୀମା ଦେଇ ପାକିସ୍ତାନରୁ ଭାରତକୁ ଫେରିଛନ୍ତି। ଏହି ଅବସରରେ ସେ ସଫେଇ ଦେଇ କହିଛନ୍ତି, ଭାରତରେ ସରା ଜୀବନ ଯାହା ମିଳିଲା ନାହିଁ ସେ ୨ ଦିନରେ ପାକିସ୍ତାନରେ ତାହା ପାଇଛନ୍ତି। ତାଙ୍କ ଇସ୍‌ଲାମାବାଦ ଗସ୍ତ ପରେ ଭାରତ-ପାକିସ୍ତାନ ସମ୍ପର୍କରେ ସୁଧାର ଆସିବ ଓ ଶାନ୍ତି ଫେରିବ।

## ଗଙ୍ଗାରେ ବିଲୀନ ଅଟଳଙ୍କ ଚିତାଭସ୍ମ



**ହରିଦ୍ୱାର,୧୯।୮(ପି.ଟି.)**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ ଗଙ୍ଗାନଦୀରେ ବିଲୀନ ହୋଇଛି। ବାଜପେୟୀଙ୍କ ପରିବାର ସଦସ୍ୟମାନେ ରବିବାର ହରିଦ୍ୱାରର ହର୍ କୀ ପୌଡ଼ିସ୍ଥିତ ଗଙ୍ଗାକୂଳରେ ବୈଦିକ ମନ୍ତ୍ରୋଚ୍ଚାରଣ ସହ ଚିତାଭସ୍ମକୁ ବିସର୍ଜନ କରିଛନ୍ତି।

ନୂଆଦିଲ୍ଲୀସ୍ଥିତ ଏମ୍ସରେ ଗୁରୁବାର ବାଜପେୟୀଙ୍କ ପରଲୋକ ହୋଇଥିଲା। ଶୁକ୍ରବାର ସ୍ମୃତିସ୍ଥଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ରବିବାର ଏକ ସ୍ୱତନ୍ତ୍ର ଯାନରେ ତାଙ୍କର ଚିତାଭସ୍ମ ଓ ଅସ୍ଥିକୁ ହରିଦ୍ୱାର ଅଣାଯାଇଥିଲା। ଭାଲ୍ଲା କଲେଜ ପଡ଼ିଆରୁ ୨ କି.ମି. ଯାତ୍ରା କରିବା ପରେ ପୁଷ୍ପ ସଜ୍ଜିତ ଯାନ ହର୍ କୀ ପୌଡ଼ିରେ ପହଞ୍ଚିଥିଲା। ତୀର୍ଥ ପୁରୋହିତ ଅଖିଳେଶ ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହିନ୍ଦୁ ରୀତିନୀତି ଅନୁସାରେ ସମସ୍ତ ବୈଦିକ କର୍ମ କରାଯାଇଥିଲା। ମନ୍ତ୍ରୋଚ୍ଚାରଣ ଓ ‘ଅଟଳଜୀ ଅମର ରହେ’ ସ୍ଲୋଗାନ ମଧ୍ୟରେ ବାଜପେୟୀଙ୍କ ପାଳିତା କନ୍ୟା ନମିତା କୌଲ ଭଟ୍ଟାଚାର୍ଯ୍ୟ ଅସ୍ଥି କଳସରୁ ଚିତାଭସ୍ମ ବିସର୍ଜନ କରିଥିଲେ। ନମିତାଙ୍କ ସହ ସ୍ୱାମୀ ରଞ୍ଜନ ଭଟ୍ଟାଚାର୍ଯ୍ୟ ମଧ୍ୟ ଏଥିରେ ସାମିଲ ଥିଲେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍‌ଙ୍କ ସମେତ ଅନେକ ନେତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

# କେରଳ ପରେ କର୍ନାଟକ, ତାମିଲନାଡୁ

**ବାଙ୍ଗାଲୋର/ଚେନ୍ନାଇ, ୧୯।୮ (ପି.ଟି.)**

**କର୍ନାଟକ ବର୍ଷାରେ ୬ ମୃତ**

କେରଳରୁ ବନ୍ୟା ସ୍ଥିତି ସୁଧୁରି ନ ଥିବାବେଳେ କର୍ନାଟକ ଏବଂ ତାମିଲନାଡୁରେ ମଧ୍ୟ ରବିବାର ବନ୍ୟା ସ୍ଥିତି ଜଟିଳ ରୂପ ଧାରଣ କରିଛି। ପ୍ରବଳ ବର୍ଷା ଯୋଗୁ କର୍ନାଟକର କୋଡାଗୁ ଜିଲାରେ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ଜିଲାରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ୬ ଜଣ ପ୍ରାଣ ହରାଇଛନ୍ତି। ୩୫୦୦ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ରବିବାର ବନ୍ୟାଞ୍ଚଳ ପରିଦର୍ଶନ କରି ଉକ୍ତ ଅଞ୍ଚଳରେ ହିଁ କ୍ୟାମ୍ପ୍ କରି ରହିଛନ୍ତି। ସ୍ଥିତିର ଗମ୍ଭୀରତା ବିଷୟରେ ଜାଣିବା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କୁ ଫୋନ୍ କରି ସ୍ଥିତି ସମୀକ୍ଷା କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ରାଜ୍ୟକୁ ସବୁସମ୍ଭବ ସହଯୋଗ ଯୋଗାଇ ଦିଆଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁ ତାମିଲନାଡୁର ମେଟ୍ଟୁର ଏବଂ ଭବାନୀସାଗର ଡ୍ୟାମ୍‌ରୁ ବନ୍ୟାଜଳ ଛଡ଼ାଯିବା ପରେ ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏରୋଡ୍ ଜିଲା ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ମାତ୍ରାରେ ଫସଲ ନଷ୍ଟ ହୋଇଛି। ମୁଖ୍ୟମନ୍ତ୍ରୀ କେ. ପାଲାନିସାମୀ ରବିବାର ବନ୍ୟାଞ୍ଚଳ ପରିଦର୍ଶନ କରି ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ ଦିଆଯିବ ବୋଲି କୃଷକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଆରମ୍ଭ ହେଲା ହଜ୍‌ଯାତ୍ରା

**ମକ୍କା,୧୯।୮(ପି.ଟି.)**

ଆରମ୍ଭ ହେଲା ପବିତ୍ର ହଜ୍ ଯାତ୍ରା। ଇସ୍‌ଲାମ ଧର୍ମାବଲମ୍ବୀଙ୍କ ଏହି ପବିତ୍ର ତୀର୍ଥଯାତ୍ରା ପାଇଁ ବିଶ୍ୱର କୋଣ ଅନୁକୋଣରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସୌଦିଆରବର ମକ୍କା ସହରରେ ରବିବାର ରୁଣ୍ଡ ହୋଇଛନ୍ତି। ୬ ଦିନିଆ ତୀର୍ଥଯାତ୍ରା ସୁଗମ ଢଙ୍ଗରେ ସମ୍ପନ୍ନ କରିବା ଲାଗି ସୌଦିଆରବ ସରକାରଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରକାଶ ଯେ, ହଜ୍ ଯାତ୍ରାକୁ ବିଶ୍ୱର ସର୍ବବୃହତ୍ ଜନସମାଗମ ବୋଲି କୁହାଯାଏ।

## ଫୁର୍‌ସତ

# ସୌରମଣ୍ଡଳ ବାହାରେ ‘ଜଳଜଗତ’



**ବୋଷ୍ଟନ:** ସୌରମଣ୍ଡଳ ବାହାରେ ପୃଥିବୀ ଆକୃତିର ୨ରୁ ୪ଗୁଣ ବିଶିଷ୍ଟ ଅନେକ ଗ୍ରହ ରହିଛି। ସେଗୁଡିକରେ ପ୍ରଚୁର ପରିମାଣ ଜଳ ଥିବା ଅନୁମାନ କରାଯାଉଛି। ଏହାଦ୍ୱାରା ଆମ ଗାଲାକ୍ସିରେ ଏଲିଏନ୍ ଅନୁସନ୍ଧାନ ସହଜ ହୋଇପାରିବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି। ଏକ୍ସୋପ୍ଲାନେଟ୍-ହଣ୍ଟିଂ କେପ୍‌ଲର ସ୍ପେସ୍ ଟେଲିସ୍କୋପ୍ ଏବଂ ଗାଇଆ ମିଶନ୍ ଦ୍ୱାରା ସଂଗୃହୀତ ତଥ୍ୟରୁ ପୃଥିବୀ ବାହାରେ ଅଧିକାଂଶ ଗ୍ରହରେ ସର୍ବାଧିକ ୫୦% ଜଳ ଥିବା ସୂଚନା ମିଳେ। ଏହା ପୃଥିବୀରେ ଥିବା ଜଳର ୦.୦୨%ଠାରୁ ଖୁବ୍ ଅଧିକ ବୋଲି ଗବେଷକମାନେ କହିଛନ୍ତି। ଏ ସମ୍ପର୍କରେ ଆମେରିକାସ୍ଥିତ ହାର୍ଭାର୍ଡ ୟୁନିଭର୍ସିଟିର ଗବେଷକ ଲି ଜେଙ୍ଗ୍ କହନ୍ତି, ସୌରମଣ୍ଡଳ ବାହାରେ ଅନେକ ଜଳଜଗତ ଥିବା ବିଷୟ ଆଶ୍ଚର୍ଯ୍ୟଜନକ। ପୃଥିବୀ ବାହାରେ ଏଭଳି ୪,୦୦୦ ଗ୍ରହ ଆବିଷ୍କାର ହୋଇଛି। ସେଗୁଡ଼ିକ ମଧ୍ୟରୁ କେତେକ ପୃଥିବୀ ଆକୃତିର ୨ଗୁଣ। ସେଗୁଡିକର ବ୍ୟାସାର୍ଦ୍ଧ ପୃଥିବୀର ହାରାହାରି ୧.୫ ଗୁଣ ଏବଂ ଆଉ କେତେର ବ୍ୟାସାର୍ଦ୍ଧ ପୃଥିବୀର ପ୍ରାୟ ୨.୫ଗୁଣ। ଗାଇଆ ଉପଗ୍ରହରୁ ତଥ୍ୟ ଅନୁଯାୟୀ, ବୈଜ୍ଞାନିକମାନେ ଗ୍ରହଗୁଡିକର ବସ୍ତୁତ୍ୱ ଏବଂ ବ୍ୟାସାର୍ଦ୍ଧ ବିଶ୍ଳେଷଣ କରି ସେଗୁଡିକର ଆଭ୍ୟନ୍ତରୀଣ ଗଠନର ଏକ ମଡେଲ୍ ବିକାଶ କରିଛନ୍ତି। ଏହା ମୁତାବକ ଯେଉଁ ଗ୍ରହର ବ୍ୟାସାର୍ଦ୍ଧ ପୃଥିବୀର ୧.୫ ଗୁଣ ସେଭଳି ଗ୍ରହ ପଥୁରିଆ ହୋଇଥିବା ବେଳେ ଯେଉଁ ଗ୍ରହର ବ୍ୟାସାର୍ଦ୍ଧ ପୃଥିବୀର ୨.୫ଗୁଣ ସେଗୁଡିକ ସମ୍ଭବତଃ ଜଳଜଗତ (ପୃଥିବୀ ବସ୍ତୁତ୍ୱର ୧୦ଗୁଣ) ବୋଲି ଜେଙ୍ଗ୍ ପ୍ରକାଶ କରିଛନ୍ତି।

# ତମାଖୁ ନିୟନ୍ତ୍ରଣ ପାଇଁ ଜାତିସଂଘ ପୁରସ୍କାର

**ନୂଆଦିଲ୍ଲୀ:** ଦିଲ୍ଲୀ ସରକାରଙ୍କ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଏସ୍.କେ. ଆରୋରାଙ୍କୁ ସମ୍ମାନଜନକ ‘ହୁ ୱାର୍ଲଡ ନୋ ଟବାକୋ ଡେ-୨୦୧୮’ ପୁରସ୍କାର ପ୍ରଦାନ କରାଯାଇଛି। ତମାଖୁ ନିୟନ୍ତ୍ରଣ କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ଲାଗି ତାଙ୍କୁ ଜାତିସଂଘର ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅଗଷ୍ଟ ୧୬ରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଭାରତ ମୁଖ୍ୟ ହେଙ୍କ୍ ବେକେଡାମ୍ ଆରୋରାଙ୍କୁ ସମ୍ମାନିତ କରିଛନ୍ତି। ଭାରତ ସରକାରଙ୍କ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ନୀତି-୨୦୧୭ ଅନୁଯାୟୀ ୨୦୨୦ ସୁଦ୍ଧା ଭାରତରେ ତମାଖୁ ବ୍ୟବହାର ୧୫% ଏବଂ ୨୦୨୫ ସୁଦ୍ଧା ୩୦% ହ୍ରାସ ପାଇବ ବୋଲି ଲକ୍ଷ୍ୟ ରଖାଯାଇଛି। ଗ୍ଲୋବାଲ ଆଡଲ୍ଟ ଟବାକୋ ସର୍ଭେ-୨(ଗାଟ୍‌ସ-୨, ୨୦୧୬-୧୭) ଅନୁସାରେ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ତମାଖୁ ବ୍ୟବହାର ୧୭% ହ୍ରାସ ପାଇଥିବା ବେଳେ ସେହି ତୁଳନାରେ ଦିଲ୍ଲୀରେ ୨୭% ହ୍ରାସ ପାଇଛି।

## ଇତିହାସର ଆଇନାରେ

### ଅଗଷ୍ଟ ୨୦ର ପ୍ରମୁଖ ଘଟଣା

୧୯୬୦ ଅଗଷ୍ଟ ୨୦ରେ ମାଲି ଫେଡେରେଶନ୍‌ରୁ ଅଲଗା ହୋଇ ସେନିଗାଲ୍ ସ୍ୱାଧୀନତା ହାସଲ କରିଥିଲା। ଫ୍ରେଞ୍ଚ୍ କଲୋନି ଏବଂ ସୁଦାନ ପ୍ରଜାତନ୍ତ୍ରକୁ ନେଇ ପ୍ରତିଷ୍ଠିତ ମାଲି ଫେଡେରେଶନ୍ ପଶ୍ଚିମ ଆଫ୍ରିକାର ଏକ ଦେଶ ଥିଲା। ଏହା ଫ୍ରାନ୍ସର ପ୍ରତ୍ୟକ୍ଷ ଶାସନାଧୀନ ଥିଲା। ମାତ୍ର ଦୁଇମାସ ଏହା ସ୍ୱତନ୍ତ୍ର ଦେଶ ହୋଇ ରହିଥିଲା। ୧୯୫୯ ଏପ୍ରିଲ ୪ରେ ଏହା ପ୍ରତିଷ୍ଠାତା ହୋଇଥିଲା।

୨୦୦୮ ଅଗଷ୍ଟ ୨୦ରେ ସ୍ପେନ୍‌ର ସ୍ପାନ୍‌ଏୟାର୍ ଫ୍ଲାଇଟ୍ ୫୦୨୨ ନାମକ ଏକ ବିମାନ ଦୁର୍ଘଟଣା ଯୋଗୁ ୧୫୪ ଜଣଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ସମୟରେ ୧୪୬ ଜଣ ପ୍ରାଣ ହରାଇଥିବାବେଳେ ପରବର୍ତ୍ତୀ ସମୟରେ ୮ ଜଣଙ୍କ ମୃତ୍ୟୁ ହୋଇଥିଲା। ୧୮ ଜଣ ଯାତ୍ରୀ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ବିମାନଟି ମାଡ୍ରିଡ୍-ବାରାଜସ୍ ବିମାନବନ୍ଦରରୁ ଗ୍ରାନ୍ କାନାରିଆ ବିମାନବନ୍ଦର ଅଭିମୁଖେ ଯାତ୍ରା କରୁଥିଲା।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୫.୯ |
| ଚାନ୍ଦବାଲି | ୩୪.୦ | ୨୭.୨ |
| କଟକ | ୩୩.୨ | ୨୩.୮ |
| ପାରାଦ୍ୱୀପ | ୩୩.୭ | ୨୭.୭ |
| ଭୁବନେଶ୍ୱର | ୩୩.୫ | ୨୫.୨ |
| ଗୋପାଳପୁର | ୩୪.୫ | ୨୬.୪ |
| ପୁରୀ | ୩୩.୦ | ୨୬.୦ |
| ଅନୁଗୋଳ | ୩୩.୧ | ୨୧.୬ |
| ବାରିପଦା | ୩୪.୨ | ୨୭.୬ |
| ଝାରସୁଗୁଡ଼ା | ୩୪.୫ | ୨୫.୦ |
| କେନ୍ଦୁଝର | ୩୨.୦ | ୨୩.୮ |
| ସମ୍ବଲପୁର | ୩୩.୮ | ୨୧.୧ |
| ସୁନ୍ଦରଗଡ଼ | ୩୪.୦ | ୨୧.୦ |
| ହୀରାକୁଦ | ୩୨.୬ | ୧୯.୯ |
| ତାଳଚେର | --- | ୨୫.୫ |
| ଭବାନୀପାଟଣା | ୩୨.୦ | ୨୫.୪ |
| ବଲାଙ୍ଗୀର | ୩୩.୩ | ୨୫.୨ |
| କୋରାପୁଟ | ୨୪.୦ | ୨୦.୦ |
| ଫୁଲବାଣୀ | ୩୦.୫ | ୨୧.୪ |
| ଟିଟିଲାଗଡ଼ | --- | ୨୨.୫ |
| ମାଲକାନଗିରି | ୨୬.୫ | ୨୪.୬ |
| ସୋନପୁର | ୩୩.୬ | ୨୩.୦ |
| ଦାରିଙ୍ଗିବାଡ଼ି | ୨୮.୫ | ୧୯.୫ |
| ଢେଙ୍କାନାଳ | --- | ୨୪.୬ |

ଡିଗ୍ରୀ ସେଲ୍‌ସିୟସ୍

# ‘କେବିସି’ ଶୁଟିଂ ଆରମ୍ଭ

**ମୁମ୍ବାଇ:** ମେଗାଷ୍ଟାର ଅମିତାଭ୍ ବଚ୍ଚନ ପୁଣିଥରେ ତାଙ୍କର ହିଟ୍ ଗେମ୍ ଶୋ ‘କୌନ ବନେଗା କରୋଡପତି’ (କେବିସି) ୧୦ମ ସିଜିନ୍‌ର ଶୁଟିଂ ଆରମ୍ଭ କରିଛନ୍ତି। ୭୫ ବର୍ଷୀୟ ଏହି ସୁପରଷ୍ଟାର ଏକ ନୂଆ ବ୍ଲଗ୍ ପୋଷ୍ଟରେ ବିଗତ ଦିନର ସ୍ମୃତିଚାରଣ କରିଛନ୍ତି। ଏଭଳି ଏକ ମେଗା କାର୍ଯ୍ୟକ୍ରମ ୨୦୦୦ରେ ପ୍ରଥମକରି ଆରମ୍ଭ ହୋଇଥିଲା।ଅମିତାଭ୍ ତାଙ୍କ ବ୍ଲଗ୍‌ପୋଷ୍ଟରେ ଉଲ୍ଲେଖ କରିଛନ୍ତି-‘କେବିସିର ପ୍ରଥମ ଦିନର ଶୁଟିଂ ବେଶ୍ ଆଶଙ୍କାଭରା ଥିଲା। ଏଥିପାଇଁ ଖୁବ୍ ନର୍ଭସ ବି ଲାଗୁଥିଲା। ଯା’ ଭିତରେ କେବିସିକୁ ୧୮ବର୍ଷ ହେଲାଣି। ୧୦ମ ସିଜିନ୍ ଆରମ୍ଭ ହୋଇଛି। ଶୁଟିଂର ଅଧିକାଂଶ ଭାଗ ମୋ ସହ ଜଡିତ ରହୁଥିଲେ ବି କିଛି ବିଷୟ ଅଜ୍ଞାତ ମନେହେଉଛି।’ ଯଦିଓ ଶୋ ପାଇଁ କେତେକ ଶୁଟିଂ ‘ହତୋତ୍ସାହଜନକ’ ଏବଂ ‘ଖୁବ୍ କଷ୍ଟସାଧ୍ୟ’ ମନେହୁଏ ତଥାପି ଦର୍ଶକଙ୍କ ପକ୍ଷରୁ କ୍ରମାଗତ ସମର୍ଥନ ଏଥିପାଇଁ ସହାୟକ ହୋଇପାରିବ। ଏହାକୁ ପାଥେୟ କରି ଦୀର୍ଘ ୧୮ବର୍ଷ ପରେ ବି ଏପରି ଏକ କାର୍ଯ୍ୟକ୍ରମ ପୁଣି ଆରମ୍ଭ ହେବାକୁ ଯାଉଛି। ଭାରତର ବିଭିନ୍ନ ଅଞ୍ଚଳର ଲୋକଙ୍କୁ ଜାଣିବା ଏବଂ ଭେଟିବାର ଅବସର ଏଥିରେ ମିଳେ। କେତେକ ଲୋକଙ୍କ ସଂଗ୍ରାମର କାହାଣୀ ଏବଂ ଜୀବନଯାପନ ପରିସ୍ଥିତି ଖୁବ୍ ହୃଦୟବିଦାରକ। ତେବେ ଉକ୍ତ ଗେମ୍‌ରେ ସେମାନେ ସଫଳ ହେବାର ସମୟ ଏବଂ ସବୁ ଦୁଃଖ ଓ ଅବସାଦ ଅପସରି ଯିବାର ମୁହୂର୍ତ୍ତ ଅତ୍ୟନ୍ତ ସନ୍ତୋଷଜନକ। ପ୍ରତ୍ୟେକଙ୍କ ଜୀବନରେ ପରିବର୍ତ୍ତନ ଘଟେ। ପରିବର୍ତ୍ତନକାରୀର ଭୂମିକା କେବିସି ନିର୍ବାହ କରୁଥିବାରୁ ଏହି ଗେମ୍ ଶୋ ସହ ଜଡିତ ବ୍ୟକ୍ତିବିଶେଷ ଅଧିକ ସମ୍ମାନାସ୍ପଦ ମନେହୁଅନ୍ତି ବୋଲି ଅମିତାଭ୍ ପ୍ରକାଶ କରିଛନ୍ତି।




## ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର


ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710,ଭଦ୍ରକଅଫିସ-(06784)242101,ନୂଆପଡ଼ାଅଫିସ-(06678)223068,ଝାରସୁଗୁଡ଼ାଅଫିସ-(06645)272799,ଦେବଗଡ-9437121562,କେନ୍ଦ୍ରାପଡ଼ାଅଫିସ-06727233825,ପାରଳାଖେମୁଣ୍ଡି-9437140002.



ଆଧୁନିକ ବିଜ୍ଞାନର ଚମତ୍କାରିତା ଯୋଗୁ ଅସମ୍ଭବ ସମ୍ଭବ ହୋଇପାରିଛି। ପିତାଙ୍କ ମୃତ୍ୟୁର ୩ ବର୍ଷ ପରେ ପୁତ୍ର ଜନ୍ମ ନେଇଛନ୍ତି। ଯଶଲୋକ ହସ୍ପିଟାଲରେ ମାତା ସୁପ୍ରିୟା ଜୈନ ସ୍ୱାମୀଙ୍କ ଶେଷ ସନ୍ତକ ଭାବେ ପୁତ୍ର ସନ୍ତାନ ଲାଭ କରିଛନ୍ତି। ତାଙ୍କ ସ୍ୱାମୀ ଗୌରବ ଏସ୍‌ଙ୍କର ୨୦୧୫ ଅଗଷ୍ଟ ମାସରେ ହୁବ୍‌ଲି ନିକଟରେ ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତେବେ ସେମାନେ ପୂର୍ବରୁ ଆଇଭିଏଫ୍ ପ୍ରଣାଳୀରେ ସନ୍ତାନ ଲାଭ ପାଇଁ ପ୍ରୟାସ କରିଥିଲେ। ଏହାର ନମୁନା ସମ୍ପୃକ୍ତ ଡାକ୍ତରଙ୍କ ପାଖରେ ସଂରକ୍ଷିତ ଥିଲା। ଏହାର ଉପଯୋଗ କରି ଗୌରବଙ୍କ ସନ୍ତାନ ସୁପ୍ରିୟା ପାଇପାରିଥିବା ଚିକିତ୍ସା କରୁଥିବା ଡାକ୍ତର ଫିରୁଜା ପାରେଖ ସୂଚିତ କରିଛନ୍ତି।

# ବଜ୍ରପାତ ନେଲା ୩ ଜୀବନ

## ମୃତକଙ୍କ ମଧ୍ୟରେ ୨ ମହିଳା ଶ୍ରମିକ, ଜଣେ ଚାଷୀ

**ବରଗଡ଼ ଅଫିସ୍/ସରଣ୍ଡା/ବୀରମହାରାଜପୁର (ଡି.ଏନ.ଏ.), ୧୯।୮**

ରବିବାର ଅପରାହ୍ନରେ ବଜ୍ରପାତ ଘଟି ବରଗଡ ଓ ସୁବର୍ଣ୍ଣପୁର ଜିଲାରେ ୩ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ୨ଜଣ ମହିଳା ଶ୍ରମିକ ଓ ଜଣେ ଚାଷୀ ରହିଛନ୍ତି। ବରଗଡ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ନିଲେଇପାଲି ଗ୍ରାମର ଜଣେ ଚାଷୀଙ୍କ କ୍ଷେତରେ ଅପରାହ୍ନ ପ୍ରାୟ ୫ଟାରେ ମହିଳା ଶ୍ରମିକମାନେ ଧାନପହ୍ଲା ରୋଉଥିବାବେଳେ ବଜ୍ରପାତ ଘଟିଥିଲା। ଘଟଣାସ୍ଥଳରେ ୨ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଥିଲେ। ମୃତକମାନେ ହେଲେ ନିଲେଇପାଲି କୁଡ଼ାପଡ଼ା ନିବାସୀ ହାଡ୍ଡୁ ମିର୍ଦ୍ଧାଙ୍କ ସ୍ତ୍ରୀ ମିନି(୪୮) ଓ ଜଗତ ମିର୍ଦ୍ଧାଙ୍କ ସ୍ତ୍ରୀ ସୁବଳୟା(୩୦)। ମୃତଦେହକୁ ବରଗଡ ଜିଲା ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ କରାଯିବ। ଗୁରୁତର ୩ ମହିଳା ଶ୍ରମିକଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମ୍‌ସାରକୁ ପଠାଯାଇଛି।

ସେହିପରି ଅପରାହ୍ନରେ କ୍ଷେତରୁ କାମ ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତ ହେବାରୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ଗାଁର ସୁବଳ ମହାକୁର(୬୦)ଙ୍କ ମୃତ୍ୟୁ ଘଟିଛି। ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ତାଙ୍କ ମୃତଦେହ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ କରାଯିବ। ଏ ନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୧୮) ରୁଜୁ ହୋଇଛି।

# କିସ୍‌ରେ ଖାଦ୍ୟ ନିରାପତ୍ତା ନେଇ ହେବ ଗବେଷଣା

## କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୯।୮ (ବ୍ୟୁରୋ)**

'ସ୍ଥାୟୀ ଖାଦ୍ୟ ଯୋଗାଣ ନିମନ୍ତେ ଗବେଷଣା ଓ ସଶକ୍ତୀକରଣ ଜରିଆରେ ଭାରତରେ ସବୁଜ ବିପ୍ଳବର ରୂପାନ୍ତରଣ' ନାମରେ ଏକ ନୂତନ ଗବେଷଣା ପାଇଁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଓ କିସ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଦ୍ୱାରା କିସ୍‌କୁ ଏହି ଦୀର୍ଘ ମିଆଦି ଗବେଷଣା ପ୍ରକଳ୍ପ ପ୍ରଦାନ କରାଯାଇଛି। ଏହି ଗବେଷଣା ପ୍ରକଳ୍ପରେ ଉଭୟ କେମ୍ବ୍ରିଜ ଓ କିସ୍ ବିଶ୍ୱବିଦ୍ୟାଳୟ ମିଳିତ ଭାବେ କାର୍ଯ୍ୟ କରିବାକୁ ଥିବାବେଳେ କିସ୍ ବିଶ୍ୱବିଦ୍ୟାଳୟ ପ୍ରମୁଖ ଅଂଶୀଦାର ରହିବ। ସବୁଜ ବିପ୍ଳବର ବିହନ-ସାର-ଜଳ ପ୍ୟାକେଜ୍ ବ୍ୟତୀତ ସ୍ଥାୟୀ ଖାଦ୍ୟ ପୋଷଣ ଓ କୃଷି ନିରାପତ୍ତା କ୍ଷେତ୍ରରେ ନୂତନ ବୈଷୟିକ ଗବେଷଣା ଉପରେ ଏହା ଗୁରୁତ୍ୱ ବହନ କରିବ। ପ୍ରକଳ୍ପ ପାଇଁ ରହିଥିବା ୨୦୩୦ କାର୍ଯ୍ୟସୂଚୀ ଅନୁଯାୟୀ, ଏହା କୃଷି ଉତ୍ପାଦନ ବୃଦ୍ଧି କରିବା ସହ ଜଳ ସଂରକ୍ଷଣ (ଅଳ୍ପ ଜଳରେ ଅଧିକ ଅମଳ), ମୃତ୍ତିକାର ମାନ ଏବଂ ଉଦ୍ଭିଦର ଜୈବ ବିବିଧତା ଦିଗରେ କାର୍ଯ୍ୟ କରିବ। ଏଭଳି ଗବେଷଣାତ୍ମକ ପ୍ରକଳ୍ପ ଦେଶରେ ପ୍ରଥମ ଓ ଏହା ଦ୍ୱିତୀୟ ସବୁଜ ବିପ୍ଳବ ସୃଷ୍ଟି କରିବ ବୋଲି ଲକ୍ଷ୍ୟ ରହିଛି।

କିସ୍‌ର ପରାମର୍ଶଦାତା ତଥା ନୀତି ଫାଉଣ୍ଡେଶନ ମୁଖ୍ୟ ଉପଦେଷ୍ଟା ଡ. ସୁରଜ କୁମାର ଏହି ପ୍ରକଳ୍ପର ମୁଖ୍ୟ ଭାବେ କାର୍ଯ୍ୟ କରିବେ। ସେହିପରି କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ. ଶୈଳଜା ଫେନେଲ ଇଂଲଣ୍ଡର ଇଷ୍ଟ ଆଙ୍ଗ୍ଲିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ନିତ୍ୟା ରାଓଙ୍କ ସହଯୋଗରେ ଏହି ଗବେଷଣା ପ୍ରକଳ୍ପରେ ଶୈକ୍ଷିକ ଅଂଶୀଦାର ଭାବେ କାର୍ଯ୍ୟ କରିବେ। ପ୍ରଫେସର ରାଓ ହେଉଛନ୍ତି ଭାରତରେ ସବୁଜ ବିପ୍ଳବର କର୍ଣ୍ଣଧାର ଡ. ଏମ୍. ଏସ୍. ସ୍ୱାମୀନାଥନଙ୍କ କନ୍ୟା। ପ୍ରଥମଥର ଲାଗି ଭାରତରେ କିସ୍ ବିଶ୍ୱବିଦ୍ୟାଳୟ ଏହି ନୂଆ ପ୍ରକାର ଗବେଷଣା ପ୍ରକଳ୍ପ ପାଇଥିବାରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଜନଜାତି ସଶକ୍ତୀକରଣ କ୍ଷେତ୍ରରେ କିସ୍‌ର ପ୍ରତିବଦ୍ଧତାର ସ୍ୱୀକୃତି ସ୍ୱରୂପ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଏଭଳି ଏକ ନୂତନ ଗବେଷଣା ପ୍ରକଳ୍ପ କିସ୍‌କୁ ଦେଇଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାନ୍ତହୀନ, ନବଯୌବନ**
**ତା' ଜୀବନଟା ବୃଥା;**
**ମାତୃହୀନ, ଶିଶୁ ଜୀବନ**
**ତା' ଜୀବନଟା ବୃଥା ।**

ପାଖରେ କାନ୍ତ ନ ଥିଲେ ଯୌବନାବସ୍ଥା ବୃଥା। ସାଥୀହୀନ ଯୌବନର ମୂଲ୍ୟ କିଛି ନ ଥାଏ। ସେହିପରି ବାଲ୍ୟକାଳରେ ମାତାକୁ ହରାଇଥିବା ସନ୍ତାନ ଚିର ଅବହେଳିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**କୁମ୍ଭାରିଆ ନଈ, ଜୁଆରିଆ ପାଣି;**
**ଗାଧୋଇ ଯିବି ବେଳକାଳ ଜାଣି ।**

ଯେଉଁ ନଈରେ କୁମ୍ଭୀର ଥାଏ ସେହି ନଈ ବଡ଼ ବିପଦପୂର୍ଣ୍ଣ ହୋଇଥିବା ଜଣାଯାଏ। ସେହିପରି ପାଣିରେ ଅଧିକ ଜୁଆର ଉଠୁଥିଲେ କିଛି ଅଘଟଣ ଘଟିବାର ସମ୍ଭାବନା ରହିଥାଏ। ଏପରିସ୍ଥଳେ ସେଠାରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ କରିବା ଉଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନିରଞ୍ଜନ, ନରସିଂହଙ୍କୁ ଭେଟିଲେ ମୁକ୍ତିକାନ୍ତ

**ଭୁବନେଶ୍ୱର, ୧୯।୮ (ବ୍ୟୁରୋ)**

ରାଉରକେଲା ଯୁବକ ମୁକ୍ତିକାନ୍ତ ବିଶ୍ୱାଳ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ରବିବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ ସାକ୍ଷାତ କରିଛନ୍ତି। ରାଉରକେଲାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଏବଂ ଆଇଜିଏଚ୍‌କୁ ସୁପରସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରିବା ଦିଗରେ ପଦକ୍ଷେପ ନେବାକୁ ମୁକ୍ତିକାନ୍ତ ଦାବି କରିଛନ୍ତି। ଏହି ପ୍ରସଙ୍ଗକୁ ଆସନ୍ତା ବିଧାନସଭା ମୌସୁମୀ ଅଧିବେଶନ ସମୟରେ ଉଠାଯିବ ବୋଲି ନରସିଂହ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ମୁକ୍ତିକାନ୍ତ ପଦଯାତ୍ରାରେ ଦିଲ୍ଲୀ ଯିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସାକ୍ଷାତ୍ ଦେଇ ନ ଥିଲେ ଯାହାକୁ ନେଇ ନରସିଂହ ମିଶ୍ର ଏକ ଖବରଦାତା ସମ୍ମିଳନୀରେ ବର୍ଷିଥିଲେ। ପ୍ରଧାନମନ୍ତ୍ରୀ ରାଉରକେଲା ଆସି ପ୍ରତିଶ୍ରୁତି ଦେବାପରେ ମଧ୍ୟ ତାଙ୍କ କଥା ପାଳନ କରି ନ ଥିବାରୁ ନରସିଂହ ସମାଲୋଚନା କରିଥିଲେ। ଅନ୍ୟପଟେ କଂଗ୍ରେସର ବିଧାୟକ ଏବଂ କେତେକ ନେତା ନିଜ ହାତରୁ ଟଙ୍କା ଆଦାୟ କରି ଆଇଜିଏଚ୍ ହସ୍ପିଟାଲକୁ ସୁପରସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରିବାକୁ ପ୍ରୟାସ କରୁଥିବା କଥା କହିଥିଲେ।

# ବନ୍ୟା ବିପନ୍ନଙ୍କ ପାଇଁ ଦେବଦୂତ ସାଜିଲେ ଯବାନ

**ମାଲକାନଗିରି, ୧୯।୮ (ଡି.ଏନ.ଏ.)**

ମାଲକାନଗିରି ସୀମାନ୍ତ ସୁକୁମା ଜିଲାରେ ସୁରକ୍ଷା କର୍ମୀ ଯବାନମାନେ ରବିବାର ବନ୍ୟା ବିପନ୍ନଙ୍କ ପାଇଁ ଦେବଦୂତ ସାଜିଥିବା ଦେଖିବାକୁ ମିଳିଛି। ସୁକ୍‌ମା ଜିଲା କସ୍ତାରାମ୍, କୁରୁଡି ଓ ସଙ୍ଗେଲ ଗ୍ରାମର ପ୍ରାୟ ୩ଶହ ମହିଳା ପୁରୁଷ ଓ ଶିଶୁମାନଙ୍କୁ ବନ୍ୟା ଘେରରୁ ନଈପାର୍ କରି ଉଦ୍ଧାର କରିଛନ୍ତି। ରବିବାର ସକାଳେ ସୁକୁମା ପୋଲିସ କ୍ୟାମ୍ପରେ ଥିବା ସୁରକ୍ଷା କର୍ମୀମାନେ କୋମ୍ବିଂ ଅପରେଶନ ପାଇଁ ଆଭ୍ୟନ୍ତରୀଣ ଅଞ୍ଚଳକୁ ଯାଇଥିଲେ। ଏହି ସମୟରେ ସେମାନେ ୩ଟି ଗ୍ରାମର ଲୋକମାନେ ପ୍ରବଳ ବର୍ଷା ଯୋଗୁ ବନ୍ୟା ଘେରରେ ରହିଥିବା ସେମାନେ ଜାଣିବାକୁ ପାଇଥିଲେ। ସେମାନେ କିଷ୍ଟାରାମ ଜଙ୍ଗଲରେ କୋମ୍ବିଂ ଅପରେଶନ ବନ୍ଦ କରି ଲୋକଙ୍କୁ ରଶି ଦ୍ୱାରା ନଦୀ ପାର କରି ଉଦ୍ଧାର କରିଥିଲେ। ସମସ୍ତ ଗ୍ରାମବାସୀଙ୍କୁ ପୋଲିସ କ୍ୟାମ୍ପକୁ ନେଇ ଖାଦ୍ୟପେୟ ଦେଇଥିଲେ।

# ୪ ଗୋରୁ ବୋଝେଇ ଟ୍ରକ୍ ଜବତ

**ଢେଙ୍କାନାଳ ଅଫିସ, ୧୯।୮:** ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳରୁ ରବିବାର ଚାଲାଣ ବେଳେ ୪ ଗୋରୁ ବୋଝେଇ ଟ୍ରକ ଧରାପଡ଼ିଛି। ଅଞ୍ଚଳବାସୀ ଗାଡ଼ିଗୁଡ଼ିକୁ ପୋଲିସ ଜିମା ଦେଇଛନ୍ତି। ବୋଝେଇ ହୋଇଥିବା ୨୦୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର ପରେ ଛାଡ଼ିଦିଆଯାଇଛି। ଘଟଣାକୁ ପୋଲିସ ହାଲ୍‌କା ଭାବେ ନେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଛି। ପୋଲିସ ଜାଣତରେ ଗୋ-ଚାଲାଣ ହେଉଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି।


**GOVERNMENT OF ODISHA**
**DEPARTMENT OF TOURISM**

No. 7639 /TSM, Bhubaneswar the
TCT-TSP-MISC-0100-2018

**EXPRESSION OF INTEREST (EOI)**
**EMPANELMENT OF TOURISM EDUCATION INSTITUTES AVAILABLE IN ODISHA**

No. 14-R: Expression of Interest is invited from approved Govt./Private Tourism Education Institutes in Odisha, having infrastructure facilities & competent resource persons for imparting skill training to create employable skills in Tourism and Hospitality Sector Programmes for Implementation of HUNAR SE ROZGAR TAK (HSRT) programme under the scheme of "Capacity Building for Service Providers (CBSP)" with the financial assistance of Ministry of Tourism, Government of India, New Delhi for the Financial year 2018-19.

Last date for submission of Interest / willingness is 05th September, 2018. The detailed Guidelines can be had from Department of Tourism, Government of Odisha, Paryatana Bhawan, Bhubaneswar or may be downloaded from our website www.odishatourism.gov.in

**Sd./- Director**
**& Addl. Secretary to Govt.**

37001/11/0030/1819



**OFFICE OF THE EXECUTIVE ENGINEER,**
**R.W.S. & S. DIVISION, NUAPADA**
**Govt. of Odisha 'e' Procurement Notice**
**Email : eerwssnpd@rediffmail.com,**
**Phone No. : 06678-225274**
**Bid Identification No. RWS&S_04/2018-19**

No.600-O: The Executive Engineer, RWS&S Division, Nuapada on behalf of Governor of Odisha invites Percentage bid in double cover system according to norm of 'e' procurement system in online form eligible contractors.

| | | |
|---|---|---|
| Nature of Work | : | Augmentation of Rural Piped Water Supply schemes under Boden Block in Nuapada District. |
| No. of Tender | : | 2 (Two) No. |
| Approx. Estimated Cost | : | Rs. 42.86 Lakhs to Rs. 68.68 Lakhs |
| Period of Completion | : | 04 (Four) months |
| Tender Cost | : | Rs. 6000/- to Rs. 10000/- |
| Class of Contractor | : | Class B and Above |
| Date and Time of availability of bid document in the portal | : | 21.08.2018 at 10.00 A.M. |
| Last date / Time for receipt of bids in the portal | : | 04.09.2018 upto 5.00 P.M. |
| Date of Opening of bid | : | 06.09.2018 at 11.00 A.M. |

The bidders have to participate in online bidding only. Further details can be seen from the website http://tendersorisa.gov.in

**Executive Engineer**
**RWSS Division, Nuapada**

25043/11/0006/1819



**BOARD OF SECONDARY EDUCATION, ODISHA, CUTTACK**

**TENDER CALL NOTICE**

No.4394 (Engg.Section)/ Dt.18.08.2018
Eng. Sec./02/2018

Tenders in double scaled cover in the prescribed format are invited from the interested supply agencies having necessary valid G.S.T. Registration number for supply & commissioning of 100 KVA silent Diesel Generator in the campus of Board of Secondary Education, Odisha, Bajrakabati Road, Cuttack. The tenderers are required to submit two part bid latest by **Dt. 03.09.2018** in the office of the undersigned. For Details of terms and conditions of the tender Documents, the tenderers may visit the Board's website **www. bseodisha.nic.in.** The last date for submission of Tender Paper at the office of the Secretary. Board of Secondary Education, Odisha, Bajrakabati Road, Cuttack-753001 is **Dt.03.09.2018** up to 4.00 P.M. The same shall be opened on **Dt .04.09.2018** at 4.00 P.M. in presence of tenderers or their authorised representative only.

The authority reserves the right to reject any or all tender without assigning any reason thereof.

**Sd/-**
**Secretary.**



# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**TARIFF — MORE SPACE • SAME PRICE** (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ଖର୍ଚ୍ଚ ଋଣରୁ କଟିବ — ଜନଧନ୍ ଫାଇନାନ୍ସ** (Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ
୨% ସୁଧ, ୪୦% ରିହାତି
Contact No.: 94115-02501, 92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ : Bhubaneswar - 7978065794, Dhenkanal - 8895446310, Angul - 9437901750

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ। (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691, 07750048332
moneywizz27@gmail.com

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ। 1% ସୁଧ 50% ଛାଡ। ଘରେ ବସି ପାଆନ୍ତୁ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025, 8860754032

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501, 7787907927
pmjansamridhi@gmail.com

**Get Instant Cash Against Gold — Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
GNM, ANM, OT. Tech, DMLT, ICU, X-RAY
ଯୋଗ୍ୟତା: ୧୦ମ, +୨ ପାସ୍ ବା ତଦୂର୍ଦ୍ଧ
HOSTEL, HOSPITAL, PRATICAL PLACEMENT, FACILITY AVAILABLE
KIMS, KHANDAGIRI, BBSR
7326967938

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ। ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି।
କଲ୍ କରନ୍ତୁ SAMIR MONAL
07363008993, 07363008928

**SMS JOB** — Send SMS, Earn MONEY
AIRTEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431, 07367075342

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639, 8018022748

**BUSINESS**
ସରକାରୀ ଅନୁମୋଦିତ ନଂ.1 କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଘର ଛାତ, ପ୍ଲଟ୍‌ରେ ସମଗ୍ର ଭାରତର ଯେକୌଣସି ସ୍ଥାନରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ଅଗ୍ରିମ ଆକାରରେ 60 ଲକ୍ଷ, 50,000 ଭଡ଼ା + ମାସିକ 35,000ର ଅନ୍ୟାନ୍ୟ ସୁବିଧାସୁଯୋଗ ପାଆନ୍ତୁ।
Helpline Numbers 7497033685, 7497800247

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913, 7629090472

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ - 7496011718, 7496016879

**HDB Government Financial Services**
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 – 95,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers 9983302166, 9983302146

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603, 7064382081

**ଫାଇନାନ୍ସ — ଧନଜନ ଯୋଜନା**
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି।
2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108, 9634734514

**B.N. FINANCE**
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615, 7064797490

**SRI RAM FINANCE LTD.**
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ। ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି।
Help Line No. 8658665629, 7894259095
finance0102018@gmail.com

# ମହାକାଶରେ ଦାନ୍ତଘଷା




କମଳାକାନ୍ତ ଜେନା


"ସେ ମୋ ପାଖକୁ ଉଡି ଉଡି ଆସିଗଲେ । ହସି ହସି କହିଲେ, 'ମହାକାଶ ଉପରେ ଲେଖିଥିବା ପ୍ରବନ୍ଧ ତୁମର ମନେ ପଡୁନି କି। ଆଚ୍ଛା ଠିକ୍ ଅଛି, ବ୍ୟସ୍ତ ହେବା ଦରକାର ନାହିଁ। ମୁଁ ଏବେ ବ୍ରଶ୍ କରିବାର ଅଛି। ତୁମେ ଦେଖ । ତା'ପରେ ନିଜେ କରିବ ।' ମୁଁ କହିଲି, 'ହଁ, ଦୟାକରି ତୁମେ କର । ମୁଁ ଦେଖିବି ।''





ମହାକାଶକୁ ଯିବା କଥା ଅନେକ ଥର ଭାବିଛି । କିନ୍ତୁ ମୋର ସବୁ ସ୍ୱପ୍ନ କେବଳ ସ୍ୱପ୍ନରେ ରହିଯାଇଥିଲା । ହେଲେ ସେଦିନ ଆଇ.ଏସ୍.ଏସ୍. ମହାକାଶ-ଗବେଷଣାକେନ୍ଦ୍ର ଭିତରେ ଶୋଇଥିବା ଅବସ୍ଥାରେ ନିଜକୁ ଯେତେବେଳେ ଆବିଷ୍କାର କଲି, ବିଶ୍ୱାସ କରିପାରିଲି ନାହିଁ। ମୁଁ କେବେ ମହାକାଶକୁ ଯିବାର ତାଲିମ ନେଇ ନଥିଲି କିମ୍ବା ମହାକାଶ ଉପରେ ମୋର ସେମିତି କୌଣସି ମୌଳିକ ଗବେଷଣା ବି ନଥିଲା । କେବଳ ଜଣେ ପଦାର୍ଥ ବିଜ୍ଞାନୀ ଭାବରେ ମହାକାଶ ସମ୍ପର୍କରେ ଅଳ୍ପ କିଛି ଜ୍ଞାନ ଥିଲା । ତେଣୁ ମୁଁ କେମିତି ହଠାତ୍ ମହାକାଶ ଷ୍ଟେଶନ୍‌କୁ ଆସିଗଲି, ସେହି କଥା ଭାବୁଥିଲି । କାନ୍ଥ ସହିତ ବନ୍ଧା ହୋଇଥିବା ଗୋଟିଏ ପ୍ଲାଷ୍ଟିକ୍ ଖୋଳ ଭିତରେ ମୁଁ ଶୋଇଥିଲି । ମୁହଁଟା କେବଳ ବାହାରକୁ ଥିଲା । ଆଖି ଖୋଲିଲା ବେଳକୁ ମୋ ଆଗରେ ଜଣେ ଗୋରା ଲୋକ ମୋ ଆଡକୁ ଚାହିଁ ଓଠ ଚିପି ଚିପି ହସୁଥିବାର ଦେଖିଲି । ପରେ ଜାଣିଲି ସେ ଥିଲେ କାନାଡାର ଏୟାର-ମାର୍ଶଲ ଜିମ୍ କ୍ୟୁରେଟୋ । ମୁଁ ନିଦରୁ ଉଠିବାର ଦେଖି ସେ ପଚାରିଲେ, 'କିଛି ଅସୁବିଧା ହେଉନାହିଁ ତ, ଅଧ୍ୟାପକ ।'

ମୁଁ କହିଲି, 'ନା, ଗୋରାଭାଇ । ମୁଁ ଠିକ୍ ଅଛି । ହେଲେ ମୁଁ କେମିତି ଏଠାକୁ ଆସିଲି ଜାଣି ପାରୁନାହିଁ ।' ସେ ହସି ହସି କହିଲେ, ଚମତ୍କାର । ଭାରତୀୟମାନଙ୍କର 'ଭାଇ' ଡାକ ମତେ ଭଲ ଲାଗେ । ହଁ, କ'ଣ କହିଲ, 'ଗୋରା ଭାଇ' । ଆରେ ତୁମେ ତ ଖାଣ୍ଟି ଭାରତୀୟ । ତା' ପରେ ଜୋର ହସିଲେ । ମୁଁ କହିଲି, 'ତୁମ ନାଁ ଜାଣିନାହିଁ। ତେଣୁ ଗୋରାଭାଇ ଡାକିଦେଲି ।' ସେ କହିଲେ, ଚମତ୍କାର ସମ୍ବୋଧନ । ମୁଁ ଖୁସି । ତୁମେ ମତେ ସବୁବେଳେ 'ଗୋରା ଭାଇ' ବୋଲି ଡାକିବ। କିଛି ସମୟ ରହିଯାଇ ପୁଣି କହିଲେ, ''ଆରେ ହଁ, ମହାକାଶକୁ ନେଇ ତୁମେ ଅନେକ ଜନପ୍ରିୟ ବିଜ୍ଞାନ ପ୍ରବନ୍ଧ ଲେଖିଛ । ତୁମର ମହାକାଶ ଭ୍ରମଣ ଇଚ୍ଛା ବିଷୟରେ ବି ଅନେକ ଥର ଟୁଇଟରରେ ଲେଖିଛ । ତେଣୁ ଆମ ଦେଶ ତୁମ ପରି ଜଣେ ଆଗ୍ରହୀ ଲେଖକକୁ ମହାକାଶ ଭ୍ରମଣର ସୁଯୋଗ ଦେଇଛି। ବ୍ୟସ୍ତ ହୁଅନା। ଆମେ ଏଠି ଛଅ ଜଣ ଅଛୁ । ତୁମର କିଛି ଅସୁବିଧା ହେବନି ।'' ମୁଁ ପଚାରିଲି, 'ଏ ଖୋଳ ଭିତରୁ କେମିତି ବାହାରିବି ?' ଗୋରାଭାଇ ବୁଝେଇଦେଲେ, 'ସିମ୍ପଲ, ଭାବିଦିଅ ତୁମେ ପାଣିରେ ବେଲୁନ୍ ପରି ଭାସୁଛ । କାହିଁକି ନା, ତୁମେ ତ ଜାଣିଛ, ତୁମ ଶରୀର ଉପରେ ଶୂନ ମାଧ୍ୟାକର୍ଷଣ ବଳ ପଡୁଛି । ତେଣୁ ତଳେ କଚାଡି ହେଇ ପଡିବାର ସମ୍ଭାବନା ନାହିଁ । ଏବେ ଜ୍ୟାକେଟ୍‌ର ଚେନ୍ ଖୋଲିଦିଅ । ତା' ପରେ ଉଡି ଉଡି ମୋ ପାଖକୁ ଚାଲିଆସ ।'

ମୁଁ ସେଇଆ କଲି । ଖୋଳ ଭିତରୁ ବାହାରି ଉଡି ଉଡି ଗୋରାଭାଇଙ୍କ ପାଖକୁ ଚାଲିଗଲି । ଅଜବ ଲାଗୁଥିଲା । ମହାକାଶରେ ଜୀବନ ସମ୍ପର୍କରେ ଅନେକ ଲେଖିଥିଲି । କିନ୍ତୁ ବାସ୍ତବ ଅନୁଭୂତିର ମୁହୂର୍ତ୍ତଗୁଡିକ ବେଶ୍ ରୋମାଞ୍ଚକର ମନେ ହେଉଥିଲା । ଗୋରାଭାଇ କହିଲେ, 'ବାଃ, ବହୁତ ଚାଲାକ୍ ଅଛ । ନୂଆ ହେଲେ ବି ସୁନ୍ଦର ଭାବରେ ମହାକାଶଯାନ ଭିତରେ ଗତି କରିପାରୁଛ । ତଥାପି ଜଗିରହି କାନ୍ଥ ଧରି ଧରି ଗତି କରିବ । ନଚେତ୍ କୋଉଠି ମୁଣ୍ଡ ବାଡେଇ ହୋଇଯାଇପାରେ ।' ମୁଁ ମୁଣ୍ଡ ହଲେଇ ସମ୍ମତି ଜଣେଇଲି । ଗୋରାଭାଇ ପଚାରିଲେ, 'ତୁମେ ଏବେ ଦାନ୍ତ ଘଷିବ ?' ମୁଁ ହଁ କହିଲି । ସେ କହିଲେ, 'ଠିକ୍ ଅଛି । ତୁମେ ସାମନା ଗାଧୁଆଘର ଭିତରକୁ ଚାଲିଯାଅ । ସେଇଠି ବ୍ରଶ୍ ଓ ପେଷ୍ଟ ଅଛି ।'

ମୁଁ ଆଗ୍ରହର ସହିତ ଭାସି ଭାସି ଗାଧୁଆଘର ଭିତରକୁ ପଶିଲି । ଆରେ, ମୋର ଭୁଲ ହେଇଗଲା । ସେଇଟା ଗାଧୁଆଘର ନଥିଲା। ନା ପାଣି ଟ୍ୟାପ୍ ଥିଲା, ନା ବେସିନ୍, ନା ବାଲଟି । ସାବୁନ୍ ବି ନଥିଲା । ମୁଁ ପଚାରିଲି, 'ଗୋରାଭାଇ, ଗାଧୁଆଘର ପାଉନାହିଁ ।' ଉତ୍ତର ଆସିଲା, 'ଅଧ୍ୟାପକ, ତୁମେ ମୋ ସହିତ ମଜା କରୁନ ତ ?' କହିଲି, 'ଆରେ, ନା ଭାଇ । ଗାଧୁଆଘରକୁ ଯିବା ପାଇଁ ରାସ୍ତା କୁହ ।' ଉତ୍ତର ଆସିଲା, 'ତୁମେ ଠିକ୍ ଜାଗାରେ ଅଛ । ସେଇଟା ହିଁ ଗାଧୁଆଘର । ଅପେକ୍ଷା କର । ମୁଁ ଯାଉଛି ।' ସେ ମୋ ପାଖକୁ ଉଡି ଉଡି ଆସିଗଲେ । ହସି ହସି କହିଲେ, 'ମହାକାଶ ଉପରେ ଲେଖିଥିବା ପ୍ରବନ୍ଧ ତୁମର ମନେ ପଡୁନି କି। ଆଚ୍ଛା ଠିକ୍ ଅଛି, ବ୍ୟସ୍ତ ହେବା ଦରକାର ନାହିଁ । ମୁଁ ଏବେ ବ୍ରଶ୍ କରିବାର ଅଛି । ତୁମେ ଦେଖ । ତା'ପରେ ନିଜେ କରିବ ।' ମୁଁ କହିଲି, ହଁ, ଦୟାକରି ତୁମେ କର । ମୁଁ ଦେଖିବି ।'

ଗାଧୁଆଘର କାନ୍ଥରେ ଲାଗିଥିବା ମୁଣିରୁ ସେ ତାଙ୍କ ବ୍ରଶ୍ ଓ ପେଷ୍ଟ ବାହାର କରି ବ୍ରଶ୍‌ରେ ପେଷ୍ଟ ଲଗେଇଲେ । ପେଷ୍ଟ ଲାଗିଥିବା ବ୍ରଶ୍‌କୁ ସେଇଠି ଛାଡିଦେଇ ପେଷ୍ଟକୁ ପୁଣି ମୁଣି ଭିତରେ ଥୋଇଦେଲେ। ବ୍ରଶ୍ ତଳେ ନପଡି ଶୂନ୍ୟରେ ସେମିତି ଭାସୁଥିଲା । ଗୋରାଭାଇ ଟିକିଏ ପଛକୁ ଯାଇ ଲମ୍ବା ଟ୍ୟୁବ୍ ଲାଗିଥିବା ପତଳା ପାଣି ପାଉଚ୍ ଧରି ଆସିଲେ । ଟ୍ୟୁବ୍ ମୁହଁ ଖୋଲି ପାଉଚ୍‌କୁ ଆସ୍ତେ ଚିପିଲେ । ପାଣି ଧୀରେ ଧୀରେ ବାହାରି ଟ୍ୟୁବ୍ ଅଗରେ ଗୋଟିଏ କୁନି ଗୋଲକ ଆକାର ଧାରଣ କଲା । ସେ ପାଉଚ୍ ବନ୍ଦକରି ପଛ ପଟେ ଖୋପରେ ରଖିଲେ । ବଡ ଜେଲିବଲ ପରି ଦିଶୁଥିବା ପାଣିର ସେଇ କୁନି ଗୋଲକଟି ସେଇଠି ଭାସୁଥିଲା । ମତେ ତ ସବୁ ଜାଦୁ ପରି ମନେ ହେଉଥିଲା । ସେ କହିଲେ, 'ବାସ୍, ମୁଁ ଏବେ ଦାନ୍ତଘଷା ଆରମ୍ଭ କରିବି।' ଏତିକି କହି ପାଖରେ ଭାସୁଥିବା ବ୍ରଶ୍‌କୁ ଧରିନେଲେ ଓ ବଡ ଆଁ କରି ଶୂନ୍ୟରେ ଭାସୁଥିବା ପାଣି-ବଲକୁ ପାଟି ଭିତରକୁ ନେଲେ । ବ୍ରଶ୍ ଓ ପେଷ୍ଟକୁ ଓଦା କରିବା ପାଇଁ ଯେତିକି ପାଣି ଦରକାର, ଅନୁମାନ କରି ସେତିକି ପାଣି ପାଟିରେ ରଖି ବାକିତକ ପାଣି ଢୋକିଦେଲେ। ପାଟି ଭିତରେ ବ୍ରଶ୍ ପୂରେଇ ଦୁଇ ମିନିଟ୍ ଏପଟ ସେପଟ କରିବା ପରେ କହିଲେ, 'ଏଠି ତ ବେସିନ୍ ଭିତରେ ଛେପ ପକେଇ ହାତମୁହଁ ଧୋଇବାର ବ୍ୟବସ୍ଥା ନାହିଁ। ଏବେ ମୋ ପାଖରେ ଦୁଇଟା ବାଟ । ପାଟିରେ ଥିବା ଦାନ୍ତଘଷା ଫେଣକୁ ଖାଇଦେଇ ପାରିବି, ଅଥବା ବାହାର କରି କାଗଜ-ତଉଲିଆରେ ପକେଇ ପାରିବି । କିନ୍ତୁ, କାଗଜ-ତଉଲିଆ ନଷ୍ଟ କରିବାକୁ ଚାହୁଁନି। ଭଲ ହେବ, ଖାଇଦେବି । ଆଇ ଲଭ୍ ଇଟ୍।' ଏତିକି କହୁ କହୁ ଗନ୍ଧିଆ ଛେପକୁ ସିଧା ଢୋକିଦେଲେ । ଇସ୍, ମତେ ତ ପୂରା ବାନ୍ତି ଲାଗୁଥିଲା । ହେଲେ ପରିସ୍ଥିତିରେ ପଡି ସେମିତି ଅଭ୍ୟାସ କରିଛନ୍ତି ବୋଲି ପରେ ବୁଝିଲି । ବାହାରେ କାଗଜ-ତଉଲିଆରେ ଛେପ ପକେଇବା ବଦଳରେ ଖାଇ ଦେଲେ ଆବର୍ଜନା କମିଯିବ । ଶରୀରକୁ ମଧ୍ୟ ଛେପ ରୂପରେ ଟୋପାଏ ଜଳ ମିଳିଯିବ। ସତରେ, ମହାକାଶଚାରୀମାନଙ୍କର ଜଳର ସୁଚାରୁ ବିନିଯୋଗ ଏବଂ ଆବର୍ଜନା ସୃଷ୍ଟି ନ କରିବାର ସଚେତନତା ଆଗରେ ମୋର ମୁଣ୍ଡ ନଇଁ ଯାଉଥିଲା । ମହାକାଶରେ ନିଜର ଛଅ ମାସ ରହଣି ଭିତରେ ସେମାନେ ଅଳ୍ପରେ ଚଳିବା ସହିତ କଠିନ ଗବେଷଣାରେ ମନ ଦେଉଥିଲେ । ଗୋରାଭାଇ କହିଲେ, 'ଅଧ୍ୟାପକ, ଏବେ ତୁମେ ବ୍ରଶ୍ କରିପାର ।' ସେ ଗାଧୁଆଘରୁ ବାହାରକୁ ବାହାରିଯାଇ ନିଜ କାମରେ ବ୍ୟସ୍ତ ରହିଲେ । ମୁଁ ତାଙ୍କ ଷ୍ଟାଇଲରେ ଡାହାଣ ହାତରେ ବ୍ରଶ୍ ଧରି ଦାନ୍ତ ଘଷିବା ଆରମ୍ଭ କଲି । ହଠାତ୍ ଗୋରାଭାଇ ମୋ ପାଖକୁ ଉଡି ଆସି ପଚାରିଲେ, 'ତୁମ ବାମ ହାତ ଦେଖେଇଲ ।' ମୁଁ ପଛରେ ଲୁଚେଇଥିବା ବାମହାତକୁ ଆଗକୁ ଆଣିଲି। ବାମ ହାତରେ ଦୁଇଟା କାଗଜ-ତଉଲିଆ ଧରିଥିଲି । କହିଲି, 'ଭାଇ, ମୁଁ ଦୁଃଖିତ । ଦାନ୍ତଘଷା ଫେଣକୁ ମୁଁ ଢୋକି ପାରିବିନି । ମୋର ବାନ୍ତି ହେଇଯିବ ।' ସେ କହିଲେ, 'ନା, ସେମିତି କେମିତି ହେବ ? ତୁମେ ଯଦି ସବୁ ଦିନ ଏତେ ଏତେ ତଉଲିଆ ବ୍ୟବହାର କରିବ, ଆମେ ସମସ୍ତେ ଚଳିବା କେମିତି ? ତୁମକୁ ଛେପ ଢୋକିବାକୁ ହେବ । ତଉଲିଆ ମତେ ଦେଇଦିଅ ।' ମୁଁ କହିଲି, 'ନା, ମୁଁ ଢୋକି ପାରିବିନି ।' ସେ ଟିକିଏ ରାଗିଯାଇ କହିଲେ, 'ତୁମକୁ ଢୋକିବାକୁ ହେବ ।' ମୁଁ ବି ରାଗିଯାଇ ଜୋରରେ କହିଲି, 'ନା, ମୁଁ ଛେପ ଢୋକି ପାରିବିନି।'

ହଠାତ୍ ମୋ ନିଦ ଭାଙ୍ଗିଗଲା । ଝିଅ ମୋ ବିଛଣା ପାଖରେ ଛିଡା ହୋଇ ପଚାରୁଥିଲା, 'ବାପା, କ'ଣ ହେଲା ? ଛେପ ଢୋକିବା କଥା କାହାକୁ କହୁଥିଲ ? କି ଛେପ ?' ମୁଁ ହସି ଦେଇ ପଚାରିଲି, 'ଝିଅ, ତୁ ବଡ ହେଲେ ମହାକାଶଚାରୀ ହେବୁ ବୋଲି ସବୁବେଳେ କହୁଛୁ । ତୁ କ'ଣ ମହାକାଶରେ ଦାନ୍ତ ଘଷି ସାରି ସେଇ ଛେପକୁ ଢୋକିପାରିବୁ ?' ଝିଅ ଖୁସିରେ ଉତ୍ତର ଦେଲା, 'ହଁ, ମହାକାଶଚାରୀ ହେବା ପାଇଁ ମୁଁ ସବୁ କରିପାରିବି । ମୁଁ ତ ପେଷ୍ଟ ଖାଇବାକୁ ଭଲପାଏ ।' ମୁଁ କହିଲି, 'ବହୁତ୍ ଭଲ କଥା । ମୋ ତଉଲିଆ ଆଣ । ଗାଧୁଆଘରକୁ ଯିବି ।' ଝିଅ ତଉଲିଆ ଆଣିବାକୁ ଚାଲିଗଲା । ମୁଁ ଗୋରାଭାଇଙ୍କର ଦାନ୍ତଘଷା କଥା ଭାବୁଥିଲି ।


-ସହକାରୀ ପ୍ରଫେସର (ଫିଜିକ୍ସ),
ଭଦ୍ରକ ଅଟୋନମସ୍ କଲେଜ, ଭଦ୍ରକ,
ମୋ : ୯୪୩୯୫୦୧୬୫୧




# ଖାଇବା ଥାଳିରେ ବିଦେଶୀ ଖାଦ୍ୟ




ଡା. ନିତ୍ୟାନନ୍ଦ ସ୍ୱାଇଁ


ଆପଣଙ୍କ ରାତି ଖାଇବା ନିମନ୍ତେ ଥାଳିରେ ବଢ଼ା ହୋଇଛି ରୁଟି, ମଟର ଆଳୁ ଓ ବନ୍ଧାକୋବି ତରକାରି, ଟମାଟୋ, ପିଆଜ ଓ ଗାଜର ସାଲାଡ ; ଫାଳେ ପାଚିଲା ଅମୃତଭଣ୍ଡା ଏବଂ ଖାଇସାରିବା ପରେ କପେ କଫି। ଖାଇବା ଆରମ୍ଭ କରିବା ଆଗରୁ ଆପଣ ଏହି ଭୋଜନ ସାମଗ୍ରୀଗୁଡ଼ିକୁ ଟିକିଏ ନିରେଖି ଲକ୍ଷ୍ୟ କରନ୍ତୁ ଏବଂ କହନ୍ତୁ ତ, ଏଗୁଡ଼ିକ ଭିତରୁ କେଉଁ ଦ୍ରବ୍ୟଟିର ଆଦି ଜନ୍ମଭୂମି ଭାରତ ? ମାତ୍ର ଏହି ଗହମ, ଯାହାର ଅଟାରୁ ତିଆରି ହୋଇଛି ରୁଟି, ମଟର, ଆଳୁ, ବନ୍ଧାକୋବି, ଟମାଟୋ, ପିଆଜ, ଗାଜର, ଅମୃତଭଣ୍ଡା ଓ କଫି କୌଣସି ଗୋଟିଏ ହେଲେ ବି ଭାରତରେ ଭୂମିଷ୍ଠ ହୋଇ ନ ଥିଲା । ବନ୍ଧାକୋବି ତରକାରିରେ ପଡ଼ିଥିବା ଲଙ୍କା, ରସୁଣ, ସୋରିଷ ଓ ସୋରିଷ ତେଲ ମଧ୍ୟ ଜନ୍ମ ନେଇ ନ ଥିଲା ଭାରତରେ । ଏଗୁଡ଼ିକ ସର୍ବପ୍ରଥମେ ଜନ୍ମ ନେଇଥିଲେ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳରେ । ଅନେକ ବର୍ଷ ପରେ ଏଗୁଡ଼ିକ ଆସି ଆମ ଦେଶରେ ପଦାର୍ପଣ କରି ପାଲଟି ଗଲେ ଆମ ଦେଶର ବାସିନ୍ଦା !

ଉଦାହରଣ ସ୍ୱରୂପ ପାଖାପାଖି ୮୦୦୦ ବର୍ଷ ତଳେ ଗହମ ଚାଷ ଆରମ୍ଭ ହୋଇଥିଲା ଆଫଗାନିସ୍ତାନରେ। ପରେ ଏହା ଆସି ପହଞ୍ଚିଲା ହରପ୍ପାରେ। ପିଆଜ, ମଟର, ଗାଜର, ପଶ୍ଚିମଏସିଆ ଅଞ୍ଚଳରୁ ଏବଂ ବନ୍ଧାକୋବି ପୂର୍ବ ଏସିଆ ଅଞ୍ଚଳରୁ ଆମ ଦେଶକୁ ଆସିଛି। ଲଙ୍କା ଓ ଅମୃତଭଣ୍ଡା କେନ୍ଦ୍ରୀୟ ଆମେରିକାରୁ, ଆଳୁ ଓ ଟମାଟୋ ଦକ୍ଷିଣ ଆମେରିକାରୁ, ସୋରିଷ ଭୂମଧ୍ୟସାଗରୀୟ ଅଞ୍ଚଳରୁ, ରସୁଣ କେନ୍ଦ୍ରୀୟ ଏସିଆ ଅଞ୍ଚଳରୁ ଏବଂ କଫି ଆଫ୍ରିକାରୁ ଆସି ଆସ୍ଥାନ ଜମେଇଲେ ଭାରତରେ। ଏବେ ଏମାନେ ବିଦେଶାଗତ ହୋଇମଧ୍ୟ ସମ୍ପୂର୍ଣ୍ଣ ଭାରତୀୟ।

ସମ୍ପ୍ରତି ବଜାରରେ ଦେଖିବାପାଇଁ ମିଳୁଛି ଏପରି କେତେକ ପରିବାପତ୍ର ଓ ଫଳ, ଯେଉଁଗୁଡ଼ିକୁ ଆମେ ନୂଆ ଦେଖିବା ପାଇଁ ପାଉଛେ। ଏଗୁଡ଼ିକ ସହ ଆଗରୁ ଆମର ପରିଚୟ ନ ଥିଲା। ଆମେ ତ କ୍ୟାପ୍‌ସିକମ୍ ଦେଖି ନ ଥିଲେ। ଦେଖି ନ ଥିଲେ ବ୍ରୋକୋଲି, ଦେଖି ନ ଥିଲେ କି ଖାଇ ନଥିଲେ ଆଲୋକାଡୋ କି ଡ୍ରାଗନ୍‌ଫ୍ରୁଟ। ହେଲେ ଏଗୁଡ଼ିକ ଆମ ପରିବା ଦୋକାନ ଫଳ ଦୋକାନରେ ମିଳିଲାଣି ଓ ବାଜିଲାଣି ଆମ ପାଟିରେ, ହେଉପଛେ ତାହା କଦବା କେମିତି।

"ଆମେ ଭାରତୀୟମାନେ ଯେଉଁ ସମସ୍ତ ଖାଦ୍ୟଶସ୍ୟ, ପନିପରିବା ଓ ଫଳ ଚାଷ କରିଥାଉ ଓ ଖାଇଥାଉ, ଏହାର ପାଖାପାଖି ଏକ ତୃତୀୟାଂଶ ସବାପ୍ରଥମେ ବିଦେଶ ଭୂଇଁରୁ ଭାରତକୁ ଆସିଥିଲା। ଭାରତରେ ଆମେ ସମୁଦାୟ ଯେତେ ପରିମାଣର କ୍ୟାଲୋରୀ ବା ଶକ୍ତି ଖାଦ୍ୟରୁ ଆହରଣ କରିଥାଉ, ତା'ର ମୋଟାମୋଟି ୪୫ ପ୍ରତିଶତ ଆମେ ପାଇଥାଉ ବିଦେଶାଗତ ଖାଦ୍ୟଦ୍ରବ୍ୟରୁ। ସେହିପରି ଭାରତରେ ଉତ୍ପାଦିତ ବିଭିନ୍ନ ଖାଦ୍ୟଦ୍ରବ୍ୟର ଶତକଡା ୩୫ ଭାଗର ମୂଳ ମାତୃଭୂମି କୌଣସି ନା କୌଣସି ବିଦେଶୀ ଅଞ୍ଚଳ।"

ଗ୍ରୀଷ୍ମମଣ୍ଡଳୀୟ କୃଷି ସମ୍ପର୍କରେ ଅନୁଧ୍ୟାନ କରୁଥିବା ଅନ୍ତର୍ଜାତୀୟ କେନ୍ଦ୍ର ବା ଇଣ୍ଟରନ୍ୟାଶନାଲ୍ ସେଣ୍ଟର ଫର୍ ଟ୍ରପିକାଲ ଏଗ୍ରିକଲଚରର ବୈଜ୍ଞାନିକମାନେ ୧୭୭ଟି ଦେଶର ୧୩୨ଟି ଭିନ୍ନଭିନ୍ନ ପ୍ରକାରର ଫଳ ଓ ପନିପରିବା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରି ସେଗୁଡିକୁ ବିଶ୍ଳେଷଣ କରିଛନ୍ତି। ସେହି ତଥ୍ୟକୁ ଅନୁଶୀଳନ କଲେ ପୃଥିବୀର ରାଷ୍ଟ୍ରସମୂହ ନିଜ ଖାଦ୍ୟଦ୍ରବ୍ୟ ବିଷୟରେ କିପରି ପରସ୍ପରର ନିର୍ଭରଶୀଳ ଏହା ସ୍ପଷ୍ଟ ଭାବରେ ଜଣାପଡେ।

ଆମେ ଭାରତୀୟମାନେ ଯେଉଁ ସମସ୍ତ ଖାଦ୍ୟଶସ୍ୟ, ପନିପରିବା ଓ ଫଳ ଚାଷ କରିଥାଉ ଓ ଖାଇଥାଉ, ଏହାର ପାଖାପାଖି ଏକ ତୃତୀୟାଂଶ ସର୍ବପ୍ରଥମେ ବିଦେଶ ଭୂଇଁରୁ ଭାରତକୁ ଆସିଥିଲା । ଭାରତରେ ଆମେ ସମୁଦାୟ ଯେତେ ପରିମାଣର କ୍ୟାଲୋରୀ ବା ଶକ୍ତି ଖାଦ୍ୟରୁ ଆହରଣ କରିଥାଉ, ତା'ର ମୋଟାମୋଟି ୪୫ ପ୍ରତିଶତ ଆମେ ପାଇଥାଉ ବିଦେଶାଗତ ଖାଦ୍ୟଦ୍ରବ୍ୟରୁ। ସେହିପରି ଭାରତରେ ଉତ୍ପାଦିତ ବିଭିନ୍ନ ଖାଦ୍ୟଦ୍ରବ୍ୟର ଶତକଡା ୩୫ ଭାଗର ମୂଳ ମାତୃଭୂମି କୌଣସି ନା କୌଣସି ବିଦେଶୀ ଅଞ୍ଚଳ। ବିଶ୍ୱସ୍ତରରେ ଦେଖିଲେ ସମଗ୍ର ବିଶ୍ୱବାସୀ ମୋଟ ଯେତେ କ୍ୟାଲୋରୀର ଖାଦ୍ୟ ଖାଇଥାନ୍ତି, ତା'ର ଶତକଡା ୬୬ ଭାଗ କ୍ୟାଲୋରୀ ଯୋଗାଉଥିବା ଖାଦ୍ୟଦ୍ରବ୍ୟର ଉତ୍ସ ବିଦେଶୀରାଷ୍ଟ୍ର ଏବଂ ଉତ୍ପାଦିତ ଖାଦ୍ୟଦ୍ରବ୍ୟର ଶତକଡା ୭୧ ଭାଗ ଖାଦ୍ୟଦ୍ରବ୍ୟ ବହନ କରିଛି ବିଦେଶୀ ଛାପ।



ଏଭଳି ଏକ ଅନୁସନ୍ଧାନମୂଳକ ଅନୁଶୀଳନ କରିଥିବା ଅନୁଧ୍ୟାନକାରୀଙ୍କ ମୁଖ୍ୟ ଥିଲେ କୋଲିନ ଖୋଉରି। ତେବେ ଭାରତୀୟ ଉପମହାଦେଶ ହେଉଛି ସମ୍ଭବତଃ ସର୍ବାଧିକ ଖାଦ୍ୟଦ୍ରବ୍ୟର ମୂଳଉତ୍ସ। ଧାନ, ମାଣ୍ଡିଆ, ଡାଲି, ଆଖୁ, କଦଳୀ, ଆମ୍ବ, ଲେମ୍ବୁ, ଦେଶୀଆଳୁ, ଓଲୁଅ, କଲରା, ବାଇଗଣ, ନଡ଼ିଆ, ସାରୁ, କାକୁଡ଼ି, ଅଦା, କୋଳଥ, ଖଜୁର, ତରଭୁଜ, ପୋଟଳ, କଖାରୁ, ସାଗଫଳ, ତେଜପତ୍ର, ହଳଦୀ, ଡାଳଚିନି ଇତ୍ୟାଦି ହିଁ ବିଶ୍ୱବାସୀଙ୍କ ରୋଷେଇ ଶାଳକୁ ଭାରତର ଦାନ। ଏପରିକି ଲେଉଟିଆ ଶାଗ ଦକ୍ଷିଣ ଆମେରିକାରୁ ଆସିଥିବାବେଳେ ପାଳଙ୍ଗ ଓ ଅଙ୍ଗୁର ପଶ୍ଚିମ ଏସିଆ, ଆପଲ କେନ୍ଦ୍ର ଏସିଆ ଏବଂ କମଳା ପୂର୍ବ ଏସିଆରୁ ଆସିଛି ଭାରତକୁ, ଲାଉ, ଗୁଆଁର ଓ ତିନ୍ତୁଳି ଆଦିର ବାସସ୍ଥାନ ଆଫ୍ରିକା ହୋଇଥିବା ବେଳେ କାଜୁର ବାସସ୍ଥାନ ଥିଲା ବ୍ରାଜିଲ। ପୁଣି ପିଜୁଳି, ସପୁରି, ପଣସ, ଡାଳିମ୍ବ କି ଆମର ଅତି ପରିଚିତ ଭେଣ୍ଡି ମଧ୍ୟ ନ ଥିଲା ଭାରତ ମାଟିର ସନ୍ତାନ। ଦକ୍ଷିଣ ଆମେରିକାର ପେରୁର ପିଜୁଳି, ସପୁରି, ମାଲୟେସିଆରୁ ପଣସ, ଇରାନ୍‌ରୁ ଡାଳିମ୍ବ ଏବଂ ଆଫ୍ରିକାରୁ ଭେଣ୍ଡି ଆସିଥିଲା ଭାରତକୁ। ବିଭିନ୍ନ ଉଦ୍ଭିଦର ମୂଳ ଉତ୍ସ ରୂପେ ଖୋଉରି ପୃଥିବୀର ୨୩ଟି ଅଞ୍ଚଳକୁ ଚିହ୍ନଟ କରିଛନ୍ତି।

ସୁତରାଂ କୌଣସି ନା କୌଣସି ରାଷ୍ଟ୍ରରେ ଖାଦ୍ୟପାଇଁ ଯାହା ସବୁ ଚାଷ ହୋଇଥାଏ, ସବୁଯାକର ମୂଳଉତ୍ସ ସେହି ନିର୍ଦ୍ଦିଷ୍ଟ ରାଷ୍ଟ୍ରଟି ନୁହେଁ। ଏଥିରେ ରହିଛି ଅନ୍ୟ ଅନେକ ରାଷ୍ଟ୍ରର ଅବଦାନ। ଏହି ପରିପ୍ରେକ୍ଷୀରେ ଦେଖିଲେ ଆମେ ପ୍ରତିଦିନ ଯେତିକି କିଲୋ କ୍ୟାଲୋରୀ ବିଶିଷ୍ଟ ଖାଦ୍ୟ ଖାଉଛେ, ତା'ର କିଛି ଅଂଶ ହେଉଛି ଆମ ଭାରତ ଭୂଇଁରେ ପ୍ରଥମେ ଅଙ୍କୁରିତ ହୋଇଥିବା ଖାଦ୍ୟ-ଉଦ୍ଭିଦର ଅବଦାନ ତ ଅବଶିଷ୍ଟ କାଲୋରୀତକ ଆମେ ପାଉଛୁ ବିଦେଶୀ ରାଷ୍ଟ୍ରରେ ପରେ ଆମ ଭାରତରେ ଚାଷ ହେଉଥିବା ଖାଦ୍ୟ ଉଦ୍ଭିଦରୁ।


-ଅଭୀପ୍ସା, ସେକ୍ଟର-୬, ପ୍ଲଟ ନଂ-୯ ୧୧୩୧, ଅଭିନବ ବିଡ଼ାନାସୀ,
କଟକ ,ମୋ : ୯୯୩୭୬୬୧୧୭


## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଞ୍ଚା ଲଙ୍କା



କଞ୍ଚା ଲଙ୍କା ଖାଇବାକୁ ରାଗ ଲାଗେ। ଏଥିପାଇଁ ଅନେକେ ଏହାକୁ ଖାଇବାକୁ ପସନ୍ଦ କରି ନ ଥାନ୍ତି। ହେଲେ ଏଥିରେ କେତେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଅଳ୍ପ ପରିମାଣରେ କଞ୍ଚା ଲଙ୍କା ଖାଆନ୍ତି ତେବେ ତାହା ତାଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କେବଳ ସେତିକି ନୁହେଁ, ଏହାକୁ ଖାଇବା ଦ୍ୱାରା ଶରୀରେ ଥିବା ବିଷାକ୍ତ ତତ୍ତ୍ୱକୁ ନିଷ୍କାସନ କରିବାରେ ସାହାଯ୍ୟ କରିଥାଏ। କଞ୍ଚାଲଙ୍କାରେ ଭିଟାମିନ୍ 'ଏ', 'ବି-୬', ଆଇରନ୍, ପୋଟାସିୟମ ଏବଂ କାର୍ବୋହାଇଡ୍ରେଡ ଭରି ରହିଛି।

## ବ୍ଲଡପ୍ରେସରକୁ ସନ୍ତୁଳିତ ରଖେ ଅଳେଇଚ

ସାଧାରଣତଃ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିବା ସମୟରେ ଅଳେଇଚ ବ୍ୟବହାର କରାଯାଇଥାଏ। ଏହା ତା'କୁ ଆହୁରି ସ୍ୱାଦିଷ୍ଟ କରିଥାଏ। ତେବେ ଏଥିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଜଣେ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଅଳେଇଚ ବରଦାନ ସଦୃଶ। ଏହାକୁ ପ୍ରତିଦିନ ଖାଇଲେ ବ୍ଲଡପ୍ରେସର ସନ୍ତୁଳିତ ରହିଥାଏ। ଅଳେଇଚ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ ଏବଂ ପଲ୍‌ସ ରେଟ୍ ଠିକ ରହିଥାଏ। କିଡ୍‌ନୀକୁ ସୁରକ୍ଷା ଦେବାରେ ଏହା କେତେକାଂଶରେ ସହାୟକ ହୋଇଥାଏ ବୋଲି ନିକଟରେ ଏକ ଗବେଷଣାରୁ ଜଣାପଡିଛି। ମ୍ୟାଗ୍ନେସିୟମ ଏବଂ କ୍ୟାଲସିୟମର ଅନ୍ୟତମ ଉତ୍ସ ହେଲା ଅଳେଇଚ।

ବିଶିଷ୍ଟ ବୈଜ୍ଞାନିକ

ଫ୍ରାନ୍‌ସିସ ୱିଲିୟମ ଅଷ୍ଟନ

## ମାସ୍ ସ୍ପେକ୍ଟ୍ରୋଗ୍ରାଫ୍‌ର ଉଦ୍ଭାବକ



ଅଦମ୍ୟ ଚେଷ୍ଟା ସଫଳତାର ଶୀର୍ଷରେ ପହଞ୍ଚାଇବାକୁ ଅନେକାଂଶରେ ସହାୟକ ହୋଇଥାଏ। ଏହାର ଉଦାହରଣ ଭାବରେ ବିଶିଷ୍ଟ ରସାୟନବିତ୍ ତଥା ନୋବେଲ ପୁରସ୍କାର ବିଜେତା ଫ୍ରାନସିସ ଅଷ୍ଟନଙ୍କୁ ନିଆଯାଇପାରେ। ରସାୟନ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ। ଇଂଲଣ୍ଡର ବର୍ମିଂହାମସ୍ଥିତ ହାରବୋର୍ଣ୍ଣଠାରେ ସେ ୧୮୭୭ ସେପ୍ଟେମ୍ବର ୧ରେ ଜନ୍ମଗ୍ରହଣ କରିଥିଲେ। ପିତା ୱିଲିୟମ ଅଷ୍ଟନ ଏବଂ ମା' ଚାର୍ଲୋଟି ହୋଲିସଙ୍କର ଫ୍ରାନସିସ୍ ଥିଲେ ତୃତୀୟ ସନ୍ତାନ। ପ୍ରଥମେ ହାରବୋର୍ଣ୍ଣ ଭିକାରେଗ ସ୍କୁଲ ଏବଂ ପରେ ମ୍ୟାସନ କଲେଜରେ ତାଙ୍କର ଛାତ୍ର ଜୀବନ କଟିଥିଲା। ମ୍ୟାସନ ୟୁନିଭର୍ସିଟି (ବର୍ତ୍ତମାନର ବର୍ମିଂହାମ ୟୁନିଭର୍ସିଟି)ରେ ସେ ଜନ୍ ହେନେରି ପଣ୍ଟିଂଙ୍କ ତତ୍ତ୍ୱାବଧାନରେ ପଦାର୍ଥ ବିଜ୍ଞାନରେ ଗବେଷଣା ଆରମ୍ଭ କରିଥିଲେ। ହେଲେ ଧୀରେ ଧୀରେ ସେ ରସାୟନ ବିଜ୍ଞାନ ପ୍ରତି ଆକର୍ଷିତ ହେଲେ। ଅର୍ଗାନିକ କେମେଷ୍ଟ୍ରି ଉପରେ ତାଙ୍କର ଗବେଷଣା ଏହି ରାସ୍ତାକୁ ଆହୁରି ପ୍ରଶସ୍ତ କରିଦେଇଥିଲା। ଗବେଷଣା ସହ ସେ ଶିକ୍ଷାଦାନରେ ନିଜକୁ ନିୟୋଜିତ ରଖିଥିଲେ। ନିଜର ସ୍ୱତନ୍ତ୍ର ଶିକ୍ଷାଦାନ ଶୈଳୀ ତାଙ୍କୁ ଛାତ୍ରୀଛାତ୍ରଙ୍କ ନିକଟରେ ବେଶ ପରିଚିତ କରାଇପାରିଥିଲା। 'ମାସ୍ ସ୍ପେକ୍ଟ୍ରୋଗ୍ରାଫ' ଉଦ୍ଭାବନ କରି ସେ ରସାୟନ ବିଜ୍ଞାନରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲେ। ଏଭଳି ଗବେଷଣା ପାଇଁ ତାଙ୍କୁ ୧୯୨୦ରେ ସମ୍ମାନଜନକ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଫ୍ରାଙ୍କଲିନ୍ କେବଳ ଜଣେ ରାସାୟନ ବିଜ୍ଞାନୀ ନ ଥିଲେ, ଜଣେ ସ୍କେଟିଂ ଖେଳାଳି ଭାବରେ ସେ ପରିଚିତ ଥିଲେ। ଫଟୋଗ୍ରାଫି ପ୍ରତି ମଧ୍ୟ ତାଙ୍କର ରୁଚି ରହିଥିଲା। ନିଜର ଗବେଷଣା ଜୀବନକୁ ଆଗେଇ ନେବାପାଇଁ ସେ ନିଜକୁ ଚିର ଅବିବାହିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଫ୍ରାଙ୍କଲିନ୍‌ଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା ୧୯୪୫ ନଭେମ୍ବର ୨୦ରେ। ୬୮ ବର୍ଷ ବୟସରେ ସେ ଆରପାରିକୁ ଚାଲିଯାଇଥିଲେ।

## ମସ୍ତିଷ୍କକୁ ଅଧିକ କ୍ରିୟାଶୀଳ କରାଏ ଭିଟାମିନ୍ 'ଡି'

ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ମସ୍ତିଷ୍କ। ଏହା ଯଦି ଠିକ୍ ଭାବରେ କାମ ନ କରେ, ତେବେ ସବୁକିଛି ଓଲଟପାଲଟ ହୋଇଯାଇଥାଏ। ତେଣୁ ଏହା କିପରି ସୁସ୍ଥ ରହିବ ଏବଂ ଉପଯୁକ୍ତ ଭାବରେ କାମ କରିବ, ସେଥିପାଇଁ ଆମେ ସତର୍କ ରହିବା ଆବଶ୍ୟକ। ମସ୍ତିଷ୍କକୁ ଅଧିକ କ୍ରିୟାଶୀଳ କରିବା ପଛରେ ଭିଟାମିନ୍ 'ଡି'ର ପ୍ରମୁଖ ଭୂମିକା ରହିଛି ବୋଲି ମତପୋଷଣ କରିଛନ୍ତି ୟୁନିଭର୍ସିଟି ଅଫ କାଲିଫର୍ନିଆର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ। ସେମାନେ କହିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ବ୍ୟାୟାମ କରନ୍ତି ଏବଂ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଖାଆନ୍ତି, ତେବେ ତାଙ୍କ ମସ୍ତିଷ୍କରେ 'ସେରୋଟୋନିନ' ନାମକ ତତ୍ତ୍ୱ ସନ୍ତୁଳିତ ରହିଥାଏ। ଫଳରେ ମସ୍ତିଷ୍କ ପୂର୍ବ ପରି ସତେଜ ରହେ ଏବଂ ଏହାର କାର୍ଯ୍ୟଧାରା ପ୍ରଭାବିତ ହୋଇ ନ ଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।



## ସଂକ୍ଷେପରେ

### ୭.୫%ରୁ ଅଧିକ ରହିବ ଅଭିବୃଦ୍ଧି

ନୂଆଦିଲ୍ଲୀ,୧୯-୮(ପି.ଟି.): ଘରୋଇ ବଜାରର ଅର୍ଥନୈତିକ ଅଭିବୃଦ୍ଧିରେ ସୁଧାର ଆସୁଛି। ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ୭.୫%ରୁ ଅଧିକ ରହିବ। ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ବୀରମଣି ରବିବାର ଏହା କହିଛନ୍ତି। ଆମେରିକା ଏବଂ ଚାଇନା ମଧ୍ୟରେ ବର୍ତ୍ତମାନ ଟାରିଫକୁ ନେଇ ଯୁଦ୍ଧ ଚାଲିଥିବା ବେଳେ ଏହା ଭାରତ ପାଇଁ ଏକ ସୁଯୋଗ । ଏହି ସମୟରେ ରପ୍ତାନି ବୃଦ୍ଧି ଦ୍ୱାରା ଭାରତ ଲାଭବାନ ହୋଇ ପାରିବ ବୋଲି ସେ କହିଛନ୍ତି। ଗତ ୭ ବର୍ଷ ଧରି ଅର୍ଥନୀତିରେ ବିଭିନ୍ନ ଅସୁବିଧା ଆସିଥିବା ବେଳେ ବର୍ତ୍ତମାନ ଏଥିରେ ସୁଧାର ଆସୁଛି। ସରକାରୀ ସ୍ତରରେ ନିବେଶ, ବିତ୍ତୀୟ ଧାରାକୁ ଠିକ୍ ରଖିବା ଲାଗି ବିଭିନ୍ନ ପଦକ୍ଷେପ ବଜାର ଉପରେ ଭଲ ପ୍ରଭାବ ପକାଉଛି। ଏହି ଧାରା ଜାରି ରହିଲେ ଅଭିବୃଦ୍ଧି ୭.୫%ରୁ ଉନ୍ନତ ହେବ ବୋଲି ବୀରମଣି କହିଛନ୍ତି। ତୈଳ ଦର ବୃଦ୍ଧି ବଜାର ଲାଗି ଏକ ଚ୍ୟାଲେଞ୍ଜ ରହିବ। ଆମେରିକା ଏବଂ ଚାଇନା ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ସାମୟିକ ଲାଗି ବଜାର ଉପରେ ପ୍ରଭାବ ପକାଇବ। ମାତ୍ର ଭାରତ ଏହାଦ୍ୱାରା ଫାଇଦା ଉଠାଇ ପାରିବ ବୋଲି ସେ କହିଛନ୍ତି। ୨୦୩୫ ବେଳକୁ ଭାରତ ଏକ ଶକ୍ତିଶାଳୀ ଅର୍ଥନୀତି ପାଲଟିବ ବୋଲି ସେ ମତ ରଖିଛନ୍ତି। ୨୦୧୮-୧୯ରେ ଅଭିବୃଦ୍ଧି ୭.୫% ଛୁଇଁବ ବୋଲି ନିକଟରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଥିଲେ।

### ଜିଡିପିର ୨.୮% ଛୁଇଁବ ସିଏଡି



ନୂଆଦିଲ୍ଲୀ,୧୯-୮: ୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ଚଳନ୍ତି ଖାତା ନିଅଣ୍ଟ(ସିଏଡି) ମୋଟ ଜିଡିପିର ୨.୮% ଛୁଇଁବ। ଜାପାନର ଫାଇନାନ୍ସିଆଲ୍ ହୋଲଡିଂ କମ୍ପାନୀ ନୋମୁରା ପକ୍ଷରୁ ଏଭଳି ଆକଳନ କରାଯାଇଛି। ଅଶୋଧିତ ତୈଳ ଦର ବୃଦ୍ଧି, ଟଙ୍କା ମୂଲ୍ୟରେ ହ୍ରାସ, ଶେୟାର ବଜାରରୁ ପୁଞ୍ଜି ପ୍ରତ୍ୟାଗମନ ଭଳି ବିଭିନ୍ନ ପ୍ରମୁଖ କାରଣ ଯୋଗୁ ସିଏଡିରେ ଏଭଳି ପରିବର୍ତ୍ତନ ଆସିପାରେ ବୋଲି ନୋମୁରା ପକ୍ଷରୁ ଆସିଥିବା ରିପୋର୍ଟରେ ଏହା ପ୍ରକାଶ ପାଇଛି। ଗତ ବର୍ଷ ସିଏଡି ୧.୯% ସ୍ତରରେ ରହିଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାର ଉପରେ ବିଭିନ୍ନ ବାହ୍ୟ ପ୍ରଭାବ ରହିଥିବା ଯୋଗୁ ଏହା ୨.୮% ସ୍ତର ଛୁଇଁବ ବୋଲି ପ୍ରକାଶ କରିଛି। ୨୦୧୬-୧୭ ଆର୍ଥିକ ବର୍ଷ ତୁଳନାରେ ୨୦୧୭-୧୮ ଆର୍ଥିକ ବର୍ଷ ସିଏଡି ୦.୬% ଅଧିକ ରହିଛି। ଜୁଲାଇରେ ଘରୋଇ ବଜାରର ବାଣିଜ୍ୟ ନିଅଣ୍ଟ ୧୮ ବିଲିୟନ ଡଲାର ରହିଥିଲା। ଏହା ୫ ବର୍ଷର ସର୍ବୋଚ୍ଚ ସ୍ତର ବୋଲି ଜଣାଯାଇଛି।

### ଜେରଥ ପାଥ୍ ଲାବ୍ ପକ୍ଷରୁ ଆଲର୍ଜି ପରୀକ୍ଷଣ

ଭୁବନେଶ୍ୱର,୧୯-୮: ସମସ୍ତଙ୍କ ଶରୀର ସବୁ ଜିନିଷକୁ ଗ୍ରହଣ କରିପାରି ନ ଥାଏ। କେହି କେହି ଫଳମୂଳର ବାସ୍ନା ସହ୍ୟ କରିପାରନ୍ତି ନାହିଁ ତ ଆଉ କେହି ଗାଡି ମୋଟରର ଧୂଆଁ। ଏହି ଗ୍ରହଣ କରି ନ ପାରିବାକୁ ହିଁ ଆଲର୍ଜି ବୋଲି କୁହାଯାଏ। ପୂର୍ବରୁ ଏହି ରୋଗକୁ ଚିହ୍ନଟ କରିବା ଏକ ଜଟିଳ ପ୍ରକ୍ରିୟା ଥିଲା। ଏବେ ଦେଶର ପ୍ରମୁଖ ଅଟୋମେଟେଡ୍ ଆଣ୍ଡ୍ କମ୍ପ୍ୟୁଟରାଇଜ୍ଡ ପାଥୋଲୋଜି ଲାବରେଟୋରି ଚେନ୍ ଜେରଥ ପାଥ ଲାବ୍ ଆଣ୍ଡ୍ ଆଲର୍ଜି ଟେଷ୍ଟିଂ ସେଣ୍ଟର ରକ୍ତ ପରୀକ୍ଷା ମାଧ୍ୟମରେ ଏହାର ସମାଧାନ ବାଟ ବାହାର କରିଛି। ନ୍ୟାଶନାଲ ଆକ୍ରିଡିଏଶନ ବୋର୍ଡ ଟେଷ୍ଟିଂ ଆଣ୍ଡ୍ କ୍ୟାଲିବରେଶନ ଲାବ୍ରୋଟରିଜ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ସଂସ୍ଥା ଓଡିଶାର କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଭବାନୀପାଟଣା, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ ଆଦି ବିଭିନ୍ନ ସ୍ଥାନରେ ଏହାର କଲେକଶନ ସେଣ୍ଟରରେ ଆଲର୍ଜି ପରୀକ୍ଷଣ ସୁବିଧା ଆରମ୍ଭ କରିଛି। ଚଳିତ ମାସ ୧୮ ଓ ୧୯ ତାରିଖ ଏହି ଦୁଇ ଦିନ କାର୍ଯ୍ୟକ୍ରମ ଚାଲିବ ବୋଲି ଅନୁଷ୍ଠାନ ସୂଚନା ଦେଇଛି। ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ସେବା ଉପଲବ୍ଧ ହେଉଛି। ବଜାର ମୂଲ୍ୟଠାରୁ ଯଥେଷ୍ଟ କମ୍ ଦାମ୍‌ରେ ଏହି ସୁବିଧା ପ୍ରଦାନ କରାଯାଉଛି ବୋଲି ଜେରଥ ପାଥ୍ ଲାବ୍ ପକ୍ଷରୁ କୁହାଯାଇଛି।

---

> ଅଭିବୃଦ୍ଧି ପାଇଁ ଉପା ସରକାର ଅମଳରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ବଡ଼ ଅସ୍ଥିରତାର କାରଣ ପାଲଟିଥିଲା।
> – ଅରୁଣ ଜେଟ୍‌ଲୀ, କେନ୍ଦ୍ର ମନ୍ତ୍ରୀ



> ଅନାଦାୟ ଋଣ ଯୋଗୁ ଉପୁଜିଥିବା ବିଭିନ୍ନ ସମସ୍ୟାର ସମାଧାନ ପରେ ଏକ ଉତ୍ତରଦାୟୀ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଆଣିବାର ସୁଯୋଗ ରହିଛି।
> – ରାଜୀବ କୁମାର, ଅର୍ଥ ସେବା ସଚିବ



## ନିର୍ଦ୍ଦେଶନାମା ଜାରିକଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ
# ରାତି ୯ଟା ପରେ ଏଟିଏମ୍‌କୁ ଯିବନି ଟଙ୍କା

ନୂଆଦିଲ୍ଲୀ,୧୯-୮(ପି.ଟି.)




- ଆସନ୍ତା ବର୍ଷରୁ ହେବ କାର୍ଯ୍ୟକାରୀ
- ଗ୍ରାମାଞ୍ଚଳରେ ୬ଟା ପୂର୍ବରୁ ଭର୍ତ୍ତି ହେବ
- ମାଓବାଦୀପ୍ରବଣ ଅଞ୍ଚଳରେ ଅପରାହ୍ନ ୪ଟା ଡେଡ୍‌ଲାଇନ୍
- ଥରକେ ୫ କୋଟିରୁ ଅଧିକ ପରିବହନ ହେବ ନାହିଁ
- କ୍ୟାଶ୍‌ଭ୍ୟାନ୍‌ରେ ରହିବ ସିସିଟିଭି, ଅଗ୍ନି ନିର୍ବାପକ ଓ ସତର୍କ ଘଣ୍ଟି

ସହରାଞ୍ଚଳରେ ରହିଥିବା ଅଟୋମେଟେଡ୍ ଟେଲର ମେଶିନ୍(ଏଟିଏମ୍)ରେ ରାତି ୯ଟା ପରେ ଆଉ ଟଙ୍କା ଭର୍ତ୍ତି କରାଯିବ ନାହିଁ। ଗ୍ରାମାଞ୍ଚଳରେ ଥିବା ଏଟିଏମ୍‌ଗୁଡ଼ିକରେ ସନ୍ଧ୍ୟା ୬ ଟା ପୂର୍ବରୁ ଟଙ୍କା ଭର୍ତ୍ତି କରାଯିବ। ସେହିପରି ଯେଉଁ ଅଞ୍ଚଳଗୁଡ଼ିକ ମାଓବାଦୀପ୍ରବଣ ସେଠାରେ ଥିବା ଏଟିଏମ୍‌ଗୁଡ଼ିକରେ ଅପରାହ୍ନ ୪ଟା ପୂର୍ବରୁ ଟଙ୍କା ଭର୍ତ୍ତି କରାଯିବ। ୨୦୧୯ ଫେବୃୟାରୀ ୮ରୁ ଏହି ନିୟମ କାର୍ଯ୍ୟକାରୀ ହେବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମାରେ ଏହା କୁହାଯାଇଛି।

ବ୍ୟାଙ୍କରୁ ଟଙ୍କା ନେଇ ଏଟିଏମ୍‌ରେ ଭର୍ତ୍ତି କରିବା ପାଇଁ ଯେଉଁ ଘରୋଇ ଏଜେନ୍ସିଗୁଡ଼ିକ ଦାୟିତ୍ୱ ଗ୍ରହଣ କରିଛନ୍ତି ସେମାନେ ଏହି ନିୟମକୁ କଡ଼ାକଡ଼ିଭାବେ ପାଳନ କରିବେ। ବନ୍ଧୁକଧାରୀ ସୁରକ୍ଷାକର୍ମୀ କ୍ୟାଶ୍ ଭ୍ୟାନ୍‌ରେ ସକ୍ରିୟ ରହିଲେ ମଧ୍ୟ ଟଙ୍କା ଭର୍ତ୍ତି ପାଇଁ ଯେଉଁ ସଂଶୋଧିତ ସମୟ ଧାର୍ଯ୍ୟ କରାଯାଇଛି ତାକୁ ଅତିକ୍ରମ କରାଯିବ ନାହିଁ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

ଏହି ବ୍ୟବସ୍ଥାକୁ ସହଜ କରିବା ପାଇଁ ଏଜେନ୍ସିଗୁଡ଼ିକ ମଧ୍ୟାହ୍ନଭୋଜନ ବିରତି ପୂର୍ବରୁ ବ୍ୟାଙ୍କରୁ ଟଙ୍କା ସଂଗ୍ରହ କରିବେ। ମନ୍ତ୍ରଣାଳୟ ଜାରିକରିଥିବା ନୂତନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିୟୋରସ୍ (ଏସ୍‌ଓପିଏସ୍) ଅନୁସାରେ କ୍ୟାଶ୍‌ଭ୍ୟାନ ଉପରେ ଆକ୍ରମଣ, ଏଟିଏମ୍‌ରୁ ଟଙ୍କା ଚୋରି ଭଳି କେତେକ ସମସ୍ୟାକୁ ଦୂର କରିବା ପାଇଁ ଏହି ନୂତନ ବ୍ୟବସ୍ଥା କରାଯାଇଛି।

ସୂଚନା ଅନୁସାରେ ବର୍ତ୍ତମାନ ଦେଶରେ ପ୍ରାୟ ୮୦୦୦ ପ୍ରାଇଭେଟ୍ କ୍ୟାଶ୍ ଭ୍ୟାନ୍ ଅପରେଟିଂ ଏଜେନ୍ସି ସକ୍ରିୟ ଅଛନ୍ତି। ଏଗୁଡ଼ିକୁ ନନ୍-ବ୍ୟାଙ୍କିଙ୍ଗ୍ ପ୍ରାଇଭେଟ୍ ଏଜେନ୍ସି କୁହାଯାଉଥିବା ବେଳେ ଦୈନିକ ପ୍ରାୟ ୧୫,୦୦୦ କୋଟି ଟଙ୍କା ବ୍ୟାଙ୍କରୁ ଏଟିଏମ୍‌କୁ ପରିବହନ କରୁଛନ୍ତି।

ମନ୍ତ୍ରଣାଳୟର ନିଷ୍ପତ୍ତି ଅନୁସାରେ, ପ୍ରତି କ୍ୟାଶ୍‌ଭ୍ୟାନ୍‌ରେ ଡ୍ରାଇଭର ସମେତ ଦୁଇଜଣ ସଶସ୍ତ୍ର ସୁରକ୍ଷା କର୍ମୀ, ଦୁଇଜଣ ଏଟିଏମ୍ ଅଧିକାରୀ ରହିବେ। ଜଣେ ସୁରକ୍ଷା କର୍ମୀ ଡ୍ରାଇଭର ପାଖରେ ସତର୍କ ରହିବେ ଏବଂ ଅନ୍ୟ ଜଣେ ଟଙ୍କା ରଖାଯାଇଥିବା ସ୍ଥାନରେ ଜଗି ରହିବେ।

କ୍ୟାଶ୍ ଲୋଡିଂ ଏବଂ ଅନ୍‌ଲୋଡିଂ ସମୟରେ ଯଦି ଜଣେ ସୁରକ୍ଷା କର୍ମୀଙ୍କୁ ଶୌଚାଳୟ ଯିବାକୁ ହୁଏ ତେବେ ଅନ୍ୟଜଣେ କ୍ୟାଶ୍ ଭ୍ୟାନ୍ ପାଖରେ ରହିବେ। ଚା'ପାନ ବା ଜଳଖିଆ ଖାଇବାକୁ ଥିଲେ ମଧ୍ୟ ଜଣକ ପରେ ଜଣେ ଯିବେ। ଏହି କ୍ୟାଶ୍ ଭ୍ୟାନ୍‌ଗୁଡ଼ିକରେ ଜିପିଏସ୍ ବ୍ୟବସ୍ଥା ରହିବ, ଫଳରେ ଉକ୍ତ ଭ୍ୟାନ୍ କେଉଁ ସ୍ଥାନରେ ରହିଛି ତାହା ମୋବାଇଲ୍ ମାଧ୍ୟମରେ ଜାଣି ହେବ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

## କଟକରେ କୋବ୍‌ର ସ୍ୱତନ୍ତ୍ର ଷ୍ଟୋର




କଟକ,୧୯-୮

ପ୍ରମୁଖ ପୁରୁଷ ଫ୍ୟାଶନ ବ୍ରାଣ୍ଡ କୋବ୍ ପକ୍ଷରୁ କଟକର ବକ୍ସି ବଜାରସ୍ଥିତ ଜିପିଓ ସାମ୍ନାରେ ଏକ ସ୍ୱତନ୍ତ୍ର ଷ୍ଟୋର ଶୁଭାରମ୍ଭ ହୋଇଛି। ନୂଆ ଷ୍ଟୋରକୁ ସମାଜସେବୀ ଡି. ପ୍ରକାଶ ରାଓ ଉଦ୍‌ଘାଟନ କରିଥିଲେ। ଓଡିଶାରେ ଏହା କମ୍ପାନୀର ଦ୍ୱିତୀୟ ଷ୍ଟୋର। କମ୍ପାନୀ ପୁରୀରେ ଏହାର ପ୍ରଥମ ଷ୍ଟୋର ଶୁଭାରମ୍ଭ କରିଥିଲା। ଶୋରୁମ ଶୁଭାରମ୍ଭ ଅବସରରେ ଓପନିଂ ଧମାକା ସେଲ ଆରମ୍ଭ ହୋଇଛି। ଏଥିରେ ଗ୍ରାହକଙ୍କ ପାଇଁ ବାଏ ୨ ଗେଟ୍ ୬ ଅଫର ରହିଛି। ପରିବର୍ତ୍ତିତ ଫ୍ୟାଶନ ଟ୍ରେଣ୍ଡକୁ ଚିହ୍ନଟ କରିବା ସହ ଏଥି ସଂକ୍ରାନ୍ତ ବିଭିନ୍ନ ବ୍ୟବସ୍ଥା ଗ୍ରହଣ ଉପରେ ଧ୍ୟାନ କେନ୍ଦ୍ରିତ କରୁଛୁ ବୋଲି କମ୍ପାନୀର ଡାଇରେକ୍ଟର ଜେନେରାଲ ମାର୍କେଟିଂ (ଭାରତ) ମହସିନ ଶେଖ୍ କହିଛନ୍ତି। ଆସନ୍ତା ଗୋଟିଏ ବର୍ଷ ମଧ୍ୟରେ ୫୦ ଷ୍ଟୋର ଖୋଲିବାକୁ ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି।

ଭୁବନେଶ୍ୱରର ପାଲହାଇଟ୍ସଠାରେ ନୂଆ ଷ୍ଟୋର ଖୋଲିବାକୁ ଯୋଜନା ରହିଥିବା ସେ କହିଛନ୍ତି। ଅନ୍ୟ ଷ୍ଟୋରଗୁଡିକ ଯାଜପୁର, ଅନୁଗୋଳ, ତାଳଚେର ଓ ଝାରସୁଗୁଡା ଭଳି ସହରରେ ସ୍ଥାପନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଘରୋଇ ବଜାରରେ କମ୍ପାନୀର ୨୦୦ରୁ ଉର୍ଦ୍ଧ୍ୱ ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟଲେଟ ଏବଂ ୭୫ ମଲ୍ଟି ବ୍ରାଣ୍ଡ ଆଉଟଲେଟ ରହିଛି। ଗ୍ରାହକଙ୍କୁ ଡିଜାଇନ ପ୍ରେରିତ ପ୍ରଡକ୍ଟ ଯୋଗାଣ ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। କମ୍ପାନୀର ଷ୍ଟୋରଗୁଡିକରେ ସାର୍ଟ, ଟ୍ରାଉଜର, ଡେନିମ୍, ଡେନିମ୍, ଟିସାର୍ଟ, ବ୍ଲେଜର ଉପଲବ୍ଧ ହେଉଛି। ଏହି ଅବସରରେ ମାଷ୍ଟର ଫ୍ରାଞ୍ଚାଇଜି ଶ୍ରଦ୍ଧାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କେରଳକୁ ରିଲିଫ୍ ପଠାଇଲେ ରେଳଭଡ଼ା ଛାଡ଼

ଭୁବନେଶ୍ୱର, ୧୯-୮

କେରଳରେ ଲାଗି ରହିଥିବା ବନ୍ୟାରୁ ସ୍ଥାନୀୟ ଲୋକଙ୍କୁ ଉଦ୍ଧାର କରିବା ତଥା ବିଭିନ୍ନ ରିଲିଫ୍ ସାମଗ୍ରୀ ପ୍ରେରଣ ପାଇଁ ଭାରତୀୟ ରେଳ ମାଗଣା ପରିବହନ ସେବା ଯୋଗାଇବ। ସମସ୍ତ ସରକାରୀ ଓ ବେସରକାରୀ ସଂଗଠନ ଏହାର ସୁଯୋଗ ନେଇ ପାରିବେ। ରେଳ ଯୋଗେ ଯେଉଁ ସବୁ ଜରୁରୀ ରିଲିଫ୍ ସାମଗ୍ରୀମାନ ପଠାଯିବ ସେଥି ବାବଦ କୌଣସି ପରିବହନ ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ। ଭାରତୀୟ ରେଳ ପକ୍ଷରୁ ଜାରି ଏକ ବିବୃତିରେ ଏହା କୁହାଯାଇଛି। ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହି ସେବା ଜାରି ରହିବ। ଦରକାର ପଡିଲେ ଏହି ସମୟକୁ ବଢ଼ାଇ ଦିଆଯିବ ବୋଲି ବିବୃତିରେ କୁହାଯାଇଛି।

ସେହିପରି ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଖୋର୍ଦ୍ଧାରୋଡ୍ ଡିଭିଜନ ଅନ୍ତର୍ଗତ କୌଣସି ସଂସ୍ଥା ଯଦି କେରଳକୁ ରେଳଯୋଗେ ଜରୁରୀ ସାମଗ୍ରୀ ପଠାଇବା ପାଇଁ ଆଗ୍ରହୀ ସେମାନେ ସେଠାକାର ସିନିୟର ଡିଭିଜନ କମର୍ସିଆଲ୍ ମ୍ୟାନେଜରଙ୍କୁ ୮୪୫୫୮୮୭୯୫୦ ନମ୍ବରରେ ଯୋଗାଯୋଗ କରିପାରିବେ। ସେହିପରି ସମ୍ବଲପୁର ରେଳ ଡିଭିଜନ ପାଇଁ ୮୪୫୫୮୮୬୯୫୦ରେ ଯୋଗାଯୋଗ କରିହେବ ବୋଲି ପୂର୍ବତଟ ରେଳପଥ ସୂଚନା ଦେଇଛି।

ଅନ୍ୟପକ୍ଷରେ ସେଠାରେ ଫସି ରହିଥିବା ଓଡିଆଙ୍କୁ ସ୍ଥାନାନ୍ତର କରିବା ପାଇଁ ରବିବାର ଏର୍ଣ୍ଣାକୁଲମ୍‌ରୁ ଦୁଇଟି ସ୍ପେଶିଆଲ୍ ଟ୍ରେନ୍ ବାହାରିଛି। ଏହି ଦୁଇ ଟ୍ରେନ୍ ସାନ୍ତ୍ରାଗାଛି ପର୍ଯ୍ୟନ୍ତ ଯାତ୍ରାକରିବାକୁ ଥିବା ବେଳେ ଆସନ୍ତା ବୁଧବାର ଦିନ ୭ ଟାରୁ ୧୧ଟା ୩୦ ମଧ୍ୟରେ ଭୁବନେଶ୍ୱର ଷ୍ଟେଶନରେ ପହଞ୍ଚିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ।

## ଟ୍ରାଇଡେଣ୍ଟ ଏକାଡେମୀରେ ସିସ୍କୋର ଥିଙ୍କୁବେଟର

ଭୁବନେଶ୍ୱର, ୧୯-୮

ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି ପରିସରରେ ସିସ୍କୋ ପକ୍ଷରୁ ନୂତନ ଥିଙ୍କୁବେଟରର ଶୁଭାରମ୍ଭ ହୋଇଛି। ଏହାକୁ ରାଜ୍ୟ ଇଲେକଟ୍ରୋନିକ୍ସ ଓ ଆଇଟି ବିଭାଗ ସ୍ୱତନ୍ତ୍ର ସଚିବ ସି.ଜେ. ଭେନୁଗୋପାଳ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ଇଣ୍ଟରନେଟ ସଂକ୍ରାନ୍ତ ଜ୍ଞାନକୌଶଳ ବିକାଶ, ଆଞ୍ଚଳିକ ସମସ୍ୟା ସମାଧାନ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଯୁକ୍ତି ଭିତ୍ତିକ ଔଦ୍ୟୋଗିକ ପ୍ରଗତି, ଦକ୍ଷତା ବିକାଶ କ୍ଷେତ୍ରର ଉନ୍ନତି ସାଧନ ହୋଇପାରିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି।

## 'ଉପା ଅମଳର ଉଚ୍ଚ ଅଭିବୃଦ୍ଧିରୁ ଭୁଶୁଡ଼ିଥିଲା ଅର୍ଥନୀତି'

ନୂଆଦିଲ୍ଲୀ,୧୯-୮(ପି.ଟି.)

ପୂର୍ବର ୟୁପିଏ ସରକାରଙ୍କ ସମୟରେ ଉଚ୍ଚ ସ୍ତରର ଅଭିବୃଦ୍ଧି ଯୋଗୁ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିଥିଲା। ଅନିୟନ୍ତ୍ରିତ ବିତ୍ତୀୟ ନିଅଣ୍ଟ ଓ ବ୍ୟାଙ୍କଗୁଡିକ ପକ୍ଷରୁ ବେପାରୁଆ ଭାବେ ଋଣ ପ୍ରଦାନ ଯୋଗୁ ଅର୍ଥନୀତି ଭୁଶୁଡିଥିଲା ବୋଲି ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ସୂଚନା ଦେଇଛି। ରାଜୀବ ଗାନ୍ଧୀଙ୍କ ସମୟର ୧୦% ଅଭିବୃଦ୍ଧି ବିଶେଷ ଭାବେ ଉଚ୍ଚ ଋଣ ପ୍ରଦାନ ଦ୍ୱାରା ହୋଇଥିବାରୁ ୧୯୯୦-୯୨ରେ ଭାରତର ଅର୍ଥବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି। ଏହି ଭଳି ଅସୁବିଧା ପାଇଁ ଉକ୍ତ ସମୟରେ ଭାରତକୁ ଗୋଲ୍ଡ ରିଜର୍ଭକୁ ବିଦେଶ ସ୍ଥାନାନ୍ତର କରିବାକୁ ପଡ଼ିଥିଲା। ଋଣ ସେବା ଖିଲାପ ଭୟକୁ ଏଡ଼ାଇବା ଲାଗି ଭାରତ ଏଭଳି ପଦକ୍ଷେପ ଗ୍ରହଣ କରିଥିଲା ବୋଲି କୁମାର କହିଛନ୍ତି।

ୟୁପିଏ ସମୟରେ ଅଭିବୃଦ୍ଧି ସର୍ବାଧିକ ବୋଲି ନ୍ୟାଶନାଲ ଷ୍ଟାଟିଷ୍ଟିକାଲ କମିଶନ (ଏନଏସ୍‌ସି)ର ସବ୍‌କମିଟି ନିକଟରେ ଆକଳନ କରିଥିଲା। ୨୦୧୧-୧୨ ଜିଡିପି ଅଭିବୃଦ୍ଧି ସିରିଜକୁ ନେଇ କମିଟି ଏଭଳି ଆକଳନ କରିଥିଲା। ଗଣମାଧ୍ୟମରେ ଏ ନେଇ ଆସିଥିବା ରିପୋର୍ଟ ଉପରେ ପ୍ରତିକ୍ରିୟା ରଖି କୁମାର ଏହା କହିଛନ୍ତି। ବ୍ୟାକ ସିରିଜ ଡାଟା ମୁତାବକ ୨୦୦୬-୦୭ରେ ମନମୋହନ ସିଂଙ୍କ ସରକାର ସମୟରେ ଦେଶର ଜିଡିପି ଅଭିବୃଦ୍ଧି ୧୦.୦୮% ରହିଥିଲା। ଏହା ୧୯୯୧ ପରର ଉଦାରୀକରଣ ପରଠାରୁ ସର୍ବୋଚ୍ଚ ସ୍ତର ବୋଲି ରିପୋର୍ଟରେ ଉଲ୍ଲେଖ ରହିଥିଲା। ଅପରପକ୍ଷରେ ମୋଦି ସରକାରଙ୍କ ସମୟରେ ଅଭିବୃଦ୍ଧି ୟୁପିଏ ସରକାରର ଶେଷ ୪ ବର୍ଷର ଅଭିବୃଦ୍ଧିଠାରୁ ଅଧିକ ବୋଲି କୁମାର ଟ୍ୱିଟ ଯୋଗେ କହିଛନ୍ତି। ଏନ୍‌ଏସ୍‌ସିର ସବକମିଟି ଦେଇଥିବା ତଥ୍ୟ ବର୍ତ୍ତମାନ ସୁଦ୍ଧା ଅଫିସିଆଲ ନୁହେଁ ବୋଲି କୁମାର କହିଛନ୍ତି।

**ନୀତି ଆୟୋଗ ଉପାଧ୍ୟକ୍ଷଙ୍କ ପ୍ରତିକ୍ରିୟା**

## ରାଜନଙ୍କୁ ସଂସଦୀୟ କମିଟିର ଡାକରା

ନୂଆଦିଲ୍ଲୀ,୧୯-୮(ପି.ଟି.)

**ଏନ୍‌ପିଏ ଚିନ୍ତା**



- ଏଷ୍ଟିମେଟ୍ କମିଟିକୁ ଭେଟିବେ ରାଜନ୍
- ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କୁ ହୋଇଛି ଜେରା

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ବର୍ତ୍ତମାନ ଅନାଦାୟ ଋଣ(ଏନ୍‌ପିଏ) ଏକ ସମସ୍ୟା ଭାବେ ଉଭା ହୋଇଛି। ଏହା ଉଭୟ ସରକାର ଓ ବ୍ୟାଙ୍କଗୁଡିକ ଲାଗି ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏନ୍‌ପିଏ ବୃଦ୍ଧିକୁ ଧ୍ୟାନରେ ରଖି ସଂସଦୀୟ କମିଟି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କୁ ହାଜର ହେବା ଲାଗି କହିଛି। ଏନ୍‌ପିଏ ସମସ୍ୟାକୁ ନେଇ ରାଜନ କମିଟି ସାମ୍ନାରେ ନିଜର ମତ ରଖିବେ। ସଂସଦୀୟ ଏଷ୍ଟିମେଟ କମିଟର ମୁଖ୍ୟ ଭାବେ ଭାଜପା ନେତା ମୁରଲୀ ମନୋହର ଜୋଷୀ କାର୍ଯ୍ୟ କରୁଛନ୍ତି। ଏନ୍‌ପିଏ ସମସ୍ୟାର ଚିହ୍ନଟ ତଥା ଏହାର ସମାଧାନ ଉପରେ କମିଟି କାର୍ଯ୍ୟ କରୁଛି। ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଅରବିନ୍ଦ ସୁବ୍ରମଣ୍ୟନ ରାଜନଙ୍କୁ କମିଟି ସାମ୍ନାରେ ପ୍ରଶଂସା କରିଥିଲେ। ଏହା ପରେ ରାଜନଙ୍କୁ ହାଜର ହେବା ଲାଗି କମିଟି କହିଥିବା ଜଣାଯାଇଛି।

ଏହି ପ୍ରସଙ୍ଗ ଉପରେ ମତ ରଖିବା ଲାଗି କମିଟି ସାମ୍ନାରେ ହାଜର ହେବାକୁ ଜୋଷୀ ରାଜନଙ୍କୁ ଏକ ଚିଠି ଲେଖିଥିବା ଜଣାଯାଇଛି। ରଘୁରାମ ରାଜନ ଆର୍‌ବିଆଇରେ ୩ ବର୍ଷ ଗଭର୍ନର ଦାୟିତ୍ୱ ଭାର ସମ୍ଭାଳି ଥିଲେ। ୨୦୧୬ ସେପ୍ଟେମ୍ବର ଯାଏ ସେ ଆର୍‌ବିଆଇରେ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସେ ଶିକାଗୋ ବୁଥ ସ୍କୁଲ ଅଫ୍ ବିଜନେସରେ ଫାଇନାନ୍ସ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଏନ୍‌ପିଏ ସମସ୍ୟାକୁ ନେଇ ସିଇଏ ସଂସଦୀୟ କମିଟି ସାମ୍ନାରେ ହାଜର ହେବା ସହ ନିଜର ମତ ରଖିଛନ୍ତି। ଏନ୍‌ପିଏ ସମାଧାନ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ମତ ରଖିବା ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ବୃହତ୍ ଋଣ ଯୋଗୁ ଏପରି ସ୍ଥିତି ଆସିଥିବା ସେ କହିଛନ୍ତି। ବୃହତ୍ ପରିମାଣର ଋଣ ପ୍ରଭାବ ପକାଇ ମଞ୍ଜୁରୀ କରାଯାଇଥିବା ସୁବ୍ରମଣ୍ୟନ କହିଛନ୍ତି।

ବର୍ତ୍ତମାନ ସ୍ଥିତି ଜଟିଳ ଥିବା ବେଳେ ବ୍ୟାଙ୍କରମାନେ ରିଟେଲ ବାଦ୍ ଅନ୍ୟାନ୍ୟ ଋଣ ପ୍ରଦାନ କରିବାକୁ ବିଶେଷ ଭାବେ ଆଗ୍ରହୀ ହେଉ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ସଂସଦୀୟ କମିଟି ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କୁ ମଧ୍ୟ ଏ ପ୍ରସଙ୍ଗରେ ପ୍ରଶ୍ନ କରି ସାରିଛି। ଏହା ମଧ୍ୟରେ ଅର୍ଥ ସଚିବ ହସମୁଖ ଆଧିଆ ମଧ୍ୟ ରହିଛନ୍ତି।

## ୧୫ ଦିନରେ ମିଳିବ ଆଇଟିଆର୍ ରିଫଣ୍ଡ

ନୂଆଦିଲ୍ଲୀ,୧୯-୮




- ପୂର୍ବରୁ ଲାଗୁଥିଲା ୨ରୁ ୩ ମାସ
- ଇ-ଯାଞ୍ଚ ହୋଇଥିଲେ ପ୍ରାଥମିକତା

ଆୟକର ରିଟର୍ନ ଭରୁଥିବା ଟିକସଦାତାଙ୍କ ପାଇଁ ଖୁସି ଖବର। ଆୟକର ରିଟର୍ନର ରିଫଣ୍ଡ ତ୍ୱରିତ ହେବ ବୋଲି ଜଣାଯାଇଛି। ୧୫ ଦିନ ମଧ୍ୟରେ ଟିକସଦାତାଙ୍କୁ ରିଫଣ୍ଡ ମିଳିବ। ଯଦି କୌଣସି ଟିକସଦାତା ଆୟକର ରିଟର୍ନ ଫାଇଲ କରନ୍ତି ତେବେ ତାଙ୍କୁ ୧୫ ଦିନ ମଧ୍ୟରେ ରିଫଣ୍ଡ ମିଳିଯିବ। ରିଫଣ୍ଡ ଲାଗି ଲୋକଙ୍କୁ ପୂର୍ବରୁ ୨ରୁ ୩ ମାସ ସମୟ ଲାଗୁ ଥିଲା। ଯେଉଁ ଟିକସଦାତାଙ୍କ ଇନକମ୍ ଟାକ୍ସ ଫାଇଲିଂ ହେବା ସହ ଇ-ଯାଞ୍ଚ ହୋଇଛି ଉକ୍ତ କ୍ଷେତ୍ରରେ ରିଫଣ୍ଡ ୧୦ରୁ ୧୨ ଦିନ ମଧ୍ୟରେ ଆସିଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି)ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ରିଫଣ୍ଡ ପ୍ରଦାନ ଲାଗି ଆୟକର ବିଭାଗ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ରିଫଣ୍ଡ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଯେଉଁ ଟିକସଦାତାଙ୍କ ଇ-ଯାଞ୍ଚ ହୋଇ ନାହିଁ ଉକ୍ତ କ୍ଷେତ୍ରରେ ରିଫଣ୍ଡ ମିଳିବା ବିଳମ୍ବ ହୋଇଥାଏ ବୋଲି ଅଧିକାରୀ ଜଣକ କହିଛନ୍ତି। ଏପରି ସ୍ଥିତିରେ ଶୀଘ୍ର ଇ-ଯାଞ୍ଚ କରାଇବା ଲାଗି ଆୟକର ବିଭାଗ ପକ୍ଷରୁ ଟିକସଦାତାଙ୍କୁ ସୂଚନା ରହିଛି। ୨୦୧୭-୧୮ ଆର୍ଥିକ ବର୍ଷ ଲାଗି ଆୟକର ରିଟର୍ନ ଭରିବା ଲାଗି ଶେଷ ତାରିଖ ୩୧ ଅଗଷ୍ଟ ରହିଛି। ଧାର୍ଯ୍ୟ ସୀମା ମଧ୍ୟରେ ଆୟକର ରିଟର୍ନ ଫାଇଲ ନ କରିଲେ ୫,୦୦୦ ଟଙ୍କାର ଜରିମାନା ପ୍ରଦାନ କରିବାକୁ ପଡିବ ବୋଲି ଜଣାପଡ଼ିଛି।

# ଘରେ ପହଞ୍ଚିବ ବ୍ୟାଙ୍କ ସେବା

ନୂଆଦିଲ୍ଲୀ,୧୯-୮



- ପୋଷ୍ଟମ୍ୟାନ ହେବେ ବ୍ୟାଙ୍କର
- ୨୧ରେ ଆଇପିପିବି ଶୁଭାରମ୍ଭ
- ସୁଗମ ହେବ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା

ଘରେ ଘରେ ପହଞ୍ଚିବ ବ୍ୟାଙ୍କ ସେବା। ଭାରତୀୟ ଡାକ ବିଭାଗ ପକ୍ଷରୁ ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ(ଆଇପିପିବି) ଚଳିତ ମାସ ୨୧ ତାରିଖ ଠାରୁ ଶୁଭାରମ୍ଭ ହେବାକୁ ଥିବା ବେଳେ ଏହା ଦ୍ୱାରା ବ୍ୟାଙ୍କ ଘରେ ଘରେ ପହଞ୍ଚିବ। ଡାକ ବିଭାଗର ବ୍ୟାଙ୍କ ସେବାକୁ ଡାକବାଲା ଲୋକଙ୍କ ନିକଟରେ ପହଞ୍ଚାଇବେ ବୋଲି ଜଣାଯାଇଛି। ଡିଜିଟାଲ ବ୍ୟାଙ୍କିଙ୍ଗ ଆପ୍ ଦ୍ୱାରା ଡାକବାଲାମାନେ ବ୍ୟାଙ୍କସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବେ। ସାଧାରଣ ଲୋକଙ୍କ ପାଇଁ ବ୍ୟାଙ୍କ ସେବାକୁ ସୁଗମ କରାଇବାକୁ ଡାକ ବିଭାଗ ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ୬୫୦ ଶାଖା ଦ୍ୱାରା ଏହି ସେବା ଉପଲବ୍ଧ ହେବ। ସେହିଭଳି ଉକ୍ତ ବ୍ୟାଙ୍କର ୩୨୫୦ ଆକସେସ୍ ପଏଣ୍ଟ ରହିବ। ସେବା ସହ ୧୧,୫୦୦ ପୋଷ୍ଟମ୍ୟାନ ଯୋଡି ହେବେ। ଅପରପକ୍ଷରେ ସେବା ସହ ୧୭ କୋଟି ପୋଷ୍ଟାଲ ଜମା ଖାତାକୁ ଯୋଡିବା ଲାଗି ସୁବିଧା କରାଯିବ।

ସେହିଭଳି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧.୫୫ ଲକ୍ଷ ଡାକଘରକୁ ଆଇପିପିବି ସହ ଯୋଡିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଅନ୍ୟ ବ୍ୟାଙ୍କ ଭଳି ବିଭିନ୍ନ ବ୍ୟାଙ୍କ ସେବା ଏଠାରେ ଉପଲବ୍ଧ ଥିବା ବେଳେ ବ୍ୟାଙ୍କରେ କ୍ରେଡିଟ୍ ରିସ୍କ ଉପଲବ୍ଧ ହେବ ନାହିଁ। ଏହା କ୍ରେଡିଟ୍ କାର୍ଡ କିମ୍ବା ଅଗ୍ରୀମ ଋଣ ପ୍ରଦାନ କରିବ ନାହିଁ। ବ୍ୟାଙ୍କରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା କରାଯାଇପାରିବ। ସେହିଭଳି ମୋବାଇଲ ପେମେଣ୍ଟ, ଟ୍ରାନ୍ସଫର, କ୍ରୟ ଏବଂ ଏଟିଏମ୍ ସୁବିଧା ଉପଲବ୍ଧ ହେବ। ନୂଆ ବ୍ୟାଙ୍କିଙ୍ଗ ସେବାର ବିସ୍ତାର ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ନୂଆ ଆକାଉଣ୍ଟ, କ୍ୟାଶ ଜମା, ଟଙ୍କା ଉଠାଣ, ମନି ଟ୍ରାନ୍ସଫର, ରିଚାର୍ଜ, ବିଲ୍ ପେମେଣ୍ଟ, ବୀମା ଏବଂ ନିବେଶ ଭଳି ସୁବିଧା ଘରେ ଘରେ ଉପଲବ୍ଧ ହେବ।

ଏହି ଭଳି ସେବାଗୁଡିକୁ ଡାକବାଲା ଲୋକଙ୍କ ନିକଟରେ ପହଞ୍ଚାଇବେ। ମୋବାଇଲ ଏବଂ ଏସ୍‌ଏମ୍‌ଏସ୍ ବ୍ୟାଙ୍କିଂ ବାଦ୍, କ୍ୟୁଆର କାର୍ଡର ସୁବିଧା ମଧ୍ୟ କରାଯିବ। ଏହାଦ୍ୱାରା ବ୍ୟାଙ୍କ ସେବା ଉପଲବ୍ଧ ହେବ। ସମସ୍ତ ପ୍ରକାରର ନେଣଦେଣ ବାୟୋମେଟ୍ରିକ ବ୍ୟବହାର ଦ୍ୱାରା ହେବ। କାର୍ଡ ହଜିଗଲେ ମଧ୍ୟ ଗ୍ରାହକଙ୍କ ଆକାଉଣ୍ଟ ସୁରକ୍ଷିତ ରହିବ। ଯଦି କୌଣସି ବ୍ୟକ୍ତି ପୂର୍ବରୁ ଡାକଘରେ ଖାତା ଖୋଲିଥାନ୍ତି ତେବେ ଏହାକୁ ଆଇପିପିବି ସହ ଯୋଡି ପାରିବେ। ୧ ଲକ୍ଷରୁ ଅଧିକ ବାଲାନ୍ସ ରହିଥିବା ଆକାଉଣ୍ଟଗୁଡିକୁ ସଞ୍ଚୟ ଖାତାରେ ରୂପାନ୍ତରିତ କରାଯାଇପାରେ। ଏଥିରେ ମାସିକ ସର୍ବନିମ୍ନ ଜମା ରଖିବାର କୌଣସି ନିୟମ ନାହିଁ। ସେହିଭଳି ମାସିକ ଉଠାଣ ଏବଂ ଜମାର ସୀମା ମଧ୍ୟ ଧାର୍ଯ୍ୟ ହୋଇ ନ ଥିବା ଜଣାଯାଇଛି।

## ଚାଇନାର ସୁନଙ୍କୁ ପ୍ରଥମ ସ୍ୱର୍ଣ୍ଣ

**ଜାକର୍ତ୍ତା,୧୯।୮(ଏଏଫ୍‌ପି):** ଚାଇନିଜ୍ ଉଷୁ ଆଥ୍‌ଲେଟ୍ ସୁନ ପେୟୁଆନ ଚଳିତ ଏସିଆନ୍ ଗେମ୍ସର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୮ ବର୍ଷୀୟ ସୁନ ଚାଙ୍ଗକୁଆନ କାଟଗୋରୀରେ ଆୟୋଜକ ଇଣ୍ଡୋନେସିଆ ଆଥ୍‌ଲେଟ ଜାଭିଅର ମାର୍ଭେଲୋଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଚାଇନିଜ୍ ଆଥ୍‌ଲେଟ ସର୍ବାଧିକ ୯.୭୫ ସ୍କୋର କରିଥିଲେ। ଏହି ଇଭେଣ୍ଟରେ ଚାଇନିଜ୍ ତାଇପେ ସାଇ ସେମିନ ପ୍ରଥମ ବ୍ରୋଞ୍ଜ ପଦକ ନେଇଛନ୍ତି। ଉଲ୍ଲେଖଥାଉ କି, ଇଞ୍ଚନଠାରେ ଅନୁଷ୍ଠିତ ୨୦୧୪ ଏସିଆନ୍ ଗେମ୍ସରେ ଚାଇନା ସର୍ବାଧିକ ୧୫୧ ସ୍ୱର୍ଣ୍ଣ ପଦକ ଜିତିଥିଲା। ଆଞ୍ଚଳିକ ତଥା ଏସିଆନ ଅଲିମ୍ପିକ୍ସ ଭାବେ ପରିଚିତ ଏସିଆନ୍ ଗେମ୍ସରେ ୧୯୮୨ଠାରୁ ଚାଇନା ପଦକ ତାଲିକାର ଶୀର୍ଷରେ ରହି ଆସୁଛି ।

## ବାସ୍କେଟବଲ: ଚାଇନିଜ୍ ତାଇପେଠାରୁ ହାରିଲା ଭାରତ

**ଜାକର୍ତ୍ତା,୧୯।୮(ପି.ଟି.):** ଭାରତୀୟ ମହିଳା ବାସ୍କେଟବଲ ଦଳର କ୍ରମାଗତ ୨ୟ ପରାଜୟ ଯୋଗୁ ଏସିଆନ୍ ଗେମ୍ସରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଯାଇଛି। ଭାରତୀୟ ଦଳକୁ ୬୧-୮୪ ବ୍ୟବଧାନରେ ଚାଇନିଜ ତାଇପେ ଦଳ ପରାସ୍ତ କରିଛି। ଏହା ଭାରତୀୟ ଦଳର କ୍ରମାଗତ ୨ୟ ପରାଜୟ। ଏଥିପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଭାରତ ୬୧-୭୯ ପଏଣ୍ଟରେ କାଜାକସ୍ତାନଠାରୁ ପରାସ୍ତ ହୋଇଥିଲା। ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ଦଳ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ୨୮-୩୩ ବ୍ୟବଧାନରେ ପଛୁଆ ଥିଲା। କିନ୍ତୁ ମ୍ୟାଚ୍‌ର ୩ୟ କ୍ୱାର୍ଟରରେ ପ୍ରତିପକ୍ଷ ଦଳ ତା'ର ଅଗ୍ରଣୀ ବ୍ୟବଧାନକୁ ୬୪-୪୫ ବୃଦ୍ଧି କରି ନେଇଥିଲା। ଫଳରେ ୪ର୍ଥ କ୍ୱାର୍ଟରରେ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଭାରତୀୟ ଦଳ ମୁକାବିଲାକୁ ଫେରି ପାରି ନ ଥିଲା। ଆଗାମୀ ୨୩ ତାରିଖରେ ଖେଳାଯିବାକୁ ଥିବା ପରବର୍ତ୍ତୀ ମ୍ୟାଚ୍‌ରେ ଭାରତ, ମିଳିତ କୋରିଆକୁ ଭେଟିବ।

## ପଦାର୍ପଣରେ ରୋନାଲ୍ଡୋ ବିଫଳ

**ଭେରୋନା(ଇଟାଲି),୧୯।୮ (ଏଏଫ୍‌ପି):** ପର୍ତ୍ତୁଗାଲ ଷ୍ଟାର ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ସିରି ଏ' ଲିଗ୍ ପଦାର୍ପଣରେ ବିଫଳ ହୋଇଛନ୍ତି। କିନ୍ତୁ ଲିଗ୍‌ର ଡିଫେଣ୍ଡିଂ ଚାମ୍ପିୟନ ଜୁଭେଣ୍ଟସ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଜୁଭେଣ୍ଟସ ୩-୨ ଗୋଲ୍‌ରେ ଚିଏଭୋକୁ ପରାସ୍ତ କରିଛି। ୩୩ ବର୍ଷୀୟ ରୋନାଲ୍ଡୋ ଗତ ମାସରେ ସ୍ପାନିଶ କ୍ଲବ ରିଅଲ ମାଡ୍ରିଡ୍ ଛାଡ଼ି ଜୁଭେଣ୍ଟସ କ୍ଲବରେ ସାମିଲ ହୋଇଛନ୍ତି। ତାଙ୍କ ବିଫଳ ପ୍ରଦର୍ଶନ ସତ୍ତ୍ୱେ ଇଟାଲିର କ୍ଲବ ସମ୍ପୂର୍ଣ୍ଣ ୩ ପଏଣ୍ଟ ଅର୍ଜନ କରିଛି।

## ଇଣ୍ଡିଆ ରେଡ୍- ଇଣ୍ଡିଆ ବ୍ଲୁ ଫାଇନାଲ

**ବେଙ୍ଗାଲୁରୁ, ୧୯।୮:** ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ବ୍ଲୁ ମଧ୍ୟରେ ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ରବିବାର ଅନୁଷ୍ଠିତ ଅନ୍ତିମ ରାଉଣ୍ଡ ରବିନ୍ ମ୍ୟାଚ୍‌ରେ ଇଣ୍ଡିଆ ରେଡ୍ ୯ ଉଇକେଟ୍‌ରେ ଇଣ୍ଡିଆ ଗ୍ରୀନ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ ଗ୍ରୀନ୍ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରି ୧୮.୪ ଓଭରରେ ମାତ୍ର ୫୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ସଜୀବନ ସାଜନ (୧୧) ଓ ସି. ପ୍ରତ୍ୟୁଷା (୧୪)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସ୍‌ମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳି ସୁଶ୍ରୀ ପ୍ରଧାନ ଓପନିଂ କରିବାକୁ ଆସି ୮ଟି ବଲ୍ ଖେଳି ମାତ୍ର ୧ ରନ୍ କରିଥିଲେ। ଇଣ୍ଡିଆ ରେଡ୍ ପକ୍ଷରୁ ରୀମା ଲକ୍ଷ୍ମୀ ଏକ୍କା ୩ଟି ଓ ଶିଖା ପାଣ୍ଡେ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଇଣ୍ଡିଆ ରେଡ୍ ୯.୨ ଓଭରରେ ଗୋଟିଏ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପୁନମ ରାଉତ ୨୬ ଓ ହରିନ ଦେଓ୍ୱଲ ୨୪ ରନ୍ କରି ଅପରାଜିତ ରହିଥିଲେ। ଇଣ୍ଡିଆ ରେଡ୍ ୪ଟି ମ୍ୟାଚ୍ ଖେଳି ୩ଟି ବିଜୟ ସହ ସର୍ବାଧିକ ୧୨ ପଏଣ୍ଟ ପାଇଥିବାବେଳେ ଇଣ୍ଡିଆ ବ୍ଲୁ (୮) ଓ ଇଣ୍ଡିଆ ଗ୍ରୀନ୍ (୪) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ଅଗଷ୍ଟ ୨୧ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ଅପୂର୍ବୀ-ରବି ଖାତା ଖୋଲିଲେ



୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟ ଶୁଟିଂ ଅବସରରେ ଭାରତର ରବି କୁମାର ଓ ଅପୂର୍ବୀ ଚାଣ୍ଡିଲା।



ସ୍ୱର୍ଣ୍ଣ ପଦକ ଜିତିବା ପରେ ତ୍ରିରଙ୍ଗା ସହ ରେସଲର୍ ବଜରଙ୍ଗ ପୁନିଆ (ମଝି)।

**ପାଲେମବାଙ୍ଗ, ୧୯।୮(ପି.ଟି.)**

ଏସିଆନ୍ ଗେମ୍ସର ୧୮ତମ ସଂସ୍କରଣର ପ୍ରଥମ ଦିନରେ ଭାରତ ପଦକ ତାଲିକାରେ ଖାତା ଖୋଲିଛି। ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟ ଶୁଟିଂରେ ଭାରତର ଅପୂର୍ବୀ ଚାଣ୍ଡିଲା ଓ ରବି କୁମାର ବ୍ରୋଞ୍ଜ ଜିତି ଭାରତ ପାଇଁ ପ୍ରଥମ ପଦକ ହାସଲ କରିଛନ୍ତି। ୪୮ ଶଟ୍ ଫାଇନାଲରେ ଭାରତର ଏହି ଦୁଇ ଶୁଟର ୪୨ ଶଟ୍‌ରେ ଏଗ୍ରିଗେଟ୍ ୪୨୯.୯ ସ୍କୋର କରିଥିଲେ। ଚାଇନା ଯୋଡ଼ି ରୁଓଜ୍ଝୁ ଝାଓ ଓ ହାଓରାନ ୟାଙ୍ଗ୍ ୪୯୨.୫ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଚାଇନିଜ ତାଇପେଇ ଯୋଡି ୟିଙ୍ଗଶିନ୍ ଲିନ୍ ଓ ଶାଓଚୁଆନ ଲୁ ୪୯୪.୧ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କୋରିଆ ଓ ମଙ୍ଗୋଲିଆ ଶୁଟରମାନେ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ। ତାରକା ରେସ୍‌ଲର ବଜରଙ୍ଗ ପୁନିଆ ପୁରୁଷ ଫ୍ରି ଷ୍ଟାଇଲ ୬୫ କେଜି ବର୍ଗ ପ୍ରତିଯୋଗିତାରେ ବାଜି ମାରି ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଇଭେଣ୍ଟର ପ୍ରଥମ ସିରିଜ ପରେ ୧୦୨.୯ ପଏଣ୍ଟ ପାଇ ଭାରତ ଦ୍ୱିତୀୟ ଓ କୋରିଆ ୧୦୩.୪ ପଏଣ୍ଟ ପାଇଁ ପ୍ରଥମ ସ୍ଥାନରେ ଥିଲେ। ତୃତୀୟ ସିରିଜ୍ ପର୍ଯ୍ୟନ୍ତ ଭାରତ ଅବଶ୍ୟ ତା' ସ୍ଥାନ ବଜାୟ ରଖିଥିଲା। କିନ୍ତୁ ଶେଷରେ ଚାଇନା ଯୋଡି ଉନ୍ନତ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ନେଇଥିଲା। ମଙ୍ଗୋଲିଆ ପ୍ରଥମେ ଓ ପରେ କୋରିଆ ପ୍ରତିଯୋଗିତାରୁ ବାଦ୍ ପଡିଥିଲା। ଏହା ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ଅପୂର୍ବୀ ଓ ରବି ୮୩୫.୩ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ୫୦ ମିନିଟର ଏହି ସେସନରେ ଉଭୟ ୪୦ଟି ଶଟ୍ ଫାୟାର କରିଥିଲେ। ଏଥିରେ ଦକ୍ଷିଣ କୋରିଆ ଯୋଡି ହେଓନଜୁନ କିମ ଓ ଇଉନହି ଜୁଣ୍ଡ ଶୀର୍ଷରେ ରହିଥିଲେ। ମଙ୍ଗୋଲିଆ ତୃତୀୟ, ଚାଇନା ଚତୁର୍ଥ ଓ ତାଇପେଇ ପଞ୍ଚମ ଏବଂ ଫାଇନାଲ କ୍ୱାଲିଫିକେଶନ ସ୍ଥାନରେ ରହିଥିଲେ। ଏଥିସହ ଚାଣ୍ଡିଲା ପ୍ରଥମଥର ପାଇଁ ଏସିଆନ ଗେମ୍ସ ପଦକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଏବେ ସେ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଆହୁରି ଭଲ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ ଲକ୍ଷ୍ୟରେ ରହିଛନ୍ତି। ଚାଣ୍ଡିଲା ପୂର୍ବରୁ ଏକାଧିକ ବାର ବିଶ୍ୱକପ୍ ବିଜୟିନୀ ସାବ୍ୟସ୍ତ ହୋଇଛନ୍ତି। ସେ ମଧ୍ୟ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ବିଶ୍ୱକପ୍ ବ୍ରୋଞ୍ଜ ପଦକ ବିଜେତା ରବି ଗତ ଇଞ୍ଚିଅନ ଏସିଆନ ଗେମ୍ସରେ ପୁରୁଷ ୧୦ ମିଟର ରାଇଫଲ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ।

ପ୍ରଥମ ଏସିଆନ ଗେମ୍ସ ପଦକ ହାସଲ କରିଥିବାରୁ ଚାଣ୍ଡିଲା ତାଙ୍କ ପ୍ରଦର୍ଶନ ନେଇ ବେଶ୍ ସନ୍ତୋଷ ପ୍ରକଟ କରିଛନ୍ତି। ଏହା ପୂର୍ବରୁ ବିଶ୍ୱକପ୍‌ରେ ଆମେ ଚତୁର୍ଥ ସ୍ଥାନରେ ରହି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲୁ ଓ ଏବେ ଏଥିରେ ଉନ୍ନତି ଆଣି ପଦକ ହାସଲ କରିଛୁ। ଭାରତ ପାଇଁ ମୋର ଏହା ପ୍ରଥମ ପଦକ। ଏବେ ସୋମବାର ଖେଳାଯିବାକୁ ଥିବା ୧୦ ମିଟର ରାଇଫଲ ଇଭେଣ୍ଟ ଉପରେ ମନୋନିବେଶ କରୁଛି ବୋଲି ଚାଣ୍ଡିଲା କହିଛନ୍ତି। ଫାଇନାଲରେ ଦ୍ୱିତୀୟରୁ ତୃତୀୟ ସ୍ଥାନକୁ ଖସିବା ନେଇ ସେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଶୁଟିଂ ଏପରି ହୋଇଥାଏ ବୋଲି ସେ କହିଛନ୍ତି। ଅନ୍ୟପଟେ ଯୋଗ୍ୟତା ପର୍ଯ୍ୟାୟରେ ଆମେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଫାଇନାଲରେ ଭଲ ସ୍କୋର କରିପାରି ନ ଥିଲୁ ଓ ଅପୂର୍ବୀଙ୍କ ପାଇଁ ବ୍ରୋଞ୍ଜ୍ ଜିତିଲୁ ବୋଲି ରବି କହିଛନ୍ତି। ପୂର୍ବରୁ ଆମେ ସାଥୀ ହୋଇ ଏକାଠି ପ୍ରଶିକ୍ଷଣ ନେବାର ସୁଯୋଗ ପାଇ ନ ଥିଲୁ ବୋଲି ସେ କହିଛନ୍ତି। ତେବେ ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତୀୟ ଶୁଟରମାନେ ନିରାଶ କରିଛନ୍ତି। ଟିନ୍ ସେନ୍‌ସେସନ ମନୁ ଭାକର ଓ ଅଭିଷେକ ବର୍ମା ଫାଇନାଲକୁ କ୍ୱାଲିଫାଏ କରିପାରି ନ ଥିଲେ। ମନୁ ନିଜ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଅଭିଷେକଙ୍କ ପ୍ରଦର୍ଶନ ମଧ୍ୟ ଆଶାନୁରୂପ ହୋଇପାରି ନ ଥିଲା।

ଅନ୍ୟପଟେ ପୁରୁଷ ଟ୍ରାପ୍ କ୍ୱାଲିଫିକେଶନରେ ଅଭିଜ୍ଞ ମାନବଜିତ୍ ସିଂ ସାନ୍ଧୁ ୭୫ରୁ ୭୨ ସ୍କୋର କରି ଶୀର୍ଷରେ ରହିଛନ୍ତି। ସେହିପରି ଲକ୍ଷ୍ୟ ସୋରେନ ୭୧ ସ୍କୋର କରି ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ମହିଳା ଟ୍ରାପ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟିନୀ ଶ୍ରେୟାସି ସିଂ ୭୫ରୁ ୭୧ ସ୍କୋର କରି ଦ୍ୱିତୀୟ ଓ ସୀମା ତୋମାର ୭୧ ସ୍କୋର କରି ଚତୁର୍ଥ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ ଶ୍ରେଷ୍ଠ ୬ଟି ସ୍ଥାନରେ ରହିଥିବା ଶୁଟରମାନେ ସୋମବାର ଖେଳାଯିବାକୁ ଥିବା ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

**ନୂଆଦିଲ୍ଲୀ, ୧୯।୮(ପି.ଟି.)**

ଜାକର୍ତ୍ତାରେ ଆରମ୍ଭ ହୋଇଥିବା ୧୮ତମ ଏସିଆ ଗେମ୍ସରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ତାରକା ରେସଲର୍ ବଜରଙ୍ଗ ପୁନିଆ ଓ ପ୍ରଥମ ପଦକ ଜିତି ଖାତା ଖୋଲିଥିବା ଦୁଇ ଶୁଟର ଅପୂର୍ବୀ ଚାଣ୍ଡିଲା ଓ ରବି କୁମାରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ଏହି ଦୁଇ ଶୁଟର ଯୋଡି ୧୦ ମିଟର ଏୟାର ରାଇଫଲ ମିକ୍ସ ଟିମ୍ ଶୁଟିଂ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ସେହିପରି ବଜରଙ୍ଗ ପୁରୁଷ ଫ୍ରି ଷ୍ଟାଇଲ ୬୫ କେଜି ବର୍ଗରେ ବାଜି ମାରିଥିଲେ। ଆଗକୁ ଏମାନେ ଆହୁରି ପଦକ ହାସଲ କରିବେ ବୋଲି ସେ ଟୁଇଟ୍ କରି ଆଶାପ୍ରକାଶ କରିଛନ୍ତି।

## ପ୍ରଥମ ରାଉଣ୍ଡରୁ ସୁଶୀଲ ବିଦା



ଭାରତୀୟ ଅଭିଜ୍ଞ ରେସ୍‌ଲର ତଥା ଡବଲ ଅଲିମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାର ଏସିଆନ ଗେମ୍ସ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଫଳରେ ତାଙ୍କ କ୍ୟାରିୟର ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୭୪ କେ.ଜି. ବର୍ଗ ରେସ୍‌ଲିଂରେ ସେ ବାହାରିନ୍‌ର ଆଡାମ ବାଟିରୋଭ୍‌ଙ୍କଠାରୁ ପ୍ରଥମ ରାଉଣ୍ଡରେ ୩-୫ରେ ପରାଜୟ ବରଣ କରି ବିଦାୟ ନେଇଛନ୍ତି। ୨୦୦୮ ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ଓ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ୩୫ ବର୍ଷୀୟ ସୁଶୀଲ କିନ୍ତୁ ଆଗକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜୋର୍ ଦେଇ କହିଛନ୍ତି। ଏହି ପରାଜୟ ମୁଁ ଆଶା କରି ନ ଥିଲି ବୋଲି ସେ କହିଛନ୍ତି। ଏହା ପୂର୍ବରୁ ସୁଶୀଲ ଗତ ୪ ବର୍ଷ ମଧ୍ୟରେ ତାଙ୍କର ପ୍ରଥମ ବାଉଟ୍‌ରେ ପରାଜୟ ବରଣ କରିଥିଲେ। ସେ ଗତ ମାସ ଟିବିଲିସ୍ ଗ୍ରାଣ୍ଡ ପ୍ରିକ୍ସରେ ପରାସ୍ତ ହୋଇଥିଲେ। ସେ ମଧ୍ୟ ଶ୍ରେଷ୍ଠ ଫର୍ମରେ ନ ଥିବା ନେଇ ଚର୍ଚ୍ଚା ହେଉଥିଲା।

## କବାଡ଼ିରେ ବିଜୟ ଅଭିଯାନ




ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଏସିଆନ ଗେମ୍ସରେ ଗତଥର ଚାମ୍ପିୟନ ଭାରତୀୟ ପୁରୁଷ ଓ ମହିଳା କବାଡ଼ି ଦଳ ଏଥର ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ରବିବାର ମହିଳା ଦଳ ଜାପାନକୁ ହରାଇଥିବା ବେଳେ ପୁରୁଷ ଦଳ ବାଂଲାଦେଶକୁ ପରାସ୍ତ କରିଛି। ଭାରତୀୟ ପୁରୁଷ ଦଳ ଗ୍ରୁପ୍ ଏ'ର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୫୦-୨୧ରେ ହରାଇବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୪୪-୨୮ରେ ହରାଇଥିଲା।

ଅନ୍ୟପଟେ ଭାରତୀୟ ମହିଳା ଦଳ ଗ୍ରୁପ୍ ଏ'ରେ ତା'ର ପ୍ରଥମ ମ୍ୟାଚ୍‌ରେ ଜାପାନକୁ ୪୩-୧୨ରେ ହରାଇଥିଲା। ସୋମବାର ମହିଳା ଦଳ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଥାଇଲାଣ୍ଡକୁ ଭେଟିବ। ସେହିପରି ପୁରୁଷ ଦଳ ଦକ୍ଷିଣ କୋରିଆ ବିପକ୍ଷ ମୁକାବିଲାରେ ଅବତୀର୍ଣ୍ଣ ହେବ। ଉଭୟ ଦଳର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା ଓ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ।

## ସୁଇମିଂ: ସଜନ, ଶ୍ରୀହରିଙ୍କ ଅଭିଯାନ ଶେଷ

ଦୁଇ ଭାରତୀୟ ସନ୍ତରଣକାରୀ ସଜନ ପ୍ରକାଶ ଓ ଶ୍ରୀହରି ନଟରାଜ ଯଥାକ୍ରମେ ପଞ୍ଚମ ଓ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ପୁରୁଷ ୨୦୦ ମିଟର ବଟରଫ୍ଲାଏରେ ସଜନ ପଞ୍ଚମ ଓ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟରେ ଶ୍ରୀହରି ସପ୍ତମ ସ୍ଥାନରେ ରହି ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ୨୦୦ ମିଟର ବଟରଫ୍ଲାଏ ଫାଇନାଲରେ ସାଜନ ୧:୫୭.୭୫ ସେକେଣ୍ଡ ସମୟ ନେଇଥିଲେ। ଜାପାନର ସେଟୋ ଡାଇୟା ୧:୫୪.୫୩ ସେକେଣ୍ଡ ସମୟ ନେଇ ବିଜୟୀ ହୋଇଥିଲେ। ସଜନ ହିଟ୍ସରେ ତୃତୀୟ ଦ୍ରୁତତମ ସନ୍ତରଣକାରୀ ଭାବେ ଯୋଗ୍ୟତା ହାସଲ କରିଥିଲେ। ସେହିପରି ୧୦୦ ମି. ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ଶ୍ରୀହରି ୫୬.୧୯ ସେକେଣ୍ଡ ନେଇଥିଲେ। ତାଙ୍କର କ୍ୱାଲିଫିକେଶନ ଟାଇମ୍ ଥିଲା ୫୫.୮୬। ୮ ଜଣ ଫାଇନାଲିଙ୍କ ମଧ୍ୟରେ ସେ ସବୁଠାରୁ ମନ୍ଥର ଥିଲେ। ପୂର୍ବରୁ ରବିବାର ଅନ୍ୟତମ ଭାରତୀୟ ସନ୍ତରଣକାରୀ ସୌରଭ ସାଙ୍ଗଭେକର ୨୦୦ ମିଟର ଫ୍ରି ଷ୍ଟାଇଲ ଇଭେଣ୍ଟରେ ୧:୫୪.୮୭ ସେକେଣ୍ଡ ସମୟ ନେଇ ବିଦାୟ ନେଇଥିଲେ।

## ମହିଳା ହକିରେ ଭାରତର ବୃହତ୍ ବିଜୟ

### ଗୁରଜିତଙ୍କ ହ୍ୟାଟ୍ରିକ୍

**ଜାକର୍ତ୍ତା,୧୯।୮(ପି.ଟି.)**

ଡ୍ରାଗ୍ ଫ୍ଲିକର ଗୁରଜିତ୍ କୌରଙ୍କ ହ୍ୟାଟ୍ରିକ୍ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ଏସିଆନ ଗେମ୍ସରେ ଏକ ଦମ୍‌ଦାର ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଭାରତ ରବିବାର ପୁଲ୍ ବି'ରେ ତା'ର ପ୍ରଥମ ମ୍ୟାଚରେ ୮-୦ ଗୋଲରେ ଆୟୋଜକ ଇଣ୍ଡୋନେସିଆକୁ ପରାସ୍ତ କରିଛି। ଏହି ମ୍ୟାଚରେ ଭାରତ ସମ୍ପୂର୍ଣ୍ଣରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ୍ ଚାର୍ଟରେ ସ୍ଥାନ ପାଇ ନ ଥିବା ଇଣ୍ଡୋନେସିଆ ଅଭିଜ୍ଞତାର ଅଭାବ କାରଣରୁ ଏକପ୍ରକାର ଆତ୍ମସମର୍ପଣ କରିଥିଲା। ଅନ୍ୟପଟେ ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ୍‌ର ନବମ ସ୍ଥାନରେ ଥିବା ଭାରତ ଘରୋଇ ଦଳକୁ କୌଣସି ସୁଯୋଗ ଦେଇ ନ ଥିଲା। ଗୁରଜିତ ୧୬, ୨୨ ଓ ୫୭ତମ ମିନିଟରେ ୩ଟି ଗୋଲ ଦେଇଥିଲେ। ସେହିପରି ବନ୍ଦନା କାଟାରିୟା ୧୩ ଓ ୨୭ତମ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ। ଉଦିତା ଷଷ୍ଠ, ଲାଲରେମସିଆମି ୨୪ ଓ ନବନୀତ କୌର ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ। ଭାରତ ଇଣ୍ଡୋନେସିଆ ଗୋଲପୋଷ୍ଟକୁ ୩୧ଥର ଶଟ୍ ମାରିଥିଲା। ଭାରତ ମଧ୍ୟ ଏହି ମ୍ୟାଚ୍‌ରେ ୧୯ଟି ପେନାଲ୍ଟି କର୍ନର ପାଇଥିଲା। ତେବେ ଭାରତ ମାତ୍ର ୩ଟିକୁ ଗୋଲରେ ପରିଣତ କରିବାକୁ ସକ୍ଷମ ହୋଇଥିଲା ଓ ଏଗୁଡିକ ଗୁରଜିତଙ୍କ ମାଧ୍ୟମରେ ସଫଳ ହୋଇଥିଲା। ଉଲ୍ଲେଖଥାଉ କି, ୨୦୧୪ ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତ ତା'ର ପରବର୍ତ୍ତୀ ମ୍ୟାଚରେ କାଜାଖସ୍ତାନକୁ ଭେଟିବ।

## ସ୍ୱର୍ଣ୍ଣ ବିଜୟିନୀ ଓଡ଼ିଆ ଖେଳାଳି ଫେରିଲେ

### ସାଫ୍ ୧୫ବର୍ଷରୁ କମ୍ ବାଳିକା ଫୁଟବଲ ଚାମ୍ପିୟନଶିପ

**କଟକ ଅଫିସ, ୧୯।୮**

ଜାତୀୟ ଦଳରୁ ପ୍ରତିନିଧିତ୍ୱ କରି ସାଫ୍ ୧୫ବର୍ଷରୁ କମ୍ ବାଳିକା ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତକୁ ଚାମ୍ପିୟନ କରାଇବା ସହ ସ୍ୱର୍ଣ୍ଣ ପଦକ ଜିତିଥିବା ୪ ଓଡ଼ିଆ ଝିଅ ରବିବାର ଓଡ଼ିଶା ଫେରିଛନ୍ତି। ଏହି ୪ ପ୍ରତିଭା ହେଲେ କଟକ ସାଇ ହଷ୍ଟେଲର ଜ୍ୟୋତି କୁମାରୀ, ସୁନ୍ଦରଗଡ଼ ସ୍ପୋର୍ଟସ ହଷ୍ଟେଲର ମଞ୍ଜୁ ଗଞ୍ଜୁ, ସରିତା ସୋରେଙ୍ଗ ଓ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲର ସଙ୍ଗୀତା ଦାସ। ଭୁବନେଶ୍ୱର ଏୟାରପୋର୍ଟରେ ୪ଜଣ ଯାକ ସନ୍ଧ୍ୟା ୬.୧୦ରେ ପହଞ୍ଚିଥିଲେ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଯୁଗ୍ମ ସମ୍ପାଦିକା ସଙ୍ଗୀତା ଶର୍ମା ସେମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଥାଉକି, ଭୁଟାନ ଠାରେ ଖେଳାଯାଉଥିବା ଏହି ଚାମ୍ପିୟନଶିପ୍‌ର ଫାଇନାଲ ମୁକାବିଲାରେ ଭାରତ ୧-୦ ଗୋଲରେ ବାଂଲାଦେଶକୁ ହରାଇ ଚାମ୍ପିୟନ ହୋଇଥିଲା ।



ଫାଓ ଯୁଗ୍ମ ସମ୍ପାଦିକା ସଙ୍ଗୀତା ଶର୍ମାଙ୍କ ସହ ୪ ଓଡ଼ିଆ ବାଳିକା ଫୁଟବଲ ଖେଳାଳି।

## ଫାଓ ଲିଗ୍ ରୋଭର୍ସ କ୍ଲବ ବିଜୟୀ

**କଟକ ଅଫିସ,୧୯।୮**

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ରବିବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଲାଲ୍‌ବାଗ କ୍ଲବ ଓ ୱେଷ୍ଟର୍ନ ମହାବୀର କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର ରହିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ରୋଭର୍ସ କ୍ଲବ ୨-୦ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ରୋଭର୍ସ କ୍ଲବ ପକ୍ଷରୁ ଉକ୍ତ ୨ଟି ଯାକ ଗୋଲ ସ୍କୋର ହୋଇଥିଲା। ବିଜୟ ମୁଖୀ ୧୦ମ ମିନିଟ୍‌ରେ ଓ ଅନ୍ତର୍ଯ୍ୟାମୀ ନାୟକ ୧୩ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇ ରୋଭର୍ସ କ୍ଲବକୁ ବିଜୟୀ କରାଇଥିଲେ।



❝ ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇଟି କ୍ରିକେଟ ଟେଷ୍ଟରେ ଲଜ୍ଜାଜନକ ପରାଜୟ ଦ୍ୱାରା ଆମ ଖେଳାଳିମାନେ ଚାପରେ ରହିଛନ୍ତି ।
–ସଞ୍ଜୟ ବାଙ୍ଗର, ଭାରତର ସହକାରୀ କୋଚ୍



❝ ତୃତୀୟ ଟେଷ୍ଟରେ ଟସ୍ ଜିତିବା ପରେ ଆମେ ଭାରତକୁ ଶୀଘ୍ର ଆଉଟ୍ କରି ଚାପ ସୃଷ୍ଟି କରିବାକୁ ଚାହିଁଥିଲୁ, କିନ୍ତୁ ସେମାନେ ଭଲ ଖେଳିଲେ ।
–କ୍ରିସ୍ ଓକ୍ସ, ଇଂଲଣ୍ଡ ପେସ୍ ବୋଲର

## ସଂକ୍ଷେପରେ

### କ୍ରିକେଟରୁ ଜନ୍ସନଙ୍କ ଅବସର



ସିଡ୍ନୀ, ୧୯।୮(ଏଏଫ୍ପି): ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଜନ୍ସନ ରବିବାର କ୍ରିକେଟର ସମସ୍ତ ପ୍ରକାର ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ପୂର୍ବରୁ ୩୬ ବର୍ଷୀୟ ଜନସନ ୨୦୧୫ରେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେଇସାରିଥିଲେ। କିନ୍ତୁ ଏହାପରେ ସେ ଟି୨୦ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ପର୍ଥ ସ୍କଚର୍ସ ଏବଂ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଅଂଶଗ୍ରହଣ କରିଆସୁଥିଲେ। 'ବିଶ୍ୱର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଟି୨୦ ଲିଗ୍ ଆସନ୍ତାବର୍ଷ ପର୍ଯ୍ୟନ୍ତ ଖେଳିବାକୁ ଚାହୁଁଥିଲି। କିନ୍ତୁ ମୋ ଶରୀର ସହାୟତା ନ କରିବାରୁ ଅବସର ନେବାକୁ ନିଷ୍ପତ୍ତି ନେଲି' ବୋଲି ସେ କହିଛନ୍ତି। ନିଜର ଘାତକ ବୋଲିଂ ପାଇଁ ବେଶ୍ ଜଣାଶୁଣା ଥିବା ବାମହାତୀ ବୋଲର ଜନ୍ସନ ୭୩ଟି ଟେଷ୍ଟ ଓ ୧୫୩ଟି ଏକଦିବସୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୩୧୩ ଓ ୨୩୯ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ସେହିଭଳି ୩୦ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ରୁ ୩୮ଟି ଉଇକେଟ୍ ନେଇଛନ୍ତି। ଆଇପିଏଲ୍ରେ ସେ ମୁମ୍ବାଇ ଇଣ୍ଡିଆନ୍ସ, କୋଲକାତା ନାଇଟ୍ ରାଇଡର୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି।

### ଅରବିନ୍ଦ-କେନ୍ଦ୍ରୀୟ ବିଦ୍ୟାଳୟ ମ୍ୟାଚ୍ ଡ୍ର

ଭୁବନେଶ୍ୱର, ୧୯।୮(ସ୍ପୋର୍ଟ୍ସ ବ୍ୟୁରୋ): ୟୁନିଟ୍-୬ ଆଥ୍ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଆନ୍ତଃ ସ୍କୁଲ ଫୁଟ୍ବଲ ଟୁର୍ନାମେଣ୍ଟ ରବିବାର ଅରବିନ୍ଦ ହାଇସ୍କୁଲ (ଗଣ୍ଡରପୁର) ଓ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବିନା ହାର୍ଜିତ୍ରେ ଶେଷ ହୋଇଛି। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିବାରୁ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା। ଅରବିନ୍ଦ ସ୍କୁଲ ପକ୍ଷରୁ ଦେବେନ୍ଦ୍ର ସାମଲ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଓମ୍ ଆଶୀର୍ବାଦ ଖୁଣ୍ଟିଆ ଗୋଟିଏ ଲେଖାଏ ଗୋଲ କରିଥିଲେ। ପୂର୍ବତନ ଆଥ୍ଲେଟ୍ ପ୍ରଣତୀ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅରବିନ୍ଦ ସ୍କୁଲର ବିକାଶ ପଢ଼ିହାରୀଙ୍କୁ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

## ■ ପାଣ୍ଡ୍ୟାଙ୍କୁ ୫ ଉଇକେଟ ସଫଳତା

# ଭାରତ ପ୍ରଥମ ଇନିଂସ ଅଗ୍ରଣୀ

ନଟିଂହାମ୍, ୧୯।୮

ସ୍ଥାନୀୟ ଟ୍ରେଣ୍ଟବ୍ରିଜ୍ଠାରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟରେ ଭାରତ ପ୍ରଭାବୀ ପ୍ରଦର୍ଶନ କରି ପ୍ରଥମ ଇନିଂସରେ ଅଗ୍ରଣୀ ଲାଭ କରିଛି। ଟସ୍ ହାରି ପ୍ରଥମେ ଭଲ ବ୍ୟାଟିଂ କରିବା ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୫ ଉଇକେଟ ସଫଳତା ଯୋଗୁ ଦଳ ଇଂଲଣ୍ଡକୁ ୩୮.୨ ଓଭରରେ ୧୬୧ ରନ କରି ଅଲଆଉଟ କରିଦେଇଛି। ଫଳରେ ଭାରତ ୧୬୮ରନରେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିପାରିଛି। ଘରୋଇ ଦଳର ଟପ୍ ସ୍କୋରର ଜୋସ୍ ବଟଲର ମାତ୍ର ୩୯ ରନ କରିଥିବାବେଳେ ଆଲିଷ୍ଟର କୁକ୍ ୨୯ ଓ କିଟନ ଜେନିଙ୍ଗ୍ସ ୨୦ ରନ କରିଥିଲେ। ପାଣ୍ଡ୍ୟା ୬ ଓଭର ବୋଲିଂ କରି ୧ ମେଡେନ ସହ ୨୮ ରନ ବିନିମୟରେ ୫ଟି ଉଇକେଟ ଅକ୍ତିଆର କରିଥିଲେ। ଯଶପ୍ରୀତ ବୁମରା ଓ ଈଶାନ୍ତ ଶର୍ମା ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିବାବେଳେ ମହମ୍ମଦ ଶାମି ଗୋଟିଏ ଉଇକେଟ ନେଇଥିଲେ।

ଜବାବରେ ଖବର ନେବାବେଳକୁ ଭାରତ ଦ୍ୱିତୀୟ ଇନିଂସରେ ୧ ଉଇକେଟ ବିନିମୟରେ ୬୪ ରନ କରିଛି। ହାତରେ ଆଉ ୯ ଉଇକେଟ ରହିଥିବାବେଳେ ମୋଟ ଉପରେ ୨୩୨ ରନ ଅଗ୍ରଣୀ ଲାଭ କରିଛି। ଲୋକେଶ ରାହୁଲ ୩୬ରନ (୩୩ବଲ୍ ୭ ଚୌକା) କରି ଆଉଟ ହୋଇଯାଇଥିବା ବେଳେ ଶିଖର ଧାୱନ ୨୩ ଓ ଚେତେଶ୍ୱର ପୂଜାରା ୪ ରନ କରି ଅପରାଜିତ ରହିଥିଲେ।

ରବିବାର ସକାଳେ ଭାରତ ପୂର୍ବଦିନର ଅସମାପ୍ତ ସ୍କୋର ୩୦୭/୬ ସ୍କୋରରୁ ଖେଳ ଆରମ୍ଭ କରିଥିଲା। ଟେଲ୍ ଏଣ୍ଡରଙ୍କ ବିଫଳତା ପାଇଁ ଦଳ ୭.୫ ଓଭରରେ ଆଉ ମାତ୍ର ୨୨ ରନ ଯୋଗ କରି ୩୨୯ ରନରେ ଅଲଆଉଟ ହୋଇଯାଇଥିଲା। ୯୪.୫ ଓଭରରେ ଭାରତର ପ୍ରଥମ ଇନିଂସ ଶେଷ ହୋଇଥିଲା। ଭ୍ରମଣକାରୀ ଦଳର ଟପ୍ ସ୍କୋର ରହିଥିଲେ ଅଧିନାୟକ ବିରାଟ କୋହଲି। ସେ ୯୭ ରନ କରିଥିବାବେଳେ ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ଥିଲେ ଅଜିଙ୍କ୍ୟ ରାହାନେ ୮୧ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଜେମ୍ସ ଆଣ୍ଡରସନ (୩/୬୪), ଷ୍ଟୁଆର୍ଟ ବ୍ରଡ୍ (୩/୭୨) ଓ କ୍ରିସ୍ ଓକ୍ସ (୩/୭୫) ତିନୋଟି ଲେଖାଏଁ ଉଇକେଟ ନେଇଥିଲେ।

ବର୍ଷାଯୋଗୁ ରବିବାର ଦ୍ୱିତୀୟ ଦିବସ ଖେଳ ୩୦ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା। ସମସ୍ତଙ୍କ ନଜର ଯୁବ ଖେଳାଳି ରିଷଭ ପନ୍ତ (୨୪ରନ)ଙ୍କ ଉପରେ ରହିଥିଲା। ସେ ତାଙ୍କ ପୂର୍ବଦିନ ସ୍କୋରରେ କେବଳ ୨ରନ ଯୋଗ କରିପାରିଥିଲେ। ବ୍ରଡ୍ ତାଙ୍କୁ ବୋଲ୍ଡ କରିଦେଇଥିଲେ। ପନ୍ତଙ୍କ ପରେ ଅନ୍ୟ ବ୍ୟାଟ୍ସମ୍ୟାନମାନେ କ୍ରିଜ୍ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ରବି ଚନ୍ଦ୍ରନ ଅଶ୍ୱିନ ୧୪ ରନ କରି ବ୍ରଡ୍ଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ମହମ୍ମଦ ଶାମି (୩) ଓ ଯଶପ୍ରୀତ ବୁମ୍ରା (୦)ଙ୍କୁ ଜେମ୍ସ ଆଣ୍ଡରସନ ତାଙ୍କର ଲଗାତର ଦୁଇଟି ବଲ୍ରେ ଆଉଟ କରିଦେଇଥିଲେ। ଏଥିସହିତ ସେ ଭାରତୀୟ ଇନିଂସରେ ପରିସମାପ୍ତି ଘଟାଇଥିଲେ।



ଆଲିଷ୍ଟର କୁକ୍ଙ୍କୁ ଆଉଟ୍ କରିବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ: ୩୨୯/ଅଲଆଉଟ** (କୋହଲି–୯୭, ରାହାନେ–୮୧, କ୍ରିସ୍ ଓକ୍ସ–୩/୭୫, ଷ୍ଟୁଆର୍ଟ ବ୍ରଡ୍–୩/୭୨, ଆଡିଲ ରସିଦ–୧/୪୬, ଜେମ୍ସ ଆଣ୍ଡରସନ–୩/୬୪)।

**ଇଂଲଣ୍ଡ ପ୍ରଥମ ଇନିଂସ: ୩୮.୨** ଓଭରରେ ୧୬୧/ଅଲଆଉଟ (ଜୋସ୍ ବଟଲର–୩୯, ଆଲିଷ୍ଟର କୁକ୍–୨୯, କିଟନ ଜେନିଙ୍ଗ୍ସ–୨୦ ; ହାର୍ଦ୍ଦିକ ପାଣ୍ଡ୍ୟା–୫/୨୮, ଈଶାନ୍ତ ଶର୍ମା–୨/୩୨, ଯଶପ୍ରୀତ ବୁମ୍ରା–୨/୩୭, ମହମ୍ମଦ ଶାମି–୧/୪୬)।

# ନାକାମୁରାଙ୍କ ସହ ଡ୍ର ରଖିଲେ ଆନନ୍ଦ

ସେଣ୍ଟ ଲୁଇସ୍ (ଆମେରିକା), ୧୯।୮ (ପି.ଟି.)

ସିଙ୍କ୍ଫିଲ୍ଡ କପ୍ ଚେସ୍ ଟୁର୍ନାମେଣ୍ଟରେ ୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଭଲ ଆରମ୍ଭ କରିଛନ୍ତି। ସେ ପ୍ରଥମ ରାଉଣ୍ଡରେ ଆମେରିକାର ହିକାରୁ ନାକାମୁରାଙ୍କ ବିପକ୍ଷ ଗେମ୍ ସହଜ ଡ୍ର ରଖିଛନ୍ତି। ଗ୍ରାଣ୍ଡ ଚେସ୍ ଟୁର୍ର ଅଂଶବିଶେଷ ଏହି ପ୍ରତିଯୋଗିତା ଖେଳାଯାଉଛି। ଅନ୍ୟପକ୍ଷରେ ଶାଖ୍ରିୟାର ମାମେଦୟାରୋଭ ତାଙ୍କ ପ୍ରଥମ ରାଉଣ୍ଡ ଗେମ୍ରେ ଆମେରିକାର ୱେସ୍ଲେ ସୋଙ୍କୁ ହରାଇ ଦେଇଛନ୍ତି। ରବିବାର ଫଇସଲା ହୋଇଥିବା ଅନ୍ୟ ଏକ ଗେମ୍ରେ ଆର୍ମେନିଆର ଲେଭନ ଆରୋନିଆନ ଚମତ୍କାର ପ୍ରଦର୍ଶନ ସହ ରୁଷିଆର ସର୍ଗେ କାର୍ଜାକିନ୍ଙ୍କୁ ହରାଇ ଦେଇଥିଲେ। ୧୦ଜଣ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ରାଉଣ୍ଡ–ରବିନ୍ ବିଶିଷ୍ଟ ଟୁର୍ନାମେଣ୍ଟର ଅନ୍ୟ ଦୁଇଟି ଗେମ୍ ଡ୍ର' ଭାବେ ଶେଷ ହୋଇଥିଲା। ମାକ୍ସିମି ଭାଚିର–ଲାଗ୍ରେଭ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନଙ୍କ ସହିତ ପଏଣ୍ଟ ବଣ୍ଟାଆରା କରିଥିବାବେଳେ ଆମେରିକାର ଫାବିଆନୋ କାରୁଆନା ରୁଷିଆର ଆଲେକ୍ଜାଣ୍ଡର ଗ୍ରିସ୍ଚୁକ୍ଙ୍କ ବିପକ୍ଷ ଗେମ୍ ଅମୀମାଂସିତ ରଖିଥିଲେ। ୩୦୦୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଆଉ ୮ ରାଉଣ୍ଡ ଖେଳ ବାକି ରହିଥିବା ବେଳେ ମାମେଦୟାରୋଭ ଓ ଆରୋନିଆନ ପ୍ରତ୍ୟେକ ଗୋଟିଏ ପଏଣ୍ଟ ସହ ମିଳିତ ଅଗ୍ରଣୀ ଲାଭ କରିଥିବାବେଳେ ଆନନ୍ଦ, ନାକାମୁରା, କାର୍ଲସେନ, ଭାଚିର–ଲାଗ୍ରେଭ, କାରୁଆନା ଓ ଗ୍ରୀସ୍ଚୁକ୍ ଅଧା ପଏଣ୍ଟ ସହ ସେମାନଙ୍କ ପଛରେ ରହିଛନ୍ତି।

### ଆସାମ ସୁପର କପ୍ ଖେଳିବାକୁ ପ୍ରମୋଦଙ୍କୁ ନିମନ୍ତ୍ରଣ



କଟକ ଅଫିସ, ୧୯।୮

ସେପ୍ଟେମ୍ବର ୨୧ରେ ଆସାମରେ ହେବାକୁ ଥିବା ବାହୁ କୁସ୍ତି ଚାମ୍ପିୟନଶିପ୍ ସୁପର କପ୍ ଖେଳିବାକୁ ରାଜ୍ୟର ପ୍ରତିଭାବାନ୍ ବାହୁକୁସ୍ତି ଖେଳାଳି ପ୍ରମୋଦ ମୁଖୀଙ୍କୁ ନିମନ୍ତ୍ରଣ କରାଯାଇଛି। ଗତ ମେ'ରେ ଲକ୍ଷ୍ନୌର ରବିନ୍ଦ୍ରାଳୟ ଅଡିଟୋରିୟମ ହଲ୍ରେ ଅନୁଷ୍ଠିତ ୪୨ତମ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାରେ ପ୍ରମୋଦ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ଚାମ୍ପିୟନ ଅଫ୍ ଚାମ୍ପିୟନ ଟାଇଟଲ ବିଜୟୀ ହୋଇଥିଲେ। ଦେଶର ଚାମ୍ପିୟନ ଅଫ୍ ଚାମ୍ପିୟନ ଟାଇଟଲ ବିଜେତା ହୋଇଥିବାରୁ ଆସାମ ବାହୁକୁସ୍ତି ସଂଘ ଗତ ଦୁଇଦିନ ତଳେ ସ୍ୱତନ୍ତ୍ର ଭାବେ ମୋତେ ଏହି ନିମନ୍ତ୍ରଣ କରିଛି ବୋଲି ପ୍ରମୋଦ ସୂଚନା ଦେଇଛନ୍ତି। ସୁପର କପ୍ରେ ଆସାମର ଶ୍ରେଷ୍ଠ ୫ଜଣ ପ୍ରତିଯୋଗୀଙ୍କ ସହ ପ୍ରାଥମିକ ପର୍ଯ୍ୟାୟରେ ମୁକାବିଲା ହେବ। ପରେ ଦେଶର ଅନ୍ୟ ପ୍ରତିଭାମାନଙ୍କୁ ନେଇ ସେ ମ୍ୟାଚ୍ ଖେଳିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ କଟକ ଅଲିସା ବଜାରର ପ୍ରମୋଦ ଅକ୍ଟୋବର ୧୩ରୁ ତୁର୍କୀର ଆଣ୍ଟାଲ୍ୟା ସହରରେ ହେବାକୁ ଥିବା ୪୦ତମ ବିଶ୍ୱ ଚାମ୍ପିୟନଶିପ୍ ନିମନ୍ତେ ମଧ୍ୟ ପ୍ରସ୍ତୁତି ଜୋର୍ଦାର ଚଳାଇଥିବା କହିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ରେ ପ୍ରମୋଦ ସିନିୟର ପୁରୁଷ ୯୦ କେଜି ବର୍ଗରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଉକ୍ତ ଚାମ୍ପିୟନଶିପ୍ ନିମନ୍ତେ ସେ ଆର୍ଥିକ ସଙ୍କଟ ମଧ୍ୟରେ ରହିଥିଲେ। ତାଙ୍କୁ ମୋଟ୍ ୧ଲକ୍ଷ ୫୪ହଜାର ଟଙ୍କା ଭାରତୀୟ ବାହୁକୁସ୍ତି ମହାସଂଘ ନିକଟରେ ପୈଠ କରିବାକୁ ହେବ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ଗତ ମାସରେ କଟକ ଜିଲାପାଳ ସୁଶାନ୍ତ ମହାପାତ୍ରଙ୍କ ଦ୍ୱାରା ଏକ ଘରୋଇ ସଂସ୍ଥା ୫୧ହଜାର ଟଙ୍କା ପ୍ରମୋଦଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା।

## ■ ରାଜ୍ୟସ୍ତରୀୟ ଉଷୁ ଚାମ୍ପିୟନଶିପ୍

# ସୁନ୍ଦରଗଡ଼ ଚାମ୍ପିୟନ

ବେଲପାହାଡ଼, ୧୯।୮(ଡି.ଏନ୍.ଏ.)

ଗତ ଦୁଇଦିନ ଧରି ଝାରସୁଗୁଡ଼ା ଜିଲା ବେଲପାହାଡ଼ଠାରେ ଚାଲିଥିବା ୨୬ତମ ଓଡ଼ିଶା ରାଜ୍ୟ ଉଷୁ ଚାମ୍ପିନସଶିପ ରବିବାର ଉଦ୍ଯାପିତ ହୋଇଛି। ଏଥିରେ ସୁନ୍ଦରଗଡ଼ ଜିଲା ଚାମ୍ପିୟନ ହୋଇଛି। ସୁନ୍ଦରଗଡ଼ର ପ୍ରତିଯୋଗୀମାନେ ୨୭ଟି ସ୍ୱର୍ଣ୍ଣ, ୨୧ଟି ରୌପ୍ୟ ଓ ୯ଟି ବ୍ରୋଞ୍ଜ୍ ପଦକ ହାସଲ କରି ଏହି ସଫଳତା ହାସଲ କରିଛନ୍ତି। ବଡ଼ବିଲ ଜିନ୍ଦଲରୁ ଆସିଥିବା ପ୍ରତିଯୋଗୀମାନେ ୨୭ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୧୨ଟି ବ୍ରୋଞ୍ଜ୍ ପଦକ ପାଇ ପ୍ରଥମ ରନର୍ସଅପ୍ ଟ୍ରଫି ହାସଲ ହାସଲ କରିଛନ୍ତି। ସେହିପରି ଖୋର୍ଦ୍ଧାର ପ୍ରତିଯୋଗୀମାନେ ୧୩ଟି ସ୍ୱର୍ଣ୍ଣ, ୧୪ଟି ରୌପ୍ୟ ଓ ୨୧ଟି ବ୍ରୋଞ୍ଜ୍ ପଦକ ପାଇ ଦ୍ୱିତୀୟ ରନର୍ସଅପ ଟ୍ରଫି ହାସଲ କରିବାରେ ସଫଳ ହୋଇଛନ୍ତି। ଶନିବାର ଅପରାହ୍ନରେ ବେଲପାହାଡ଼ର ଜୁବୁଲି ହଲ୍ଠାରେ ଉଷୁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ରାଜ୍ୟର ୨୭ଟି ଜିଲାରୁ ଆସିଥିବା ୩୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସିନିୟର, ଜୁନିୟର ଓ ସବ୍ଜୁନିୟର ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୁଭେନ୍ଦୁ ସାମନ୍ତରାୟ, ଶରତ ଦାସ, ଶୁଭ୍ରାଂଶୁ ପଣ୍ଡା, ଅନୁରାଧା ଡୋରା, ମିଥୁନ ଚକ୍ରବର୍ତ୍ତୀ, ବିନୋଦ ପ୍ରଧାନ, ସୁଜନ ରଥ, ଯୁଧିଷ୍ଠିର ଗୁରୁହାଣ୍ଡି, ବିଭୂତି ଭୂଷଣ ବେହେରା, ନଟବର ସେଠୀ, କିଶୋର ମହାନ୍ତି ଓ ନବୀନ ସିଂ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିଥିଲେ। ରବିବାର ସନ୍ଧ୍ୟାରେ ଉଦ୍ଯାପନୀ ତଥା ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଉଷୁ ଆସୋସିଏଶନ ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ, ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଆୟୋଜକ ସମ୍ପାଦକ ନବୀନ ସିଂ ଓ ଝାରସୁଗୁଡ଼ା ଜିଲା ଉଷୁ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ ଉପସ୍ଥିତ ଥିଲେ।




ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଚାମ୍ପିୟନ ସୁନ୍ଦରଗଡ଼ ଜିଲାର ପ୍ରତିଯୋଗୀଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଅଗଷ୍ଟ ୨୦/୨୦୧୮ Balasore, Monday, August 20/ 2018

# କେରଳ ବନ୍ୟାରେ ଫସିଛନ୍ତି ତିହିଡ଼ିର ୧୫ ଶ୍ରମିକ

ତିହିଡ଼ି,୧୯।୮(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳର ୧୫ ଜଣ ଶ୍ରମିକ କେରଳ ବନ୍ୟାରେ ଫସି ରହିଛନ୍ତି। ଏହି ଶ୍ରମିକମାନେ ଆହ୍ଲାହାରଠାରେ ଥିବା ଏକ ପ୍ଲାଏଉଡ୍ କାରଖାନାରେ କାମ କରୁଥିଲେ। ବନ୍ୟା ହେବା ପରେ ସେମାନେ ସେଠାରୁ ଉଦ୍ଧାର ହୋଇପାରି ନାହାନ୍ତି। ରାଜନଗର ପଞ୍ଚାୟତ ବାହାରପାଳ ଗ୍ରାମର ରମେଶ ପଲେଇ, ଗଦି ଅଞ୍ଚଳର ଅଜୟ ବାରିକ, ଜିତେନ୍ଦ୍ର ବାରିକ ଏବଂ ଅମୃତପୁର, ଅଲାଳ, ଜାମଯୋଡ଼ି ଗ୍ରାମର ଅନ୍ୟ ୧୨ ଶ୍ରମିକ ମଧ୍ୟ ୩ ଦିନ ହେଲା ବନ୍ୟାଘେରରେ ରହି ଦୟନୀୟ ଜୀବନ ବିତାଉଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ନିବେଦନ କରିଛନ୍ତି।

# ଚୋରା କୋଇଲା ବୋଝେଇ ୨ ଟ୍ରକ ଜବତ

ବାହାନଗା,୧୯।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ବିପିସିଏଲ ପେଟ୍ରୋଲ ଟାଙ୍କି ନିକଟରୁ ୩୫ ଟନ୍ ଚୋର କୋଇଲା ବୋଝେଇ ୨ଟି ଟ୍ରକକୁ ଖନ୍ତାପଡା ଥାନା ପୋଲିସ ଜବତ କରିଛି। ଏନେଇ ଥାନାରେ ୨ଟି ପୃଥକ ମାମଲା (ନଂ. ୩୨୧/୧୮, ୩୨୨/୧୮ ) ରୁଜୁ ହୋଇଛି । ୨ଟି ଟ୍ରକର ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି।

ଭଦ୍ରକରୁ ବିହାର ଧାନବାଦ ଅଞ୍ଚଳକୁ ଏକ ଟ୍ରକ (ନଂ.ଓଆର୧୧ ଜେ ୭୩୪୭)ରେ ୨୦ ଟନ୍ କୋଇଲା ବୋଝେଇ ହୋଇ ଚାଲାଣ ହେଉଥିବା ବେଳେ ଅନ୍ୟ ଏକ ଟ୍ରକ (ନଂ.ଓଆର୦୯ଜି୩୧୩୭)ରେ ୧୫ ଟନ୍ କୋଇଲା ଚୋରାଚାଲାଣ ହେଉଥିଲା। ପୋଲିସ ଖବରପାଇ ପେଟ୍ରୋଲ ଟାଙ୍କି ନିକଟରେ ଛିଡା ହୋଇଥିବା ୨ଟି ଟ୍ରକ୍‌କୁ ଜବତ କରିଥିଲା। ଉଭୟ ଟ୍ରକ ଡ୍ରାଇଭର ବାଲେଶ୍ୱର ବାଲୁବଜାରର ସେକ୍ ରଫିକ୍ ଓ ଭଦ୍ରକ ଜିଲା ଚରମ୍ପାର ପଥରଆଡି ଗ୍ରାମର ପ୍ରହ୍ଲାଦ କୁମାର ଦାସଙ୍କୁ ପୋଲିସ ଗିରଫ କରିଛି ।




ଋଣ ନାଁରେ ଠକେଇ ମାମଲା

# ଗିରଫ ହେଲେ ଫିଲ୍ଡ ଅଫିସର

ତିହିଡ଼ି,୧୯।୮(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି କଲେଜ ଛକ ନିକଟରେ ଏକ ଘରୋଇ କମ୍ପାନୀର ଫିଲ୍ଡ ଅଫିସର ମହିଳା ଗୋଷ୍ଠୀଙ୍କୁ ଋଣ ଦେବା ନାଁରେ ଠକିଥିବା ଅଭିଯୋଗ ହୋଇଥିଲା। ଶନିବାର ପୋଲିସ ଅଟକ ରଖିଥିବା ଉକ୍ତ କମ୍ପାନୀର ଫିଲ୍ଡ ଅଫିସର ହିମାଂଶୁ ପଟ୍ଟନାୟକଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ମହିଳାଙ୍କୁ ଋଣ ଦେବା ନାଁରେ ଠକିଥିବା ଜେରା ବେଳେ ଫିଲ୍ଡ ଅଫିସର ହିମାଂଶୁ ସ୍ୱୀକାର କରିଥିଲେ ବୋଲି ପୋଲିସ ସୂଚନା ଦେଇଛି।

ତିହିଡ଼ି କଲେଜ ଛକରେ ଖୋଲିଥିବା ଏହି ଘରୋଇ କମ୍ପାନୀ ବିଭିନ୍ନ ମହିଳା ଗୋଷ୍ଠୀଙ୍କୁ ଋଣ ଦେଉଥିଲା। ବାଂଶଡ଼ା ଥାନା ଅଧୀନ ଯଶୀପୁର ଗ୍ରାମର ଏକ ମହିଳା ଗୋଷ୍ଠୀକୁ ୩୦ ହଜାର ଟଙ୍କା ଋଣ ପ୍ରଦାନ କରିଥିଲା। ସେହି ସମୟରେ ହିମାଂଶୁ କମ୍ପାନୀର ଫିଲ୍ଡ ଅଫିସର ଦାୟିତ୍ୱରେ ଥିଲେ। କିଛିଦିନ ପରେ ଗୋଷ୍ଠୀର ସମ୍ପାଦିକା ଜାନକୀ ନାୟକଙ୍କୁ ଡାଇରୀ ଫାର୍ମ ପାଇଁ ୫ ଲକ୍ଷ ଟଙ୍କା ଦିଆଯାଉଥିବା ଏବଂ ଏଥିରେ ୨ଲକ୍ଷ ଟଙ୍କା ସବ୍‌ସିଡ୍ ଥିବା ସେ କହିଥିଲେ। ପରେ ସେ ସମ୍ପାଦିକା ନାୟକଙ୍କୁ ୨ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଗତ ଜୁଲାଇ ମାସରେ ସମ୍ପାଦିକା ନାୟକ ତାଙ୍କୁ ୧ ଲକ୍ଷ ୮୦ ହଜାର ଟଙ୍କା ଦେଇଥିଲେ। ଏହାପରେ ଫିଲ୍ଡ ଅଫିସର କେଉଁଆଡ଼େ ଫେରାର ହୋଇଯାଇଥିଲେ। ସମ୍ପାଦିକା ନାୟକ କମ୍ପାନୀ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ତାଙ୍କ ଭେଟ ନ ପାଇବାରୁ ଶେଷରେ ତିହିଡ଼ି ଥାନା ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏନେଇ ଏକ ମାମଲା (ନଂ.୨୭୩/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ହିମାଂଶୁଙ୍କୁ ଗଞ୍ଜାମ ଜିଲାର ତାଙ୍କ ଗ୍ରାମ ଚଣ୍ଡିପଦରରୁ ଧରି ଥାନାକୁ ଆଣିଥିଲା। ତେବେ ସେ ଅନ୍ୟ କୌଣସି ଗୋଷ୍ଠୀକୁ ଋଣ ଦେବା ନାଁରେ ଠକିଛନ୍ତି କି ନାହିଁ ସେନେଇ ପୋଲିସ ତଦନ୍ତ ଜାରି ରଖିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ୨୦ ଅଗଷ୍ଟ, ୨୦୧୮



## ସଂକ୍ଷେପରେ

### ସହାୟତା ଅପେକ୍ଷାରେ ଦିବ୍ୟାଙ୍ଗ ବିଦେଶୀ



**କେନ୍ଦୁଝର, ୧୯।୮(ସ୍ୱ.ପ୍ର):** ସଦର ବ୍ଲକ ଗୁମୁରା ଗ୍ରାମରେ ରହୁଛନ୍ତି ଦିବ୍ୟାଙ୍ଗ ବିଦେଶୀ ନାଏକ। ପିଲା ବେଳୁ ୫ ବର୍ଷରେ ହଠାତ ତାଙ୍କ ଆଖିରୁ ପାଣି ବାହାରିଲା। ଫଳରେ ଆଖି ନଷ୍ଟ ହୋଇଗଲା। ସେ ପାଠ ଛାଡି ନ ଥିଲେ। ସ୍ଥାନୀୟ ସିଦ୍ଧମଠଠାରେ ଦୃଷ୍ଟିହୀନ ପିଲାଙ୍କ ପାଇଁ ଥିବା ବିଦ୍ୟାଳୟ ପରେ ବାରିପଦାଠାରେ ପାଠ ପଢ଼ିଥିଲେ। ଯୁକ୍ତ ୨ ପଢିଥିଲେ ହେଁ ପରୀକ୍ଷା ଦେଇ ପାରି ନ ଥିଲେ। ସେ ଟଙ୍କା ହାତରେ ଧରି ଜାଣି ପାରନ୍ତି। ନୂଆ ଟଙ୍କା ଜାଣିବାରେ ସମସ୍ୟା ସୃଷ୍ଟି ହୋଇଥାଏ। ସେ ବିବାହ କରିନାହାନ୍ତି। ତାଙ୍କର ଭାଇ ଓ ବାପା, ମା' ଅଛନ୍ତି। ଗୁମୁରାରେ ପିଲାଦିନଠାରୁ ମାମୁଁ ଘରେ ରହିଆସୁଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ମା'ବାପାଙ୍କ ସହ ପରିବାର ଚଳାଇବା ପାଇଁ ଘରେ ଏକ ଛୋଟ ଦୋକାନ ଖୋଲିଛନ୍ତି। ମାତ୍ର ୨୦ ହଜାର ଟଙ୍କା ଋଣ ମିଳିଲେ ଦୋକାନକୁ ଆଗେଇ ନେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ବାରମ୍ବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧାଇଁ ନୟାନ୍ତ ହେଲେଣି। ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ମଧ ଯାଇଥିଲେ। ତାଙ୍କୁ ଜିଲାପାଳଙ୍କ ପାଖକୁ ପଠାଇ ଦିଆଯାଇଥିଲା। ଏହାସତ୍ତ୍ୱେ ସହାୟତା ମିଳୁନାହିଁ। ବ୍ୟାଙ୍କ ମଧ ଋଣ ଦେବାକୁ ମନା କରି ଦେଉଛି। ୫ ଶହ ଟଙ୍କା ସରକାରୀ ଭତ୍ତା ମିଳୁଥିଲେ ହେଁ ସେଥିରେ ଚଳିବା କଷ୍ଟକର ହୋଇପଡୁଛି। ସହାୟତା ମିଳିଲେ ଭଲ ଭାବେ ଚଳିପାରିବେ ବୋଲି ସେ କହିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ହେଲ୍‌ପର ଆହତ

**ବଡ଼ବିଲ, ୧୯।୮(ସ୍ୱ.ପ୍ର.):** ବଡବିଲ ଥାନା ବିର୍ଶା ମୁଣ୍ଡା ଛକ ନିକଟ ପାର୍କିଂସ୍ଥଳୀରେ ମରାମତି ହେଉଥିବା ଏକ ହାଇଭା ଟିପରର ଡାଲା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସ ଜଣେ ହେଲପର ଆହତ ହୋଇଛନ୍ତି। ସେ ହେଲେ ସୁନୀଲ ମୁଣ୍ଡା। ଶନିବାର (ଓଆର୧୬ଇ୨୨୧୦) ନମ୍ବର ବିଶିଷ୍ଟ ଟିପରର ଭାରିଯାନ ପାର୍କିଂସ୍ଥଳୀରେ ମରାମତି କାମ କରାଯାଉଥିଲା। ହେଲପର ସୁନୀଲ ଗାଡ଼ିର ଡାଲାକୁ ଉପରକୁ ଉଠାଇଥିଲେ। ଉପରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଟିପରର ଗୋଟିଏ ପାର୍ଶ୍ୱରେ ନିଆ ଲାଗିଯାଇଥିଲା।ଫଳରେ ସୁନୀଲ ସାମାନ୍ୟ ଆହତ ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

### ଚିକିତ୍ସାଳୟ, ମନ୍ଦିର ପରିସରରେ ଚାରାରୋପଣ

**ପାଟଣା, ୧୯।୮(ସ୍ୱ.ପ୍ର):** ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ଚିକିତ୍ସାଳୟ ଓ ଗିରିଜାଶଙ୍କର ମନ୍ଦିର ପ୍ରାଙ୍ଗଣରେ ଏକ ସାମାଜିକ ଉନ୍ନୟନ ସଂସ୍ଥା ତରଫରୁ ବିଭିନ୍ନ ମୂଲ୍ୟବାନ ଓ ଔଷଧୀୟ ଚାରା ରୋପଣ କରାଯାଇଛି। ସଂଗଠନର ସଭାପତି କ୍ଷେତ୍ରମୋହନ ସାହୁ ଅଧକ୍ଷତାରେ 'ବୃକ୍ଷ ହିଁ ଜୀବନ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧରେ ସଙ୍ଗଠନର ଭକ୍ତବନ୍ଧୁ ବେହେରା, ରମେଶ ଚନ୍ଦ୍ର ନାଏକ, ଗୋପୀନାଥ ସାହୁ, ପ୍ରମୋଦ ସାହୁ, ସୁରେନ୍ଦ୍ରନାଥ ଟାହିଆ ଓ ଦିବାକର ନାଏକ ପ୍ରମୁଖ ଯୋଗ ଦେଇଥିଲେ।

### ସାପ କାମୁଡ଼ାରେ ଜଣେ ମୃତ

**ତିହିଡ଼ି,୧୯।୮(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବାରୋ ପଞ୍ଚାୟତ ଦହପାଣିଆ ଗ୍ରାମର ରବି ମଳିକ(୬୦) ରବିବାର ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ସେ ମଧାହ୍ନରେ ବିଲକୁ ଯାଇଥିବା ବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଘରକୁ ଫେରିବା ପରେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତିହିଡ଼ି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୮/୧୮) ରୁଜୁ ହୋଇଛି।

# ଅନିଶ୍ଚିତତାରେ କାନୁପୁର ଜଳସେଚନ ପ୍ରକଳ୍ପ

କେନ୍ଦୁଝର, ୧୯।୮(ସ୍ୱ.ପ୍ର)

■ମୁଖ୍ୟଡ୍ୟାମ୍, କେନାଲ ଆଦି କାମ ସରିନାହିଁ
■କ୍ଷତିଗ୍ରସ୍ତଙ୍କ ଥଇଥାନ ସମସ୍ୟା ଦୂର ହୋଇନି

କେନ୍ଦୁଝର ଜିଲାର ଅମୃତଧାରା କୁହାଯାଉଥିବା ବୈତରଣୀର କାନୁପୁରଠାରେ ଜଳସେଚନ ପ୍ରକଳ୍ପ ନିର୍ମାଣ କରି ଜିଲାରେ କୃଷି କ୍ଷେତ୍ରରେ ବିପ୍ଲବ ଆଣିବା ପାଇଁ ଉଦ୍ୟମ କରାଯାଇଥିଲା। ତାହା ବାସ୍ତବତାଠାରୁ ବହୁ ଦୂରରେ ରହିଛି। ପ୍ରକଳ୍ପ ପରିକଳ୍ପନାର ୪୦ ବର୍ଷ ପରେ ମଧ ବାସ୍ତବ ରୂପ ନେଇପାରୁନି। ବ୍ୟୟ ଅଟକଳ ୨୦ ଗୁଣା ବୃଦ୍ଧି ପାଇଥିଲେ ହେଁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରୁନାହିଁ। ପ୍ରକଳ୍ପ ଦ୍ୱାରା ଜିଲାର ୨୩୮ ଗ୍ରାମର ୪୮ ହଜାର ହେକ୍ଟର ଜମିରେ ପାଣି ମାଡ଼ିବ ଏବଂ ଚାଷୀ ଉପକୃତ ହେବା ଆଶା କରି ଅନେଇ ରହିଛନ୍ତି। ଏହା ଦ୍ୱାରା ଉପକୃତ ହେବାକୁ ଥିବା ଜିଲାର ୨୩୮ ଗ୍ରାମର ୨ ଲକ୍ଷ ଚାଷୀ ଏଭଳି ବିଳମ୍ବ ଘଟୁଥିବାରୁ ଅନିଶ୍ଚିତତା ମଧରେ ରହିଛନ୍ତି। ଏ ନେଇ ବିଭିନ୍ନ ସଙ୍ଗଠନ, ରାଜନୈତିକ ଦଳ ଚୁପ ରହିଛନ୍ତି। କେନ୍ଦୁଝର ନାଗରିକ ମଞ୍ଚ ପକ୍ଷରୁ ବାରମ୍ବାର ଦାବି ଉପସ୍ଥାପନା କରୁଥିଲେ ହେଁ କେହି ଶୁଣୁ ନ ଥିବାରୁ ପ୍ରକଳ୍ପ ଶେଷ ହେବା ନେଇ ଅନିଶ୍ଚିତତା ଦେଖାଦେଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ପାଖାପାଖି ୮୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ପରିକଳ୍ପନା କରାଯାଇଥିବା ପ୍ରକଳ୍ପର ବ୍ୟୟ ଅଟକଳ ୨୦୧୩ ବର୍ଷ ଅନୁଯାୟୀ ୧୮୦୧.୨୫ କୋଟି ହୋଇଛି। ଏହାର ବ୍ୟୟ ଅଟକଳ ୨ ହଜାର କୋଟି ଟପିଯିବ। ମାର୍ଚ୍ଚ ୩୧ ସୁଦ୍ଧା ୧୫୮୩.୧୧ କୋଟି ଟଙ୍କା ଖର୍ଚ୍ଚ ସରିଛି।

କାମରେ ବିଳମ୍ବ ଯୋଗୁ ଏଥିପ୍ରତି କାହାରି ଆନ୍ତରିକତା ଥିବା ମନେ ହେଉନାହିଁ। ଅଦ୍ୟାବଧି ମୁଖ୍ୟ ଡ୍ୟାମ, କେନାଲ ଆଦି କାମ ସରିନାହିଁ। ଜମି ଅଧିଗ୍ରହଣ ସମସ୍ୟା ସରିନାହିଁ। ଫଳରେ ଅନେକ ସମୟରେ ବିବାଦ ଦେଖାଦେଇଥାଏ। ବିସ୍ଥାପିତ ଓ ପୁନଃ ଥଇଥାନ ସମସ୍ୟା ସମାଧାନ ହେଉ ନ ଥିବାରୁ ଅନେକ ସମୟରେ ଆନ୍ଦୋଳନ ରୂପ ନେଇଥାଏ। ଏହାର ପ୍ରଭାବ କାମ ଉପରେ ପଡ଼ିଥାଏ। ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ୯ଟି ଗ୍ରାମ ଓ ଆଂଶିକ କ୍ଷତିଗ୍ରସ୍ତ ୭ଟି ଗ୍ରାମର ଥଇଥାନ ସମସ୍ୟା ରାଜ୍ୟ ଥଇଥାନ କାଉନସିଲ ସମାଧାନ ହୋଇ ପାରିନାହିଁ। ସେହିପରି ତ୍ରୁଟି ଡିଜାଇନ ଯୋଗୁ ସ୍ପିଲ ୱେ ମୂଳଦୁଆ କାମରେ ହୋଇଥିବା ତ୍ରୁଟି ମରାମତି ପାଇଁ ବହୁ ଟଙ୍କା ଖର୍ଚ୍ଚ ହେବ । ଏହାର କ୍ୟାଚମେଣ୍ଟ ଅଞ୍ଚଳକୁ ଠିକ୍ ଭାବରେ ପ୍ରସ୍ତୁତ କରାଯାଇ ନ ଥିବାରୁ ତାହାର ଆୟୁ କମିଯିବ ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି।

## ଉଦ୍‌ଘାଟିତ ହେଲା ହଂସିନୀ ବୋଟ



ହଂସିନୀ ବୋଟର ମଜା ନେଉଛନ୍ତି।

କେନ୍ଦୁଝର, ୧୯।୮(ସ୍ୱ.ପ୍ର)

ସ୍ଥାନୀୟ ପୋଲିସ ରିଜର୍ଭ ପରିସରରେ ଥିବା ପୋଖରୀରେ ବିଶେଷ କରି ପିଲାଙ୍କ ଆମୋଦପ୍ରମୋଦ ପାଇଁ ରବିବାର ହଂସିନୀ ଏକ ମଜାଦାର ବୋଟର ଶୁଭାରମ୍ଭ କରାଯାଇଛି। ରିଜର୍ଭ ମଧରେ ଥିବା ପୁରୁଣା ପୋଖରୀର ପୁନରୁଦ୍ଧାର କରାଯାଇ ସେଠାରେ ଛୋଟ ପିଲାମାନେ ଖେଳିବା ସହ ମନୋରଞ୍ଜନ ପାଇଁ ବାଉଁଶରେ ପାରମ୍ପାରିକ ଝୁଲା ଦୋଳି, ପାର୍କ ଆଦି ବ୍ୟବସ୍ଥା କରାଯାଇଛି। ପୋଖରୀରେ ଦୁଇଟି ହଂସ ଛଡ଼ାଯାଇଛି। ରିଜର୍ଭ କଲୋନିରେ ରହୁଥିବା ପୋଲିସଙ୍କ ପିଲାଙ୍କ ସହ ବାହାର ପିଲାଙ୍କ ଖେଳିବା ଓ ଆମୋଦପ୍ରମୋଦ ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି ବୋଲି କେନ୍ଦୁଝର ଏସପି ଜୟରାମ ପଙ୍କଜ କହିଛନ୍ତି।

## କଳିଙ୍ଗା ପଞ୍ଚାୟତରେ ଉତ୍ତେଜନା

ହାଟଡ଼ିହୀ, ୧୯।୮(ଡି.ଏନ.ଏ.)

ନନ୍ଦିପଦା ଥାନା କଳିଙ୍ଗା ପଞ୍ଚାୟତରେ ସରପଞ୍ଚଙ୍କ ସହ ଜଣେ ବ୍ୟକ୍ତିଙ୍କ ମଧରେ ବଚସା ନେଇ ନନ୍ଦିପଦା ଥାନାରେ ୨ ପୃଥକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। କଳିଙ୍ଗା ପଞ୍ଚାୟତ ଇଛାପୁର ଗ୍ରାମର ରମେଶ କାଣ୍ଡି ଫୋନ ଦ୍ୱାରା ସରପଞ୍ଚଙ୍କୁ ବିଜୁ ପକ୍କାଘର ଯୋଜନା ସମ୍ପର୍କରେ ପଚାରିଥିଲେ। ଏ ନେଇ ସରପଞ୍ଚ ପଂଚାୟତ କାର୍ଯ୍ୟାଳୟକୁ ଆସି ବୁଝି ଯାଅ ବୋଲି କହିଥିଲେ। ପଞ୍ଚାୟତ କାର୍ଯ୍ୟାଳୟକୁ କାଣ୍ଡି ଆସିଥିଲେ।

ଏ ନେଇ ଉଭୟଙ୍କ ମଧରେ କଥା କଟାକଟି ହୋଇଥିଲା। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାକୁ ନେଇ ତାଙ୍କ ପୁଅଙ୍କୁ ସରପଞ୍ଚ ମାଡ଼ ମାରିଥିବା କାଣ୍ଡିଙ୍କ ମା' ଅଭିଯୋଗ କରିଛନ୍ତି। ସରପଞ୍ଚ ଅମରେନ୍ଦ୍ର ଧଳଙ୍କୁ ଗାଳିଗୁଲଜ କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି।

## ଚାକିରି ନାଁରେ ଠକେଇ, ୭ ଅଭିଯୁକ୍ତ ଗିରଫ

ସମ୍ବଲପୁର,୧୯।୮(ବ୍ୟୁରୋ)


ସମ୍ବଲପୁର ଜିଲା ଧନୁପାଲି ଥାନାରେ ଗ୍ଲେଜ କମ୍ପାନୀର କର୍ମଚାରୀ ।

ଚାକିରି ପ୍ରଲୋଭନ ଦେଖାଇ ବେକାର ଯୁବତୀ ଯୁବକମାନଙ୍କୁ ଠକିବା ସହ ଶୋଷଣ କରିଆସୁଥିବା ଗ୍ଲେଜ ଇଣ୍ଡିଆ ନାମକ ଏକ ଠକ କମ୍ପାନୀର ୭ କର୍ମଚାରୀଙ୍କୁ ପୋଲିସ ଧରପଗଡ଼ କରି ଗିରଫ କରିଛି। ସେମାନେ ହେଲେ ଯାଜପୁର ଜିଲାର ହରମୋହନ ସାହୁ, ସୁବ୍ରଜିତ ଜେନା, ବିପିନ ପାଣିଗ୍ରାହୀ, କେନ୍ଦୁଝର ଜିଲା ଆନନ୍ଦପୁରର ରାଜେଶ ନାୟକ, ଦୁର୍ଯ୍ୟୋଧନ ମଲ୍ଲିକ, ଭଦ୍ରକ ଜିଲାର ତାପସ ଜେନା ଓ ଗଜପତି ଜିଲାର ପ୍ରମୋଦ ପାଇକ। ଏ ନେଇ ଥାନାରେ ଏକ ମାମଲା (ନଂ.୩୦୮/୧୮) ରୁଜୁ ହୋଇଛି। ସମ୍ବଲପୁର ଜିଲା ଚାରଭାଟି, କୁଲୁଥକାନୀ, ସୁନାପାଲି, ମୋତିଝରନ ଆଦି ସ୍ଥାନରେ ଏହି କମ୍ପାନୀ ଭଡ଼ାଘର ନେଇ ଏଭଳି ଠକେଇ ନେଟ୍‌ୱର୍କ ଚଳାଇ ଆସୁଥିବା ଛାନଭିନ୍‌ରୁ ଜଣାପଡ଼ିଛି।

ଗଜପତି ଜିଲାର ଶିବଶଙ୍କର ରାଉତଙ୍କ ସମେତ ଅନ୍ୟ ୬ ଯୁବକଙ୍କୁ ଏହି କମ୍ପାନୀ ଠକିଥିବା ଶନିବାର ଧନୁପାଲି ଥାନାରେ ଅଭିଯୋଗ କ୍ରମେ ପୋଲିସ ତନାଘନା ଆରମ୍ଭ କରିଥିଲା। ଅଭିଯୋଗ ଅନୁଯାୟୀ, କୃଷି ବିଭାଗରେ ଚାକିରି କରାଇ ଦେବାକୁ କହି ସେମାନଙ୍କଠାରୁ କମ୍ପାନୀ ରେଜିଷ୍ଟ୍ରେଶନ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦ ଯଥାକ୍ରମେ ୧୦ ହଜାର ଓ ସାଢ଼େ ୭ହଜାର ଟଙ୍କା ନେଇଥିଲା। ପରେ ସେମାନଙ୍କୁ ବିଭିନ୍ନ କମ୍ପାନୀର (ପାଉଡ଼ର, କ୍ରିମ, ସାବୁନ, ତେଲ) ସାମଗ୍ରୀ ବିକ୍ରି କରିବାକୁ କହିଥିଲା। ପ୍ରଡକ୍ଟ ବିକ୍ରି କରି ନ ପାରିବାରୁ କମ୍ପାନୀର କର୍ମଚାରୀମାନେ ମାରପିଟ କରି ଖାଇବା ଦେବାକୁ ବନ୍ଦ କରି ଦେଇଥିଲେ। ସେମାନଙ୍କୁ ଏକପ୍ରକାର ନଜରବନ୍ଦୀ କରି ରଖିଥିଲେ। ଶନିବାର ସୁଯୋଗ ଉଣ୍ଡି ଉମାଶଙ୍କରଙ୍କ ସହ ଅନ୍ୟ ଯୁବକମାନେ କୌଶଳକ୍ରମେ ସେଠାରୁ ଖସି ଆସିଥିଲେ। ଘରକୁ ଫେରିଯିବା ପାଇଁ ସରକାରୀ ବସଷ୍ଟାଣ୍ଡକୁ ଯାଇଥିଲେ। ଟିକେଟ କାଉଣ୍ଟରରେ ଟିକଟ କରୁଥିବା ବେଳେ କମ୍ପାନୀ କର୍ମଚାରୀମାନେ ପିଛା କରି ସେଠାରେ ପହଞ୍ଚିଥିଲେ। ଏଥିରେ କାଉଣ୍ଟର ମଧକୁ ପଶିଯାଇ ଯୁବକମାନେ ଚିତ୍କାର କରିବାରୁ ସେମାନେ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଯୁବକମାନେ ପ୍ରଥମେ ଟାଉନ ଥାନା ଓ ପରେ ଧନୁପାଲି ଥାନାକୁ ଯାଇ ଘଟଣା ବିଷୟରେ ଲିଖିତ ଭାବେ ଜଣାଇଥିଲେ।

କମ୍ପାନୀ ନାମରେ ପୂର୍ବରୁ ସମ୍ବଲପୁର ଜିଲା ଅଇଁଠାପାଲି ଥାନା, ସଦର ଥାନା ଓ ଧନୁପାଲି ଥାନାରେ ମାମଲା ରୁଜୁ ହୋଇଛି। ଏପରି କି ରାଜ୍ୟର ବିଭିନ୍ନ ସ୍ଥାନରେ କମ୍ପାନୀ ନାମରେ ମାମଲା ରହିଛି।

## ଗଳିତ ଶବ ଜବତ, ହତ୍ୟା ସନ୍ଦେହ


ଘଟଣାସ୍ଥଳରେ ସନ୍ଧାନୀ କୁକୁର ସହ ପୋଲିସ।

ମୋରଡ଼ା,୧୯।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଅସନବଗୀ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ରବିବାର ଏକ ମୁଣ୍ଡ ବିହୀନ ଗଳିତ ଶବ ଉଦ୍ଧାର ହୋଇଛି। ସ୍ଥାନୀୟ ଲୋକେ ଶବକୁ ଦେଖି ପୋଲିସକୁ ଖବର ଦେବାପରେ ବଡ଼ଜାମବଣି ପୋଲିସ ଏବଂ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଭଳି ମୁଣ୍ଡ ଓ ଅନ୍ୟାନ୍ୟ ଅଙ୍ଗକୁ କାଟି ଜଙ୍ଗଲ ମଧକୁ କିଏ ଫିଙ୍ଗିଲା ସେନେଇ ପୋଲିସ ଛାନଭିନ ଆରମ୍ଭ କରିଛି। ମୃତଦେହର ପରିଚୟ ମିଳି ନ ଥିବାବେଳେ ଏହା ଏକ ସୁପରିକଳ୍ପିତ ହତ୍ୟାହାଣ୍ଡ ବୋଲି ପୋଲିସ ପ୍ରକାଶ କରିଛି।

## ଦେଓଗାଁରେ ରକ୍ତଦାନ ଶିବିର

କୋଲିମାଟି, ୧୯।୮

ଘସିପୁରା ବ୍ଲକ ଦେଓଗାଁ କଲ୍ୟାଣ ମଣ୍ଡପରେ ଆନନ୍ଦପୁର ବିକାଶ ପରିଷଦ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ବିକାଶ ପରିଷଦର ସଭାପତି ସୁରେଶ ସାହୁଙ୍କ ତତ୍ତ୍ୱାବଧାନରେ ଶତ୍ରୁଘନ ସାହୁ ଓ ରାଜେଶ ଜେନା, ଅଭିନାଶ ଶତପଥୀ, ଉପେନ୍ଦ୍ର ସାହୁ ଏବଂ ବିକାଶ ପରିଷଦର ସଭାପତି ସୁରେଶ ସାହୁ ରକ୍ତ ଦାନ କରିଥିଲେ। ଏଥିସହ ଅନେକ ଲୋକ ରକ୍ତଦାନ କରିଥିଲେ। ସମୁଦାୟ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଓଡ଼ିଶା ରକ୍ତଭଣ୍ଡାର ଚିକିତ୍ସାଳୟ, ଆନନ୍ଦପୁରକୁ ଏହଦାନ କରାଯାଇଥିଲା। କେନ୍ଦୁଝର ଜିଲାର କୌଣସି ଲୋକଙ୍କୁ ରକ୍ତ ଅଭାବରୁ ମରିବାକୁ ଦିଆଯିବ ନାହିଁ ବୋଲି ବିକାଶ ପରିଷଦର ସଭାପତି ଆହ୍ୱାନ କରିଥିଲେ।


ଲୋକେ ରକ୍ତଦାନ କରୁଛନ୍ତି।

## ଗଡ଼ଚଣ୍ଡୀରେ ହସ୍ତୀ ଦିବସ

ହାଟଡ଼ିହୀ, ୧୯।୮(ଡି.ଏନ.ଏ.)

ହଦଗଡ଼ ହସ୍ତି ଅଭୟାରଣ୍ୟ ଗଡ଼ଚଣ୍ଡୀଠାରେ ହସ୍ତୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏସିଏମ୍ ସୁରେଶ ଚନ୍ଦ୍ର ସେଠୀ, ହଦଗଡ ରେଞ୍ଜ ଅଧିକାରୀ ସୁରେନ୍ଦ୍ର ହେମ୍ବ୍ରମ, ଡେପୁଟି ରେଞ୍ଜ ଅଧିକାରୀ ମାର୍ଶାଲ କିସ୍କୁ, ନୃସିଂହ ଚରଣ ଧୀର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାଠକଟା ଫରେଷ୍ଟ, ସୁଜନାପାଳ ଫରେଷ୍ଟ, ବଣିଆପଙ୍କ, ହଦଗଡ ଆଦି ବିଭିନ୍ନ ଫରେଷ୍ଟ କାର୍ଯ୍ୟାଳୟର ଫରେଷ୍ଟର ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ଜଙ୍ଗଲରେ କିଭଳି ହାତୀମାନେ ସୁରକ୍ଷିତ ରହି ପାରିବେ ସେ ନେଇ ଆଲୋଚନା ହୋଇଥିଲା। ଏ ନେଇ ସରକାରଙ୍କ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ମଧ କୁହାଯାଇଥିଲା।

## ବୃତ୍ତି ପରୀକ୍ଷା ଦେଲେ ଛାତ୍ରୀଛାତ୍ର

ହାଟଡ଼ିହୀ,୧୯।୮(ଡି.ଏନ.ଏ.)

ହାଟଡିହୀ ବ୍ଲକର ଦୁଇ କେନ୍ଦ୍ରରେ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବାଲିବରେଇ ପରୀକ୍ଷା କେନ୍ଦ୍ରରେ ୭୦ ଓ ହାଟଡିହୀ ହାଇସ୍କୁଲରେ ୧୮୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବାଲିବରେଇ ହାଇସ୍କୁଲ ପ୍ରଧାନ ଶିକ୍ଷକ ହୃଶିକେଷ ଚକ୍ର ସୁରିଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ପରିଚାଳନା କରିଥିଲେ। ହାଟଡିହୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ପ୍ରଧାନ ଶିକ୍ଷକ ଶିଶିର କୁମାର କର ଦାୟିତ୍ୱ ପରିଚାଳନା କରିଥିଲେ। ଏବିଇଓ ସୁରେଶ ଜେନା ଦୁଇ ପରୀକ୍ଷା କେନ୍ଦ୍ରକୁ ପରିଦର୍ଶନ କରି ସ୍ଥିତି ପରଖିଥିଲେ।

## କେନ୍ଦୁଝରରେ ପହଞ୍ଚିଲା ଇଭିଏମ୍

କେନ୍ଦୁଝର, ୧୯।୮(ସ୍ୱ.ପ୍ର.)

କଡ଼ା ସୁରକ୍ଷା ମଧରେ ଇଭିଏମ୍ ଝାରସଗୁଡ଼ାରୁ ଆସି ରବିବାର ସକାଳେ କେନ୍ଦୁଝରରେ ପହଞ୍ଚିଛି। ଭୋଟିଂ ମେଶିନ ୮ଟି ଟ୍ରକ୍‌ରେ କେନ୍ଦୁଝର ପହଞ୍ଚିବା ପରେ ସ୍ଥାନୀୟ ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ପୋଲିସ ସୁରକ୍ଷା ବ୍ୟବସ୍ଥାରେ ରଖାଯାଇଛି। ସମୁଦାୟ ୮୧୯୦ଟି ଇଭିଏମ ଆସିଥିବା ସୂଚନା ମିଳିଛି। ଏହାକୁ ରଖିବା ପାଇଁ ଯାନ୍ତ୍ରିକ ବିଦ୍ୟାଳୟର ୫ଟି କୋଠରିକୁ ସିଲ କରାଯାଇ ରଖାଯାଇଛି। ଉପଜିଲାପାଳ କେନ୍ଦୁଝର ସୋମନାଥ ପ୍ରଧାନ ଓ ଅନ୍ୟ ସରକାରୀ ପଦାଧିକାରୀ ଉପସ୍ଥିତ ଥିବାବେଳେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ରଖାଯାଇଥିବା ଜଣାପଡ଼ିଛି।



ଇଭିଏମ ବୋଝେଇ ହୋଇଥିବା ଟ୍ରକ୍।

## ୭ ଦିନ ହେଲା ଅନ୍ଧାରରେ ୨ ଗାଁ

ତେଲକୋଇ, ୧୯।୮(ଡି.ଏନ.ଏ.)


ନମକାନୀ ଗ୍ରାମବାସୀ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଛନ୍ତି।

■ନମକାନୀ-ଟାଙ୍ଗିରୀବାସୀ ହଇରାଣ
■ଅଫିସ ଘେରିଲେ ଉପଭୋକ୍ତା
■ପାଠପଢ଼ି ପାରୁନାହାନ୍ତି ଛାତ୍ରୀଛାତ୍ର

ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ଅଧୀନ ଟାଙ୍ଗିରୀ ଓ ନମକାନୀ ଗ୍ରାମରେ ୭ଦିନ ହେବ ବିଦ୍ୟୁତ୍ ସଂଯୋଗ ବନ୍ଦ ରହିଛି। ଫଳରେ ୨ ଗାଁ ଅନ୍ଧାରରେ ରହିଛି। ଏ ନେଇ ରବିବାର ଉଭୟ ଗ୍ରାମରୁ ୨ ଶହରୁ ଊର୍ଦ୍ଧ୍ୱ ଉପଭୋକ୍ତା ବିଦ୍ୟୁତ୍ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଯୋଗୁଁ ଉଭୟ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ସେମାନେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ସମସ୍ତ ଉପଭୋକ୍ତା ବିଦ୍ୟୁତ୍ ଦେୟ ଦେଉ ନ ଥିବା ବେଳେ ଗତ ଏକ ସପ୍ତାହ ହେବ ଗ୍ରାମ ନିକଟରେ ଏକ ପାଉଁଶ ଇଟା ଭାଟିକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଏ ନେଇ ଉଭୟ ଗ୍ରାମକୁ ବିଦ୍ୟୁତ୍ ସଂଯୋଗକୁ କାଟି ଦିଆଯାଇଛି। ବିଦ୍ୟୁତ୍ ସମସ୍ୟାରେ ଅତିଷ୍ଠ ଗ୍ରାମବାସୀ ଅନ୍ଧାରରେ ରହୁଥିବା ବେଳେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅସୁବିଧା ହେଉଛି। ଗାଁରେ ବିଷାକ୍ତ ସାପ ଭୟ ଓ ମଶାଙ୍କ ପାଦୁର୍ଭାବ ରହୁଛି। ସ୍ଥାନୀୟ ସରପଞ୍ଚ ଖୁଲଣା ନାଏକ, ପୂର୍ବତନ ସରପଞ୍ଚ କୁନା ନାଏକ, ଗୋକୁଳ ନାଏକ, ଅରମାନନ୍ଦ ନାଏକ, ଗୁନା ନାଏକ, ରମେଶ ମୁଣ୍ଡା, ରଘୁ ମୁଣ୍ଡା, ଚିନ୍ତାମଣୀ ଗିରି, ବାହୁ ମହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ଏସଡିଓ ସର୍ବେଶ୍ୱର ସାହୁଙ୍କୁ ପଚାରିବାରୁ କାହିଁକି ଉକ୍ତ ୨ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କଟାଯାଇଛି ଏ ନେଇ ଯନ୍ତ୍ରୀଙ୍କୁ ତୁରନ୍ତ ସମାଧାନ ପାଇଁ କୁହାଯାଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ତେଲକୋଇ, ୧୯।୮(ଡି.ଏନ୍.ଏ.):** ତେଲକୋଇ ଥାନା ଶିବନାରାୟଣପୁର ଗୋଡ଼ା ପଞ୍ଚାୟତ ବେତଖୁଲି ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ବେତଖୁଲି ଗ୍ରାମର ଛୁଟୁ ଦେହୁରି (୫୦)। ପରିବାର ଲୋକେ ସାପକାମୁଡ଼ାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି। ଛୁଟୁଙ୍କୁ ଶନିବାର ରାତିରେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି।

### ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

**ଘଟଗାଁ/ଢେଙ୍କିକୋଟ, ୧୯।୮(ଡି.ଏନ୍.ଏ.):** ଘଟଗାଁ ଥାନା କୁଣ୍ଡାପୀଠ ଗ୍ରାମରେ ଜଣେ ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ଜଣଙ୍କ ହେଲେ କୁଣ୍ଡାପୀଠ ଗ୍ରାମର ଜଗନ୍ନାଥ ମହାନ୍ତଙ୍କ ସ୍ତ୍ରୀ ସରିତା। ଜଗନ୍ନାଥ ମହାନ୍ତ ଗତବର୍ଷ ସରିତାଙ୍କୁ ବିବାହ କରିଥିଲେ। ଶନିବାର ରାତିରେ ସମସ୍ତେ ଖାଇ ଶୋଇବା ପରେ ସରିତା ଘରପଛ ପଟେ ଥିବା ଏକ ଗଛରେ ନିଜ ପିନ୍ଧା ଲୁଗାକୁ ରଶି କରି ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ଅଭିଯୋଗ ହେଉଛି। ସକାଳୁ ପରିବାର ଲୋକ ସରିତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଘଟଗାଁ ଥାନା ସହ ତାଙ୍କ ବାପଘରକୁ ଖବର ଦେଇଥିଲେ। ଖବର ପାଇ ଘଟଗାଁ ଥାନା ଆଇଆଇସି ସତିଶ କୁମାର ନାୟକ ଏବଂ ସରିତାଙ୍କ ବାପା ଘର ଲୋକ ପହଞ୍ଚିଥିଲେ। ଥାନା ଆଇଆଇସି ଏ ନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଫେରାର ଯୁବକ ଗିରଫ

**ପାଟଣା, ୧୯।୮(ସ୍ୱ.ପ୍ର.):** ପାଟଣା ଥାନା ମୁଷାଖୋରୀ ପଞ୍ଚାୟତ ବଡ଼ଧନୁର୍ଜୟପୁର ଗ୍ରାମର ଜଣେ ଯୁବକଙ୍କୁ ରବିବାର ପାଟଣା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପିତାମ୍ବର ମହାନ୍ତ। ପିତାମ୍ବର ୨୦୧୬ରୁ ଏକ ମାମଲାରେ କୋର୍ଟରେ ହାଜର ହୋଇ ନ ଥିଲେ। ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା।

### ଆହତ ଚିକିତ୍ସାଧୀନଙ୍କ ମୃତ୍ୟୁ

**ହାଟଡ଼ିହୀ, ୧୯।୮(ଡି.ଏନ୍.ଏ.):** ନନ୍ଦିପଦା ଥାନା ଅଣା-ସମଣା ରାସ୍ତାରେ ଟ୍ରାକ୍ଟର ଧକ୍କାରେ ଗତ ୧୪ତାରିଖରେ ସାଇକେଲରେ ଯାଉଥିବା ସମୟରେ ସମଣା ଗ୍ରାମର ଅଭିମନ୍ୟୁ ବାରିକ ଗୁରୁତର ଆହତ ହୋଇଥିଲେ। ତାଙ୍କର ଚିକିତ୍ସା ଲାଗି କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ମୃତକଙ୍କ ପରିବାର ଲୋକ ଏହା ଏକ ହତ୍ୟାକାଣ୍ଡ ବୋଲି ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି।

ମୃତ ଅଭିମନ୍ୟୁ ଜଣେ ଗରିବ ଚାଷୀ। ସେ ବାଡି ବଗିଚାରେ ପନିପରିବା ଚାଷ କରି ପରିବାର ଭରଣପୋଷଣ କରିଆସୁଥିଲେ। ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟଣା ଘଟିଛି ବୋଲି ଅଭିଯୋଗ ହେଉଛି।

### ପୁରାତନ ଛାତ୍ରୀଛାତ୍ରଙ୍କୁ ଅଣଦେଖା

**ଢେଙ୍କିକୋଟ, ୧୯।୮(ଡି.ଏନ୍.ଏ.):** ଘଟଗାଁ ବ୍ଲକ ଢେଙ୍କିକୋଟ ଗ୍ରାମ ପଞ୍ଚାୟତ ସତ୍ୟ ନାରାୟଣ ବିଦ୍ୟାପୀଠ ଘୋର ଅବ୍ୟବସ୍ଥାରେ ଚାଲିଛି। 'ମୋ ସ୍କୁଲ ଅଭିଯାନ'ରେ ପୁରାତନ ଛାତ୍ରୀଛାତ୍ରଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମ ହୋଇଥିଲେ ହେଁ ପୁରାତନ ଛାତ୍ରୀଛାତ୍ରଙ୍କୁ କୌଣସି ସୂଚନା ଦିଆଯାଇ ନ ଅଭିଯୋଗ ହୋଇଛି। କେତେ ଜଣ ନେତାଙ୍କୁ ନେଇ ଏକ କମିଟି ହୋଇଥିବା ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ଏଥର ବୈଠକ ଶେଷ ହୋଇଛି। ଆଉଥରେ ହେଲେ ପୁରାତନ ଛାତ୍ରୀଛାତ୍ରଙ୍କୁ ଡାକିବୁ ବୋଲି ସେ କହିଛନ୍ତି। ଢେଙ୍କିକୋଟ ଭଳି ବ୍ୟସ୍ତବହୁଳ ବ୍ୟବସାୟିକ ସଙ୍ଗଠନ ଗଢ଼ିଥିବା ଛାତ୍ରୀଛାତ୍ର ସ୍କୁଲର ଉନ୍ନତି କାମନା କରି ଆଗକୁ ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଅବଗତ ହୋଇଛନ୍ତି। ସେମାନଙ୍କୁ ସ୍କୁଲ ନ ଡାକିବା ସମସ୍ତଙ୍କୁ ଚକିତ କରିଛି। କେତେକ ନ୍ୟର୍ଥସ୍ୱାର୍ଥ ପଦ ପଦବୀ ଲାଳାୟିତ ନାଟୁଆ ଯୁବକଙ୍କୁ ନେଇ 'ମୋ ସ୍କୁଲ ଅଭିଯାନ' କାର୍ଯ୍ୟକ୍ରମ କମିଟି ଗଠନକୁ ସାଧାରଣରେ ନାପସନ୍ଦ କରାଯାଇଛି।

# ରୋଗୀଙ୍କୁ ଭରସା ହୁଲି ଡଙ୍ଗା

**କେନ୍ଦୁଝର, ୧୯।୮(ସ୍ୱ.ପ୍ର)**


ପ୍ରସୂତିଙ୍କୁ ଡଙ୍ଗାରେ ନଦୀ ପାର କରାଯାଉଛି।

**ନଦୀଘେରା ଗାଁ ସାପଲାଞ୍ଜି**
- ଜନନୀ ସୁରକ୍ଷା ଯୋଜନା ଅପହଞ୍ଚ
- ନଦୀରେ ନିର୍ମାଣ ହୋଇନି ସେତୁ
- ହଟହଟା ହେଉଛନ୍ତି ଗ୍ରାମବାସୀ

ସରକାର ଗର୍ଭବତୀଙ୍କ ସୁରକ୍ଷା ପାଇଁ ବହୁ ଯୋଜନା ପ୍ରସ୍ତୁତ କରିଛନ୍ତି। ତାହା ସେମାନଙ୍କ ପାଇଁ ଅପହଞ୍ଚ ହେଉଛି। ତାହାର କାରଣ ବିପର୍ଯ୍ୟସ୍ତ ରାସ୍ତା ଘାଟ, ଉଛୁଳା ନଦୀ ବାଧକ ସାଜୁଛି। ଡଙ୍ଗା ସାହାଯ୍ୟରେ ରୋଗୀଙ୍କୁ ନଦୀ ପାର କରାଯାଉଛି। ପୋଲ ଅଭାବରୁ ନଦୀ ପାର ହୋଇ ଆମ୍ବୁଲାନ୍ସରେ ରୋଗୀ ଡାକ୍ତରଖାନା ଯାଇଥାନ୍ତି। ଗ୍ରାମରେ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ଫଳରେ ଲୋକେ ଭାରରେ ବୋହି ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେଉଛନ୍ତି। କେଉଁଠି ଅସୁରକ୍ଷିତ ଅବସ୍ଥାରେ ହୁଲି ଡଙ୍ଗାରେ ବୋହି ଉଛୁଳା ନଦୀ ପାର ହେଉଛନ୍ତି।

ଏଭଳି ଏକ ଅଭାବନୀୟ ଦୃଷ୍ଟାନ୍ତ ତେଲକୋଇ ବ୍ଲକର ସାପଲାଞ୍ଜି ଗ୍ରାମରେ ଦେଖିବାକୁ ମିଳିଛି। ଗର୍ଭ ଯନ୍ତ୍ରଣାରେ ଛଟପଟ ଜଣେ ମହିଳା ଚପଳା ପାତ୍ରଙ୍କୁ ଶନିବାର ଡାକ୍ତରଖାନା ଆଣିବା ପାଇଁ ବଢି ପାଣିରେ ଡଙ୍ଗାରେ ବସାଇ ସମାକୋଇ ନଦୀ ପାର କରିବାକୁ ପଡ଼ିଥିଲା। ପାଦରେ ଚଲାଇ ଘାଟକୁ ଆଣିବା ପରେ ଡଙ୍ଗାରେ ନଦୀ ପାର କରାଯାଇ ଅପରପାର୍ଶ୍ୱରେ ଅପେକ୍ଷା ଅଣାଯାଇଥିଲା। ପରେ ୧୦୨ ଆମ୍ବୁଲାନ୍ସରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡଙ୍ଗାରେ ଠିଆ ହୋଇ ଟଳମଳ ଅବସ୍ଥାରେ ନଦୀ ପାର ହେବାକୁ ପଡ଼ିଥିଲା। ଡଙ୍ଗାରେ ଯାତାୟାତ ପାଇଁ ସରକାରଙ୍କ କଟକଣା ରହିଛି। ଏଥିପାଇଁ ବହୁ ନୀତିନିୟମ ନିର୍ଦ୍ଧାରଣ କରାଯାଇଛି। ଜିଲାରେ ସେସବୁ ପାଳନ ହେଉନାହିଁ। ପୋଲ ନ ଥିବାରୁ ଲୋକେ ଅସୁରକ୍ଷିତ ଅବସ୍ଥାରେ ଡଙ୍ଗାରେ ପାର ହେବାକୁ ପଡୁଛି। ଛୋଟ ପିଲାମାନେ ଡଙ୍ଗା ସହାୟତାରେ ନଦୀ ପାର ହୋଇ ସ୍କୁଲ ଯାଇଥାନ୍ତି। ସାଧାରଣ ଲୋକ ହାଟବଜାର, ଅଫିସ ଆଦି ଯିବାକୁ ହେଲେ ଡଙ୍ଗାର ସହାୟତା ଲୋଡିଥାନ୍ତି। ଉକ୍ତ ଗ୍ରାମ ଚାରି ପାଖରେ ନଦୀ ଓ ନାଳ ଘେରି ରହିଛି। ବର୍ଷା ଦିନରେ ଡଙ୍ଗା ହିଁ ଏକ ମାତ୍ର ସାହା ହୋଇଥାଏ। କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଏଜହାକୁ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ନେଇ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁଙ୍କୁ ପଚାରିବାରୁ କ'ଣ ସମସ୍ୟା ରହିଛି ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ। ଆବଶ୍ୟକତା ଥିଲେ ପୋଲ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯିବ ବୋଲି ସେ କହିଛନ୍ତି।

## ଦିନ ଦ୍ୱିପ୍ରହରରେ ୧ ଲକ୍ଷ ୨୫ ହଜାର ଲୁଟ

**ବଡ଼ବିଲ, ୧୯।୮(ସ୍ୱ.ପ୍ର.)**

ବଡ଼ବିଲ ସହର ବଜାରସ୍ଥିତ ବ୍ୟାଙ୍କ ଅଫ ବରୋଦା ନିକଟରୁ ଶନିବାର ଦିନ ଦ୍ୱିପ୍ରହରରେ ଜଣେ ବ୍ୟକ୍ତିଙ୍କଠାରୁ ଦୁଇ ଜଣ ଦୁର୍ବୃତ୍ତ ୧ ଲକ୍ଷ ୨୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଏକ ବାଇକ୍‌ରେ ଆସି ଦୁର୍ବୃତ୍ତମାନ ଚମ୍ପଟ ମାରିଛନ୍ତି। ଗତ ଶନିବାର ବ୍ୟାଙ୍କରୁ ଟଙ୍କା ଉଠାଣ କରି ରାସ୍ତା ଉପରକୁ ବ୍ୟକ୍ତି ଜଣଙ୍କ ଆସିଥିଲେ। ଟଙ୍କା ଭର୍ତ୍ତି ବ୍ୟାଗକୁ ବ୍ୟକ୍ତି ଜଣଙ୍କ ନିଜ କାଖ ତଳେ ଚାପି ଧରି ରାସ୍ତାରେ ଯାଉଥିଲେ। ହଠାତ ଏକ ବାଇକରେ ୨ ଦୁର୍ବୃତ୍ତ ଆସି ଟଙ୍କା ଭର୍ତ୍ତି ବ୍ୟାଗକୁ ଝାମ୍ପି ନେଇ ପଳାୟନ କରିଥିଲେ।

ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମାତ୍ର ଦୁର୍ବୃତ୍ତଙ୍କ କୌଣସି ଟେର ପାଇ ନ ଥିଲା ପୋଲିସ। ଘଟଣାସ୍ଥଳଠାରୁ ଅଳ୍ପ ଦୂରରେ ଥିବା ଏକ ଘରୋଇ ଅଫିସ୍‌ରୁ ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବାକୁ ପୋଲିସ୍ ଉଦ୍ୟମ ଜାରି ରଖିଛି ବୋଲି ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି। ଏ ନେଇ ଥାନାରେ କୌଣସି ଲିଖିତ ଏତଲା ହୋଇନାହିଁ।

## ସଡ଼କ ଦୁର୍ଘଟଣା ନେଲା ଜୀବନ

**ଚମ୍ପୁଆ, ୧୯।୮(ଡି.ଏନ୍.ଏ.)**

ଚମ୍ପୁଆ ଥାନା ଯୋଡ଼ା-ଚମ୍ପୁଆ ରାସ୍ତାର ବାସୁଦେବପୁରଠାରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଯୋଡ଼ାର ସଲେ କିଣ୍ଡଙ୍କ ପୁଅ ସୁମିତ କିଣ୍ଡ(୧୯)। ଆହତ ଜଣଙ୍କ ହେଲେ ଦୀପକ ହର(୨୦)। ଉଭୟ ମୋଟର ସାଇକେଲରେ ଯାଉଥିବା ବେଳେ ଶନିବାର ରାତିରେ ଦୁର୍ଘଟଣା ଶିକାର ହୋଇଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ ଅଗ୍ନିଶମ ବିଭାଗ ସହାୟତାରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ସୁମିତଙ୍କ ମୃତ୍ୟୁ ଘଟିଥିଲା। ଦୀପକଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

## ଶୀତତାପ ନିୟନ୍ତ୍ରିତ ହେଲ୍‌ଥ କ୍ଲବ ଉଦ୍‌ଘାଟିତ


ଜଣେ ଯୁବକ ଅତ୍ୟାଧୁନିକ ଉପକରଣ ସାହାଯ୍ୟରେ ବ୍ୟାୟାମ କରୁଛନ୍ତି।

**ବଡ଼ବିଲ, ୧୯।୮(ସ୍ୱ.ପ୍ର.)**

ବଡବିଲ ସୁନ୍ଦରାଠାରେ ଏକ ତିନି ମହଲା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ହେଲ୍‌ଥ କ୍ଲବକୁ ପୌରାଧ୍ୟକ୍ଷ ଦିଲୀପ ମିଶ୍ର ଉଦ୍‌ଘାଟନ କରିଛନ୍ତି। ବଡ଼ବିଲ ତହସିଲଦାର କ୍ଷୀରୋଦ ବେହେରା, ଏସଡିପିଓ ରାହୁଲ ଜୈନ, ନିର୍ବାହୀ ଅଧିକାରୀ ମନୋରଞ୍ଜନ ଦେଓଙ୍କ ସହ ସୁରେନ୍ଦ୍ର ବେହେରା, ବିଜୟ ମହାନ୍ତି ଓ ବ୍ରଜ କିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

ସହରର ଧୂଳିଧୂଆଁରେ ବ୍ୟାୟାମ କରିବା ଶରୀର ପକ୍ଷେ କ୍ଷତିକାରକ ହୋଇଥିବା ବେଳେ ବିଭିନ୍ନ ଅତ୍ୟାଧୁନିକ ଉପକରଣ ଉକ୍ତ ହେଲ୍‌ଥ କ୍ଲବରେ ସ୍ଥାନିତ ହୋଇଥିବାରୁ ତାହା ସୁବିଧା ଜନକ ହୋଇପାରିବ। ଦୈନିକ ଶିଡି ଚଢିଲେ ସହନଶକ୍ତିର ବୃଦ୍ଧି ହେବ ବୋଲି ତିନି ମହଲା ବିଶିଷ୍ଟ ହେଲ୍‌ଥ କ୍ଲବରେ ଲିଫ୍ଟର ବ୍ୟବସ୍ଥା ରଖାଯାଇ ନ ଥିବା ଜଣାପଡିଛି।

## ସାମାନ୍ୟ ଝଗଡ଼ାରୁ ଜୀବନ ଗଲା

**ପାଟଣା, ୧୯।୮(ସ୍ୱ.ପ୍ର.)**

ପାଟଣା ଥାନା ସାହାରପଡ଼ା ବ୍ଲକ ମାଛଗଡ଼ ଗ୍ରାମରେ ଶନିବାର ଅପରାହ୍ଣରେ ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅଶୋକ ମହାନ୍ତଙ୍କ ସ୍ତ୍ରୀ ଶ୍ରୀମତୀ ମହାନ୍ତ। କୌଣସି କାରଣରୁ ଦମ୍ପତିଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ଏଥିରେ ଅଭିମାନ କରି ଶ୍ରୀମତୀ ମୃତ୍ୟୁର ପଥ ବାଛି ନେଇଥିଲେ। ମାନସିକ ଭାରସାମ୍ୟ ହରାଇ ଶ୍ରୀମତୀ ବିଷ ପିଇ ଦେଇଥିବା ଆଲୋଚନା ହେଉଛି। ସାହାରପଡ଼ା ଫାଣ୍ଡି ଅଧିକାରୀ ଅଶୋକ କୁମାର ପହି ମୃତଦେହ ଜବତ କରିଥିଲା। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୩/୧୮)ରେ ରୁଜୁ ହୋଇଛି।

## ବାଇକ୍ ଧକ୍କାରେ ୨ ଗୁରୁତର

**ରାଇସୁଆଁ, ୧୯।୮(ଡି.ଏନ୍.ଏ.)**

ସଦର ବ୍ଲକ ରାଇସୁଆଁ ଏସ୍‌ଆର ପେଟ୍ରୋଲ ପମ୍ପ ନିକଟରେ ରବିବାର ସକାଳେ ବାଇକ୍ ଦୁର୍ଘଟଣାରେ ୨ ଜଣ ଆହତ ହୋଇଛନ୍ତି। ଏକ ବାଇକ୍‌ରେ ରାଇସୁଆଁର ପ୍ରଭାକର ସାହୁ ଯାଉଥିଲେ। ଏକ ଟ୍ରକ୍ ତାଙ୍କୁ ସାଇଡ଼ ମାରିବାରୁ ରାଇସୁଆଁର ଘନ ବେହେରାଙ୍କୁ ବାଇକ୍ ଧକ୍କା ହୋଇଥିଲା। ଫଳରେ ପ୍ରଭାକର ଏବଂ ଘନ ବେହେରା ଗୁରୁତର ହୋଇ କେନ୍ଦୁଝର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପରେ ୨ ଜଣଙ୍କୁ କଟକ ବଡମେଡିକାଲକୁ ପଠା ଯାଇଥିଲା।

■ ଆନନ୍ଦପୁର ଏଡିଜେ କୋର୍ଟକୁ ବର୍ଷେ ପୂରିଲା

## ୨୭୩ ମାମଲାର ଫଇସଲା

**ଆନନ୍ଦପୁର, ୧୯।୮(ସ୍ୱ.ପ୍ର.):**


ଏଡିଜେ କୋର୍ଟ ଉଦ୍‌ଘାଟନୀ ସମାରୋହ ଫାଇଲ ଫଟୋ।

ଆନନ୍ଦପୁରଠାରେ ସ୍ଥାପନ ହୋଇଥିବା ଅତିରିକ୍ତ ଜିଲା ଜଜ୍ (ଏଡିଜେ)କୋର୍ଟକୁ ବର୍ଷେ ପୂରିଛି। ବର୍ଷ ମଧ୍ୟରେ ୨୭୩ ମାମଲାର ଫଇସଲା ହୋଇଛି। ଆନନ୍ଦପୁର ପାଇଁ ଗର୍ବଗୌରବର ବିଷୟ ହୋଇଛି। ପୂର୍ବରୁ ବିଭିନ୍ନ ଗୁରୁତର ମାମଲାକୁ ନେଇ ଉପଖଣ୍ଡବାସୀ ସୁଦୂର କେନ୍ଦୁଝର ଜିଲା ଜଜ୍ କୋର୍ଟ ଉପରେ ନିର୍ଭର କରିଆସୁଥିଲେ। ୨୦୧୭ ଅଗଷ୍ଟ ୧୯ରେ ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଂଯୋଜନାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଜଜ୍ ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ମୁଖ୍ୟ ଅତିଥି, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଜଜ୍ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ, ଜଷ୍ଟିସ୍ ଜେ. ପି. ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏଡିଜେ କୋର୍ଟକୁ ଉଦ୍‌ଘାଟନ କରିଥିଲେ। ପରେ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ଉଦ୍ୟମରେ ଅନୁଦାନ ରାଶି ପ୍ରଦାନ ପରେ ଆନନ୍ଦପୁର କୋର୍ଟ ପରିସରରେ ନୂତନ ବିଲ୍ଡିଂ କରାଯାଇ କାର୍ଯ୍ୟକାରୀ ହୋଇଥିଲା।

ଏଡିଜେ ଭାବେ ବିଶ୍ୱଜିତ୍ ମହାନ୍ତି ୨୦୧୭ ଅଗଷ୍ଟ ୧୨ରେ କାର୍ଯ୍ୟରେ ଯୋଗଦେଇ ଅଦ୍ୟାବଧି କାର୍ଯ୍ୟରତ ଅଛନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ ୧୮୦ ଗୋଟି ବେଲ୍ ଅପିଲ୍, ସିଭିଲ ଅପିଲ୍ ଓ ରିଭିଜନ୍ ୨୭ଟି, ସେସନ୍ସ ଟ୍ରାଏଲ୍ ୩୧ ଟି, କ୍ରିମିନାଲ ଅପିଲ୍ ଓ ରିଭିଜନ୍ ୩୨ଟି, ଲୋକ ଅଦାଲତ(ଏମ.ଏ.ସି.ଟି.) ୧ ଟି, କ୍ରିମିନାଲ ଅପିଲ ୨ ଗୋଟିର ସମାଧାନ ହୋଇଛି। ଆନନ୍ଦପୁରରେ ଏଡିଜେ କୋର୍ଟ ସ୍ଥାପନା ହେବା ଘଟଣା ଅଞ୍ଚଳ ପାଇଁ ଏକ ବଡ ଗୌରବ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ପଦ୍ମପୁରରେ ବୃତ୍ତି ପରୀକ୍ଷା ଦେଲେ ଛାତ୍ରୀଛାତ୍ର

**ରାଇସୁଆଁ, ୧୯।୮(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ପଦ୍ମପୁର ମହାଲକ୍ଷ୍ମୀ ନୋଡ଼ାଲ ଉଚ୍ଚବିଦ୍ୟାଳୟରେ ଶନିବାର ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ହୋଇଯାଇଛି। ୧୪୨ ଜଣ ପରୀକ୍ଷା ଦେଇଥିବା ବେଳେ ୧୯ ଜଣ ଅନୁପସ୍ଥିତ ଥିଲେ। ସେହିପରି ମୋଚିବନ୍ଧ ହାଇସ୍କୁଲରେ ୧୭୧ ଜଣ ପରୀକ୍ଷା ଦେଇଥିବା ବେଳେ ୧୯ ଜଣ ଅନୁପସ୍ଥିତ ଥିଲେ। ସଦର ବିଇଓ ଜଗବନ୍ଧୁ ସାହୁ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଏବିଓ ଶାନ୍ତନୁ ରାଉତ, ସିଆରସିସି ସଞ୍ଜୀବ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିପ୍ରଭା ସାହୁ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ।

## ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

**କେନ୍ଦୁଝର, ୧୯।୮(ସ୍ୱ.ପ୍ର)**

ସ୍ଥାନୀୟ ଶିକ୍ଷକ ଭବନଠାରେ ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ସାଧାରଣ ବୈଠକ ରବିବାର ସୁଧାକର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନ କରାଯାଇଥିଲା। ଓଷ୍ଟା କେନ୍ଦୁଝର ଶାଖାର ସାଧାରଣ ସମ୍ପାଦକ କ୍ଷୀରୋଦ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଶିକ୍ଷମାରଣ ନୀତିକୁ ଘୋର ବିରୋଧ କରିଥିଲେ। ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ୧୦ ପ୍ରତିଶତ ବାର୍ଷିକ ବେତନ ବୃଦ୍ଧି, ବଦଳି ସୁବିଧା ଆଦି ଦାବିକୁ ସରକାର ପୂରଣ ନ କଲେ ଆସନ୍ତା ଗୁରୁ ଦିବସରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ସଭାପତି ଭାବେ ଦୁର୍ଯ୍ୟୋଧନ ଜେନା, ଉପସଭାପତି ସ୍ମୃତିଶିଖା ଜେନା ଓ ଅରବିନ୍ଦ ଖୁଣ୍ଟିଆ, ସାଧାରଣ ସମ୍ପାଦକ ସୁବ୍ରତ ଲେଙ୍କା, ଯୁଗ୍ମ ସମ୍ପାଦକ ଚମେଲି ରାଉତ ଓ ଚିତ୍ତରଞ୍ଜନ ସାହୁ, କାର୍ଯ୍ୟକାରୀ ସଭାପତି ସୁରେଶ ପୃଷ୍ଟି, କୋଷାଧ୍ୟକ୍ଷ ଚନ୍ଦ୍ର ଶେଖର ମଲ୍ଲିକଙ୍କୁ ଚୟନ କରାଯାଇଥିଲା। ଶେଷରେ ଶିକ୍ଷକ ପ୍ରଦୀପ ପାତ୍ର ଧନ୍ୟବାଦ ଦେଇଥିଲେ।

## ରାସ୍ତା ମରାମତି କଲା ବିଜୁ ଯୁବବାହିନୀ

**ଆନନ୍ଦପୁର, ୧୯।୮(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ବିଜୁ ଯୁବ ବାହିନୀର ୭ନଂ କ୍ଲବିଂ ସଦସ୍ୟଙ୍କ ଦ୍ୱାରା ରାସ୍ତା ମରାମତି କରାଯାଇଛି। ସ୍ଥାନୀୟ ଯୁବ ନେତା ନିରଞ୍ଜନ ସାହୁଙ୍କ ସଂଯୋଜନାରେ ୭ ନଂ କ୍ଲବିଂର ସଭାପତି ତୋଫାନ ସାହୁ ଏବଂ ସଦସ୍ୟମାନେ ଶୈଲଙ୍ଗଠାରୁ ଘସିପୁରା ପର୍ଯ୍ୟନ୍ ରାସ୍ତାରେ ଥିବା ଖାଲଖମାରେ ଚିପ୍ସ ଗୁଣ୍ଡ ପକାଇ ସମତୁଲ କରିଛନ୍ତି।

୨୦ ନଂ. ଜାତୀୟ ରାଜପଥ ଘାସିପୁରା ବାଇପାସ୍ ଦେଇ ଯିବା ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପୂର୍ବରୁ ମୁଖ୍ୟ ରାସ୍ତା ଦୀର୍ଘ ଦିନ ଧରି ଅବହେଳିତ ଅବସ୍ଥାରେ ପଡ଼ିରହିଥିଲା। ଫଳରେ ଯାତାୟାତରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯୁବ ନେତା ସାହୁଙ୍କ ଉଦ୍ୟମରେ ବିଜୁ ଯୁବ ବାହିନୀ ସଦସ୍ୟମାନେ ରାସ୍ତାକୁ ଯାତାୟାତ ଉପଯୋଗୀ କରିଥିଲେ। ବିଜୁ ଯୁବ ବାହିନୀ ଦ୍ୱାରା ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।


ବିଜୁ ଯୁବବାହିନୀ ସଦସ୍ୟମାନେ ରାସ୍ତା ମରାମତି କରୁଛନ୍ତି।

# 'ବୃତ୍ତି ଏ ମୋ ପୋଷେ କୁଟୁମ୍ବ'

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୧୯।୮(ସ୍ୱ.ପ୍ର.)**


ନିଜ ଦୋକାନରେ ସୁରେଶ।

- ପୂର୍ବରୁ ଲୋଡ଼ା ଏବେ ଅଲୋଡ଼ା
- ପେଟ୍ରୋମାକ୍ସ ଲାଇଟର ଚାହିଦା କମିଛି
- ବୃତ୍ତି ଛାଡ଼ି ପାରୁନାହାନ୍ତି ସୁରେଶ

ଏକଦା ପେଟ୍ରୋମାକ୍ସ ଲାଇଟ, କିରୋସିନ ଷ୍ଟୋଭର ଚାହିଦା ଅଧିକ ଥିଲା। ଆଜିକାଲି ଗ୍ୟାସ, ସୋଲାର ଲାଇଟ ବା ବିଦ୍ୟୁତ୍ ଲାଇଟ ଆଦିର ବହୁଳ ପ୍ରଚଳନ ହେଉଛି। ପେଟ୍ରୋମାକ୍ସ ଲାଇଟ, କିରୋସିନ ଷ୍ଟୋଭ ଅଲୋଡ଼ା ହୋଇଯାଇଛି। କେନ୍ଦୁଝର ସହରର ଡେଲି ମାର୍କେଟ ନିକଟରେ ରହିଛି ସୁରେଶ ୱେଗାଡେଙ୍କ ଦୋକାନ। ଅଲୋଡ଼ା ହୋଇଯାଇଥିବା ପେଟ୍ରୋମାକ୍ସ ଲାଇଟ ତଥା ଷ୍ଟୋଭ, ଗ୍ରାମଫୋନ ଆଦି ସୁରେଶଙ୍କ ଦୋକାନ ବହୁ ପୁରୁଣା ଗାଥା ବଖାଣୁଛି। ତାଙ୍କ ଦୋକାନରେ ବହୁ ପୁରୁଣା ପେଟ୍ରୋମାକ୍ସ ଲାଇଟ, ଷ୍ଟୋଭ, ଗ୍ରାମ ଫୋନ ଆଦି ପଡ଼ିରହିଛି। ସେହି ଦୋକାନର ଆଗଭଳି ଗୁରୁତ୍ୱ ନାହିଁ। ନା ମିଳୁଛି ଆଗଭଳି ସମ୍ମାନ ନା ଅଛି ଆଗ ଭଳି ଚାହିଦା। ପୁରୁଣା ବୃତ୍ତିକୁ ଛାଡି ପାରୁନାହାନ୍ତି ସୁରେଶ। ତାଙ୍କ ବୟସ ୬୧। ୯ ବର୍ଷ ବୟସରୁ ବାପା ନାନାଲାଲ ୱେଗାଡେ (୮୨)ଙ୍କ ସହ ସୁରେଶ ବ୍ୟବସାୟ କରୁଛନ୍ତି। ସେତେବେଳେ ତାଙ୍କ ପାଖରେ ପାଖାପାଖି ୮୦ରୁ ୯୦ ପେଟ୍ରୋମାକ୍ସ ଲାଇଟ ଥିଲା। ସେହି ସମୟରେ ବଡ଼ ବଡ଼ିଆ ଧନୀ ଲୋକ ବାହାଘର, ବ୍ରତ ଘର କଲେ ପେଟ୍ରୋମାକ୍ସ ଲାଇଟ ବ୍ୟବହାର କରୁଥିଲେ। ଦିନକୁ ଭଡ଼ା ଥିଲା ଦେଢରୁ ଅଢେଇ ଟଙ୍କା। କିରୋସିନରେ ଏହା ଚାଲୁଥିଲା। ବାହାଘର ବ୍ରତ ସମୟରେ ୧୦ ଦିନ ଆଗରୁ ବୁକିଂ କରିବାକୁ ପଡୁଥିଲା। ସେ ପେଟ୍ରୋମାକ୍ସ ଲାଇଟ ସଜାଡିବା କାମ କରୁଥିଲେ। ସେତେବେଳେ ପେଟ୍ରୋମାକ୍ସ ଲାଇଟ ଭଳି ଡେ ପେଟ୍ରୋମାକ୍ସ ଲାଇଟ କୁହାଯାଏ। ଫିଲାମେଣ୍ଟ ତଳ ମୁହାଁ ଝୁଲି ରହେ। ବିଶେଷ କରି ମିଟିଂ, ସଭାସମିତି, ଡ୍ରାମା, ପାଲା, ଅପେରାରେ ବ୍ୟବହାର ହେଉଥିଲା ବୋଲି ସୁରେଶ କୁହନ୍ତି।

ଦୋକାନ ଅଲୋଡା ହୋଇଗଲାଣି। ଯଦିଓ ତାଙ୍କ ପରବର୍ତ୍ତୀ ପିଢି ଦୋକାନକୁ ଆଗେଇ ନେବାକୁ ଆଗ୍ରହୀ ନୁହନ୍ତି ତେବେ ସେ ବୃତ୍ତିକୁ ଛାଡି ପାରୁ ନାହାନ୍ତି। ପେଟ ପୋଷିବା ପାଇଁ ଗ୍ୟାସ ଲାଇଟ, ଷ୍ଟୋଭ ଆଦି ସଜାଡିବା କାମ କରୁଛନ୍ତି। ବୃତ୍ତି ମୋର ପୋଷେ କୁଟୁମ୍ବ ବୋଲି ସୁରେଶ କୁହନ୍ତି। ମାସକୁ ପାଖାପାଖି ୧୫ ହଜାର ଟଙ୍କା ମିଳୁଛି। ବୟସ ଅଧିକ ହୋଇଥିବାରୁ ବାପା ନାନାଲାଲ ଆଉ ଦୋକାନକୁ ଆସୁନାହାନ୍ତି। ତାଙ୍କ ପୁଅ ସୁରେଶ ଦୋକାନ ଚଳାଉଛନ୍ତି। ଆଜିକାଲି ରୋଜଗାର କରିବାର ବହୁତ ବ୍ୟବସ୍ଥା ରହିଛି। ସେଥିରେ ଆନ୍ତରିକତା କିମ୍ବା ସମ୍ପର୍କର ଭାବ ନାହିଁ ବୋଲି ସେ କୁହନ୍ତି। ତାଙ୍କ ସାନ ପୁଅ ସ୍ଥାନୀୟ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପାଠ ପଢୁଥିବା ବେଳେ ୨ ଝିଅ ମଧ୍ୟରୁ ଜଣେ ଅଧ୍ୟାପକ ଓ ଅନ୍ୟ ଜଣେ ଘରୋଇ କମ୍ପାନୀରେ କାମ କରୁଛନ୍ତି। ଭଦ୍ର ଓ ସରଳ ସ୍ୱଭାବ ପାଇଁ ସମସ୍ତେ ତାଙ୍କୁ ଭଲ ପାଆନ୍ତି। ଅଲୋଡା ହୋଇଯାଉଥିଲେ ମଧ୍ୟ ପୁରୁଣା ସାମଗ୍ରୀକୁ ଛାଡିପାରୁନାହାନ୍ତି।